
ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar


ପତ୍ନୀଙ୍କ ଠାରୁ ଅଲଗା ହେଲେ ଏ.ଆର୍.ରେହମାନ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୩୨ Vol. 21 No-232 21 NOVEMBER 2024 THURSDAY BHUBANESWAR ଗୁରୁବାର, ୨୧ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ଅଭିଯୋଗ

ଯାଜପୁର,୨୦।୧୧(ଭାସ୍କର ନ୍ୟୁଜ): ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କୁ ଯାଜପୁର ବୁଡ଼ାପୋଲ ନିକଟରେ କେତେକ ଲୋକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଶ୍ରୀ ସାହୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ସେ ଡିଡିଏମ୍ ଅଫିସକୁ ଏକ ବୈଠକରେ ଯୋଗ ଦେବାପାଇଁ ଯାଉଥିବାବେଳେ ବୁଢାପୋଲ ନିକଟରେ ରାସ୍ତା ଅବରୋଧ କରାଯାଇଥିଲା। କେତେକ ଲୋକ ହଠାତ୍ ଆଗକୁ ଆସି ତାଙ୍କ ଗାଡ଼ି ଅଟକାଇଥିଲେ ● ପୃଷ୍ଠା ୫ ଦେଖନ୍ତୁ

### ଫେବ୍ରୁଆରୀ ୧୫ରୁ ସିବିଏସ୍ଇ ପରୀକ୍ଷା

ନୂଆଦିଲ୍ଲୀ,୨୦।୧୧: ଆସନ୍ତା ଫେବ୍ରୁଆରୀ ୧୫ ତାରିଖରୁ ସିବିଏସ୍ଇ ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆରମ୍ଭ ହେବ। ଦଶମ ପରୀକ୍ଷା ମାର୍ଚ୍ଚ ୧୮ରେ ଶେଷ ହେବାକୁ ଥିବାବେଳେ ଏପ୍ରିଲ ୪ରେ ଦ୍ୱାଦଶ ପରୀକ୍ଷା ଶେଷ ହେବ। ତେବେ ୧୫ ତାରିଖରେ ଦଶମର ଇଂରାଜୀ ବିଷୟ ରହିଥିବାବେଳେ ୨୦ ତାରିଖରେ ବିଜ୍ଞାନ, ୨୨ରେ ସଂସ୍କୃତ, ୨୫ରେ ସାମାଜିକ ବିଜ୍ଞାନ, ୨୮ରେ ହିନ୍ଦୀ, ମାର୍ଚ୍ଚ ୧୦ରେ ଗଣିତ, ୧୭ରେ ଓଡ଼ିଆ ଏବଂ ୧୮ ତାରିଖରେ କମ୍ପ୍ୟୁଟର ପରୀକ୍ଷା ହେବ।

## ମହାରାଷ୍ଟ୍ର, ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଭୋଟଗ୍ରହଣ ଶେଷ

# ଦୁଇ ରାଜ୍ୟରେ ବିଜେପିର ପଲା ଭାରି



ନୂଆଦିଲ୍ଲୀ,୨୦।୧୧: ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ମତଦାନ ବୁଧବାର ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଝାଡ଼ଖଣ୍ଡ ବିଧାନସଭାର ମୋଟ ୮୧ଟି ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହୋଇଥିବାବେଳେ ମହାରାଷ୍ଟ୍ର ବିଧାନସଭାର ୨୮୮ଟି ଆସନ ପାଇଁ ବୁଧବାର ମତଦାନ ଶେଷ ହୋଇଛି। ମହାରାଷ୍ଟ୍ରରେ ମତଦାନ ହାର ୫୮.୨୨ ପ୍ରତିଶତ ରହିଥିବାବେଳେ ଝାଡ଼ଖଣ୍ଡରେ ୬୭.୫୯ ପ୍ରତିଶତ ରହିଛି। ଗତ ୧୩ ତାରିଖରେ ଝାଡ଼ଖଣ୍ଡ ବିଧାନସଭାରେ ୪୩ଟି

**ମତଦାନ ହାର**
**ମହାରାଷ୍ଟ୍ରରେ ୫୮.୨୨%, ଝାଡ଼ଖଣ୍ଡରେ ୬୭.୫୯%**

ଆସନ ପାଇଁ ମତଦାନ ଅନୁଷ୍ଠିତ ହୋଇଥିଲା। ମହାରାଷ୍ଟ୍ରରେ ମୋଟ ୪୧୩୬ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ ହୋଇଥିବାବେଳେ ଝାଡ଼ଖଣ୍ଡରେ ୧୨୧୧ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଆସନ୍ତା ୨୩ ତାରିଖରେ ଉଭୟ ରାଜ୍ୟର ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯିବ। ମହାରାଷ୍ଟ୍ରରେ ବିଜେପି ପକ୍ଷରୁ ଏକାକୀ ୧୪୯ଟି ଆସନରେ ପ୍ରାର୍ଥୀ ଦିଆଯାଇଥିଲା। ସେହିଭଳି ଅଜିତ ପାଓ୍ୱାରଙ୍କ ଏନସିପି ପକ୍ଷରୁ ୫୯ଜଣ ପ୍ରାର୍ଥୀ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଝାଡ଼ଖଣ୍ଡରେ ବୁଧବାର ୩୮ ଆସନ ପାଇଁ ୨୯,୫୬୨ଟି ବୁଥ୍ ସ୍ଥାପନ କରାଯାଇଥିଲା। ସକାଳ ୭ଟାରୁ ସନ୍ଧ୍ୟା ୫ଟା ଯାଏ ଭୋଟଗ୍ରହଣ ଚାଲିଥିଲା। ଉଭୟ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ସରକାର ଗଠନ ପାଇଁ ବିଜେପି ଓ ଏହାର ସହଯୋଗୀ ଏବଂ ବିରୋଧୀଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ବିଜେପି ଓ ସହଯୋଗୀ ଦଳଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ● ପୃଷ୍ଠା ୫ ଦେଖନ୍ତୁ

**ବୁଥ୍ ବାହୁଡ଼ା ମତ — ମହାରାଷ୍ଟ୍ର: ମୋଟ ଆସନ ୨୮୮**

| ସର୍ଭେସଂସ୍ଥା | ବିଜେପି+ | କଂଗ୍ରେସ+ | ଅନ୍ୟାନ୍ୟ |
|---|---|---|---|
| ଚାଣକ୍ୟ | ୧୫୨-୧୬୦ | ୧୩୦-୧୩୮ | ୬-୮ |
| ପିମାର୍କ କ୍ୟୁ | ୧୩୭-୧୫୭ | ୧୨୬-୧୪୬ | ୨-୮ |
| ପିପୁଲ୍ସ ପ୍ଲସ୍ | ୧୮୨ | ୯୭ | ୦୯ |
| ଦୈନିକ ଭାସ୍କର | ୧୨୫-୧୪୦ | ୧୩୫-୧୫୦ | ୨୦-୨୫ |
| ମାଟ୍ରିଜ୍ | ୧୫୦-୧୭୦ | ୧୧୦-୧୩୦ | ୮-୧୦ |

**ଝାଡ଼ଖଣ୍ଡ: ମୋଟ ଆସନ ୮୧**

| ସର୍ଭେସଂସ୍ଥା | ବିଜେପି+ | କଂଗ୍ରେସ+ | ଅନ୍ୟାନ୍ୟ |
|---|---|---|---|
| ପିପୁଲ୍ସ ପ୍ଲସ୍ | ୪୩-୫୩ | ୨୫-୩୭ | ୫-୯ |
| ଚାଣକ୍ୟ | ୪୫-୫୦ | ୩୫-୩୮ | ୩-୪ |
| ମାଟ୍ରିଜ୍ | ୪୨-୪୭ | ୨୫-୩୦ | ୧-୪ |
| ଜେଭିସି | ୪୦-୪୪ | ୩୦-୪୦ | ୦-୧ |
| ପିମାର୍କ କ୍ୟୁ | ୩୭-୪୭ | ୩୧-୪୦ | ୧-୬ |
| ଆକ୍ସିସ୍ | ୨୫ | ୫୩ | ୦୩ |

## ସିଏଚ୍ଏସ୍ଇର ସୂଚନା

# ଫେବ୍ରୁଆରୀ ୧୮ରୁ ଯୁକ୍ତଦୁଇ ପରୀକ୍ଷା

ଭୁବନେଶ୍ୱର,୨୦।୧୧(ଭାସ୍କର ନ୍ୟୁଜ): ଆସନ୍ତା ଫେବ୍ରୁଆରୀ ୧୮ ତାରିଖରୁ ଯୁକ୍ତ ଦୁଇ ପରୀକ୍ଷା ଅନୁଷ୍ଠିତ ହେବ। ଏଥିନେଇ ରାଜ୍ୟ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରୀକ୍ଷା ମାର୍ଚ୍ଚ ୨୭ ଯାଏ ଚାଲୁ ରହିବ। ପରିଷଦ ପକ୍ଷରୁ ଯୁକ୍ତଦୁଇ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ପତ୍ର ବିନିମୟ ପରୀକ୍ଷାପାଇଁ କାର୍ଯ୍ୟସୂଚୀ ଜାରି କରାଯାଇଛି। ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ୧୮ ତାରିଖରେ ଯୁକ୍ତଦୁଇ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ମାତୃଭାଷା ଓଡ଼ିଆ ପରୀକ୍ଷା ଅନୁଷ୍ଠିତ ହେବ। ୧୯ ତାରିଖରେ ଯୁକ୍ତଦୁଇ କଳା ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ମାତୃଭାଷା ଓଡ଼ିଆ ପରୀକ୍ଷା ହେବ। ୨୦ ତାରିଖରୁ ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବ। ୨୨ ତାରିଖରେ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଇଂରାଜୀ ପରୀକ୍ଷା ଥିବାବେଳେ ୨୮ ତାରିଖରେ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପଦାର୍ଥ ବିଜ୍ଞାନ, ମାର୍ଚ୍ଚ ୪ ତାରିଖରେ ଜିଓଲୋଜି, ମାର୍ଚ୍ଚ ୭ରେ ରସାୟନ ବିଜ୍ଞାନ, ମାର୍ଚ୍ଚ ୧୦ ଅଲ ଅଦର ଏମ୍ଆଇଏଲ, ୧୭ରେ ଗଣିତ, ୨୧ରେ କମ୍ପ୍ୟୁଟର ସାଇନ୍ସ, ବାୟୋଟେକ୍ନୋଲୋଜି ଓ ଇଲେକ୍ଟ୍ରୋନିକ୍ସ ଏବଂ ୨୬ ତାରିଖରେ ବାୟୋଲୋଜି ପରୀକ୍ଷା କରାଯିବ । ୨୬ ତାରିଖ ସକାଳ ୧୦ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଉଦ୍ଭିଦ ବିଜ୍ଞାନ ପରୀକ୍ଷା ଥିବାବେଳେ ୧୧ଟା ୫୦ରୁ ୧.୨୦ ପର୍ଯ୍ୟନ୍ତ ପ୍ରାଣୀ ବିଜ୍ଞାନ ପରୀକ୍ଷା କରାଯିବ। ସେହିପରି ୨୫ ତାରିଖରେ କଳା ଓ ବାଣିଜ୍ୟ ପିଲାଙ୍କର ପରୀକ୍ଷା ଅନୁଷ୍ଠିତ ହେବ। ମାର୍ଚ୍ଚ ୪ରେ କଳା ବିଭାଗର ଇତିହାସ ପରୀକ୍ଷା ଥିବାବେଳେ ବାଣିଜ୍ୟ ପିଲାଙ୍କର ବିଜିନେସ ଷ୍ଟଡିଜ ଓ ମ୍ୟାନେଜମେଣ୍ଟ ପରୀକ୍ଷା ହେବ। ମାର୍ଚ୍ଚ ୮ରେ କଳା ଛାତ୍ରଛାତ୍ରୀଙ୍କର ରାଜନୀତି ବିଜ୍ଞାନ ପରୀକ୍ଷା ଥିବାବେଳେ ବାଣିଜ୍ୟ ପିଲାଙ୍କର ବିଜିନେସ୍ ମାଥମେଟିକ୍ସ ଓ ଷ୍ଟାଟିଷ୍ଟିକ୍ସ ପରୀକ୍ଷା ହେବ। ଚଳିତବର୍ଷ ଯୁକ୍ତଦୁଇ ପରୀକ୍ଷା ଦେବାପାଇଁ ୩ଲକ୍ଷ ୬୪ ହଜାର ୫୨୭ଜଣ ରେଗୁଲାର ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ କଳାରେ ୨ଲକ୍ଷ ୨୯ହଜାର ୬୦୪, ବାଣିଜ୍ୟରେ ୨୩ହଜାର ୫୬୦, ବିଜ୍ଞାନରେ ୧ଲକ୍ଷ ୬ ହଜାର ୩୨୫ଜଣ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫୦୩୮ଜଣ ଛାତ୍ରଛାତ୍ରୀ ଫର୍ମ ଫିଲପ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତର ଶେଷଦିନ

# ଓଡ଼ିଶାକୁ ଆସିବ ଶିଳ୍ପର ନୂଆଯୁଗ



- ବିଭିନ୍ନ ନିବେଶକାରୀଙ୍କ ସହ ଆଲୋଚନା
- ପ୍ରବାସୀ ଓଡ଼ିଆଙ୍କୁ କଲେ ସାକ୍ଷାତ
- ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା ପାଇଁ କଲେ ନିମନ୍ତ୍ରଣ
- ଭାରତ ବିକାଶ ଯାତ୍ରାରେ ଓଡ଼ିଶା ହେବ ସାରଥୀ

ଭୁବନେଶ୍ୱର,୨୦।୧୧(ଭାସ୍କର ନ୍ୟୁଜ): ଓଡ଼ିଶାକୁ ଆସିବ ଶିଳ୍ପର ନୂଆ ଯୁଗ। ୪ ଦିନିଆ ସିଙ୍ଗାପୁର ଗସ୍ତର ଶେଷ ଦିନରେ ବିଭିନ୍ନ ନିବେଶକାରୀଙ୍କ ସହ ଆଲୋଚନା ପରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ ତାଙ୍କର ସିଙ୍ଗାପୁର ଗସ୍ତ ଅତ୍ୟନ୍ତ ଫଳପ୍ରଦ ହୋଇଛି, ଯାହା ବିଶ୍ୱ ପୁଞ୍ଜି ବିନିଯୋଗ ଏବଂ ଶିଳ୍ପ ଅଭିବୃଦ୍ଧି ପାଇଁ ନିଜକୁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟର ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିଛି। ଓଡ଼ିଶା ଆଗାମୀ ଦିନରେ ଏକ ଶିଳ୍ପ ହବ୍‌ରେ ପରିଣତ ହେବା ସହ ଭାରତର ବିକାଶ ଯାତ୍ରାରେ ପ୍ରମୁଖ ସାରଥୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବିଭିନ୍ନ ନିବେଶକାରୀମାନଙ୍କ ସହ ଆଲୋଚନା, ରୋଡ ଶୋ', ପ୍ରମୁଖ ଶିଳ୍ପ ଓ ଭିତ୍ତିଭୂମି କେନ୍ଦ୍ର ପରିଦର୍ଶନ ତଥା ସିଙ୍ଗାପୁରରେ ପ୍ରବାସୀ ଓଡ଼ିଆଙ୍କ ସହ ଭାବ ବିନିମୟ, ଯାହାକି ପ୍ରମୁଖ କ୍ଷେତ୍ରର ଭବିଷ୍ୟତର ସହଯୋଗ ପାଇଁ ପଥ ପରିଷ୍କାର କରିଛି। ଶେଷ ଦିନରେ ଇକୋସଫ୍ଟର ସିଇଓ ତଥା ସହ ପ୍ରତିଷ୍ଠାତା ମାର୍କ୍ସ ଲିମ୍‌ଙ୍କ ସହ ଏକ ବୈଠକ କରାଯାଇଥିଲା। ଯେଉଁଥିରେ ଅଭିନବ ସ୍ଥାୟୀ ଜଳସମାଧାନ ଏବଂ ଓଡ଼ିଶାର ଶିଳ୍ପ ଓ ସହରୀ ଇକୋ ସିଷ୍ଟମରେ ସେମାନଙ୍କ ସମ୍ଭାବ୍ୟ ଏକୀକରଣ ଉପରେ ଧ୍ୟାନ ଦିଆଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ସହ ଯାଇଥିବା ପ୍ରତିନିଧି ଦଳ ସୁନଷ୍ଟେକ ● ପୃଷ୍ଠା ୫ ଦେଖନ୍ତୁ

## ■ ଦାନା କ୍ଷୟକ୍ଷତି ଆକଳନ ■

# ୨୪ରେ ଆସିବେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୨୦।୧୧(ଭାସ୍କର ନ୍ୟୁଜ): ବାତ୍ୟା ଦାନା ଏବଂ ପରବର୍ତ୍ତୀ ବନ୍ୟା ଜନିତ କ୍ଷୟକ୍ଷତିର ଆକଳନ ପାଇଁ ଆସନ୍ତା ୨୪ ତାରିଖରେ କେନ୍ଦ୍ର ସରକାରଙ୍କ ଏକ ଟିମ୍ ଓଡ଼ିଶା ଗସ୍ତରେ ଆସିବେ। ଏହି ଟିମ୍ ୨୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରହି ପ୍ରଭାବିତ ୩ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରିବା ସହ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ସେହିପରି କେନ୍ଦ୍ରୀୟ ଟିମ୍ ଫେରିଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ଏ ସଂପର୍କରେ ସୂଚନା ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଆସନ୍ତା ୨୪ ତାରିଖରେ କେନ୍ଦ୍ରୀୟ ଟିମ୍ ବାତ୍ୟା କ୍ଷୟକ୍ଷତି ଆକଳନ ନେଇ ଓଡ଼ିଶା ଆସିବେ। କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପି.କେ.ରାୟଙ୍କ ନେତୃତ୍ୱରେ ୭ଜଣିଆ ଟିମ୍ ଓଡ଼ିଶା ଆସି ୨୫ ତାରିଖରେ ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଯାଇ କ୍ଷୟକ୍ଷତି ଆକଳନ କରିବେ। ୨୬ ତାରିଖରେ ଲୋକସେବା ଭବନରେ ମୁଖ୍ୟ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ରାଜ୍ୟ ସରକାର କ୍ଷୟକ୍ଷତି ଆକଳନ ରିପୋର୍ଟ କେନ୍ଦ୍ରୀୟ ଟିମ୍‌କୁ ପ୍ରଦାନ କରିବେ। କେନ୍ଦ୍ରୀୟ ଟିମ୍‌ର ଗସ୍ତବେଳେ ଜିଲ୍ଲାପାଳମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରୀୟ ଟିମ୍ ରିପୋର୍ଟ ଆଧାରରେ କେନ୍ଦ୍ର ସରକାର ସହାୟତା ରାଶି ପ୍ରଦାନ କରିବେ। ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ଶିକାର ଓଡ଼ିଶା ହେଉଥିବାରୁ ଭିତ୍ତିଭୂମି କ୍ଷୟକ୍ଷତିର ସମାଧାନ ପାଇଁ ସ୍ୱତନ୍ତ୍ର ଅର୍ଥ ମଗାଯିବ ବୋଲି ଶ୍ରୀ ପୂଜାରୀ କହିଥିଲେ। ସୂଚନାଯୋଗ୍ୟ ଯେ ବାତ୍ୟା ଦାନା ଯୋଗୁ ୬୧୬.୨୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ରାଜ୍ୟ ସରକାର ଆକଳନ କରିଛନ୍ତି।








ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିର ଅଗ୍ରଣୀ ଆଧୁନିକ ନୃତ୍ୟ ଅନୁଷ୍ଠାନ ମିରାକଲ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ସ୍ଥାନୀୟ ଗୁଣ୍ଡିଚା ପଡିଆ ଠାରେ ମିରାକଲ ନାଇଟ ଷଷ୍ଠ ସଂସ୍କରଣ ଆଧୁନିକ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜତିନ୍ଦ୍ର ପଣ୍ଡା , ସମ୍ମାନିତ ଅତିଥି ଭାବେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ଗୁଣନିଧି ନାୟକ,ପୌରାଧକ୍ଷା ନିର୍ମଳା ସେଠୀ ,ଜିଲ୍ଲା ସଂସ୍କୃତି ଅଧିକାରି ଅର୍ଚ୍ଚନା ମଙ୍ଗରାଜ, ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଯୁବ ମଞ୍ଚ ତଥା ସିନେ କଳାକାର ଆଦର୍ଶ ଦାସ ଓ ଆୟୋଜକ ଅନୁଷ୍ଠାନ ନିର୍ଦ୍ଦେଶକ ଶୁଭେନ୍ଦୁ ମୋହନ ସେନାପତି ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆ ସିନେମା ଜଗତର ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଅଭିନେତ୍ରୀ ଅନୁ ଚୌଧୁରୀ ଆଗକୁ ଆସୁଥିବା ଚିନ୍ମୟ ଦାସ ନିର୍ଦ୍ଦେଶିତ ସିନେମା ପରବ ବିଷୟରେ ସଂକ୍ଷେପରେ କହିବା ସହ ଉପାନ୍ତ ଅଞ୍ଚଳରେ ଆୟୋଜିତ କାର୍ଯ୍ୟକ୍ରମ ଓ ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା କରିଥିଲେ। ପୂର୍ବରୁ ଆୟୋଜିତ ନୃତ୍ୟ ପ୍ରତିଯୋଗୀତାରେ କନିଷ୍ଠ ବିଭାଗ, ଯୁବ ବିଭାଗ, ବରିଷ୍ଠ ବିଭାଗ, ମହିଳା ବିଭାଗରେ ଏକକ, ଦ୍ୱୈତ ଓ ଦଳଗତ ଭାବେ ବିଭିନ୍ନ ଜିଲ୍ଲାର ପ୍ରାୟ ୧୩୮ ଜଣ କଳାକାର ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ କୃତିତ୍ୱ ହାସଲ କରିଥିବା କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସାରସ୍ୱତ ସାଧନା ପାଇଁ ବିଚିତ୍ରା ନନ୍ଦ ବେବର୍ତ୍ତା, ସମାଜସେବା ପାଇଁ କନ୍ଦର୍ପ ପାତ୍ର, ଶିକ୍ଷା କ୍ଷେତ୍ର ରେ ରଞ୍ଜିତା ପଟ୍ଟନାୟକଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିନେ କଳାକାରଙ୍କ ଦମଦାର ସଂଳାପ ସହ ଅନୁଷ୍ଠାନର ଶିଶୁ କଳାକାରଙ୍କ ସମେତ ଅତିଥି କଳାକାର ମାନେ ଆଧୁନିକ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିବାରୁ ବିଳମ୍ବିତ ରାତି ପ୍ରଯ୍ୟନ୍ତ ହଜାର ହଜାର ଦର୍ଶକ ଉପସ୍ଥିତ ଥିଲେ।ସମସ୍ତ କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଅବିର ଭୂଷଣ ପଣ୍ଡା, ବିଷ୍ଣୁପ୍ରିୟା ଜେନା ପରିଚାଳନା କରିଥିଲେ।

# ୨୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ଜୋର୍‌ଦାର୍

## ସ୍ଥିତି ତଦାରଖ କରୁଛନ୍ତି ବିଧାୟକ

ଭଞ୍ଜନଗର(ଭାସ୍କର ନ୍ୟୁଜ): ୨୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ସଜେଇ ହେଉଛି ଭଞ୍ଜନଗର। ସାରା ସହରରେ ଏବେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇସାରିଛି। ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପଡିଆରେ ଏହି ମହାଯଜ୍ଞ ପାଇଁ ପ୍ରସ୍ତୁତି ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏପଟେ ଏହି ମହାଯଜ୍ଞରେ ଯେପରି କୌଣସି ବି ତ୍ରୁଟି ବିଚ୍ୟୁତି ନଘଟେ ସେଥିପାଇଁ ସେଥିପାଇଁ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରତିଦିନ ଆରଏମସି ପଡିଆକୁ ଆସି ସ୍ଥିତିର ନିରୀକ୍ଷଣ କରୁଛନ୍ତି। ପ୍ରଥମଥର ପାଇଁ ଦୀର୍ଘ ୫ ଦିନ ବ୍ୟାପୀ ଏକ ବଡଧରଣର ମହାଯଜ୍ଞର ଆୟୋଜନ କରାଯାଉଥିବାବେଳେ ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ସାଧୁସନ୍ଥ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୨୩ ତାରିଖରୁ ଏହି ମହାଯଜ୍ଞ ଆରମ୍ଭ ହୋଇ ନଭେମ୍ବର ୨୭ ତାରିଖ ସଂଧ୍ୟାରେ ଏହା ଉଦଯାପିତ ହେବ। ଏଥିପାଇଁ ପୁରା ଭଞ୍ଜନଗର ନିର୍ବାଚନମଣ୍ଡଳୀ ବିଶେଷକରି ଭଞ୍ଜନଗର ବ୍ଲକ ଓ ଏନଏସିରେ ପ୍ରବଳ ଉତ୍କଣ୍ଠା ପ୍ରକାଶ ପାଇଛି। ଖୋଦ ବିଧାୟକ ନାୟକ ଏହି ଯଜ୍ଞର ସମସ୍ତ କାର୍ଯ୍ୟ ପ୍ରତ୍ୟକ୍ଷ ଭାବେ ତଦାରଖ ବେଳେ ସହରର ବିଭିନ୍ନ ଧାର୍ମିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ, ଦଳମତ ନିର୍ବିଶେଷରେ ସବୁ ରାଜନୈତିକ ଦଳର ନେତା ଓ



କର୍ମୀ, ଏପରକି ସହରର ପ୍ରତ୍ୟେକ ପରିବାର ଏହି ଯଜ୍ଞ ସହ ନିଜକୁ ଜଡିତ କରୁଥିବା ଦେଖିବାକୁ ମିଳୁଛି। ଖାସ ଏହି କାରଣରୁ ଏବେ ପୁରା ସହରକୁ ନୂତନ ରୂପ ଦିଆଯାଉଛି। ବିଶେଷକରି ଖୋଲା ପଡିଆ ଭାବେ ପଡିଥିବା ଆରଏମସିର କେନ୍ଦ୍ରସ୍ଥଳକୁ ଏବେ ଯଜ୍ଞସ୍ଥଳ ଭାବେ ପୁରା ସଜ୍ଜା ଯାଉଛି। ଚଳିତମାସ ୨୧ ତାରିଖ ସଂଧ୍ୟାରେ ଯଜ୍ଞସ୍ଥଳରେ ଅଙ୍କୁରାରୋପଣ କାର୍ଯ୍ୟ ସହ ଏହି ଯଜ୍ଞର ଶୁଭାରମ୍ଭ ହେବ। ୨୨ ତାରିଖରେ ସମସ୍ତ ସାଧୁ ସନ୍ଥ ଓ ସମସ୍ତ ଭକ୍ତମାନଙ୍କ ଦ୍ୱାରା କଳସ ସହରରେ ସାଦୃଶ୍ୟ କଳସ ଶୋଭାଯାତ୍ରା ନଗର ପରିକ୍ରମା କରିବ। ପରେ ଯଜ୍ଞସ୍ଥଳରେ ଏହି ପୂଣ୍ୟ କଳସ ସ୍ଥାପନ ହେବା ସହ ମୂର୍ତ୍ତି ସ୍ଥାପନ କରାଯିବ। ୨୩ ତାରିଖ ସକାଳୁ ବ୍ରାହ୍ମଣମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା, ଗୋପୂଜା, ଦ୍ୱାରପାଳ ପୂଜା ସହ ଉଦ୍ରମଣ୍ଡଳ ପୂଜନ ସର୍ବାଦେବାଦେବୀ ପୂଜା ସହ ଯଜ୍ଞର ପ୍ରାରମ୍ଭ ହେବ। ସଂଧ୍ୟା ୫ ଟା ପରେ ଯଜ୍ଞ ବିରାମ ସହ ସଂଧ୍ୟାରୁ ଶ୍ରୀଜଗନ୍ନାଥ ଯଜ୍ଞରାତ୍ର କଥାମୃତ କଥାବ୍ୟାସ ବାବାଜୀ ସତ୍ୟାନନ୍ଦ ଦାସଜୀ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହା ୨୩ ତାରିଖରୁ ୫ ଦିନ ବ୍ୟାପୀ ଚାଲିବାସହ ୨୭ ତାରିଖ ସଂଧ୍ୟାରେ ଯଜ୍ଞର ପୂର୍ଣ୍ଣାହୂତି ସହ ଯଜ୍ଞବିଧି ସଂପନ୍ନ ହେବ। ତେବେ ଏହି ସମୟ ମଧ୍ୟରେ ଆରଏମସି ପରିସରରେ ପ୍ରତିଦିନ ପାଖାପାଖି ୫୦ ହଜାର ଭକ୍ତ ଏହି ଯଜ୍ଞ ଦର୍ଶନ କରିବାକୁ ଏହା ଭିତରକୁ ପ୍ରବେଶ କରିବା ଆଶା କରାଯାଉଥିବାରୁ ସହରର ଟ୍ରାଫିକ୍ ବ୍ୟବସ୍ଥା ନିୟନ୍ତ୍ରଣ ଏବେ ପୁଲିସ ପ୍ରଶାସନ ପାଇଁ ଚିନ୍ତା ବଢାଇଛି। ସେହିପରି ଯଜ୍ଞସ୍ଥଳରେ ଅସ୍ଥାୟୀ ଦମକଳ କେନ୍ଦ୍ର, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ସୂଚନା କେନ୍ଦ୍ର, ଦାନ ଗ୍ରହଣ କେନ୍ଦ୍ର, ଭିଆଇପି ମାନଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ରାମ ସ୍ଥଳ, ଏକକାଳୀନ ୨ ହଜାର ଭକ୍ତ ଗୋଟିଏ ସ୍ଥାନରେ ବସି ଯଜ୍ଞ ଦର୍ଶନ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି କରାଯିବାକୁ ସ୍ଥିର କରାଯାଇଛି। ଅନ୍ୟ ପକ୍ଷରେ ପ୍ରତିଦିନ ଏଠାରେ ୨୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଜନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ଏଥିପାଇଁ ଭକ୍ତଜନମାନେ ଆରଏମସି ଭିତରକୁ ଗୋଟିଏ ଗେଟ୍‌ରେ ପ୍ରବେଶ କରିବାସହ ଯଜ୍ଞ ଦର୍ଶନ ଓ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ଦର୍ଶନ ସହ ଶେଷରେ ଅନ୍ନଯଜ୍ଞ ସ୍ଥଳରେ ପହଞ୍ଚି ପ୍ରସାଦ ଗ୍ରହଣ କରିବାପରେ ପ୍ରସ୍ଥାନ ପଥରେ ବାହାରକୁ ବାହାରିବା ବ୍ୟବସ୍ଥା କରାଯାଇଛି। ମୋଟାମୋଟି ଭାବେ ଏତେବଡ ଆୟୋଜନରେ ଯେପରି କୌଣସି ଦୋଷତ୍ରୁଟି ନରହିବ ସେଥିପାଇଁ ପ୍ରତିଦିନ ଏହି ପ୍ରସ୍ତାବିତ ଯଜ୍ଞସ୍ଥଳରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉପସ୍ଥିତ ରହି ପ୍ରତିଦିନର ଅଗ୍ରଗତି ଉପରେ ସମୀକ୍ଷା କରୁଛନ୍ତି। ଉପଖଣ୍ଡ ପ୍ରଶାସନ ସହ ସ୍ଥାନୀୟ ପୁଲିସ ପ୍ରଶାସନ ଏହି ଯଜ୍ଞର ସଫଳତା ପାଇଁ ମଧ୍ୟ ସ୍ୱତନ୍ତ୍ର ବୈଠକ କରୁଥିବାବେଳେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯଜ୍ଞସ୍ଥଳରେ ନିୟମିତ ଏକ ଟିମ୍ ଉପସ୍ଥିତ ରହି ସ୍ୱାସ୍ଥ୍ୟସେବା ଯାଞ୍ଚ କରିବା କାର୍ଯ୍ୟକ୍ରମ ରହିଛି। ଏଣୁ ଏହି ୨୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞର ସଫଳତା ପାଇଁ ଏବେ ପୁରା ସହରବାସୀ ଲାଗିପଡିଥିବା ଦେଖିବାକୁ ମିଳୁଛି।

## କାନରା ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ

ରଘୁନାଥପୁର(ଭାସ୍କର ନ୍ୟୁଜ୍): ବିରିଡି ବ୍ଲକ ଗୋପୀନାଥପୁର କାନରା ବ୍ୟାଙ୍କ ଶାଖା ପରିସରରେ ବ୍ୟାଙ୍କର ୧୧୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଗୋପୀନାଥପୁର ଶାଖା ପ୍ରବନ୍ଧକ ସିଦ୍ଧାର୍ଥ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହିକାର୍ଯ୍ୟକ୍ରମରେ କାନରା ବ୍ୟାଙ୍କର ପ୍ରତିଷ୍ଠାତା ଏ ସୁବାରାଓ ପାଇଙ୍କ ଫଟୋ



ଚିତ୍ରରେ ପୁଷ୍ପମଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ ଗୋପୀନାଥ ପୁର ଶାଖାର ପୂର୍ବତନ ଅବସରପ୍ରାପ୍ତ କର୍ମଚାରୀ ଲକ୍ଷ୍ମଣ କୁମାର ଜେନା ଙ୍କୁ ଉତରିୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରଯାଇଥିଲା । ଶାଖା ଅଧିକାରୀ ମୋହନ ଦାସ ମରାଣ୍ଡି, ଭିଲାସ ମସ୍କେ, କୁନ୍ତଳ ମଣ୍ଡଳ , ଦୀପିକା କୁମାରୀ , ପ୍ରସନ୍ନ ପାଲ , ଶ୍ରୀକାନ୍ତ ଧାରା, ରୂପଶ୍ରୀ ଜେନା , ବ୍ୟବସାୟୀ ପ୍ରତିନିଧି ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ନମନ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ ।

## ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପଚୁଛି ଆଳୁ ବିହନ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟକୁ ଆଳୁ ଉତ୍ପାଦନରେ ଏକ ନମ୍ବର କରିବା ପାଇଁ ବିଜେପି ମୋହନ ଚରଣ ମାଝି ସରକାର ଚାଷୀମାନଙ୍କୁ ଉନ୍ନତ ମାନର ବିହନ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ଉଦ୍ୟାନ ବିଭାଗର ଅବହେଳା ଓ ଦାୟିତ୍ୱ ହୀନତା କାରଣରୁ ଆଳୁ ବିହନ ପଚି ସଢି ନଷ୍ଟ ହେଇଯାଇଛି। ସେହି ପଚା ବିହନକୁ ଚାଷୀମାନଙ୍କୁ ଦେଉଥିବାରୁ ଚାଷୀ ମାନେ ଅଭିଯୋଗ କରିଥିଲେ। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଆଜି କେନ୍ଦୁଝର ଜିଲ୍ଲା ଉଦ୍ୟାନ ବିଭାଗ ଅଫିସରେ ପହଞ୍ଚି ପରିଦର୍ଶନ କରିବା ସହିତ ଘଟଣାର ଅନୁସନ୍ଧାନ କରିଛନ୍ତି। ଆଳୁ ବିହନ ପଚିବା କାରବାରରେ ସମ୍ପୃକ୍ତ ସରକାରୀ ଅଫିସର ଓ କର୍ମଚାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଦାବି କରିଛନ୍ତି। ଏହି ପରିଦର୍ଶନ ସମୟ ରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀ ପୁଲିନ୍ ପ୍ରକାଶ ପୁହାଣ, ଜିଲ୍ଲା ସଭାପତି ଶ୍ରୀ ଭାଗିରଥି ସିଂ, ରାଜ୍ୟ ସଂଯୋଜକ ଶ୍ରୀ ହରିହର ମହାନ୍ତ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶ୍ରୀଧର ସାହୁ ଓ ଶକର୍ଷଣ ଜେନା, ପ୍ରକାଶ ସୂତ୍ରଧର, ରାଧାକାନ୍ତ ମହାନ୍ତ, ସୁଧାକର ସାହୁ, ଅନନ୍ତ ସାହୁ ପ୍ରମୁଖ ଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।



## ଜାତୀୟ ରାଜପଥରେ ଉତ୍କଟ ବାୟୁ ପ୍ରଦୂଷଣ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଗାନ୍ଧୀଛକ ୪୯ ନମ୍ବର ଜାତୀୟ ରାଜପଥ ଇବ ସେତୁରୁ ନଅ ନମ୍ବର ପର୍ଯ୍ୟନ୍ତ ଉତ୍କଟ ବାୟୁ ପ୍ରଦୂଷଣ ପରିସ୍ଥିତି ଦେଖିବାକୁ ମିଳୁଛି । ପ୍ରଦୂଷଣ ସ୍ତର ଅତି ଖରାପ ସ୍ତରରେ ପହଞ୍ଚିବାରେ ଲାଗିଛି । କୋଇଲା ବୋଝେଇ ଟ୍ରକ, ନଦୀପଠାରୁ ଆସୁଥିବା ବାଲି, କାରଖାନା ନିର୍ଗତ ପାଉଁଶ ବୋଝେଇ ଟ୍ରକ ତଥା ଅନ୍ୟ ଭାରିଯାନ ଗୁଡିକ ମାଲ ପରିବହନ ବେଳେ ଠିକ ଢଙ୍ଗରେ ତାରପୋଲିନ ବ୍ୟବହାର କରୁନାହାନ୍ତି। ତେଣୁ ରାସ୍ତା ଉପରେ ଓ କଡ଼ରେ କୋଇଲା ଗୁଣ୍ଡ, ବାଲି, ପାଉଁଶ ଓ ଅନ୍ୟାନ୍ୟ ସାମଗ୍ରୀର ଏକ ଅସ୍ତରଣ ଜମାହୋଇ ରହୁଛି । ସେହିପରି ରାସ୍ତାକଡରେ ଦୈନିକ ଶହ ଶହ ଟ୍ରକ ଅଟକୁ ଥିବାରୁ ଧୂଳି ଓ ମାଟି କଣା ବାୟୁରେ ପ୍ରବାହିତ ହେବାରୁ ରାସ୍ତାକଡ଼ ଧୂଳିମୟ ହୋଇଯାଉଛି । ଏଭଳି ସ୍ଥିତିରେ ରାଜପଥରେ ପଥଚାରୀଙ୍କ ପାଇଁ ଯାତାୟାତ କରିବା ବଡ଼ ସମସ୍ୟା ପାଲଟିଛି । ବିଶେଷ କରି ସନ୍ଧ୍ୟା ସମୟରେ ରାଜପଥର ଅନେକ ସ୍ଥାନରେ ପ୍ରଦୂଷଣ କାରଣରୁ ସମ୍ପୂର୍ଣ୍ଣ ଭାବେ ଧୂଳିମୟ ପରିବେଶ ସୃଷ୍ଟି ହେଉଥିବାରୁ ବିପରୀତ ଦିଗରୁ ଆସୁଥିବା ଗାଡିଗୁଡିକ ଜଣା ପଡୁନାହିଁ । ଯାହା କାରଣରୁ ଦୁର୍ଘଟଣା ଘଟିବାର ଅନେକ ସମ୍ଭାବନା ରହିଛି । ଅନ୍ୟପଟେ ସୁକ୍ଷ୍ମ କଣିକା ଓ କୋଇଲା ଗୁଣ୍ଡ ଦୁଇ ଚକିଆ ଯାନରେ ଗମନାଗମନ କରୁଥିବା ଲୋକଙ୍କୁ ବେଶ ପ୍ରଭାବିତ କରୁଛି। କୋଇଲା ଗୁଣ୍ଡ ପଥଚାରୀଙ୍କ ଆଖି, ନାକ, କାନରେ ପଶୁଥିବାରୁ ବାୟୁ ଜନିତ ରୋଗ ଓ ଅନ୍ୟାନ୍ୟ ରୋଗରେ ସଂକ୍ରମିତ ହେଉଛନ୍ତି । ଏଭଳି ସ୍ଥିତିରେ ବାୟୁର ଗୁଣବତା ପରିବର୍ତ୍ତନ ଘଟୁଥିବାରୁ ଏହା ବ୍ୟବହାର ଅନୁପଯୋଗୀ ବୋଲି ସ୍ପଷ୍ଟ ଜଣା ପଡୁଛି । ଅପରପକ୍ଷରେ ରାଜ୍ୟରେ ଶିଳ୍ପାୟନ ସହ ସମତାଳ ଦେଇ ପରିବେଶ ପ୍ରଦୂଷଣ ମଧ୍ୟ ବଢ଼ି ଚାଲିଛି । ଶିଳ୍ପ ପ୍ରଦୂଷଣ ସାଙ୍ଗକୁ ସହରାଞ୍ଚଳ ପ୍ରଦୂଷଣ ଅଣନିଃଶ୍ୱାସୀ କରି ସାରିଲାଣି । ଶିଳ୍ପାନୁଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁ, ଜଳ ଓ ଧୂଆଁ ପରିବେଶକୁ ବିଷମୟ କରିଦେଉଛ। ପ୍ରଦୂଷଣ ନିୟନ୍ତ୍ରଣ କରିବା ଲାଗି ଅତିପ୍ରଦୂଷଣକାରୀ ଶିଳ୍ପଗୁଡ଼ିକ ଗୁରୁତ୍ୱ ଦେଉନାହାନ୍ତି । ତେଣୁ ବ୍ରଜରାଜନଗର ଅଂଚଳରେ ବାୟୁ ପ୍ରଦୂଷଣ ରୋକିବା ନେଇ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ମଧ୍ୟ ଏ ଦିଗରେ ଧ୍ୟାନ ଦେବାର ଜରୁରୀ ହୋଇ ପଡିଛି ବୋଲି ମତ ପ୍ରକାଶ ପାଇଛି ।

## ରମାଦେବୀଙ୍କ ଜୟନ୍ତୀ ପାଳିତ




ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ପାଳନ ଓ ସର୍ବୋଦୟ ଆନ୍ଦୋଳନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡାଙ୍କ ପୌରାହିତରେ ଆୟୋଜିତ ଆଲୋଚନା ଚକ୍ରରେ ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା ରମାଦେବୀଙ୍କ ଆଦର୍ଶବାଦୀ ଚିନ୍ତାଧାରା ଓ ସର୍ବୋଦୟ ଆନ୍ଦୋଳନରେ ତାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡା ଭେଦଭାବ ବିହୀନ ସମାଜ ଗଠନ ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ ହେଉ ବୋଲି ସେ ପରାମର୍ଶ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାରଞ୍ଜନ ସ୍ୱାଇଁ , ମିଳିତ ଓଡିଶା ନିଶା ନିବାରଣ କର୍ମକର୍ତ୍ତା ଇନ୍ଦୁମତି ସାହୁ ଓ ଅଧ୍ୟାପକ ଗଦାଧର ପାଣି ସର୍ବୋଦୟ ଆନ୍ଦୋଳନରେ ବିନୋବା ଓ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଏବଂ ରାମାଦେବୀଙ୍କ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ଅଧ୍ୟକ୍ଷ ପ୍ରଫେସର ପଣ୍ଡା ସାଲିସ ବିହୀନ ସମାଜ ଗଠନ ପାଇଁ ଛାତ୍ରିଛାତ୍ରମାନେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଅଧ୍ୟାପକ ପ୍ରତାପ ଲେଙ୍କା ସଭା ପରିଚାଳନା ଓ ଜାତୀୟ ସେବା ଯୋଜନା ଅଧିକାରୀ କେଦାର ମୁଦୁଲି ଧନ୍ୟବାଦ ଦେଇଥିଲେ।

### ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କ ଖପ୍ପା ହେବା ଘଟଣା

## ତଦନ୍ତ କଲେ ଜିଲ୍ଲା ମଙ୍ଗଳ ଅଧିକାରୀ

ମାଲକାନଗିର(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ପଦ୍ମଗିରି ସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ବିଦ୍ୟାଳୟକୁ ଗତକାଲି ବିଧାୟକ ଓ ପ୍ରଶାସନିକ ଅଧିକାରୀ ଅଚାନକ ଗସ୍ତ କରି ବିଭିନ୍ନ ବିଷୟରେ ସମୀକ୍ଷା କରି ନାନା ପ୍ରକାରର ଅବ୍ୟବସ୍ଥା ଦେଖି ପ୍ରଧାନ ଶିକ୍ଷକଙ୍କ ଉପରେ ଖପ୍ପା ହେବା ସହ ସ୍ଥିତିରେ ଯଥା ଶୀଘ୍ର ସୁଧାର ନଆଣିଲେ ଦୃଢ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ତେବେ ଏହାପରେ ଆଜି ମାଲକାନଗିରି ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ଗତକାଲି ଉପସ୍ଥାନ ଖାତା ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ମେଳ ଖାଉନଥିବା ବେଳେ ଛାତ୍ରାବାସ ର କୌଣସି ଶୌଚାଳୟ ସଫା ହେଉନଥିବା ଓ ଅପ୍ରୀତିକର ପରିବେଶରେ ଛାତ୍ରଛାତ୍ରୀ ମାନେ ରହୁଥିବା ବିଧାୟକ ଓ ଅଧିକାରୀ ମାନେ ଦେଖି ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଏହି ବିଷୟକୁ ନେଇ ଆଜି ସମୀକ୍ଷା କରଯାଇଥିଲା। ଛାତ୍ରଛାତ୍ରୀଙ୍କ ପାଇଁ ଭୋଜନ ପାଇଁ ଥିବା ଚାଉଳରେ ବ୍ୟାପକ ପରିମାଣର ଅନିୟମିତତା ହେଉଥିବା ବେଳେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବସ୍ତାର ଚାଉଳ ଗାୟବ ହୋଇଥିବା ଏବଂ ଗୋଦାମରେ ସଂଗୃହିତ ଚାଉଳ ଓ ରେକର୍ଡ ତାଳମେଳ ଖାଉନଥିବା ବିଷୟକୁ ନେଇ ମଧ୍ୟ ଆଜି ଅଧିକାରୀ ମାନେ ଯାଞ୍ଚ କରିଥିଲେ। ତେବେ ଏନେଇ ଆମେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଆଚାରୀଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ, ସମସ୍ତ ବିଷୟରେ ତଦନ୍ତ କରାଯାଇଛି। ବିଦ୍ୟାଳୟରେ ଚାଉଳର କୌଣସି ହେରଫେର ହୋଇ ନାହିଁ, ଅନ୍ୟ ବିଷୟ ଗୁଡିକୁ ନେଇ ଆମେ ଏକ ରିପୋର୍ଟ ପ୍ରସ୍ତୁତ କରି ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରିବୁ ବୋଲି ଶ୍ରୀ ଆଚାରୀ ପ୍ରକାଶ କରିଛନ୍ତି।

# ସରକାରୀ ଜାଗା ବ୍ୟବହାର କରି ମାଲାମାଲ୍ ହେଉଛନ୍ତି ଇଟା ଭାଟି ମାଲିକ

- ନଷ୍ଟ ହେଉଛି ଏକାଧିକ ଗଛ
- ଚିନ୍ତାରେ ପରିବେଶପ୍ରେମୀ

କୋରୁକୋଣ୍ଡା (ଭାସ୍କର ନ୍ୟୁଜ): ବାୟୁ ପ୍ରଦୂଷଣ ହ୍ରାସ ନିମନ୍ତେ ସରକାର ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛନ୍ତି। ସେହିପରି ସରକାରୀ କିମ୍ବା ବେସରକାରୀ ସଂସ୍ଥା ପକ୍ଷରୁ ବାୟୁ ପ୍ରଦୂଷଣ ଓ ମୃତ୍ତିକା ସଂରକ୍ଷଣ ରୋକିବା ନିମନ୍ତେ ବୃକ୍ଷରୋପଣ କରାଯାଉଛି ଏବଂ ବୃକ୍ଷ କାଟ ଉପରେ ମଧ୍ୟ ରୋକ୍ ଲଗାଯାଇଛି। ଏଥି ସହ ବାୟୁ ପ୍ରଦୂଷଣ ଓ ମୃତ୍ତିକା ସଂରକ୍ଷଣ ନେମନ୍ତେ ମାଟି ତିଆରି ଇଟାର ବ୍ୟବହାର ଉପରେ ୨୦୧୯ ମସିହାରୁ ସରକାରୀ ସ୍ତରରେ ପ୍ରତିବନ୍ଧକ ଲାଗୁ କରା ଯାଇଥିବା ସହ ମାଟି ଇଟା ତିଆରି କରୁଥିବା ଭାଟିକୁ ବାରଣ କରଯାଇଥିବା ବେଳେ ଏହାକୁ ଅବମାନନା କରି ବେଖାତିର ଭାବେ ମାଲକାନଗିରି ଜିଲ୍ଲା ର କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଇଟା ଭାଟି ଗୁଡ଼ିକ ଗଢି ଉଠିଥିବା ଦେଖିବାକୁ ମିଳିଛି । କୋରୁକୋଣ୍ଡା ବ୍ଲକ୍‌ର ଜନ ସଂଖ୍ୟାକୁ ତାଳଦେଇ ଗୃହ ନିର୍ମାଣ ମଧ୍ୟ ବଢ଼ିବାକୁ ଲାଗିଛି, ଫଳରେ ଦୈନିକ ପ୍ରାୟ ପଚାଶ ହଜାର(୫୦୦୦୦)ରୁ ଉର୍ଦ୍ଧ୍ୱ ଇଟା ଆବଶ୍ୟକ ପଡୁଛି, ଯାହାର ଫାଇଦା ନେଉଛନ୍ତି ବେଆଇନ ଇଟା ପ୍ରସ୍ତୁତକାରୀ। କୋରୁକୋଣ୍ଡା ଓ ବାଲିମେଳା ପାର୍ଶ୍ୱରେ ଏକାଧିକ ବେଆଇନ୍ ଇଟା ଭାଟି ଚାଲୁଥିବା ବେଳେ ପ୍ରତିଦିନ ହଜାର ହଜାର ଇଟା ପୋଡ଼ା ଯାଇ ବିକ୍ରି କରାଯାଏ। କୋରୁକୋଣ୍ଡା ଗ୍ରାମ ର କେନାଲ ପାର୍ଶ୍ୱରେ ଥିବା ସରକାରୀ ସ୍ଥାନ କୁ ବେଆଇନ୍ ଭାବେ ନିଜ ଅତିଆର କୁ ନେଇ ଚାଷୀ ଙ୍କ ନିମନ୍ତେ ଛଡ଼ା ଯାଇଥିବା କେନାଲ ପାଣି କୁ ବ୍ୟବହାର କରି ଇଟା ପ୍ରସ୍ତୁତ କରାଯାଉ ଅଛି, ସେହି ପରି ଭାବେ ବାଲିମେଳା ଏନ୍.ଏ.ସି ର ପାର୍ଶ୍ୱବର୍ତ୍ତୀ ଗ୍ରାମ ଚିତାପାରି, ପୁରୁଣା ଓର୍କେଲ, ପୁରୁଣା ବାଲିମେଳା, ସଦାଶିବପୁର, ନୂଆଗୁଡ଼ା, ଆଦି ଅଞ୍ଚଳରେ ଏହିବେଆଇନ୍ ଇଟା ଭାଟି ଗୁଡିକ ରହିଥିବା ବେଳେ ନଦୀ କୂଳରେ ଥିବା ପଟୁ ମାଟି ଖୋଳାଯାଇ ଇଟା ତିଆରି କରାଯାଉଛି। ଏହାକୁ ଚଷୁ ସାହାଯ୍ୟରେ ଭାଟି ରେ ପୋଡ଼ିବା ଯୋଗୁଁ ପରିବେଶ କ୍ଷତି ଗ୍ରସ୍ତ ହେବା ସହ ବାୟୁ ମଣ୍ଡଳ ପ୍ରଦୂଷଣ ହେଉଥିବା ବେଳେ ବେଆଇନ୍ ଇଟା କାରବାର କରି ଭାଟି ମାଲିକ ମାଲା ମାଲ୍ ହେଉଥିବା ବେଳେ ରାଜସ୍ୱ ହରାଉଛନ୍ତି ସରକାର। ଦୀର୍ଘ ବର୍ଷ ଧରି ଅଞ୍ଚଳରେ ବେଆଇନ୍ ଇଟା ପୋଡ଼ା ଚାଲିଥିବା ବେଳେ ଏଥି ପ୍ରତି ପ୍ରଶାସନର ନଜର ନ ପଡ଼ିବା ପରିତାପ ର ବିଷୟ ହୋଇଛି । ପରିବେଶ ସୁରକ୍ଷା ପାଇଁ ମାଟି ତିଆରି ଇଟାର ବ୍ୟବହାର ଉପରେ ସରକାର ଜାରି କରିଥିବା କଟକଣା କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଥିବା ବେଳେ, ଅଞ୍ଚଳରେ ଚାଲୁଥିବା ବେଆଇନ୍ ଇଟା ଭାଟି ଗୁଡ଼ିକୁ ତୁରନ୍ତ ଚିହ୍ନଟ କରି ଏହା



କୁ ବନ୍ଦ କରିବା ନିମନ୍ତେ ପରିବେଶ ପ୍ରେମୀ ଓ ଜନସାଧାରଣ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ବେଆଇନ୍ ଇଟା ଭାଟିକୁ ବନ୍ଦ୍ କରିବା ପରିବର୍ତ୍ତେ କେବଳ ନୋଟିସ୍ ଓ ଜରିମାନାରେ ସୀମିତ ରହି ଅଛି । ରାଜସ୍ୱ ବିଭାଗର ଏପରି ବେଆଇନ୍ ଇଟା ଭାଟି ମାଲିକ ପୋଷଣ ନୀତିକୁ ନିନ୍ଦା କରିଛନ୍ତି ଅଂଚଳବାସୀ ଏବଂ ଅଞ୍ଚଳର ସମସ୍ତ ଇଟା ଭାଟି କୁ ବନ୍ଦ୍ କରିବାକୁ ଦାବି କରିଛନ୍ତି ଅଂଚଳ ବାସୀ। ବର୍ତ୍ତମାନ୍ ବର୍ଷା ଋତୁ ସରିଛି, ସେନେଇ ଇଟା ଭାଟି ମାଲିକମାନେ ଇଟା ପଡ଼ିବା ନିମନ୍ତେ ପ୍ରସ୍ତୁତ ହୋଇସାରିଲାଣି। ଇଟା ପୋଡ଼ିବା ନିମନ୍ତେ ବ୍ୟବହୃତ ଚଷୁକୁ ଆଖପାଖ ଅଞ୍ଚଳରେ ଥିବା ରାଇସ୍ ମିଲ୍‌ରୁ ଟନ୍ ଟନ୍ ଚଷୁ ଆଣି ସରକାରୀ ଜାଗାକୁ ନିଜର ଷ୍ଟକ୍ ୟାର୍ଡ କରିଛନ୍ତି ଇଟା ଭଟ୍ଟି ଦଲାଲ। ମାସ ମାସ ଧରି ଚଷୁ ଗଦା ହେଉଥିବାରୁ ସ୍ଥାନୀୟ ଅଞ୍ଚଳ ଦୁର୍ଗନ୍ଧ ହେବା ସହ ଆଖପାଖ ଚାଷ ଜମି ଫସଲ ନଷ୍ଟ ହେଉଥିବା ଅଭିଯୋଗ କରିଆସୁଛନ୍ତି ସ୍ଥାନୀୟ ବାସୀ। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି କୋରୁକୋଣ୍ଡା ସ୍ଥିତ ଟେକଗୁଡା ଛକ ଠାରୁ ଏମ.ଭି-୩୧ ଗ୍ରାମଯିବା ରାସ୍ତା ପାର୍ଶ୍ୱରେ। ଉକ୍ତ ରାସ୍ତା ପାର୍ଶ୍ୱରେ ଟନ୍ ଟନ୍ ଚଷୁ ଗଦା ହୋଇଥିବା ସ୍ଥାନରେ ୧୦ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ ସୁଖିଯାଇଥିବା ଦେଖିବାକୁ ମିଳିଛି। ଚଷୁ ଗରମ ହେବାରୁ ଚଷୁ ସମ୍ସର୍ଶରେ ଆସି ଆଖପାଖ ଗଛ ଶୁଖି ଯାଇଥିବା ପରିବେଶବିତ୍ ମତ ଦେଇଛନ୍ତି। ଏହାକୁ ଲୁଚାଇବା ନିମନ୍ତେ ଚଷୁ ଗଦା କରିଥିବା ବ୍ୟକ୍ତି କିଛି ଗଛ କୁ କାଟିଦେଇଥିବା ସ୍ଥାନୀୟ ବାସୀ ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ଧରି ଏହି ପ୍ରକ୍ରିୟା କ୍ରମାଗତ ଭାବେ ଚାଲି ଆସୁଥିଲେ ମଧ୍ୟ ବନ ବିଭାଗ ଓ ରାଜସ୍ୱ ବିଭାଗର ଇଟା ଭାଟି ପୋଷାଣ ନୀତି କୁ ବିଭିନ୍ନ ମହଲରେ ନିନ୍ଦା କରାଯାଇ ଅଛି। ଏନେଇ ମାଲକାନଗିରି ବନାଞ୍ଚଳ ଅଧିକାରୀ ବାଣୀଶ୍ରୀ ମନସ୍ୱିନୀ ଦେବୀ ଙ୍କୁ ପଚାରିବାରୁ ସେ କହିଲେ କି ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ହେଲେ ଏନେଇ ତଦନ୍ତ କରାଯିବ ବୋଲି ମତ ପ୍ରକାଶ କରିଛନ୍ତି । ୧୦ରୁ ଉର୍ଦ୍ଧ୍ୱ ଗଛ ନଷ୍ଟ ହେଇଥିଲେ ମଧ୍ୟ ଲିଖିତ ଅଭିଯୋଗ ଅପେକ୍ଷାରେ ବନ ବିଭାଗ। ଏନେଇ ଅତିରିକ୍ତ ତହସିଲଦାରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ କିନ୍ତୁ ଯୋଗାଯୋଗ ସମ୍ଭବ ହୋଇ ପାରି ନଥିଲା। ତେବେ ଆଗକୁ ଦେଖିବାକୁ ବାକି ରହିଲା ଯେ ଖବର ପ୍ରକାଶ ହେବା ପରେ ପରିବେଶ ପ୍ରତି କିଭଳି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

# ବିଦ୍ୟୁତ୍‌ଚାଳିତ ଶବଦାହ ଚୁଲା ପାଇଁ ଲୋକଙ୍କ ଦାବି

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ଏନଏସି ତଥା ଆଖ ପାଖ ଅଞ୍ଚଳର ଲୋକଙ୍କ ସୁବିଧା ପାଇଁ ବିଦ୍ୟୁତ ଚାଳିତ ଶବଦାହ ଚୁଲା କେବେ । ଖଡ଼ିଆଳ ସହରର ଜନସଂଖ୍ୟା ବଢ଼ିବା ସହ ମୃତ୍ୟୁହାର ମଧ୍ୟ ସେହି ଅନୁପାତରେ ହେଉଛି । ଶବଦାହ ପାଇଁ ସହରରେ ଯଦିଓ ଏକାଧିକ ଶ୍ମଶାନ ଘାଟ ରହିଛି । ହେଲେ ଏଥିନିମନ୍ତେ କ୍ୱିଣ୍ଟାଲ କ୍ୱିଣ୍ଟାଲ୍ କାଠ ପାଉଁଶ ହେଉଛି । ଫଳରେ ପରିବେଶର ସୁରକ୍ଷା ଓ ଗଛର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି । ବର୍ତ୍ତମାନ ବିଭିନ୍ନ ସହରାଞ୍ଚଳରେ ବିଦ୍ୟୁତଚୁଲା ବ୍ୟବସ୍ଥା ଆରମ୍ଭ ହୋଇ ସାରିଛି । ବିଦ୍ୟୁତ ଚୁଲାରେ ଅତି କମ୍ ସମୟ ମଧ୍ୟରେ ଶବର ଅନ୍ତିମ ସତ୍କାର ହେଉଛି । ତେଣୁ ଖଡ଼ିଆଳ ଏନ୍‌ଏସିରେ ମଧ୍ୟ ବିଦ୍ୟୁତ୍ ଚୁଲା ବ୍ୟବସ୍ଥା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି । ଖଡ଼ିଆଳ ସହରର ଭୋଟର ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୧୧,୪୭୯ ରହିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଜନଗଣନା ହୋଇନାହିଁ । ଜନଗଣନାର ୧୩ ବର୍ଷ ବ୍ୟବଧାନରେ ସହରର ଜନସଂଖ୍ୟା ୩୦, ୦୦୦ ହଜାରରୁ ଅଧିକଥିବା ବିଭାଗ ପକ୍ଷରୁ ଜଣା ପଡ଼ିଛି ।ସୂଚନା ଅନୁଯାୟୀ ଖଡ଼ିଆଳ ଏନ୍‌ଏସି ରେ ୨୦୨୩ ମସିହାରେ ୮୬ ଜଣ ମୃତ୍ୟୁ ବରଣ କରିଥିବା ବେଳେ ବେଳେ ଚଳିତବର୍ଷ ୨୦୨୪ ବର୍ତ୍ତମାନ ସୁଦ୍ଧା ୮୨ ଜଣ ମୃତ୍ୟୁ ବରଣ କରିଛନ୍ତି। ଏହି ସରକାରୀ ସଂଖ୍ୟାଠୁ ପ୍ରତି ମାସ ଏକାଧିକ ଲୋକ ମୃତ୍ୟୁବରଣ କରୁଛନ୍ତି। ଖଡ଼ିଆଳ ସହରରେ ଶବଦାହ ପାଇଁ ବିଦ୍ୟୁତ ଚୁଲା ନଥିବାରୁ ଲୋକେ ହଇରାଣ ହେଉଛନ୍ତି । ଏଥିସହ ସହରର



ଜନସାଧାରଣ ୧୧ ଗୋଟି ଶ୍ମଶାନକୁ ମଧ୍ୟ ଶବଦାହ ପାଇଁ ବ୍ୟବହାର କରିଥା'ନ୍ତି । ହେଲେ କେତେକ ସ୍ମଶାନ ଘାଟ ବହୁ ଅସୁବିଧାରେ ଗତି କରୁଛି । ସାଧାରଣତଃ ଗୋଟିଏ ଶବଦାହ କରିବା ପାଇଁ ପାଖାପାଖି ତିନି କ୍ୱିଣ୍ଟାଲ୍‌ରୁ ଅଧିକ କାଠର ଆବଶ୍ୟକତା ପଡୁଛି । ଏହି ସମସ୍ୟାକୁ ଦୂର କରିବା ପାଇଁ ଏହାର ବିକଳ୍ପ ଭାବେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଚୁଲା ବ୍ୟବସ୍ଥା କରୁଛନ୍ତି ସରକାର । କିନ୍ତୁ ଖଡ଼ିଆଳ ଠାରେ ଏହି ସୁବିଧା ନାହିଁ । ଦିନକୁ ଦିନ କାଠର ମୂଲ୍ୟ ବୃଦ୍ଧି ପାଉଥିବା ବେଳେ ବିକଳ୍ପ ଭାବେ ଯଦି ବିଦ୍ୟୁତ ଚୁଲାକୁ ବ୍ୟବହାର କରାଯାଏ ତା ହେଲେ ବହୁତ କମ ସମୟରେ ଶବଦାହ କାର୍ଯ୍ୟ ଶେଷ ହେବ । ବର୍ଷା ସମୟରେ ମଧ୍ୟ ଲୋକେ ହଇରାଣ ହେବାକୁ ପଡ଼ିବନି । ଖଡ଼ିଆଳ ନିକଟବର୍ତ୍ତୀ ପଞ୍ଚାୟତ ଗୁଡିକ ନେହେନା, ଗଡ୍ରାମୁଣ୍ଡା, ବାଦୀ, ବଡ଼ଦୋହେଲ, ଭୋଜପୁର ଜନସାଧାରଣ ବିଦ୍ୟୁତ ଚୁଲାର ସୁବିଧା ପାଇ ପାରନ୍ତେ । ସେହିପରି ଅସହାୟ ଓ ଅଜଣା ମୃତ ବ୍ୟକ୍ତିଙ୍କ କ୍ଷେତ୍ରରେ ଏଭଳି ଚୁଲା ବେଶ୍ ସହାୟକ ହୋଇ ପାରିବ ବୋଲି ମତପ୍ରକାଶ ପାଇଛି । ଅନ୍ୟ ପକ୍ଷରେ କାଠରେ ଶବଦାହ କରିବା ସାମାଜିକ ନିୟମ ଓ ପରମ୍ପରା । ବର୍ତ୍ତମାନର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସହ ଅନ୍ୟାନ୍ୟ କାରଣ ପାଇଁ ଅବାଧରେ ଗଛକୁ କାଟି ଦିଆଯାଉଛି । ଫଳରେ ଦିନକୁ ଦିନ ଗଛର ପରିମାଣ କମିବାରେ ଲାଗିଛି । ଭବିଷ୍ୟତରେ ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ଶବଦାହ ପାଇଁ ମଧ୍ୟ କାଠ ମିଳିବ ନା ନାହିଁ । ଏହାକୁ ନେଇ ପରିବେଶବିତ୍ ଆଶଙ୍କା ପ୍ରକଟ କରିଛନ୍ତି । ଏନେଇ ଖଡ଼ିଆଳ ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କୁ ଅବଗତ କରିବାରୁ ଆମ ଏନଏସି ଯଦି ସେହି କେଟାଗିରି ଭିତରେ କିଛି ତାହେଲେ ନିଶ୍ଚୟ କରାଯିବ ବୋଲି ପ୍ରକାଶ କରିଥିଲେ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକାମ୍ର ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହେବା ପରଠାରୁ ଚଳଚଞ୍ଚଳ ହୋଇଛି ଏକାମ୍ର ନିର୍ବାଚନ ମଣ୍ଡଳୀର କୁଆଖାଇ ନଦୀପଠା। ପ୍ରଥମ ଥର ହେଉଥିବାରୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଧୀରେ ଧୀରେ ବଢ଼ିବାରେ ଲାଗିଛି। ନୌବାଣିଜ୍ୟ ଇତିହାସର ମୂକସାକ୍ଷୀ ଏବଂ ପ୍ରସିଦ୍ଧ ଗଣ ଉତ୍ସବ ତଥା ବାଣିଜ୍ୟ ମେଳା 'ବାଲି ଯାତ୍ରା' ଆସନ୍ତୁ ଏଥିରେ ସାମିଲ ହୋଇ ଆମ ଇତିହାସର ପୃଷ୍ଠାକୁ ପୁନଃ ଜୀବିତ କରିବା ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବର ମୂଳ ଲକ୍ଷ୍ୟ। ବୁଧବାର ଶୀତୁଆ ସଂଧ୍ୟାରେ ମତୁଆଲା କଲେ ଲୋକପ୍ରିୟ କଣ୍ଠଶିଳ୍ପୀ ଅସିମା ପଣ୍ଡା ଓ ଓଡ଼ିଆ ଚଳଚିତ୍ର ଅଭିନେତ୍ରୀ ପୁନମ ମିଶ୍ର। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଦୋଳି, ବିଭିନ୍ନ ଖାଇବା ଲୋକଙ୍କୁ ମୋହିତ କରୁଛି। ଆଜି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଓ ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ କ୍ଷଷ୍ଠ ସଂଧ୍ୟାରେ ଉତ୍ସବ କୁ ଶୁଭାରମ୍ଭ କରିଥିଲେ। ଏଥିରେ କମିଟିର ସମ୍ପାଦକ କବିରାଜ ସ୍ୱାଇଁ, ସରପଞ୍ଚ ରଶ୍ମିରଞ୍ଜନ ଶ୍ରୀଚନ୍ଦନ, କ୍ଷୀରୋଦ କୁମାର ପ୍ରଧାନ, ଚନ୍ଦନ ମଲ୍ଲିକ, ଭୁବନେଶ୍ୱର ଯୁବ ମୋର୍ଚ୍ଚା ସଭାପତି ସ୍ୱୟଂ ସେବକ ରାୟ, ସମିତି ସଭ୍ୟା ଇଲା ଭଞ୍ଜ ପ୍ରମୁଖ ଅତିଥି ଭାବେ ଯୋଗୋଦେଇଥିଲେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ।

## ଧାନ କିଣା ଆରମ୍ଭ

# କୃଷକଙ୍କ ଉନ୍ନତିକୁ ଲୋକଙ୍କ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବୁଧବାର ଠାରୁ ଧାନ କିଣା ଆରମ୍ଭ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୃଷକଙ୍କ ଉନ୍ନତିକୁ ଲୋକଙ୍କ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଆଜି ଆନୁଷ୍ଠାନିକ ଭାବେ ବରଗଡ଼ରେ ଧାନମଣ୍ଡି ଖୋଲାଯିବା ସହିତ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ଦଲାଲ ମୁକ୍ତ ଧାନ କିଣା, କଟନୀ ଛଟନୀ ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବା ସହ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ପ୍ରଦାନକୁ ସରକାର ସୁନିଶ୍ଚିତ କରୁଛନ୍ତି। ଆମ ସରକାର ପ୍ରତିଶ୍ରୁତି ପୂରଣ କରି ଚାଷୀଙ୍କ ଠାରୁ ୩୧୦୦ ଟଙ୍କାରେ ଧାନ କିଣିବା ସହିତ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ନିମନ୍ତେ ମଣ୍ଡିରେ ନୋଡାଲ ଅଧିକାରୀ, କଣ୍ଟ୍ରୋଲ ରୁମ୍, ପାଟ୍ରୋଲିଂ ବ୍ୟବସ୍ଥା ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଶୃଙ୍ଖଳିତ ଭାବେ ଧାନ କିଣିବା ସହ ସମସ୍ତ ବ୍ୟବସ୍ଥା ଉପରେ ନଜର ରଖିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି।

### ଧାନ କିଣା ପାଇଁ ବ୍ୟାପକ ପ୍ରସ୍ତୁତି: ସମବାୟ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବୁଧବାର ଠାରୁ ଆରମ୍ଭ ହେଉଛି ଧାନ କିଣା । ବାହାର ରାଜ୍ୟ ଚାଷୀ ଓ ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ସରକାର । ସୀମାରେ ପୋଲିସ ପାଟ୍ରୋଲିଂ ନିରନ୍ତର ଚାଲିଛି ବୋଲି ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । ଯେମିତି ଅନ୍ୟ ରାଜ୍ୟର ଚାଷୀ ଓଡ଼ିଶାରେ ଆସି ଧାନ ବିକ୍ରି କରିବେ ନାହିଁ, ସେଥିପାଇଁ ପଦକ୍ଷେପ ନେଇଛନ୍ତି ସରକାର । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଅସୁବିଧା ସାମ୍ନାକୁ ଆସିନାହିଁ । ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ମଣ୍ଡିରେ ଗ୍ରେନ ଆନାଲାଇଜର ଲଗାଯାଇଛି । ଚାଷୀଙ୍କ ଧାନକୁ ବର୍ଷା ପାଣିରୁ ସୁରକ୍ଷିତ ରଖିବା ପାଇଁ ମଣ୍ଡିରେ ପଲିଥିନ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଓଡିଆ ସିନେମା ନିର୍ଦ୍ଦେଶକ ବବି ଇସ୍‌ଲାମ୍‌ଙ୍କୁ ହତ୍ୟା ଧମକ

# ମନୋଜ ମିଶ୍ରଙ୍କ ନାମରେ ଅଭିଯୋଗ

କଟକ (ଭାସ୍କର ନ୍ୟୁଜ୍): ଓଡିଆ ସିନେମା ନିର୍ଦ୍ଦେଶକ ବବି ଇସ୍‌ଲାମ୍‌ଙ୍କୁ ହତ୍ୟା ଧମକ ଦିଆଯାଉଥିବା ନେଇ ଦରଘା ବଜାର ଥାନାରେ ଅଭିଯୋଗ ହୋଇଛି । ବବି ଇସ୍‌ଲାମ୍‌ଙ୍କୁ ହତ୍ୟା ଧମକ ଦିଆଯାଉଥିବା ଅଭିଯୋଗ କରି ସେ ଅଭିନେତା ମନୋଜ ମିଶ୍ରଙ୍କ ନାଁରେ ଅଭିଯୋଗ କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ମୋବାଇଲ୍‌କୁ ବାରିକ୍ ସୌମ୍ୟରନଙ୍କ ନାମକ ଜଣେ ବ୍ୟକ୍ତି ଫୋନ୍ କରି ମନୋ ମିଶ୍ରଙ୍କୁ ନାମରେ କିଛି କହିଲେ ତୁମକୁ ଶେଷ କରିଦେବୁ। ଏହା ପରେ ଉକ୍ତ ବ୍ୟକ୍ତି ଜଣକ ତାଙ୍କୁ ଅଶ୍ଳୀଳ ଭାଷାରେ ବହୁତ ଗାଳି ଗୁଲଜ କରିଥିଲେ। ସୂଚନାଥାଉକି ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ ରାଣ୍ଡିପୁଅ ଅନନ୍ତାକୁ ନେଇ ବିଭ୍ରାନ୍ତିକରଣ ମନ୍ତବ୍ୟ ଦେଇଥିବା ଘଟଣାରେ ତାଙ୍କୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ଏପରିକି ତାଙ୍କ ନାମରେ ମଧ୍ୟ ଥାନାରେ ମାମଲା ରୁଜୁ କରାଯାଇଥିଲା । ଫଳରେ ସେ ରବିବାର ରାତିରେ ଏ ନେଇ ନିଜ ସୋସିଆଲ ମିଡ଼ିଆ ଏକ ଭିଡ଼ିଓ ପୋଷ୍ଟ କରି ସେ କ୍ଷମା ମାଗିଥିଲେ ।

## ଅବକାରୀ ବିଭାଗର କାର୍ଯ୍ୟକ୍ରମ ନେଇ ସମୀକ୍ଷା ବୈଠକ

# ବେଆଇନ ମଦ ଓ ନିଶା କାରବାର ରୋକିବା ନେଇ ହେବ କଠୋର ଆଇନ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖଣି ବିଭାଗ ପରେ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିବା ବିଭାଗ ମଧ୍ୟରେ ଅବକାରୀ ବିଭାଗ ଅନ୍ୟତମ। ରାଜ୍ୟର ବିକାଶ ନିମନ୍ତେ ଏହି ରାଜସ୍ୱର ପ୍ରମୁଖ ଅବଦାନ ରହିଛି। ଆସନ୍ତା ଦୁଇବର୍ଷ ମଧ୍ୟରେ ରାଜ୍ୟରୁ ସମସ୍ତ ପ୍ରକାର ବେଆଇନ ନିଶା କାରବାର ବନ୍ଦ ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବିଭାଗ କମିଶନର ତଥା ଶାସନ ସଚିବ ଗୁହାପୁନମ୍ ତାପସ କୁମାର ବେଆଇନ ନିଶା କାରବାର ଓ ବେଆଇନ ମଦଭାଟି ଉପରେ ନିୟମିତ ଚଢ଼ାଉ ସହ ଏନ୍‌ଡିପିଏସ୍ ଆଇନର ସଠିକ୍ ଅନୁପାଳନ, ଅଧିକାରୀ ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ ତାଲିମ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେହିପରି ଅବକାରୀ କମିଶନର



ଏଥିପାଇଁ ରାଜ୍ୟ ସରକାର ଆଇନରେ ଆବଶ୍ୟକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି, ଯେଉଁଥିରେ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ଏବଂ ଜରିମାନା ବ୍ୟବସ୍ଥା ରହିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ସମୀକ୍ଷା ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବୈଠକରେ ଅବକାରୀ ନରସିଂହ ଭୋଳ ବିଭାଗୀୟ କାର୍ଯ୍ୟ ଓ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଅତିରିକ୍ତ ଅବକାରୀ କମିଶନର, ଯୁଗ୍ମ କମିଶନର, ଅବକାରୀ ସୁପରିଟେଣ୍ଡେଣ୍ଟ୍ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ସୁପରିଟେଣ୍ଡେଣ୍ଟ୍ ସୂଚରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାମ୍ଭବୀ ପୁରସ୍କାର ରାଶି ୫ ଲକ୍ଷ ଟଙ୍କାକୁ ବୃଦ୍ଧି

SHAMBHAVI
PURASKAR
an award for excellence and innovation in social work

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ୨୦୧୪ ମସିହାରେ ସ୍ଥାପିତ ସମ୍ମାନଜନକ 'ଶାମ୍ଭବୀ ପୁରସ୍କାର' ଓଡ଼ିଶାରେ ସାମାଜିକ ପରିବର୍ତ୍ତନକାରୀଙ୍କ ଉଲ୍ଲେଖନୀୟ ଅବଦାନକୁ ସମ୍ମାନିତ କରିଆସୁଛି। ସାମାଜିକ କାର୍ଯ୍ୟରେ ନିଜକୁ ସମର୍ପିତ କରିଥିବା ଏହି ବ୍ୟକ୍ତିମାନେ ଗୋଷ୍ଠୀମାନଙ୍କ ଉତ୍ଥାନ ଓ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ନିରନ୍ତର ଉଦ୍ୟମ କରୁଛନ୍ତି। ଏହି ପୁରସ୍କାର ସେମାନଙ୍କ କଠିନ ପରିଶ୍ରମକୁ ମାନ୍ୟତା ପ୍ରଦାନ କରିବା ସହିତ ସାମାଜିକ ନିବେଶକ ଓ ସଙ୍ଗଠନମାନଙ୍କ ଏକ ବ୍ୟାପକ ନେଟୱର୍କସହିତ ସଂଯୋଗ ସ୍ଥାପନ କରି ସେମାନଙ୍କ ପ୍ରଭାବକୁ ଆହୁରି ଅଧିକ ବିସ୍ତାର କରିପାରିଛି । ଆକର୍ଷଣୀୟ ଘୋଷଣା: ଶାମ୍ଭବୀ ପୁରସ୍କାର ରାଶିରେ ଯଥେଷ୍ଟ ମାତ୍ରରେ ବୃଦ୍ଧି କରାଯାଇଛି । ଏହାର ମୁଖ୍ୟବିଜେତାଙ୍କୁସାଇଟେସନ ସହିତ, ଟ୍ରଫି, ଏବଂ ପୂର୍ବରୁ ପ୍ରଦାନ କରାଯାଉଥିବା ନଗଦପୁରସ୍କାର ରାଶିକୁ ୨,୫୦,୦୦୦ରୁ ୫,୦୦,୦୦୦ (୫ ଲକ୍ଷ )ଟଙ୍କା କୁ ବୃଦ୍ଧି କରାଯାଇଛି। ଏହାସହିତ ଜୁରୀ ପ୍ରଶଂସାପତ୍ର ବିଜେତାଙ୍କ ନଗଦ ପୁରସ୍କାର ରାଶିକୁ ୫୦,୦୦୦ ରୁ ୧,୦୦,୦୦୦ (୧ ଲକ୍ଷ) ଟଙ୍କାକୁ ବୃଦ୍ଧି କରାଯାଇଛି। ଆବେଦନ ଗ୍ରହଣ: ଶାମ୍ଭବୀ ପୁରସ୍କାରର ୧୨ ତମ ସଂସ୍କରଣ ପାଇଁ ବର୍ତ୍ତମାନ ଆବେଦନ ଗ୍ରହଣ କରାଯାଉଛି। ଆବେଦନ କିମ୍ବା ମନୋନୀତ କରିବା ପାଇଁ www.bipf.org.in.ରେ ଲଗ୍ ଇନ୍ କରନ୍ତୁ । ଏହି ଅବସରରେ ବଂଶୀଧର ଇଲା ପଣ୍ଡା ଫାଉଣ୍ଡେସନ୍ ସିଇଓ ଏବଂ ଟ୍ରଷ୍ଟି ତଥା ଇମ୍ପା ସିଏସ୍ଆର (ସ୍ୱତନ୍ତ୍ର ପଦକ୍ଷେପ) ର ମୁଖ୍ୟ ଶୈଫାଳିକା ପଣ୍ଡା ଏହି ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ବଞ୍ଚିତ ଲୋକମାନଙ୍କ ସେବା କରିବା ଓ ସାମାଜିକ ପରିବର୍ତ୍ତନ ଦିଗରେ ପ୍ରଭାବୀ ପଦକ୍ଷେପ ନେବା ଆମର ଦାୟିତ୍ୱ । ଶମ୍ଭାବୀ ପୁରସ୍କାର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଆଗଧାଡ଼ିର ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ସାମୂହିକ ବିକାଶ ନିମନ୍ତେ ସେମାନଙ୍କ ଦୂରଦୃଷ୍ଟି ଓ ଅଭିଳାଶାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମଂଚ ପ୍ରଦାନ କରୁଛି।

# ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ନେଇ ଟାସ୍କଫୋର୍ସର ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦାଦନ ଶ୍ରମିକ ବିସ୍ଥାପନ ସମସ୍ୟା ସମାଧାନ ଦିଗରେ ଗଠନ ହୋଇଥିବା ଉଚ୍ଚସ୍ତରୀୟ ଟାସ୍କ ଫୋର୍ସର ବୈଠକ ଅନୁଷ୍ଠିତ ହୋଇଥିଲା। ଦାରିଦ୍ର୍ୟ ମୁକ୍ତ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନଜ ଫାଉଣ୍ଡେସନ ଓଡ଼ିଶାରେ ଦାଦନ ଶ୍ରମିକ ବିସ୍ଥାପନ ଜନିତ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟକରିବାକୁ ଆଗ୍ରହୀ । ଏହା ପୂର୍ବରୁ ପଶ୍ଚିମ ବଙ୍ଗ ଓ ଝାଡ଼ଖଣ୍ଡରେ ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଫଳତାର ସହ କାର୍ଯ୍ୟ ସମାପନ କରିଛି। ରାଜ୍ୟ ବାହାରକୁ ଦାଦନ ହିସାବରେ କାମ କରିବାକୁ ପ୍ରମୁଖ ଦୁଇଟି କାରଣ ପାଇଁ ଲୋକ ଯାଇଥାନ୍ତି। ପ୍ରଥମେ ଓଡ଼ିଶାର ଦାଦନ ପ୍ରବଣ ଜିଲ୍ଲା ତଥା ଗ୍ରାମ ପଞ୍ଚାୟତ ଗୁଡିକରେ ମୂଳ କାରଣ ଓ ସମାଧାନ ଦିଗରେ ନଜ ଫାଉଣ୍ଡେସନ ଅନୁଧ୍ୟାନ କରିବ। ଅନୁଧ୍ୟାନକୁ ନେଇ ସରକାରଙ୍କ ସହ ଆଲୋଚନା ଭିତ୍ତିରେ ଭବିଷ୍ୟତ ପନ୍ଥା ନିରୂପଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଖାଦ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା, ସ୍ଥାୟୀ ଜୀବିକା ଅର୍ଜନ ପନ୍ଥା ଓ ଆଶାନୁରୂପ ରୋଜଗାର (ଗ୍ରାଜୁଏସନ ଆପରୋଚ) ଦ୍ୱାରା ଏହି ସମସ୍ୟାର ନିରାକରଣ ହୋଇପାରିବ । ଥରେ ଜୀବିକା ଅର୍ଜନ ପନ୍ଥା ଯୋଗାଇ ଦେବା ପରେ ନିୟମିତ ବ୍ୟବଧାନରେ ନଜ ଫାଉଣ୍ଡେସନ ସେମାନଙ୍କର ଆର୍ଥିକ ଏବଂ ସାମାଜିକ ସ୍ଥିତି ଅନୁଧ୍ୟାନ କରିବ । ଯେଉଁ ପଂଚାୟତ କିମ୍ବା ବ୍ଲକରେ ଅଧିକ ମାଇଗ୍ରେସନ ହେଉଛି ସେଠାରେ କ୍ଲଷ୍ଟର ଆପ୍ରୋଚ ବ୍ୟବହାର କରିବା ପାଇଁ ମନ୍ତ୍ରୀ ସୁରେଶ ପୂଜାରୀ ମତପ୍ରକାଶ କରିଥିଲେ । ଟାସ୍କ ଫୋର୍ସର ଅନ୍ୟ ସଦସ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଜଙ୍ଗଲ,ପରିବେଶ ଓ ଜଳବାୟୁ, ଶ୍ରମିକ ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଉନ୍ନୟନ କମିଶନର ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ବୈଠକରେ ଯୋଗ ଦେଇଥିଲୋ

### ବନ ବିଭାଗରେ ୪୦% ଖାଲି ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବନ ବିଭାଗରେ ଖାଲି ପଡ଼ିଛି ୪୦ ପ୍ରତିଶତ ପଦବୀ । ଡିଏଫଓ ସମ୍ମିଳନୀରେ ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି । ସେଥିଲାଗି ଏବେ ବନ ବିଭାଗରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ୧୬୭୭ ଫରେଷ୍ଟ ଗାର୍ଡ, ୩୧୬ ଫରେଷ୍ଟର, ୧୩୧ ରେଞ୍ଜ ଅଫିସର ଓ ୪୫ ଜଣ ଏସିଏଫ ନିଯୁକ୍ତି ପ୍ରକ୍ରିୟା ଚାଲିଛି । କିନ୍ତୁ ଏହା ପରେ ବି ୨୦ ପ୍ରତିଶତ ପଦବୀ ଖାଲି ରହିବ । ତେଣୁ ଜନ୍ତୁ ଶିକାର ପାଇଁ କର୍ମଚାରୀ ଅଭାବକୁ ଦାୟୀ କରାଯାଇପାରିବ ନାହିଁ । ସେତିକି କର୍ମଚାରୀରେ ବିଭିନ୍ନ ସଂଗଠନ, ଲୋକଙ୍କ ସହଯୋଗରେ କାମ କରିବାକୁ ପଡ଼ିବ । କୋର ଏରିଆରେ କାମ କରୁଥିବା ଅଧିକାରୀଙ୍କୁ ଉତ୍ସାହିତ କରିବାକୁ ଇନସେଣ୍ଟିଭ ଦେବାକୁ ଆଜି ବିଭାଗୀୟ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସେନେଇ ଖୁବଶୀଘ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ।

### ବାଲିଯାତ୍ରାରେ ଭାରତ ମସଲାର ୪ର୍ଥ ଦିନର ଲକି ଡ୍ର

# କଟକର ୩ ଜଣ ଭାଗ୍ୟଶାଳୀ ବିଜେତା



କଟକ(ଭାସ୍କର ନ୍ୟୁଜ୍): ମସଲା ପକ୍ଷରୁ ବାଲିଯାତ୍ରା ପଡ଼ିଆରେ ହୋଇଥିବା ଲକି ଡ୍ର'ର ଚତୁର୍ଥ ଦିବସର ଭାଗ୍ୟଶାଳୀ ବିଜେତା ମାନଙ୍କର ନା ଘୋଷଣା ହୋଇଛି। ଭାଗ୍ୟଶାଳୀ ପ୍ରଥମ ବିଜେତା ହେଲେ କଟକ ନୁଆବଜାର ନେହେରୁ କଲୋନିରେ କିରଣ କୁମାର ସାହୁ ଯିଏକି ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ, ଦ୍ୱିତୀୟ ବିଜେତା କଟକ କେନାଲ ରୋଡର ସେଖ ସାକିର ଯିଏ ରେସିଂ ବାଇ ସାଇକେଲ, ତୃତୀୟ ବିଜେତାଙ୍କ ମୋବାଇଲ ନମ୍ବର ହେଲା ୭୭୩୫୨୩୨୯୯୫ ଯିଏକି ବାଉଲ୍ ସେଟ୍, ଚତୁର୍ଥ ବିଜେତା ଭାବେ କଟକର ଚାଉଳିଆଗଞ୍ଜର ଅଭିଜିତ ପଶାୟତ ଯିଏକି ଫ୍ରାଇଂ ପାନ୍ ପାଇ ନିଜ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଏହି ଲକି ଡ୍ର' ବିଜେତାଙ୍କୁ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଓ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜୀଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ, ପିଆରଓ ଏସ୍ଏନ୍ ମିଲେନିୟମଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ଓଡିଶା ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌କ୍ଲେଭ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟରସ ୱେଲଫେୟାର ଆସୋସିଏସନ୍ (ଏଓସିଡବ୍ଲ୍ୟୁଏ) ଓ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର୍ସ ଆସୋସିଏସନ୍ (ଏଓସିଏ) ମିଳିତ ଆନୁକୂଲ୍ୟରେ ବୁଧବାର ଓଡ଼ିଶା ଭିତ୍ତିଭୂମି କନ୍‌କ୍ଲେଭ୍-୨୦୨୪ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରଣକାରୀ, ଶିଳ୍ପନେତା, ଠିକାଦାର ଏବଂ ଶିକ୍ଷାବିତ୍ମାନେ ଏକତ୍ର ହୋଇ ଓଡ଼ିଶାର ଭିତ୍ତିଭୂମି ଆବଶ୍ୟକତା ଏବଂ ଆହ୍ୱାନ ଉପରେ ଆଲୋଚନା କରିଥିଲେ, ଯାହାର ଶୀର୍ଷକ ଥିଲା , 'ଏକ ଶକ୍ତିଶାଳୀ ଓଡ଼ିଶା ଗଠନ: ସ୍ଥାୟୀ ଅଭିବୃଦ୍ଧି ପାଇଁ ଭିତ୍ତିଭୂମିର ସଶକ୍ତୀକରଣ' । ଏହି ସମ୍ମିଳନୀକୁ ଓଡ଼ିଶା ସରକାରଙ୍କ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଭୁବନେଶ୍ୱରର ଏକାମ୍ର ବିଧାୟକ ବାବୁ ସିଂହ, ସମାଜସେବୀ, ଜଗନ୍ନାଥ ପ୍ରଧାନ, ଅଲ-ଓଡିଶା କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏସନ (ଏଓସିଡବ୍ଲ୍ୟୁଏ)ର ସଭାପତି ଜେ ପାତ୍ର, ଉପସଭାପତି ଚିନ୍ମୟ ସ୍ୱାଇଁ, ସମ୍ପାଦକ ଦିଲୀପ କୁମାର ଜେନା, ଯୁଗ୍ମ ସମ୍ପାଦକ ଅଂଶୁଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ରାଜ୍ୟରେ ଭିତ୍ତିଭୂମିର ବଡ ନେଟୱର୍କ ହେବାକୁ ଯାଉଛି। ଓଡ଼ିଶାର ଚତୁଃପାର୍ଶ୍ୱରେ ହେବ ଗ୍ରାଣ୍ଡ ରିଙ୍ଗ ରୋଡ। ମୋଟୁରୁ ମୟୁରଭଞ୍ଜର ତିରୀଙ୍ଗୀ ପର୍ଯ୍ୟନ୍ତ ହେବ ୬ ଲେନ ବିଶିଷ୍ଟ ରାସ୍ତା । ଓଡ଼ିଶାର ମାନଚିତ୍ରକୁ ଯଦି ଦେଖାଯାଏ ତେବେ ଓଡ଼ିଶାର ଚତଃପାର୍ଶ୍ୱରେ ହେବ ଗ୍ରାଣ୍ଡ ରିଙ୍ଗ ରୋଡ। ଓଡ଼ିଶା ପୂର୍ତ୍ତ ବିଭାଗ କୋର୍ଡରେ ପରିବର୍ତନ ହେବ ଯାହାକୁ ନେଇ ପକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶାରେ ନିର୍ମାଣ କ୍ଷେତ୍ରରେ ବିରାଟ ବଡ କାର୍ଯ୍ୟ କରିବାକୁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର। ଏହି ସମାବେଶକୁ ସମ୍ବୋଧିତ କରି ଅଲ ଓଡିଶା କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏସନର ସଭାପତି ଜେ ପାତ୍ର, ପୂର୍ବ ସରକାରଙ୍କ ଅଧୀନରେ ସ୍ଥାନୀୟ ଠିକାଦାରମାନେ ସମ୍ମୁଖୀନ ହେଉଥିବା ନିରନ୍ତର ଚ୍ୟାଲେଞ୍ଜର ଗୁଡ଼ିକ ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ରାଜ୍ୟ ବାହାରେ ଥିବା କଂପାନିଗୁଡ଼ିକୁ ସମର୍ଥନ କରୁଥିବା ନୀତି, ସ୍ଥାନୀୟ ପ୍ରତିଭାଙ୍କୁ ଦମନ କରିବା ଏବଂ ସୀମିତ ଅଭିବୃଦ୍ଧି ସୁଯୋଗ ଅନ୍ତର୍ଭୁକ୍ତ ଥିଲା। ଭିତ୍ତିଭୂମି ବିକାଶରେ ଅଭିନବତା ଏବଂ ସ୍ଥାୟୀତାକୁ ପ୍ରୋତ୍ସାହିତ କରିବା ସହିତ ଠିକାଦାର ଏବଂ ସରକାରଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଓଡ଼ିଶା ଭିତ୍ତିଭୂମି କନକ୍ଲେଭ୍ ୨୦୨୪ ଏକ ପରିବର୍ତ୍ତନଶୀଳ ପ୍ଲାଟଫର୍ମ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

### ଟଟ ସୁରକ୍ଷା ପାଇଁ ଆସିବ ଡ୍ରୋନ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ତଟ ସୁରକ୍ଷାରେ ଯୋଡ଼ି ହେବ ଡ୍ରୋନ୍ ସହ ମାଛ ଧରା ଡଙ୍ଗା। ଏନେଇ ସୂଚନା ଦେଇଛନ୍ତି ପୋଲିସ ଡିଜି ୱାଇ.ବି ଖୁରାନିଆ। ରାଜ୍ୟର ୪୫୦ କିମି ତଟ ସୁରକ୍ଷା ପାଇଁ ୧୮ ମେରାଇନ୍ ଥାନା ଅଛି । ଯେଉଁଠି ପାଟ୍ରୋଲିଂ ପାଇଁ ୧୬ ବୋଟ ରହିଛି। ଆଉ ୧୦ ଅତ୍ୟାଧୁନିକ ଡଙ୍ଗା ଭଡ଼ାରେ ନିୟୋଜିତ କରାଯିବ।

### କଟକରେ ଦୁଇ ଗୋଷ୍ଠୀ ମୁହାଁମୁହିଁ
### କାଚ ବୋତଲ ସହ ଇଟା ମାଡ଼

କଟକ(ଭାସ୍କର ନ୍ୟୁଜ୍): କଟକର ପଟ୍ଟାପୋଲ ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି । ବେପରୁଆ ଗାଡ଼ି ଚଳାଚଳକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ କାଚ ବୋତଲ ଓ ଇଟା ମାଡ ଭଳି ଘଟଣା ବୁଧବାର ଅପରାହ୍ନରେ ଘଟିଛି । ଏ ସମ୍ପର୍କରେ ଖବର ପାଇ କ୍ୟାଣ୍ଟନ୍‌ମେଣ୍ଟ୍ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି । ତେବେ ଛୋଟ ଘଟଣାକୁ କେନ୍ଦ୍ର କରି ଏହି ଗଣ୍ଡଗୋଳ ହୋଇଥିବା କଟକ ଡିସିପି ଜଗମୋହନ ମିନା କହିଛନ୍ତି। ତେବେ ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

## ରାଜ୍ୟସ୍ତରୀୟ ୭୧ତମ ଜାତୀୟ ସମବାୟ ସପ୍ତାହର ସମାରୋପ ଉତ୍ସବ

# ସମବାୟର ଗତିକୁ ତୀବ୍ର କରିବା ପାଇଁ କେନ୍ଦ୍ର ସମବାୟ ମନ୍ତ୍ରୀ ଘନ ଘନ ଗସ୍ତ କରିବେ: ମନମୋହନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମବାୟ କ୍ଷେତ୍ରରେ ଓଡିଶାକୁ ଆଗକୁ ନେବାକୁ ପଡିବ। ଓଡିଶାରେ ଲୋକଙ୍କର ଆର୍ଥିକ ସ୍ଥିତିକୁ ବଦଳାଇବା ପାଇଁ ସମବାୟ କ୍ଷେତ୍ରର ବହୁତ ଆବଶ୍ୟକତା ଅଛି। ସରକାର ସମବାୟ ସଂସ୍ଥାରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଏହି ବିଭାଗରୁ ଦୁର୍ନୀତି ବନ୍ଦ କରି ଉପଯୁକ୍ତ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବିଜେପି ସରକାର। ଆଗାମୀ ଦିନରେ ଅର୍ଥନୈତିକ ସମତାଯୁକ୍ତ ସମାଜ ଗଠନରେ ସମବାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବାରେ ଏହି ସମବାୟ ସଂସ୍ଥା ଗୁରୁତ୍ୱବହନ କରିବ। ସେଥିପାଇଁ ଏହି ବିଭାଗକୁ ଚଳଚଞ୍ଚଳ କରାଯିବ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସମବାୟ ବିଭାଗର କାର୍ଯ୍ୟ ଅମିତ ଶାହାଙ୍କୁ ହସ୍ତାନ୍ତର କରାଯିବା ପରେ ଏହି ବିଭାଗ ଦିନକୁ ଦିନ ଆଗକୁ ବଢ଼ିବାରେ ଲାଗିଛି । ସମବାୟ ସଂସ୍ଥାର ବିନା ସହଯୋଗରେ ରାଜ୍ୟର ବିକାଶ ଅସମ୍ଭବ। ତେଣୁ ଲୋକଙ୍କ ସରକାର ବିକଶିତ ଏବଂ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମବାୟ ଅନୁଷ୍ଠାନକୁ ଗୁରୁତ୍ୱ ଦେଉଛନ୍ତି। ସେହି କାରଣରୁ ସେ ୩ମାସକୁ ଥରେ ଓଡିଶା ଗସ୍ତ କରି ସମବାୟ ଆନ୍ଦୋଳନ କିପରି ତୀବ୍ର ହେବ ଓ ଏଥିରେ ସମସ୍ତ ଲୋକ ଯୋଡି ହେବେ ସେଥିପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୭୧ତମ 'ଜାତୀୟ ସମବାୟ ସପ୍ତାହ'ର ସମାରୋପ ଉତ୍ସବରେ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସମବାୟ, ହସ୍ତତନ୍ତ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ ପଂଚାୟତର ବହୁମୁଖୀ ସମବାୟ ସମିତି ଗଠନ ହେବ ବୋଲି କହିଥିଲେ । ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ରଞ୍ଜନ ମଙ୍ଗରାଜ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆଗାମୀ ଦିନରେ ସ୍ଥାନୀୟ ସମବାୟ ସମିତି ଗ୍ରାମ୍ୟ ଅର୍ଥନୀତିର ପ୍ରାଣକେନ୍ଦ୍ର ହେବ ବୋଲି କହିଛନ୍ତି । ପରିଶେଷରେ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଦ୍ୱାରା ସମବାୟ ପତାକା ଅବତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ସମବାୟ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସାଧାରଣ ସଂପାଦକ ସାରଦା ପ୍ରସାଦ ଶତପଥି, ସୁଦର୍ଶନ ନାୟକ, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ଅଶୋକ ମିଶ୍ର, ଶେଷ କୁମାର ମେହେର, ଅକ୍ଷୟ କୁମାର ମହାନ୍ତିଙ୍କ ସମେତ ବହୁ ସମବାୟ ପ୍ରେମୀ ଉପସ୍ଥିତ ଥିଲେ।

### ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଗିରଫ

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ଅଞ୍ଚଳରେ ଜଣେ ୬ ବର୍ଷୀୟ ନାବାଳିକାକୁ ବଳତ୍କାର କରିବା ଅଭିଯୋଗ ଘଟଣାରେ ପୋଲିସ୍ ଅଭିଯୁକ୍ତକୁ ଗିରଫ କରିଛି । ଡିସିପିଙ୍କ ସୂଚନା ମୁତାବକ ଅଭିଯୁକ୍ତର ଘର ଝାରଖଣ୍ଡରେ ହୋଇଥିବା ବେଳେ ସେ ତ୍ରିଶୁଳିଆରେ ରହି କାମ କରୁଥିଲା । ଅଭିଯୁକ୍ତ ଜଣକ ପୀଡ଼ିତା ନାବାଳିକାର ସଂପର୍କୀୟ ମାମୁଁ ବୋଲି ଜଣାପଡ଼ିଛି । ତେବେ ପୀଡ଼ିତାର ଅଭିଭାବକଙ୍କ ଘର ନୟାଗଡ ହୋଇଥିବାବେଳେ ସେମାନେ ତ୍ରିଶୁଳିଆରେ ଏକ ଇଟା ଭାଟିରେ ରହି କାମ କରନ୍ତି । ଅନ୍ୟପଟେ ପିଡିତାକୁ ଉଦ୍ଧାର କରି ପୋଲିସ୍ ଚିକିତ୍ସା ନିମନ୍ତେ ପ୍ରଥମେ ଶିଶୁ ଭବନରେ ଭର୍ତ୍ତି କରିଥିବା ବେଳେ ପରବର୍ତ୍ତୀ ସମୟରେ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।



ଓଡ଼ିଶା ଭାସ୍କର
ସମ୍ପାଦକୀୟ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍‌ସୀ ପ୍ରେମଚନ୍ଦ



## ଘନେଇଲା ରୁଷ୍-ୟୁକ୍ରେନ୍ ଯୁଦ୍ଧ

# ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା !

ଗତ ୨୦୨୨ ମସିହା ଫେବ୍ରୁଆରୀ ମାସରୁ ଆରମ୍ଭ ହୋଇଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧକୁ ମଙ୍ଗଳବାର ଏକ ହଜାର ଦିନ ପୂରି ଯାଇଛି। ଏହି ରକ୍ତକ୍ଷୟୀ ଭୀଷଣ ଯୁଦ୍ଧରେ ଦୁଇପକ୍ଷର ନାହିଁ ନଥିବା କ୍ଷୟକ୍ଷତି ଘଟିଥିବା ବେଳେ ହଜାର ହଜାର ସାଧାରଣ ନାଗରିକଙ୍କ ଜୀବନ ଅକାଳରେ ଝଡ଼ି ପଡ଼ିଛି। ରୁଷ୍ ନେତା ଭ୍ଲାଦିମିର ପୁଟିନ୍ ପ୍ରଥମେ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିବା ସମୟରେ ଖୁବ୍ ସହଜରେ ବିଜୟ ହାସଲ କରିବେ ବୋଲି ଯେଉଁ ଆଶା ବାନ୍ଧିଥିଲେ ତାହା ସମ୍ଭବ ହୋଇପାରିଲା ନାହିଁ। ବରଂ ୟୁକ୍ରେନ୍ ଅତି ଦୃଢ଼ତାର ସହ ଏହି ଆକ୍ରମଣର ମୁକାବିଲା କରିବା ସଙ୍ଗେ ସଙ୍ଗେ ରୁଷ୍ ଉପରେ ଜୋରଦାର ପାଲଟା ଆକ୍ରମଣ କରିବାକୁ ପଛାଇ ନାହିଁ। ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଆଦି ପାଶ୍ଚାତ୍ୟ ରାଷ୍ଟ୍ର ଏବଂ ନାଟୋ ଗୋଷ୍ଠୀଭୁକ୍ତ ଦେଶଗୁଡ଼ିକ ଏହି ଯୁଦ୍ଧରେ ୟୁକ୍ରେନ୍ ସପକ୍ଷରେ ଦୃଢ଼ ଭାବରେ ଠିଆ ହେବା ସହିତ ସବୁପ୍ରକାର ଆର୍ଥିକ ଓ ସାମରିକ ସହାୟତା ଯୋଗାଇଦେବା ଫଳରେ ୟୁକ୍ରେନ୍ ଅଧିକ ଶକ୍ତିଶାଳୀ ହୋଇ ରୁଷ୍‌ର ସଫଳ ପ୍ରତିରୋଧ କରିବାକୁ ସକ୍ଷମ ହୋଇଛି। ଏଥିଯୋଗୁଁ ରୁଷ୍-ୟୁକ୍ରେନ୍ ଯୁଦ୍ଧର ଶୀଘ୍ର ପରିସମାପ୍ତି ଆଶା କ୍ଷୀଣ ହୋଇଥିବା ବେଳେ ଉଭୟ ପକ୍ଷ ନିଜ ନିଜର ଜିଦ୍‌ରେ ଅଟଳ ରହିଛନ୍ତି। ଏହାରି ଭିତରେ ସାରା ବିଶ୍ୱକୁ ଚକିତ କଲାଭଳି ଏକ ଖବର ହସ୍ତଗତ ହୋଇଛି। ରୁଷ୍ ରାଷ୍ଟ୍ରପତି ପୁଟିନ୍ ୟୁକ୍ରେନ୍ ଉପରେ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରିବା ସହିତ ଆବଶ୍ୟକ ପଡ଼ିଲେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାକୁ ପ୍ରସ୍ତୁତି ଚଳାଇଥିବାର ଖବର ମିଳିଛି। ଏହି ଲକ୍ଷ୍ୟରେ ସେ ପରମାଣୁ ଅସ୍ତ୍ରର ବ୍ୟବହାର ପାଇଁ ଥିବା ନିୟମକୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ଦେଶ କୌଣସି ପରମାଣୁ ଶକ୍ତି ସମ୍ପନ୍ନ ଦେଶ ସହ ମିଶି ରୁଷ୍ ଉପରେ ଆକ୍ରମଣ କରେ, ତେବେ ସେଭଳି ସ୍ଥିତିରେ ମସ୍କୋ ମଧ୍ୟ ପରମାଣୁ ଅସ୍ତ୍ର ବ୍ୟବହାର କରିପାରିବ ବୋଲି ସଂଶୋଧିତ ନିୟମରେ ବ୍ୟବସ୍ଥା ରହିଛି। ଦୁଇଦିନ ପୂର୍ବେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ୍‌କୁ ରୁଷ ଭିତରେ ଦୂର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ମିସାଇଲ୍ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରିଥିଲେ। ଆମେରିକାର ଏହି ପଦକ୍ଷେପ ଯୋଗୁଁ ରୁଷ୍ ଅତ୍ୟଧିକ କ୍ରୋଧାନ୍ୱିତ ହୋଇ ପରମାଣୁ ଅସ୍ତ୍ର ପ୍ରୟୋଗ ଲାଗି ନିଷ୍ପତ୍ତି ନେଇଥିବାର କୁହାଯାଉଛି। ଯଦି ପ୍ରକୃତରେ ରୁଷ୍ ପକ୍ଷରୁ ପରମାଣୁ ଅସ୍ତ୍ର ବ୍ୟବହୃତ ହୁଏ ତେବେ ତୃତୀୟ ବିଶ୍ୱଯୁଦ୍ଧର କଳା ବାଦଲ ଘୋଟି ଆସିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ। ରୁଷ୍‌ର ପରମାଣୁ ପ୍ରସ୍ତୁତି ଖବର ପ୍ରଚାରିତ ହେବା ପରେ ନାଟୋ ଗୋଷ୍ଠୀ ଭୁକ୍ତ ୟୁରୋପୀୟ ଦେଶଗୁଡ଼ିକ ଛାନିଆ ହୋଇ ପଡିଥିବାର ଜଣାପଡିଛି। ଭୟଙ୍କର ଯୁଦ୍ଧର ସାମ୍ନା କରିବାକୁ ନାଟୋ ଦେଶଗୁଡ଼ିକ ଏହାର ନାଗରିକମାନଙ୍କୁ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। କେବଳ ସେତିକି ନୁହେଁ, ନିଜ ପାଖରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ, ପାନୀୟ ଓ ଅନ୍ୟାନ୍ୟ ଜରୁରି ସାମଗ୍ରୀ ଗଚ୍ଛିତ କରି ରଖିବାକୁ ମଧ୍ୟ ଲୋକଙ୍କୁ କୁହାଯାଇଛି। ଆମେରିକା ଠାରୁ ବଳ ପାଇ ୟୁକ୍ରେନ୍ ସୋମବାର ରାତିରେ ରୁଷ୍‌ର ଏକ ସାମରିକ ଡିପୋକୁ ଧ୍ୱଂସ କରିଦେଇଛି। ଆଗକୁ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଅଧିକ ଭୟଙ୍କର ହେବା ସଙ୍ଗେ ସଙ୍ଗେ ଏହା ସାରା ବିଶ୍ୱକୁ ବ୍ୟାପିବାର ଆଶଙ୍କା ରହିଛି। ରୁଷ୍-ୟୁକ୍ରେନ୍ ଯୁଦ୍ଧକୁ ତେଜାଇବାରେ ରାଷ୍ଟ୍ରପତି ବାଇଡେନ୍‌ଙ୍କ ଭୂମିକାକୁ ଆମେରିକାବାସୀ ଯେ ଆଦୌ ପସନ୍ଦ କରନ୍ତି ନାହିଁ, ତାହା ରାଷ୍ଟ୍ରପତି ନିର୍ବାଚନ ଫଳାଫଳରୁ ପ୍ରମାଣିତ ହୋଇଛି। ଏହାସତ୍ତ୍ୱେ ବିଦାୟ ମୁହୂର୍ତ୍ତରେ ମଧ୍ୟ ବାଇଡେନ୍ ଏହି ଯୁଦ୍ଧରେ ସକ୍ରିୟ ଅଂଶଗ୍ରହଣ ଓ ହସ୍ତକ୍ଷେପ କରିଚାଲିଥିବାର ଦେଖାଯାଉଛି। ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ଜାନୁଆରୀ ୨୦ ତାରିଖରେ ଦାୟିତ୍ୱ ଗ୍ରହଣ କରିବା ପରେ ଯୁଦ୍ଧର ଅନ୍ତ ଘଟାଇବା ଦିଗରେ ପ୍ରୟାସ ଆରମ୍ଭ କରିବେ ବୋଲି ଆଶା କରାଯାଉଛି।

# ଅବିସ୍ମରଣୀୟ ଜନନାୟକ ଡକ୍ଟର ମହତାବ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ସୃଜନଶୀଳତାର ସୁନାର ଫସଲ ଠାରୁ ରାଜନୀତିର କଣ୍ଟକିତ ପଥ, ସ୍ୱାଧୀନତା ସଂଗ୍ରାମର ଲେଲିହାନ ଶିଖାରୁ ସେବାର ବୃହତ୍ତର କ୍ଷେତ୍ର, ଜନଜାଗରଣ ଓ ସାଧନାର ମନ୍ତ୍ରୋଚାରଣରୁ ସାଫଲ୍ୟର ଶୀର୍ଷାରୋହଣ – ସବୁଠି ତାଙ୍କର ପାରିବାପଣିଆ, ଯଶ ଓ ଗାଥାର କାହାଣୀ। ସେ ହେଉଛନ୍ତି ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ। ଉତ୍କଳୀୟ ଜାତୀୟତାର ଆଦ୍ୟ ଜନ୍ମଦାତା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନାଦର୍ଶ, ଆଚାର୍ଯ୍ୟ ହରିହର ଓ କୃପାସିନ୍ଧୁ ମିଶ୍ରଙ୍କ ତ୍ୟାଗପୂତ ଜୀବନ ଏବଂ ନିତ୍ୟାନନ୍ଦ କାନୁନ୍‌ଗୋ, ନବକୃଷ୍ଣ ଚୌଧୁରୀ ଓ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ସାହଚର୍ଯ୍ୟ ତାଙ୍କୁ ବହୁଭାବରେ ପ୍ରଭାବିତ କରିଥିଲା। ସେହି ଆଦର୍ଶକୁ ପାଥେୟକରି ସେ କେବଳ ଆମ ରାଜ୍ୟ ନୁହେଁ ଭାରତର ଜଣେ ଆଗଧାଡିର ଜନନାୟକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ।

ହରେକୃଷ୍ଣ ମହତାବ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେ ଥିଲେ ଏକାଧାରରେ ଜଣେ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ସୁସାହିତ୍ୟିକ, ସୁଶାସକ, ଦକ୍ଷ ସମ୍ପାଦକ, ମହାନ୍ ଦେଶପ୍ରେମୀ, ଐତିହାସିକ, ସୁସଂଗଠକ ଓ ସର୍ବୋପରି ନବଉତ୍କଳର ନିର୍ମାତା। ଥରେ ଯାହା ସିଏ ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ କରି ଦେଖାଉଥିଲେ। ଏଥିରୁ ତାଙ୍କୁ କେହି ବିଚ୍ୟୁତ କରିପାରୁନଥିଲେ। ତାଙ୍କ ବ୍ୟତିରେକ ଓଡିଶା ରାଜନୀତିର କୌଣସି ସଂଜ୍ଞା, ସ୍ଥିତି ନାହିଁ। ସମସ୍ତ ଉଲ୍ଲେଖଯୋଗ୍ୟ ରାଜନୀତିକ ଉତ୍‌ଥାନ-ପତନରେ ତାଙ୍କର ହାତଥିବା ଅନେକ ବିଶ୍ୱାସ କରୁଥିଲେ। ସତରେ ସେ ଥିଲେ ଏକ ରାଜନୀତିକ ବିସ୍ମୟ, ଯାହାଙ୍କ ଚିନ୍ତାରେ, କଥାରେ, ଲେଖାରେ ଓ କାର୍ଯ୍ୟରେ ଗୋଟିଏ ଜାତିର ଶ୍ୱାସ-ପ୍ରଶ୍ୱାସ ଏମିତି ସ୍ପନ୍ଦିତ ହେଉଥିଲା। ସେ ଖାଲି ଜଣେ ବ୍ୟକ୍ତି ବିଶେଷ ନଥିଲେ, ଥିଲେ ଏକ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ।

ଡକ୍ଟର ମହତାବଙ୍କ କର୍ମମୟ, ସଂଗ୍ରାମୀ ଓ ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ ଥିଲା। ନିଜର ଅସାଧାରଣ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ଯୋଗୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ୧୯୨୪ ମସିହାରୁ ୧୯୭୪ ମସିହା ପର୍ଯ୍ୟନ୍ତ ଓଡ଼ିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ। ୧୯୩୭ ମସିହାରେ ରାଜ୍ୟ କଂଗ୍ରେସର ସଭାପତି ଭାବେ ସଂଗଠନରେ ପାଦ ଥାପିଥିଲେ ସେ। ପରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତି ସଭ୍ୟରୂପେ ତାଙ୍କୁ ମନୋନୀତ କରାଯାଇଥିଲା। ଏହି ସମୟରେ ନିଜର ଅପୂର୍ବ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୧୯୪୬ରୁ ୧୯୫୦ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ପ୍ରଧାନମନ୍ତ୍ରୀ ପରେ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୫୬ ମସିହାରେ ଦ୍ୱିତୀୟ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ୧୯୬୧ ମସିହା ପର୍ଯ୍ୟନ୍ତ ସେଥିରେ ଅବସ୍ଥାପିତ ହୋଇଥିଲେ। ସେହିପରି ୧୯୫୦ ମସିହାରୁ ୧୯୫୨ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ରୂପେ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଇଥିଲେ। ୧୯୫୫-୧୯୫୬ ମସିହାରେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଡକ୍ଟର ମହତାବ ହିଁ ଲାଭ କରିଥିଲେ। ୧୯୬୨ ମସିହାରେ ଯେଉଁ ତିନିଜଣ ସଦସ୍ୟ ଅପ୍ରତିଦ୍ୱନ୍ଦୀ ଭାବରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ତନ୍ମଧ୍ୟରୁ ମହତାବ ଥିଲେ ଜଣେ। ସେହିପରି ୧୯୬୬ ମସିହାରେ କଂଗ୍ରେସ ଦଳ ତ୍ୟାଗ ପରେ ୧୯୬୭,୧୯୭୧ ଓ ୧୯୭୪ ମସିହାରେ ସେ ମଧ୍ୟ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ।




ମହତାବଙ୍କ ଶାସନକାଳ ଓଡ଼ିଶା ପାଇଁ ଏକ ସୁବର୍ଣ୍ଣଯୁଗ ଥିଲା କହିଲେ ଭୁଲ୍ ହେବ ନାହିଁ। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲା। ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଗଡଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡ଼ିଶା ଟେକ୍ସଟାଇଲ୍ ମିଲ୍, କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠାରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି ବି ଉଚ୍ଚ ପ୍ରଶଂସିତ। ବିଶେଷ କରି ଓଡ଼ିଶାକୁ ମହତାବଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଉଛି ହୀରାକୁଦ ବନ୍ଧ। ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ଦିଗରେ ମହତାବ ଆଶୁ ପଦକ୍ଷେପ ନେଲେ। ସୁପ୍ରିମକୋର୍ଟର ସେତେବେଳର ପ୍ରଧାନ ବିଚାରପତିଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ଓଡ଼ିଶାରେ ଖେଳ କସରତକୁ ପ୍ରୋତ୍ସାହନ ଦେବା ପାଇଁ ମହତାବଙ୍କ ଅବଦାନ ବହୁତ ବେଶୀ। ଓଡ଼ିଶା ଅଲମ୍ପିକ ଆସୋସିଏସନ୍ ତାଙ୍କ ଉଦ୍ୟମରେ ଗଠିତ ହୋଇଥିଲା। ସେ ଶେଷ ପର୍ଯ୍ୟନ୍ତ ତା'ର ସଭାପତି ଥିଲେ। ବାରବାଟୀ ଷ୍ଟାଡିୟମ୍ ନିର୍ମାଣରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

ରାଜନୀତି ଓ ସାହିତ୍ୟ ସାଧନା ସହିତ ମହତାବ ସାମ୍ବାଦିକତାକୁ ନିଜ ଜୀବନର ଅଙ୍ଗ ବୋଲି ଭାବି ନେଇଥିଲେ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ "ପ୍ରଜାତନ୍ତ୍ର"। ୧୯୨୩ ମସିହାରେ ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶ ପାଇବା ପରେ ୧୯୪୬ ମସିହାଠାରୁ ଏହା ଦୈନିକ ପ୍ରକାଶ ପାଇଆସୁଅଛି। ପ୍ରଜାତନ୍ତ୍ରର ବହୁ ବିଭାଗ ଦେଖିବାକୁ ମିଳେ। ଏହାର ଆଉ ଏକ ଆକର୍ଷଣୀୟ ବିଭାଗ ଥିଲା ଗାଁ -ମଜଲିସ୍। ଏହାକୁ ମହତାବ ନିଜେ ଲେଖୁଥିଲେ। ଏଥିରେ ଦୁଃଖୀ, ଦରିଦ୍ର, ଶୋଷିତ ଜନସାଧାରଣଙ୍କ ପାଇଁ ସମବେଦନାର ଉଚ୍ଛ୍ୱାସ ଦେଖିବାକୁ ମିଳୁଥିଲା। ଏତଦ୍‌ବ୍ୟତିତ ଶିଶୁପତ୍ରିକା ମୀନାବଜାର ଓ ଝଙ୍କାରର ସେ ସ୍ରଷ୍ଟା ଥିଲେ। ପ୍ରଜାତନ୍ତ୍ର ପ୍ରଚାର ସମିତିର ସଭାପତି ଥାଇ ସେ ସାରସ୍ୱତ ବିଷୁବ ମିଳନର ପରିକଳ୍ପନା କରିଥିଲେ। ପ୍ରତିବର୍ଷ ଏହି ଉତ୍ସବରେ କବି, ଲେଖକ ଓ ସାହିତ୍ୟିକମାନେ ସମ୍ବର୍ଦ୍ଧିତ ହେଉଛନ୍ତି। ଏବେ ମଧ୍ୟ ବିଷୁବ ମିଳନ ସମାରୋହରେ ତାଙ୍କ ଶୂନ୍ୟତା ବେଶ୍ ବାରିହୋଇ ପଡ଼େ।

ମହତାବଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ଅନୁରାଗ ଥିଲା। ସେ ଥିଲେ ଜଣେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ। ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଲେଖନୀ ଚାଳନାରୁ ସେ ବିରତ ହୋଇନଥିଲେ। ତାଙ୍କର ପ୍ରବନ୍ଧଗୁଡିକ ଯେପରି ଭାବୋଦ୍ଦୀପକ, ତାଙ୍କ ଉପନ୍ୟାସଗୁଡିକ ସେପରି ପ୍ରାଣବନ୍ତ ଥିଲା। ଏଥିସହିତ ଗଳ୍ପ, ଏକାଙ୍କିକା ଓ କାବ୍ୟ କବିତା ଲେଖିବାରେ ସେ ମାହିର ଥିଲେ। ତାଙ୍କର ପ୍ରକାଶିତ ଉପନ୍ୟାସ ଗୁଡିକ ହେଲା ପ୍ରତିଭା, ଅବ୍ୟାପାର, ନୂତନ ଧର୍ମ, ଟାଉଟର, ତୃତୀୟ ପର୍ବ ଓ ୧୯୭୫। ପ୍ରବନ୍ଧଗୁଡିକ ଭିତରେ ରହିଛି ସମାଜ ଉପରେ ସାହିତ୍ୟର ପ୍ରଭାବ, ହଜାରେ ବର୍ଷରେ ଓଡ଼ିଆ ସାହିତ୍ୟ, ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଅବଦାନ, ଗୀତା ଓ ଜନତା ଓ ସାହିତ୍ୟ ଓ ରାଜନୀତି। ବହୁ ବିଶିଷ୍ଟ ଲୋକଙ୍କ ପରି ସେ ଆତ୍ମଜୀବନୀ ଲେଖିଛନ୍ତି – 'ସାଧନାର ପଥେ'। ଏହା ଉଚ୍ଚକୋଟୀର ଆତ୍ମଜୀବନୀ। ବିଶେଷକରି ତାଙ୍କ ରଚିତ 'ଓଡ଼ିଶା ଇତିହାସ' ଏକ ଅନନ୍ୟ ସୃଷ୍ଟି ଯାହା ଭବିଷ୍ୟତ ଗବେଷକମାନଙ୍କୁ ଯୁଗଯୁଗ ଧରି ପ୍ରେରଣା ଦେଇଆସୁଥିବ। ଐତିହାସିକ ମଜୁମ୍‌ଦାରଙ୍କ ଭାଷାରେ ଓଡ଼ିଆ ଭାଷାରେ ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଯେଉଁ କେତୋଟି ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହୋଇଛି, ତନ୍ମଧ୍ୟରୁ 'ଓଡ଼ିଶା ଇତିହାସ' ଶ୍ରେଷ୍ଠ ଗ୍ରନ୍ଥ। ଏଥିପାଇଁ ୧୯୫୦ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୫୮ ମସିହାରେ ସାଗର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡି.ଲିଟ୍. ଉପାଧିରେ ଭୂଷିତ କରିଥିଲେ।

ଡକ୍ଟର ମହତାବଙ୍କ ଜନ୍ମ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ, ମୃତ୍ୟୁ ୧୯୮୭ ମସିହା ଜାନୁୟାରୀ ୨ ତାରିଖରେ। ହରେକୃଷ୍ଣ ମହତାବ ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ଓଡ଼ିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜନମାନସରେ ସେ ଚିରଦିନ ସ୍ମରଣୀୟ ହୋଇରହିବେ।

# ମନ - ବନ୍ଧନ ଓ ମୁକ୍ତି

ରବିନାରାୟଣ ପଣ୍ଡା
ମଠସାହି, ଭଦ୍ରକ
ମୋ: ୯୪୩୭୦୧୭୮୫୭

ଯେତେବେଳେ ମନ ବସ୍ତୁ ସହିତ ଯୋଡ଼ି ହୋଇଯାଏ ସେତେବେଳେ ମନୁଷ୍ୟ ବନ୍ଧନ ଭିତରେ ବାନ୍ଧି ହୋଇଯାଏ। ସେହି ମନ ଯେତେବେଳେ ବସ୍ତୁ ଠାରୁ ମୁକ୍ତ ହୋଇଯାଏ ମନୁଷ୍ୟ ମୁକ୍ତି ପାଇଯାଏ। ବନ୍ଧନ ଓ ମୁକ୍ତି ଉଭୟ ମନର ଖେଳ। 'ମନରେ ମୂଳେ ଏ ଜଗତ'। ଅନେକ ସମୟରେ କ୍ଷଣିକ ବସ୍ତୁକୁ ମନ ସତ୍ୟ ବୋଲି ବିବେଚନା କରିନିଏ ଏବଂ ତାହାରି ପଛରେ ଧାବମାନ ହୁଏ।

ଭଗବତ ଗୀତାରେ ମନକୁ କ୍ଷଣିକ ଓ ଅସ୍ଥିର ଭାବରେ ବିବେଚନା କରାଯାଇଛି। ମହାଭାରତରେ ଯୁଧିଷ୍ଠିର ଏହାର ଗତି ସଂସାରେ ସବୁଠାରୁ ତୀବ୍ର ବୋଲି ବର୍ଣ୍ଣନା କରିଛନ୍ତି। ଏହି ତୀବ୍ରତା କାରଣରୁ ସାମାନ୍ୟ ସମୟରେ ମନ ବୁଦ୍ଧି ଦ୍ୱାରା ବସ୍ତୁ ସଂଗ୍ରହ ପାଇଁ ଅନେକ ତର୍କ ପ୍ରସ୍ତୁତ କରିନିଏ। ମନ ଜଗତର ସମସ୍ତ ବସ୍ତୁକୁ ଉପଯୋଗ କରିବାରେ ସକ୍ଷମ ହୋଇଯାଏ। ଜଗତରେ ବସ୍ତୁକୁ ଆଧାର କରି ମନ ଅନେକ ରଚନା ଆରମ୍ଭ କରେ। ବୁଢିଆଣୀ ଜାଲ ବୁଣିଲା ଭଳି ସଂସାର ନିର୍ମାଣ କରିଯାଏ। କେବେ କେବେ ଦିନରେ ବି ସ୍ୱପ୍ନ ଦେଖେଇବା ଆରମ୍ଭ କରିଦିଏ।

ଏପରିକି ପଦାର୍ଥ ବିଜ୍ଞାନର ଗବେଷକ ମଧ୍ୟ ଏହି ମନର ଖେଳରୁ ବର୍ତ୍ତି ପାରନ୍ତି ନାହିଁ। ସେମାନେ ଗବେଷଣାଗାରରେ ନିୟମିତ ବସ୍ତୁ ଭିତରେ ଥିବା ଅଣୁ, ପରମାଣୁ, ବୈଦ୍ୟୁତିକ କଣିକା ଓ ଚୁମ୍ବକୀୟ ତରଙ୍ଗ ଦେଖୁଛନ୍ତି। ସେମାନଙ୍କୁ ଭଲ ଭାବରେ ଜଣାଅଛି ସତ୍ୟ ହେଉଛି ଐଶ୍ୱରୀୟ କଣିକା (god particle)। ସମ୍ପୂର୍ଣ୍ଣ ବିଶ୍ୱ ଏକ ଚୁମ୍ବକୀୟ ବଳୟ। ବସ୍ତୁରୁ ଶକ୍ତିକୁ ଏବଂ ଶକ୍ତିରୁ ବସ୍ତୁକୁ ରୂପାନ୍ତରିତ ହେବାର ପ୍ରକ୍ରିୟା ପ୍ରାଞ୍ଜଳ ଭାବରେ ସେମାନେ ସମସ୍ତଙ୍କୁ ବୁଝାଉଛନ୍ତି କିନ୍ତୁ ସଂସାର ଚକ୍ରରେ ବସ୍ତୁକୁ ସତ୍ୟ ବିଚାର କରି ସେହି ଅନୁରୂପ ବ୍ୟବହାର କରୁଛନ୍ତି। ବସ୍ତୁର ଆକର୍ଷଣକୁ ସ୍ୱୀକାର କରିନେଉଛନ୍ତି।

ମନ ତାର ଆକର୍ଷଣ ଶକ୍ତି ଦ୍ୱାରା ବିବେକ ଓ ଚେତନାକୁ ଏପରି ପ୍ରଭାବିତ କରି ରଖିଥାଏ ଯେ ଜ୍ଞାନ ବା ତତ୍ତ୍ୱ ବ୍ୟବହାରରେ ଆସିପାରେ ନାହିଁ। ଅଜ୍ଞାନ ଓ ମନ ଭିତରେ ଥିବା ଦୃଢ ସମନ୍ୱୟ ଏପରି ପ୍ରହେଳିକା ନିରନ୍ତର ପ୍ରସ୍ତୁତ କରୁଥାଏ। ମନ ଇନ୍ଦ୍ରିୟମାନଙ୍କ ଦ୍ୱାରା ଶରୀରକୁ ବଶୀଭୂତ କରିନିଏ। ଯାହା ସତ୍ୟର ଗତିରୋଧ କରିବାକୁ ସମର୍ଥ ହୋଇଯାଏ। ଆତ୍ମାର ଅସୀମିତ ଶକ୍ତିକୁ ଭରସା ନକରି ମନୁଷ୍ୟ ମନ ଉପରେ ନିର୍ଭରଶୀଳ ହୋଇଯାଏ। ମନ ଜୀବକୁ ପ୍ରଭାବିତ କରି ବୁଦ୍ଧି ଓ ଶରୀରକୁ ସତ୍ୟ ଭାବରେ ଗ୍ରହଣ କରିନିଏ। ଶରୀର ମାଧ୍ୟମରେ ଓ ଶରୀର ପାଇଁ କ୍ରିୟା କରିଚାଲେ। ମନ ଓ ଜୀବ ଭିତରେ ଏକ ସ୍ୱାଭାବିକ ବନ୍ଧୁତ୍ୱ ଭାବ ନିର୍ମାଣ ହୋଇଯାଏ। ଆତ୍ମାର ଶକ୍ତି ଓ ସାମର୍ଥ୍ୟକୁ ଗୌଣ କିମ୍ବା ଉପେକ୍ଷା କରିଚାଲେ। ଅନେକ ସମୟରେ ଜ୍ଞାନ ମଧ୍ୟ ଏହି ଦୃଢ଼ କବଚକୁ ଭାଙ୍ଗି ଆତ୍ମଚେତନାକୁ ପ୍ରକାଶିତ କରିପାରେ ନାହିଁ।

ମନକୁ ନିୟନ୍ତ୍ରିତ କରି ତତ୍ତ୍ୱ ଅନୁରୂପ ବ୍ୟବହାର ଅନେକ ସମୟରେ ସମ୍ଭବ ହୁଏନାହିଁ। ମନୁଷ୍ୟ ମନ ବସ୍ତୁକୁ ଆଧାର କରି ଗୋଟିଏ ପରେ ଗୋଟିଏ ଭବନ ବର୍ଷ ବର୍ଷ ଧରି ନିର୍ମାଣ କରୁଥାଏ। ଯାହାକୁ ଜୀବନର ପ୍ରକ୍ରିୟା ଭାବେ ଗ୍ରହଣ କରି ମନୁଷ୍ୟ ତା'ର ଦିନ, ମାସ, ବର୍ଷ ଭଳି ଦୁର୍ଲଭ ସମୟକୁ ବ୍ୟୟ କରି ଚାଲିଥାଏ। ମନ ନିୟନ୍ତ୍ରିତ କ୍ରିୟା ଏପରି ସ୍ୱଭାବ ସୁଲ୍ଲଭ ହୋଇଯାଏ ଯେ ତା'ର ବିଶ୍ଳେଷଣ କରିବା ସମ୍ଭବ ହୁଏ ନାହିଁ।

ମନର ବସ୍ତୁ ପ୍ରତି ଆକର୍ଷଣ କାରଣରୁ ଜୀବ ଭିତରେ ଭେଦ ବୁଦ୍ଧି ଉଦ୍ରେକ ହୁଏ। ଏହା ମୋର ତାହା ତାର ଏପରି ବିବେଚନା କରି ବସ୍ତୁ ସରଂକ୍ଷଣ କାର୍ଯ୍ୟକୁ ଜୀବ ପ୍ରାଧାନ୍ୟ ଦିଏ। ଶାସ୍ତ୍ରରେ ଏହାକୁ ବସ୍ତୁ ସଂଗ୍ରହ ଦୋଷ କୁହାଯାଏ। ବସ୍ତୁପ୍ରତି ଆକର୍ଷଣ ମୁକ୍ତିର ମାର୍ଗକୁ ସଂକୀର୍ଣ୍ଣ କରି ବନ୍ଧନକୁ ଅଧିକ ମଜବୁତ କରିଦିଏ। ଜୀବ ଆତ୍ମା ଓ ପରମାତ୍ମା ଭିତରେ ଥିବା ସମ୍ପର୍କକୁ ଭୁଲି ଯାଏ। ଅସୀମ ସତା ସହିତ ସମ୍ପର୍କ ନଷ୍ଟ ହୋଇଯାଏ। ନିଜକୁ ବାହାର ଦୁନିଆ ଠାରୁ ପୃଥକ କରିବା ଆରମ୍ଭ କରେ। ନିଜର ନୂତନ ପରିଚୟ ନିର୍ମାଣ କରିବା କାର୍ଯ୍ୟରେ ମନ ବୁଦ୍ଧିକୁ ନିୟୋଜିତ କରିଦିଏ। ନୂତନ ପରିଚୟ ସହିତ ଅସ୍ମିତା ବା ଅହଂକାର ନିର୍ମାଣ ହୋଇଯାଏ। ଅହଂକାର ସୁଖ ଓ ଦୁଃଖର ରସ ଆସ୍ୱାଦନ କରେ। କ୍ଳେଶ ମନର ଏକ ସ୍ୱଉପାର୍ଜିତ ଫଳ ବୋଲି ବିବେଚନା କାରାଯାଇପାରେ। ମନରୁ ବନ୍ଧନ, ବନ୍ଧନରୁ ପରିଚୟ, ପରିଚୟରୁ ଅହଂକାର, ଅହଂକାରରୁ କ୍ଳେଶ ଏପରି ଏକ ଚକ୍ର ଭିତରେ ଆମେ ପଡିଯାଆନ୍ତି। ଠିକ୍ ଯେପରି ରେଶମ କୀଟ ନିଜ ଦ୍ୱାରା ତିଆରି ହୋଇଥିବା ସୂତାରେ ନିଜେ ବାନ୍ଧି ହୋଇଯାଏ। ଶେଷରେ ତାରି ଭିତରେ ଜୀବନ ତ୍ୟାଗ କରେ। ଠିକ୍ ସେହିପରି ମନ ଦ୍ୱାରା ତିଆରି ହୋଇଥିବା ଅବିଦ୍ୟାର ଭଉଁରୀ ଭିତରେ ଜୀବ ଛନ୍ଦି ହୋଇ ପ୍ରାଣ ତ୍ୟାଗ କରେ। ବେଦାନ୍ତରେ ଏହାକୁ 'ତାଦାତ୍ମ' ବୋଲି କୁହାଯାଏ।

ମନ ହିଁ ଅବିଦ୍ୟା। ମନ ସ୍ଥିର ହୋଇଗଲେ ଆକର୍ଷଣ ସମାପ୍ତ ହୋଇଯିବ ଓ ସଂସାର ସୁପ୍ତ ହୋଇଯିବ। ମନ ଜାଗ୍ରତ ହେଲେ ଆକର୍ଷଣ ଆରମ୍ଭ ହେବ ଓ ସଂସାର ଜାଗ୍ରତ ହେବ। ମନ ଓ ବନ୍ଧନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ସେଥିପାଇଁ ଯୋଗ ଦର୍ଶନରେ 'ଚିତବୃତି ନିରୋଧ' ପାଇଁ କୁହାଯାଇଛି। ରାମକୃଷ୍ଣ ପରମହଂସଙ୍କ ଏକ ପ୍ରସିଦ୍ଧ ଉକ୍ତି ଅଛି 'ମନକି ଖେଳରେ ବାବା'। ମନକୁ ନିୟନ୍ତ୍ରଣ କଲେ ହିଁ ଜୀବ ମୁକ୍ତିର ମାର୍ଗ ପାଇପାରିବ।

# ଆମେ ବଞ୍ଚିବୁ କେମିତି ?



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ: ୯୯୩୭୧୭୪୦୯୭

ଈଶ୍ୱରଙ୍କ ସୃଷ୍ଟିରେ ଯାହାର ଜୀବନ ଅଛି ତାହାର ବଞ୍ଚିବାର ଅଧିକାର ମଧ୍ୟ ଅଛି, ବୃକ୍ଷ-ଲତା, କୀଟ-ପତଙ୍ଗ ଠାରୁ ଆରମ୍ଭ କରି ମନୁଷ୍ୟ ପଶୁ-ପକ୍ଷୀ, ଜଳଚର ଜୀବ-ଜନ୍ତୁ ସମସ୍ତେ ନିଜ ନିଜ ସାଧ ମତେ ବଞ୍ଚିବାର ପଥ ନିର୍ଦ୍ଧାରଣ କରି ନେଇଥା'ନ୍ତି । ତେବେ ଏହି ବଞ୍ଚିବା ପାଇଁ ବା ଜୀବନ ଧାରଣ କରିବା ପାଇଁ ସମସ୍ତଙ୍କୁ ଅନେକ ସଂଗ୍ରାମ କରିବାକୁ ପଡିଥାଏ, ମନୁଷ୍ୟ ପରି ଅତି ବୁଦ୍ଧିମାନ ପ୍ରାଣୀ ନିଜର ସ୍ୱାର୍ଥ ନିମନ୍ତେ ଅନେକ ଈଶ୍ୱର ପ୍ରଦତ୍ତ ଜୀବନ ନଷ୍ଟ କରି ନିଜର ସ୍ୱାର୍ଥ ସାଧନ ସହିତ ଉନ୍ନତ ଜୀବନ ଶୈଳୀକୁ ଆପଣାଇ ନେଇଥାଏ। ଏହା କହିବା ବାହୁଲ୍ୟ ଯେ ବୁଦ୍ଧି ଯାହାର ଯେତେ ଅଧିକ ସେ ସେତେ ସୁନ୍ଦର ଜୀବନଯାପନ କରିପାରିବ, ତେବେ ବିଭିନ୍ନ ଦେଶର ଆଇନ କାନୁନ ଅଛି, ତେଣୁ ସ୍ୱେଚ୍ଛାଚାରିତା ତ' ଆଉ ଚାଲିବ ନାହିଁ ତେଣୁ କିଛି ବ୍ୟକ୍ତି ସୁଯୋଗ ଉଣ୍ଡି ଗଳା ବାଟ ଦେଇ କିଛି ନିୟମ ବିରୁଦ୍ଧ କାର୍ଯ୍ୟ କରି ଉନ୍ନତଶୈଳୀରେ ବଞ୍ଚିବାର ପ୍ରୟାସ ଜାରି ରଖି ଥା'ନ୍ତି। ଯେତେବେଳେ ଧରପଗଡ଼ ହୁଏ ସେହି ଜାତୀୟ ବ୍ୟକ୍ତି ବିଶେଷମାନେ ରାଜରାସ୍ତାକୁ ଓହ୍ଲେଇ 'ଆମେ କେମିତି ବଞ୍ଚିବୁ ?'ର ନାରା ଲଗାଇ ଥା'ନ୍ତି। ଆସନ୍ତୁ ଏହି ବିଷୟରେ କିଛି ଆଲୋଚନା କରିବା।

ଭାରତ ପରି ଗଣତନ୍ତ୍ର ଦେଶରେ 'ଆମେ କେମିତି ବଞ୍ଚିବୁ? ଆମକୁ ଥଇଥାନ ଦରକାର, ସରକାର ଆମ ଦାବି ମାନି ନିଅ, ନହେଲେ ନିଆଁ ଜଳିବ, ରାସ୍ତା ଅବରୋଧ ହେବ, ଏହାର କୁପରିଣାମ ଦ୍ୱାରା ଅନେକ ଧନ ଜୀବନ ନଷ୍ଟ ହେବାର ନଜିର ମଧ୍ୟ ଦିଆଯାଇ ପାରେ। ତେବେ ଏମାନେ କିଏ ? କ'ଣ ତାଙ୍କର ଦାବି ? ସରକାର କାହିଁକି ମାନି ନେବେ ? ଏଠାରେ ନିୟମ କାର୍ଯ୍ୟକାରୀ ହେବ ନା ଭୋଟ ବ୍ୟାଙ୍କ କାର୍ଯ୍ୟକାରୀ ହେବ ? ହୁଏତ କିଛି ବ୍ୟକ୍ତି କହିପାରନ୍ତି ଜୀବନ ଜୀବିକା ନିମନ୍ତେ ମାନବିକତା ଆଇନ କାନୁନ ଠାରୁ ଊର୍ଦ୍ଧ୍ୱରେ, ହଁ ତାହା ମଧ୍ୟ ଏକ ପ୍ରକାର ବଳିଷ୍ଠ ଯୁକ୍ତି ହୋଇପାରେ। କିଛି ଉଦାହରଣ ମାଧ୍ୟମରେ ଆଲୋଚିତ ବିଷୟ ଉପରେ ରେଖାପାତ କରାଯାଇ ପାରେ – (୧) ସରକାର ଶବ୍ଦ ପ୍ରଦୂଷଣ ନିମନ୍ତେ ଡି.ଜେ ସମ୍ପୂର୍ଣ୍ଣ ବନ୍ଦ କରିନଥିଲେ ମଧ୍ୟ ୬୫ ଡି.ବି ଶବ୍ଦ ଉତ୍ପନ୍ନ ତଥା ଭାଇବ୍ରେଟର୍ ଉପରେ ରୋକ୍ ଲଗାଇଲେ। ଏଥିରେ ଡି.ଜେ ମାଲିକମାନେ କହିଲେ ଆମେ କେମିତି ବଞ୍ଚିବୁ ? ଭାଇମାନେ ଗତ ୨୦/୨୫ ବର୍ଷ ତଳେ କ'ଣ ଡି.ଜେ ଥିଲା କି ? ପୁଣି ଆପଣମାନେ ବଞ୍ଚୁଥିଲେ ନା ନାହିଁ ? ଅତ୍ୟଧିକ ଉପାର୍ଜନ ତଥା ସରକାରୀ ନିୟମକୁ ନମାନିବାକୁ ଏମାନେ ଏକ ପ୍ରକାର ଆହ୍ୱାନ ଦେଉଛନ୍ତି । (୨)ଅଟୋ ଚାଳକ ଅନ୍ୟ ରାଜ୍ୟ ପରି ନିୟମରେ ଓଡ଼ିଶାରେ ଅଟୋ ଚଳାଇବାକୁ ନାରାଜ, ଓଭର ଲୋଡ୍ ଯାତ୍ରୀ ନେବେ କହିଲେ କହିବେ 'ଆମେ ବଞ୍ଚିବୁ କେମିତି ? ଦୁର୍ଘଟଣା ହେଲେ ସରକାର ବୁଝିବେ, ଭାଇମାନେ ଅନ୍ୟ ସ୍ଥାନରେ/ ସହରରେ ଅଟୋ ଚାଳକ ବଞ୍ଚୁଛନ୍ତି କେମିତି ଟିକେ ଯାଇ ଦେଖି ଆସ, ସରକାରଙ୍କୁ ବୋଧ ହୁଏ ଏମାନେ ଏକ ଖୋଲା ଆହ୍ୱାନ ଦେଉଛନ୍ତି ବୋଲି ମନେ ହୁଏ। (୩)ସରକାରୀ ଜମିରେ ପ୍ରଥମେ ପ୍ଲାଷ୍ଟିକ୍ ଜରି, ପରେ ଇଟା ସିମେଣ୍ଟ କଂକ୍ରିଟ୍ ଘର କରି ରହିବେ ଏବଂ ସରକାରୀ/ବେସରକାରୀ ଦଲାଲମାନେ ଟଙ୍କା ନେଇ ସେମାନଙ୍କୁ ଅନୁମତି ଦେବେ, ବିଜୁଳି, ପାଣି କଳ, ଗ୍ୟାସ ସଂଯୋଗ ଦେବେ, ସରକାର ଯେତେ ବେଳେ ସର୍ବ ସାଧାରଣଙ୍କ କାର୍ଯ୍ୟ ନିମନ୍ତେ ସେମାନଙ୍କୁ ଉଠାଇବାକୁ ଚେଷ୍ଟା କରିବେ ସେତେବେଳେ ସେମାନେ 'ଥଇଥାନ' ଶବ୍ଦ ଉଚ୍ଚାରଣ କରି ହରତାଳ କରିବେ, କିଛି ନେତା ମଧ୍ୟ ଭୋଟ୍ ବ୍ୟାଙ୍କ ପାଇଁ ତାଙ୍କ ସହିତ ସାମିଲ ହୋଇଯିବେ। ଭୋଟ୍ ବ୍ୟାଙ୍କ ଭୟରେ ସରକାର ମାଗଣାରେ ସେମାନଙ୍କୁ ଜମି, ଘର ଯୋଗାଇ ଦେଉଛନ୍ତି। ଜଣେ ନିଷ୍ଠାବାନ ବ୍ୟକ୍ତି ସାରା ଜୀବନ କଷ୍ଟ ଅର୍ଜିତ ଧନରେ ଜାଗାଟିଏ କିଣିପାରୁ ନଥିବା ସମୟରେ ଏପରି ଗୋଷ୍ଠୀଙ୍କୁ କାହିଁକି ସରକାର ମାଗଣାରେ ଜମି ଦେଉଛନ୍ତି ? (୪) ରଙ୍ଗଶାଳା ବା ବାର୍ ଡ୍ୟାନ୍ସର୍ ମାନେ ଅନୈତିକ ଭାବେ ଆଇନକୁ ଆଖି ଠାର ମାରି ନୃତ୍ୟ ପରିବେଷଣ କରି ଭଲ ରୋଜଗାର କରୁଛନ୍ତି, କିନ୍ତୁ ଏହାଦ୍ୱାରା ସମାଜର କେତେ କ୍ଷତି ହେଉଛି ତାହା ହୁଏତ ସେମାନେ ଜାଣିପାରୁ ନାହାନ୍ତି। ନିୟମ ଅନୁସାରେ ଏହି ପ୍ରଥା ବନ୍ଦ କରିଦେବା ପରେ ସେମାନେ କହିଲେ 'ଆମେ ବଞ୍ଚିବୁ କେମିତି ?' ଭଉଣୀମାନେ ଏହା ପୂର୍ବରୁ ଆପଣମାନେ କେମିତି ବଞ୍ଚୁଥିଲେ ? ବଞ୍ଚିବା ନିମନ୍ତେ ବାର୍ ଗାର୍ଲ ନହୋଇ ଅନ୍ୟ ପନ୍ଥା ମଧ୍ୟ ଉପଲବ୍ଧ। ତେଣୁ ଚେଷ୍ଟା କରନ୍ତୁ ଭଗବାନଙ୍କ ଦୁନିଆରେ ନିଶ୍ଚିତ ଭଲ ଭାବେ ବଞ୍ଚି ପାରିବେ। (୫) ଉଠା ଦୋକାନୀମାନେ ଲୋକଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି ନିମନ୍ତେ ସଡ଼କ, ଫୁଟପାଥ୍ ଉପରେ ବ୍ୟବସାୟ କରି ଆସୁଛନ୍ତି ଯାହାକି ନିୟମ ବିରୁଦ୍ଧ, ଯଦି ଟ୍ରାଫିକ୍ ଜାମ୍ ପାଇଁ ସରକାର ସେମାନଙ୍କୁ ଉଠାଇ ଦେଲେ ତେବେ ସେମାନେ 'ଆମେ ବଞ୍ଚିବୁ କେମିତି ?' ନାରା ଲଗାଇ ହରତାଳ କରୁଛନ୍ତି । ଭାଇ ଭଉଣୀମାନେ ଅନଧିକାର ଭାବେ ସରକାରୀ ସ୍ଥାନରେ ଆପଣମାନେ ଯଦି ବ୍ୟବସାୟ କରିବେ, କ୍ରେତାମାନେ ଗାଡି ମଟର ଧରି ରାସ୍ତା ଅବରୋଧ କରିବେ ତେବେ ଆମ୍ବୁଲାନ୍ସ, ଦମକଳ ଗାଡ଼ିଟିଏ ମଧ୍ୟ ଯାତାୟାତ କରିବାରେ ବ୍ୟାଘାତ ସୃଷ୍ଟି ହୁଏ, ସେକଥା ଆପଣ ମାନେ ଭୁଲି ଯା'ନ୍ତୁ ନାହିଁ । (୬) ବେପରୁଆ ଭାବେ ନିଶା ଦ୍ରବ୍ୟ ସର୍ବସାଧାରଣ ସ୍ଥାନରେ ବିକ୍ରି କରିବାକୁ ଯଦି ବିରୋଧ କରାଯାଏ ତେବେ ସେମାନଙ୍କ ନାଲି ଆଖି ଦେଖି ସରକାର ମଧ୍ୟ ଭୟଭୀତ ହୁଅନ୍ତି। (୭) ସ୍ପା, ବ୍ୟୁଟି ପାର୍ଲର୍ ନାମରେ ଦେହ ବ୍ୟବସାୟ ଚଳାଉଥିବା କେତୋଟି ସଂସ୍ଥା ଅଛନ୍ତି ତାଙ୍କ ଉପରେ ଯଦି ଅଙ୍କୁଶ ଲାଗିଲା ତେବେ ସେମାନେ କହୁଛନ୍ତି 'ଆମେ ବଞ୍ଚିବା କେମିତି ? (୮) ଭିକାରି ହଟାଓ କାର୍ଯ୍ୟକ୍ରମରେ ଯଦି ସରକାର କିଛି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତେବେ ଭିକାରି ଦଳ ମନ୍ଦିର, ମସଜିଦ୍ ଗୁରୁଦ୍ୱାରା ତଥା ଜନଗହଳି ସ୍ଥାନରେ ହରତାଳ କରିବାକୁ କିଛି ଦଲାଲଙ୍କ ଜରିଆରେ ପ୍ରୋତ୍ସାହନ ପାଉଛନ୍ତି। (୯) ପରିବହନ ସଂସ୍ଥା ଆବଶ୍ୟକତା ଠାରୁ ଢେର ଅଧିକ ଯାତ୍ରୀ ବିପଦ ସଂକୁଳ ଅବସ୍ଥାରେ ପରିବହନ କରୁଛନ୍ତି ଏହାକୁ ବିରୋଧ କଲେ 'ଆମେ ବଞ୍ଚିବୁ କେମିତି ?' ଜଳରେ ଚାଲୁଥିବା ଡଙ୍ଗା/ବୋଟ୍ ଇତ୍ୟାଦିର ଅବସ୍ଥା ମଧ୍ୟ ଏକପ୍ରକାର। (୧୦) ବେଶ୍ୟାଳୟ ଉଚ୍ଛେଦ ସମୟରେ ମଧ୍ୟ 'ଆମେ ବଞ୍ଚିବୁ କେମିତି ?' ନାରାବାଜି ଶୁଭୁଛି। (୧୧) ସରକାର ନିୟମ କଲେ ଦୀପାବଳିରେ ଫୋଟକା ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଫୁଟିବ କିନ୍ତୁ କିଏ ଏ କଥା ମାନିଲେ ? ଲାଗ ଲାଗ ୨ ଦିନ ଧରି ଫୋଟକା ଫୁଟିଲା ଲୋକେ ଅସହ୍ୟ କଷ୍ଟ ଅନୁଭବ କଲେ, ଏଠାରେ ମଧ୍ୟ ଫୋଟକା ବେପାରୀମାନେ କହିଲେ 'ଆମେ ବଞ୍ଚିବୁ କେମିତି ?' ଭାଇମାନେ ଦୁଇ ଦିନରେ ୩୫୦ କୋଟି ଟଙ୍କାର ଫୋଟକା ଜାଳିଦେଲ, ବାୟୁମଣ୍ଡଳ ପ୍ରଦୂଷିତ କଲ ଆଉ କ'ଣ ଚାହଁ ? (୧୨) ଖଣି, ପାଣି, ଜିଏସ୍‌ଟି, ହଜମ କଲ, ଅପମିଶ୍ରିତ ଖାଦ୍ୟ ବିକିଲ, ନକଲି ବିଲ୍ କରି ଡାକ୍ତରଖାନାରେ ରୋଗୀଙ୍କୁ 'ଶବ' କରି ଲୁଟିଲା ପରେ ମଧ୍ୟ ସେହି 'ଆମେ କେମିତି ବଞ୍ଚିବୁ ?'ର ନାରାବାଜି ଚାଲିଛି। (୧୩) ସବୁଠାରୁ ବିପଦଜନକ ଗୋଷ୍ଠୀ ହେଲେ କିଛି ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ ବୃନ୍ଦ ସେମାନେ କୁହନ୍ତି 'ଲାଞ୍ଚ ଖାଇବା, ଦୁର୍ନୀତି କରିବା , ସରକାରୀ/ବେସରକାରୀ ଧନ ସମ୍ପତ୍ତି ହଡପ୍ କରିବା, ଜନତାଙ୍କୁ ସରକାରୀ କାର୍ଯ୍ୟରେ ନିର୍ଯାତନା ଦେବା, ଆୟ ବହିର୍ଭୁତ ଅମାପ ସମ୍ପତ୍ତିର ମାଲିକ ହେବା ତାଙ୍କର ଜନ୍ମସିଦ୍ଧ ଅଧିକାର, ଏଥିରୁ ନିବୃତ ରହିବାକୁ ଯଦି କୁହାଯାଏ ତେବେ ସେମାନେ ମଧ୍ୟ ସମାନ ଭାବେ ଉତ୍ତର ଦିଅନ୍ତି ଯେ 'ଏହି ମହରଗ ସମୟରେ ଖାଲି ଦରମା ଗଣ୍ଡାକରେ ଆମେ ବଞ୍ଚିବୁ କେମିତି ?' (ଯଦିଓ ସରକାର ବର୍ଷକୁ ଦୁଇଥର ମହଙ୍ଗା ଭତ୍ତା ବୃଦ୍ଧି କରି କର୍ମଚାରୀମାନଙ୍କୁ ଖୁସି କରନ୍ତି)' ତେଣୁ ସର୍ବସାଧାରଣ ବିଚାର କରନ୍ତୁ 'ଆମେ ବଞ୍ଚିବୁ କେମିତି ?'ର ସମାଧାନ କିପରି ହୋଇ ପାରିବ ? ସରକାର ଆଉ କ'ଣ କ'ଣ ପଦକ୍ଷେପ ନେଇ ପାରିବେ ? ଆମେ ସତରେ କଣ ସ୍ୱାଧୀନ ନା ପୃଥିବୀର ସର୍ବବୃହତ ସ୍ୱାଧୀନ ଗଣତନ୍ତ୍ର ରାଷ୍ଟ୍ର ବୋଲାଉଥିବା ଦେଶରେ ଜଣେ ଜଣେ ପରାଧୀନ ଗୋଲାମ ?' ଜୋର ଯାହାର ମୂଳକ ତାହାର ' ଢାଞ୍ଚାରେ ଆମେ ସାଧାରଣ ଜନତା ସର୍ବଦା ନିର୍ଯାତିତ, ନିଷ୍ପେସିତ ହେଉଥିବା ସମୟରେ ସରକାର କିଛି ଗୋଷ୍ଠୀଙ୍କୁ 'ମାଗଣା' ଜାଲରେ ଫସାଇ ହାଁ ଜି, ହାଁ ଜି କରାଇ ଚୌକି ସମ୍ଭାଳି ପାରିଛନ୍ତି ।

କ୍ୟାନ୍ସର ଅବା ଏଡ୍ସ ପରି 'ଆମେ କେମିତି ବଞ୍ଚିବା' ମାଡି ମାଡି ଯାଉଛି, ସମସ୍ତେ ସମସ୍ତଙ୍କୁ ଲୁଟିବାରେ ବ୍ୟସ୍ତ। ଉଦାହରଣ ଦେଇ ଚାଲିଲେ ତ' ଅସଂଖ୍ୟ ଉଦାହରଣ ଦେଇ ହେବ ତେବେ କିଛି ତ' ଆପଣମାନେ ଜାଣନ୍ତି ...ନକଲି ଔଷଧ, ନକଲି ସାମଗ୍ରୀ, ନକଲି ଅଫିସର, ନକଲି ଡାକ୍ତର ସମସ୍ତେ ସେହି ଏକ କଥା କୁହନ୍ତି ... 'ଆମେ ବଞ୍ଚିବୁ କେମିତି ?' ଖବର କାଗଜ, ଟିଭି ସଂସ୍ଥା ମଧ୍ୟ କିଛି ନ'ଜାଣି ନ'ଶୁଣି ଅର୍ଥ ଉପାର୍ଜନ ନିମନ୍ତେ ଅନେକ ମିଥ୍ୟା ବିଜ୍ଞାପନ ପ୍ରଚାର ପ୍ରସାର କରିଥାନ୍ତି, ଚିତ୍ର ତାରକାମାନେ ବିଜ୍ଞାପନ ମାଧ୍ୟମରେ ଜନତାଙ୍କୁ ଦିନରେ ଲଣ୍ଠନ ଦେଖାଇବାକୁ ଚେଷ୍ଟିତ ଜନତା ମଧ୍ୟ ତାଙ୍କ ବିଜ୍ଞାପନ ମୋହରେ ନିଜର କ୍ଷତି କରି ଚାଲନ୍ତି, ସରକାର ମଦ/ ନିଶା କାରବାର କରି ଲକ୍ଷ ଲକ୍ଷ କୋଟି ଉପାର୍ଜନ କରନ୍ତି ଏହା ପଛରେ ମଧ୍ୟ 'ଆମେ କିପରି ବଞ୍ଚିବୁ/ସରକାର କିପରି ଚାଲିବ ? ଲୁକ୍କାୟିତ ଅବସ୍ଥାରେ ଥାଏ । ତେଣୁ ସମସ୍ତେ ନ୍ୟାୟ /ଅନ୍ୟାୟ ଉପାୟ ଅବଲମ୍ବନ କରି ବଞ୍ଚିବା ନିମନ୍ତେ ସଂଗ୍ରାମ ରତ ସେଥିରେ କାହାର କ'ଣ କ୍ଷତି ହେଲା କିମ୍ବା କିଏ ମାନବିକ ଅଧିକାରରୁ ବଞ୍ଚିତ ହେଲା ତାହା ଦେଖିବାକୁ କେହି ନାହାନ୍ତି । ଖୁବ୍ ସ୍ୱାର୍ଥପର ଦୁନିଆ ଏବଂ ସ୍ୱାର୍ଥପର ସରକାର, ତାଙ୍କ ଠାରୁ ସାଗର ଗର୍ଜକ ଭାଷଣ, ମିଥ୍ୟ ପ୍ରତିଶୃତି, ସ୍ୱ ବିଜ୍ଞାପନ ବ୍ୟତୀତ ଆଉ କଣ ବା ଆଶା କରାଯାଇ ପାରେ ? ଭାଇ କଥାରେ ଅଛି 'ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ' ସେ ଯୁଗ ନାହିଁ କି ସେ ପଖାଳର ବାସ୍ନା ଆଉ ନାହିଁ। ତେଣୁ ସମୟ ସହିତ ତାଳ ଦେଇ ଚାଲିବାକୁ ହେବ ନତୁବା ସମସ୍ତଙ୍କର ଚକ୍ଷୁଶୂଳ ହେବାକୁ ପଡିବ, ତେବେ ସତ୍ୟ ଯୁଗ ପାଖେଇ ଆସିଲାଣି, ଅନ୍ୟାୟ /ଅନୀତି ହୁଏତ ନିକଟ ଭବିଷ୍ୟତରେ ଦୂରହେବ ଏହି ଆଶାରେ ବାକିଟା ଜୀବନ ବଞ୍ଚିବାକୁ ହେବ ବୋଲି ମୋର ନିଜସ୍ୱ ଧାରଣା, ତେଣିକି ଜଗନ୍ନାଥ ଭରଷା ।



କରଞ୍ଜିଆ (ଭାସ୍କର ନ୍ୟୁଜ) ଜିଲ୍ଲାପାଳ ଏବଂ ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ କରଞ୍ଜିଆ ଏନଏସି ଅଞ୍ଚଳରେ ଥିବା ମାଆ କିଚକେଶ୍ୱରୀଙ୍କ ଜବରଦଖଲ କରାଯାଇଥିବା ଜମିକୁ ଉଚ୍ଛେଦ ନିମନ୍ତେ ସମାଜସେବୀ ଭାଗବତ ଚନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଦେବତର୍ ଜମି ଦଖଲ ପରେ ଏବେ ମା କିଚକେଶ୍ୱରିଙ୍କ ଜମି ଦଖଲ ଅଭିଯୋଗର ଶୁଣାଣି କରି ଜିଲ୍ଲାପାଳ ହେମକାନ୍ତ ସୋୟ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ କରଞ୍ଜିଆ ତହସିଲଦାର ଏବଂ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ ସୁଚନା ମୁତାବକ କରଞ୍ଜିଆ ସହରର ବିଭିନ୍ନ ସ୍ଥାନରେ ଥିବା ମାଆ କିଚକେଶ୍ୱରୀଙ୍କ ଜମି ସହିତ ପଳାସିଆ ମୌଜା ୯ନମ୍ବର ୱାର୍ଡ ଠାରେ ଥିବା ଖାତା ନମ୍ବର ୧୮୪ ପ୍ଲଟ ନମ୍ବର ୧୭ ମତେ ୪ ଡ଼ିସିମିଲ ଜାଗା ଯାହାକି କିଚକେଶ୍ୱରୀ ଠାକୁରାଣୀ ଆସ୍ଥାନ ଜମି ମଧ୍ୟ ଅନ୍ତର୍ଭୁକ୍ତ ଅଟେ ଉକ୍ତ ଠାକୁରାଣୀଙ୍କ ଅସ୍ଥାନ ଜମିରୁ ପ୍ରାୟ ୩ ଡ଼ିସିମିଲ ଜାଗା ଜବରଦଖଲ ହୋଇ ସେଠାରେ ଗୃହ ନିର୍ମାଣ ହୋଇଥିବା ନେଇ ଉକ୍ତ ଅଭିଯୋଗରେ ଦର୍ଶାଯାଇଛି। ତେବେ ଅଭିଯୋଗ ସଂକ୍ରାନ୍ତ ସମସ୍ତ ତଥ୍ୟ କାଗଜପତ୍ରକୁ ବିଚାରକୁ ନେଇ ଜିଲ୍ଲାପାଳ ତୁରନ୍ତ ଉକ୍ତଜମି ତଦନ୍ତ ସହର ମାପ କରି ଜବରଦଖଲକାରୀଙ୍କୁ ୧୫ ଦିନିଆ ନୋଟିସ ଦେଇ ଜବରଦଖଲ ଉଚ୍ଛେଦ ସହିତ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କରଞ୍ଜିଆ ତହସିଲଦାର ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।



## ଗୋରୁ ବୋଝେଇ ପିକଅପ୍ ଭ୍ୟାନରେ ଅଗ୍ନିକାଣ୍ଡ: ଜୀଅନ୍ତା ଜଳିଗଲେ ଗୋମାତା

ବାରିପଦା (ବାରିପଦା): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଅଞ୍ଚଳରେ ଘଟିଥିବା ଲୋମଟାଙ୍କୁରା ଦୃଶ୍ୟ ସ୍ତବ୍ଧ କରିଦେଇଛି ଅଧିକାଂଶଙ୍କୁ, ନିନ୍ଦା ସାଙ୍ଗକୁ ତୀବ୍ର ବିରୋଧର ସ୍ୱର ଜିଲ୍ଲାରେ ଦେଖିବାକୁ ମିଳିଛି। ଏଭଳି ଏକ ଅଘଟଣ ଲୋକମାନଙ୍କ ମନରୁ ଯାଉନାହିଁ। ଦିନକୁ ଦନ ଗୋ ମାଫିଆଙ୍କ ଉପଦ୍ରବ୍ୟ ସୀମା ଟପିଗଲାଣି। ଏହି ମାଫିଆଙ୍କୁକି ଏ ପ୍ରଶ୍ରୟ ଦେଉଛି। କାହା ବାହୁ ଛାୟା ତଳେ ଏ ଗୋରୁ ବେପାର ଚାଲିଛି ସେ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଆଲୋଡନ ସୃଷ୍ଟି ହୋଇଛି। ବେପରୁଆ ଭାବେ ଦ୍ରୁତଗତିରେ ପିକଅପ୍ ଭ୍ୟାନରେ ଗୋରୁ ଚୋରା ଚାଲାଣ ହେଉଥିବା ସମୟରେ, ଗୋରୁ ବୋଝେଇ ଗାଡିଟି ଦ୍ରୁତ ଗତିରେ ଆସି ରାସ୍ତା କଡ଼କୁ ଓଲଟି ପଡିଥିଲା ଓ ଗାଡିଟିରେ ନିଆଁ ଲାଗିଯାଇଥିଲା। ହୁତୁହୁତ୍ ହୋଇ ଜଳିଗଲା ଗୋରୁ ବୋଝେଇ ପିକଅପ, ଜିଅନ୍ତା ଜଳିଗଲେ ଗୋରୁ ଗୁଡିକ। ହୁତୁହୁତୁ ହୋଇ



ରାସ୍ତା କଡରେ ଜଳିଗଲା ଗାଡି ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ପୋଡାଡିହା ଛକରେ। ଠାକୁରମୁଣ୍ଡା ଅଞ୍ଚଳରୁ ରାତିରେ ଗୋ ଚୋରା ଚାଲାଣ କରୁଥିବା ଏକ ପିକଅପ ଗାଡ଼ିରେ ୮ଟି ଗୋରୁ ଥିବା ପୋଡାଡିହା ଛକ ନିକଟରେ ରାସ୍ତା କଡ଼କୁ ଓଲଟି ପଡିବା ସହିତ ହୁ ହୁ ହୋଇ ଜଳିଗଲା ପିକଅପ। ପିକଅପ ଜଳିବା ଫଳରେ ଗାଡ଼ିରେ ଥିବା ୮ଟି ଗୋରୁ ମଧ୍ୟରୁ ଗୋଟିଏ ଗୋରୁ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲା। ଯାହାକି ସ୍ଥାନୀୟ ଲୋକେ ଗାଡି ଭିତରୁ ୭ ଗୋଟି ଗୋରୁ ଉଦ୍ଧାର କରିବାରେ ସକ୍ଷମ ହୋଇ ନଥିଲେ। ଅନ୍ୟପଟେ ଖବର ପାଇ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଗୋରୁ ମାନଙ୍କୁ ଗୁରୁତର ଅବସ୍ଥାରେ ବାହାର କରାଯାଇଥିଲା। ପିକଅପ୍‌ଟି ସମ୍ପୂର୍ଣ ଜଳିଯାଇଥିବା ବେଳେ ଗୋ ମାଫିଆମାନେ ରାତାରାତି ଦୁର୍ଘଟଣାଗ୍ରସ୍ତ ଗାଡିକୁ ନେଇ ଯିବା ସହିତ ମୃତ ଗୋରୁକୁ ଗାତ ଖୋଳି ପୋତି ଦେଇ ଚାଲିଯାଇଛନ୍ତି। ହେଲେ ଗୁରୁତର ଗୋରୁଙ୍କୁ ରକ୍ତାକ୍ତ ଅବସ୍ଥାରେ ଛାଡି ଦେଇ ଚାଲି ଯାଇଛନ୍ତି ଗୋ ମାଫିଆ। ଏ ଘଟଣାରେ ଅସନ୍ତୋଷ ପ୍ରକଟ କରି ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି କେଶରୀୟା ହିନ୍ଦୁ ବାହିନୀର ପ୍ରତିଷ୍ଠାତା ସଂମ୍ପାଦକ ଦିଲ୍ଲୀପ ଦାସ ଏବଂ ଏଭଳି ନିନ୍ଦନୀୟ କାଣ୍ଡ ପାଇଁ ଜିଲ୍ଲା ପ୍ରଶାସନକୁ ଦାୟୀ କରିଛନ୍ତି।

## ମଦର କରାମତି : ଶିଶୁପୁତ୍ରକୁ ମାରି ପୋତିଦେଲେ ବାପା-ମା



ଚୌଦ୍ୱାର (ଭାସ୍କର ନ୍ୟୁଜ) : ଚୌଦ୍ୱାର ଥାନା ଅନ୍ତର୍ଗତ ୮ନଂ.ୱାର୍ଡ଼ର ବ୍ୟାଘ୍ରବାହିନୀ ପଡିଆ ନିକଟରେ ଥିବା ଆଦିବାସୀ ବସ୍ତିରୁ ଜଣେ ଶିଶୁପୁତ୍ରର ମୃତଦେହ ଚୌଦ୍ୱାର ପୁଲିସ୍ ପକ୍ଷରୁ ଉଦ୍ଧାର କରାଯାଇଛି । ସୂଚନାଥାଉକି, ଗତକାଲି ଆଦିବାସୀ ବସ୍ତିର ରାଜୁ ହେମ୍ବ୍ରମ ଓ ସୋମ୍ବାରୀ ହେମ୍ବ୍ରମ ତାଙ୍କର ୩ ଜଣ ସାଙ୍ଗଙ୍କ ସହିତ ନିଜ ଘରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମଦ୍ୟପାନ କରିଥିଲେ । ପରେ ସେମାନଙ୍କୁ ଅତ୍ୟଧିକ ନିଶା ହେବାରୁ ପାଖରେ ଶୋଇଥିବା ନିଜର ୬ମାସର ଶିଶୁପୁତ୍ର ଉପରେ ଚଢ଼ିଯାଇଥିଲେ । ସକାଳୁ ନିଶା ଛାଡ଼ିବା ପରେ ଜାଣିବାକୁ ପାଇଥିଲେ ଯେ ଶିଶୁପୁତ୍ରଟି ମରିଯାଇଛି। ସେ ତରବରିଆ ଭାବେ ତାକୁ ନେଇ ଏକ ପରିତ୍ୟକ୍ତ ଜାଗାରେ ପୋତି ଦେଇଥିଲେ। କିନ୍ତୁ ଏ ସମ୍ପର୍କରେ ପାଖ ପଡ଼ୋଶୀ ଓ ଯୁବକମାନେ ସୁରାକ୍ ପାଇଲା ପରେ ଚୌଦ୍ୱାର ଥାନାକୁ ଜଣାଇବା ଦ୍ୱାରା ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଂଜନ ସାହୁ ଘଟଣାସ୍ଥଳରେ ପହଂଚିବା ସହ ସାଇଣ୍ଟିଫିକ୍ ଟିମ୍‌କୁ ଖବର ଦେଇଥିଲେ । ପରେ ଏକ୍‌ଜୁକେଟିଭ୍ ମାଜିଷ୍ଟ୍ରେଟ୍ ପହଞ୍ଚିବା ପରେ ମାଟି ତଳୁ ଶିଶୁପୁତ୍ରଟିର ମୃତଦେହକୁ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବାପାମାଆ ଦୁଇଜଣଙ୍କୁ ଅଟକ ରଖାଯିବା ସହ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଚୌଦ୍ୱାର (ଭାସ୍କର ନ୍ୟୁଜ) : ଚୌଦ୍ୱାର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଏପର୍ଯ୍ୟନ୍ତ ସରିପାରିନଥିବା ବେଳେ ଏହା ମୃତ୍ୟୁଯନ୍ତା ପାଲଟିଛି। ଅନେକ ଜୀବନ ହାନି ହେବା ପରେ ବୁଧବାର ରାତ୍ର ୮ଘଟିକା ସମୟରେ ଓଟିଏମ୍ ଛକରେ ଏକ ଦୁର୍ଘଟଣା ଘଟି ଜଣେ ଯୁବକର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ, ମଙ୍ଗୁଳିର ଚଣ୍ଡି ଗ୍ୟାରେଜ୍‌ରେ ଟ୍ରକ୍ ମିସ୍ତ୍ରୀ ଭାବେ କାମ କରୁଥିବା ଜଗତ୍‌ପୁର ଥାନା ଅଧିନସ୍ଥ ଶିକାରୀପୁର ଅଂଚଳର ବି. ବାବୁଲା ରାଓ (୩୭) ଗାନ୍ଧି ଛକରୁ ମଙ୍ଗୁଳି ଆଡକୁ ଯାଉଥିବା ବେଳେ ଓଟିଏମ୍ ଛକରେ ଅନ୍ୟ ଏକ ବାଇକ୍ ତାଙ୍କୁ ଧକକା ଦେବାରୁ ପଛରେ ଆସୁଥିବା ଏକ ଟ୍ରକ୍ ସାମ୍ନାକୁ ସେ ଛିଟ୍‌କି ପଡ଼ିଥିଲେ। ଘଟଣାସ୍ଥଳରେ ବାବୁଲାର ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ବାଇକ୍ ଚାଳକ ଫେରାର ହୋଇଯାଇଛନ୍ତି ଓ ଟ୍ରକ୍‌ଟିକୁ ଲୋକମାନେ ଅଟକାଇ ରଖିଥିଲେ। ଖବର ପାଇ ଚୌଦ୍ୱାର ପୁଲିସ୍ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି ।

## କୋଇଲା ଜବତ, ଇଟାଭାଟି ମାଲିକ ଗିରଫ



ତିହିଡି (ଭାସ୍କର ନ୍ୟୁଜ) : ଭଦ୍ରକ ଜିଲ୍ଲା ତିହିଡି ଥାନା ନୂଆନନ୍ଦ ପଞ୍ଚାୟତ ଅଧୀନ ସାନହାଟୁଆରୀ ଗ୍ରାମରେ ଏକ ଇଟାଭାଟି ନିକଟରେ ଥିବା ୨୨୮ବସ୍ତା ଚୋରା କୋଇଲା ସହିତ ଦୁଇଟି ଇଟାଭାଟିକୁ ବୁଧବାର ତିହିଡି ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ମକଦ୍ଦମା (ନଂ ୫୨୦/୨୪)ରୁଜୁ କରି ଇଟାଭାଟି ମାଲିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଇଟାଭାଟି ମାଲିକଙ୍କ ନାଁ ମନୋରଞ୍ଜନ ପୃଷ୍ଟି ଏବଂ ତାଙ୍କ ଘର ସାନ ହାଟୁ ଆରୀ ଗ୍ରାମରେ ବୋଲି ଜଣାଯାଇଛି। ସାନ ହାଟୁଆରି ଗ୍ରାମର ମନୋରଞ୍ଜନ ନିଜ ଇଟାଭାଟି ନିକଟରେ ଚୋରା କୋଇଲା ମହଜୁଦ ରଖିଥିବା ଥାନାଧିକାରୀ ଖବର ପାଇ ତତ୍‌କ୍ଷଣାତ ଇଟାଭାଟି ଉପରେ ସଦଲବଳେ ପହଞ୍ଚି ଚଢ଼ାଉ କରିଥିଲେ।

## ଏସ୍‌ବିଆଇ ପକ୍ଷରୁ ଉଦ୍ୟୋଗୀଙ୍କ ପାଇଁ ଟାଉନ୍ ହଲ୍ ବୈଠକ




ବଲାଙ୍ଗୀର (ଭାସ୍କର ନ୍ୟୁଜ) : ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନଭେମ୍ବର ୧୯ ତାରିଖରେ ବଲାଙ୍ଗୀର ଜିଲ୍ଲାରେ ଉଦ୍ୟୋଗୀମାନଙ୍କ ପାଇଁ ଟାଉନ ହଲ୍ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗୀମାନଙ୍କ ନିକଟରେ ପହଞ୍ଚିବା ଏବଂ ବ୍ୟାଙ୍କିଙ୍ଗ ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ଡକ୍ଟର ସାରଦା ପ୍ରସନ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରିଜର୍ଭ ବ୍ୟାଙ୍କର ମହାପ୍ରବନ୍ଧକ ଅନିତା ପଟ୍ଟନାୟକ, ବଲାଙ୍ଗିର ଜିଲ୍ଲାର ଜିଲ୍ଲାପାଳ ଆଇଏଏସ ଗୌରବ ଶିବାଜୀ ଇସଲ୍ୱର, ଏସଏଲବିସିର ମହାପ୍ରବନ୍ଧକ ଗୌତମ ପାତ୍ର, ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାସ, ଷ୍ଟେଟ ବ୍ୟାଙ୍କ ସମ୍ବଲପୁର ମଣ୍ଡଳ ଉପ-ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ତଥା ବଲାଙ୍ଗିରର ଜିଏମ, ଡିଆଇସୀ, ବିଷ୍ଣୁ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାର ଉଦ୍ୟୋଗୀ ସଂଘ ଯଥା ଓ.ଏ.ଏସ.ଏମ ଇ, ଓ ଆଇ ଏ, ୟୁ ସି ସି ଆଇ, ଇଣ୍ଡଷ୍ଟ୍ରି ଫେଡେରେସନ, ତିନୋଟି ଆଗ୍ରି ଉଦ୍ୟୋଗ ଆଦିରୁ ୨୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହକାରୀଭା ।ଗ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡିଡିଏମ ନାବାର୍ଡ ଏବଂ ଜିଲ୍ଲାରେ ଥିବା ମୁଖ୍ୟ ବ୍ୟାଙ୍କ ଗୁଡ଼ିକର ଆଞ୍ଚଳିକ ମ୍ୟାନେଜର ଓ ବ୍ରାଞ୍ଚ ମ୍ୟାନେଜର ମାନେ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ଏମଏସଏମଇ ଉଦ୍ୟୋଗୀମାନଙ୍କ ପାଇଁ ଏକ ପ୍ରଶ୍ନ ଏବଂ ଉତ୍ତର ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଠାରେ ଅଂଶଗ୍ରହଣକାରୀମାନେ ସେମାନଙ୍କର ପ୍ରଶ୍ନ ପଚାରିଥିଲେ ଏବଂ ବ୍ୟାଙ୍କ ଫାଇନାନ୍ସ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରସଙ୍ଗରେ ସେମାନଙ୍କ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ସେମାନଙ୍କର ମତାମତ ବାଣ୍ଟିଥିଲେ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳା



ଯାଜପୁର(ଭାସ୍କର ନ୍ୟୁଜ) : ସ୍ଥାନୀୟ କୁସୁମା ପଡିଆ ଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିବା ସହିତ ରାଜ୍ୟ ସରକାର ମତ୍ସ୍ୟ ଓ ପ୍ରାଣୀ ସଂପଦର ବିକାଶ ନିମନ୍ତେ ବହୁ ପ୍ରକାର ଯୋଜନା କରୁଥିବାରୁ ଏହାର ସୁଯୋଗ ନେଇ ଜନସାଧାରଣ ନିଜର ଆର୍ଥିକ ବିକାଶ କରିବା ସହିତ ଗୋପାଳନ ଓ ମାଛ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ସରକାରଙ୍କ ଏହି ଯୋଜନା ସଂପର୍କରେ ନିକଟସ୍ଥ କୃଷି ବିଭାଗ ଏବଂ ପ୍ରାଣୀ ବିଭାଗର ଅଧିକାରୀ ମାନଙ୍କ ସହିତ ଯୋଗାଯୋଗ କଲେ ଏ ବିଷୟରେ ଅନେକ କଥା ଜାଣିପାରିବେ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଗଙ୍ଗାଧର ଲେଙ୍କା କାର୍ଯ୍ୟକ୍ରମରେ ପୌରହିତ୍ୟ କରିବା ସହିତ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ବିଭାଗୀୟ ଅଧିକାରୀ ଡା. ଗଗନ ଚରଣ ନାୟକ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ସଂପର୍କରେ ଅବଗତ କରିଥିଲେ । ବିଶେଷ କରି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଲିଙ୍ଗ ନିରୁପିତ ସୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ ଏବଂ ମାଇ ବାଛୁରୀର ଜନ୍ମ, ଛେଳି ମାନଙ୍କର କୃତ୍ରିମ ପ୍ରଜନନ, ମଇଁଷି ପାଳନ, ଗୋପାଳନ, ବାଛୁରୀ ପାଳନ, ଘୁଷୁରୀ ପାଳନ, ଅଣ୍ଡାଦିଆ କୁକୁଡା ଓ ମାଂସାଳ କୁକୁଡା ପାଳନ ଯଥା ଚିଆଁ ଉତ୍ପାଦନ ଯୋଜନା ଗୁଡିକ ସଂପର୍କରେ ଆଲୋଚନା କରି ଏହାଦ୍ୱାରା ଲୋକେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ସାଂସଦଙ୍କ ପ୍ରତିନିଧି ଲକ୍ଷ୍ମୀଧର ପତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମେଳାରେ ୩୨ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ଜିଲ୍ଲାର ସଫଳ ପ୍ରାଣୀ ପାଳକ ଚାଷୀ ହିସାବରେ ବରୀ ବ୍ଲକର ରାଜେଶ ଅଲ୍ଟାର, ସଫଳ କୁକୁଡା ପାଳକ ହିସାବରେ ରସୁଲପୁରର ସୁରେନ୍ଦ୍ର ରାଉତ, ସଫଳ କୁକୁଡା ଓ ମତ୍ସ୍ୟ ଚାଷୀ ଭାବେ ଧର୍ମଶାଳାର ତାରା ପ୍ରସାଦ ରାୟ ଏବଂ ବଡଚଣାର କିଶୋର ରାଉତଙ୍କ ସମ୍ମାନୀତ କରାଯାଇଥିଲା । ୨ୟ ଅଧିବେସନରେ ଓୟୁଟିର ବିଶିଷ୍ଟ ପ୍ରାଣୀ ବିଜ୍ଞାନୀ ଡାକ୍ତର ପାର୍ଥସାରଥି ସ୍ୱାଇଁ, ଅବସରପ୍ରାପ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର ଘଡେଇ ପ୍ରମୁଖ ଯୋଗଦେଇ ଚାଷୀ ମାନଙ୍କୁ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଗୋରୁ ଗାଡି ଜବତ: ୨ ଗିରଫ



କାକଟପୁର (ଭାସ୍କର ନ୍ୟୁଜ) : କାକଟପୁର ଥାନା ଅଧିନସ୍ଥ ପଥରପକା କେନାଲ ରାସ୍ତାରେ ଏକ ବେଆଇନ ଗୋରୁ ବୋଝେଇ ମହିନ୍ଦ୍ରା ପିକଅପ ଭ୍ୟାନ (ନମ୍ବର OD05BP-୨୮୭୭) ରେ ଗୋଚାଲାଣକାରୀ ମାନେ ଚୋରାଚାଲାଣ କରୁଥିବାବେଳେ କାକଟପୁର ପୋଲିସ କୌଣସି ସୂତ୍ରରୁ ଖବର ଉକ୍ତ ସ୍ଥାନରେ ଚଢ଼ାଉ କରି ଗାଡିଟିକୁ ଥାନାକୁ ଆଣିଥିଲେ। ଏଥିରେ ଚାରି ଗୋଟି ଷଣ୍ଢ ଓ ବଳଦ ଥିବାବେଳେ ଗୋରୁ ଗୁଡିକୁ ପୁରୀ ବାଲିଘାଇ ସ୍ଥିତ ଗୋଶାଳାରେ ଛାଡ଼ିଥିବା ତଦନ୍ତ କାରୀ ଅଧିକାରୀ ବିଶ୍ୱନାଥ ପଟ୍ଟନାୟକ ସୂଚନା ଦେଇଛନ୍ତି। ଥାନା କେଶ ନମ୍ବର ୨୩୧/୨୪ ଦଫା ୩୦୩(୨), ୩୧୭(୨), ୩(୫), ୧୧(୧) ପଶୁ ନିଷ୍ଠୁରତା ଆଇନରେ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି କ୍ଷ ଅପର ପକ୍ଷରେ କାକଟପୁର ଓ ଏହାର ଆଖପାଖ ଅଞ୍ଚଳରୁ ଗୋସମ୍ପଦ ଲୁପ୍ତ ହେବାକୁ ବସିଥିବା ବେଳେ ଚୋରା ଗୋଚାଲାଣକାରୀଙ୍କ ଲୋଲୁପ ଦୃଷ୍ଟି ଗୋସମ୍ପଦ ଉପରେ ପଡିଛି କ୍ଷ ତୁରନ୍ତ ଗୋଚାଲାଣକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଷ୍ଟ୍ରୀୟ ଗୋ-ସୁରକ୍ଷା ସମିତି ଦାବୀ କରିଛି।

## ଅବକାରୀ ବିଭାଗର ଚଢ଼ଉ: ମଦ ଜବତ

ଭୁବନ (ଭାସ୍କର ନ୍ୟୁଜ) : ଭୁବନ ଓ କାମାକ୍ଷାନଗର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମୋଟ ୫୬ ଲିଟର ଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିବା ଜଣାପଡ଼ିଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଅବକାରୀ ଏସ୍‌ଆଇ ଦୀପଦ୍ୟୋତନ ବିଶ୍ୱାଳ, ଏଏସଆଇ ମିନତୀ ପାଇକ, କନଷ୍ଟେବଲ ଗୋଲାପ ସାହୁ, ପ୍ରେମାନନ୍ଦ ବେହେରା, ସତ୍ୟବ୍ରତ ମହାଳିକ ପ୍ରମୁଖ ଭୁବନ ଥାନା ଅନ୍ତର୍ଗତ ଓଡ଼ିଶ ଗ୍ରାମର ରମେଶ ପାତ୍ରଙ୍କ ଠାରୁ ୧୦ ଲିଟର, ଅଁଳାଝାରି ଗ୍ରାମର ବୁଦ୍ଧିଆ ମୁଣ୍ଡାଙ୍କ ଠାରୁ ୩୬ ଲିଟର ଓ ଅନଳ ଗ୍ରାମର ନଟବର ପିଙ୍ଗୁଆଙ୍କ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରିଥିଲେ। ଏହି ଚଢ଼ଉରେ ଗୋଟିଏ ମୋଟର ସାଇକେଲ ମଧ୍ୟ ଜବତ କରାଯାଇଛି। ଏ ସମ୍ପର୍କରେ ୩ ଟି କେଶ ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ‘ପିଲାଙ୍କ ସୃଜନ କଳା ହିଁ ସେମାନଙ୍କ ବୁଦ୍ଧିମତା ବଢ଼ାଏ’




ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ପିଲାମାନଙ୍କ ମଧ୍ୟରେ ପଠନ, ଲିଖନ ଓ ଚିତ୍ରାଙ୍କନ ଭଳି ସୃଜନୀ କଳାର ବିକାଶ ପାଇଁ ଅଗ୍ରଣୀ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ପ୍ରକାଶ ପାଉଥିବା ଶିଶୁ କିଶୋର ପତ୍ରିକା ‘ମୋ ଆଶା’କୁ ନେଇ ଏକ ସୃଜନୀ କର୍ମଶାଳା ସ୍ଥାନୀୟ ପ୍ରାକ୍ଟିସିଂ ୟୁଜିୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗ୍ରୁପ୍ ସଂପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଲାମାନଙ୍କ ମଧ୍ୟରେ ଗଳ୍ପ, କବିତା, ଛବି ଦେଖି ଗଳ୍ପ ଓ କବିତା ରଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ତ୍ରୟଲିପ୍ତା ଦାଶ ଓ ସ୍ନେହଲତା ସ୍ୱାଇଁ ବିଚାରକ ଭାବେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ମିଶ୍ର, ଶିକ୍ଷୟିତ୍ରୀ କ୍ଷଣପ୍ରଭା ପାତ୍ର, ମାହେଶ୍ୱରୀ ଦାଶ, ଇପସିତା ପ୍ରିୟଦର୍ଶିନୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କ ସୃଜନ କଳାର ବିକାଶ ଘଟିଲେ ସେମାନଙ୍କ ବୁଦ୍ଧିମତାର ମଧ୍ୟ ବିକାଶ ଘଟେ ବୋଲି ମତ ପ୍ରକାଶ କରିବା ସହ ନିଜର ସୃଜନ କଳାକୁ ଜଣେ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ବହୁ ଆଗ୍ରହୀ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ପିଲାଙ୍କ ଲୁକାୟିତ କଳାକୁ ଆହୁରି କ୍ରିୟାଶୀଳ କରାଇ ଏହି କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ କରାଯିବ ବୋଲି ସଂପାଦକ ସୁମନ୍ତ ମହାରଣା ସୂଚନା ଦେଇଥିଲେ । ଅଗ୍ରଣୀ ଅନୁଷ୍ଠାନ ଲିଟିଲ୍ ଷ୍ଟାର ପ୍ରତ୍ୟେକ ବର୍ଷ ଅନେକ ସାମାଜିକ କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଠିକ୍ ଭାବେ ପରିଚାଳନା କରୁଥିବାରୁ ସ୍ଥାନୀୟ ଅଂଚଳରେ ଜନସାଧାରଣଙ୍କର ପ୍ରିୟଭାଜନ ହୋଇ ରହିଛି ।

## ପ୍ରଶାସନ ହସ୍ତକ୍ଷେପ ପରେ ରାସ୍ତା କାମ ବନ୍ଦ



ନିଆଳି (ଭାସ୍କର ନ୍ୟୁଜ) : ନିଆଳି ବ୍ଲକ୍ ଅଁଳୋ ପଞ୍ଚାୟତ ଗୋବିନ୍ଦଣା ପାଟଣା ଖାତା ନଂ ୩୯୨, ବିଭିନ୍ନ ପ୍ଲଟ୍ ଥିବା ବେଳେ ଉକ୍ତ ପ୍ଲଟ୍ ଗୁଡିକ ଗ୍ରାମ୍ୟ ଜଙ୍ଗଲ କିସମ ରହିଥିବା ଗ୍ରାମବାସୀ ମାନେ ଅଭିଯୋଗ ଆଣିଛନ୍ତି। ଅଁଳୋ ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ବହୁ ଗ୍ରାମ୍ୟ ଜଙ୍ଗଲକୁ ଜବର ଦଖଲ କରି ଗ୍ରାମବାସୀଙ୍କୁ ଧମକ ଦେଇ ଦୀର୍ଘ ବର୍ଷ ହେବ କୁକୁଡା ଚାଷ କରି ଆସୁଛି। ଏହି ବ୍ୟକ୍ତି ଜଣକ କୁକୁଡା ଚାଷ କରୁଥିବା ଜାଗାକୁ ଯିବା ନିମନ୍ତେ ଗ୍ରାମ୍ୟ ଜଙ୍ଗଲ ଥିବା କିସମ ଜାଗାରେ ବାଲି ପକାଇ ରାସ୍ତା ନିର୍ମାଣ କରୁଛି, ଯାହକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ କଟକ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସୁବାଶିଷ ରାଏଙ୍କ ନିର୍ଦ୍ଦେଶରେ ନିଆଳି ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ଜଗଦୀଶ ଷଡଙ୍ଗୀ ସହକାରୀ ନିର୍ବାହୀ ଯନ୍ତ୍ରୀ ରମାରଞ୍ଜନ ସ୍ୱାଇଁ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ପ୍ରଭାବଶାଳୀ ବ୍ୟକ୍ତି ଜଣକ ପ୍ରଶାସନିକ ଅଧିକାରୀଙ୍କ କଥାକୁ ନମାନି ନିଜ ଅର୍ଥ ରାଶିରେ ରାସ୍ତା କାମ କରିବାକୁ ଜିଦ୍‌ରେ ଅଟଳ। ଏଠାରେ ପ୍ରଶ୍ନ ଉଠୁଛି ସରକାରୀ ଜଙ୍ଗଲ ଜମି ଜବର ଦଖଲ କରି କୁକୁଡା ଚାଷ କରୁଥିବା ବେଳେ, ଏବେ ରାସ୍ତା କାମ କରିବା ଜିଦ୍‌ରେ ଅଟଳ ରହିଛି। ଏହି ବ୍ୟକ୍ତି ବିରୁଦ୍ଧରେ ନିଆଳି ତହସିଲ୍‌ଦାର୍ ଓ ଜଙ୍ଗଲ ବିଭାଗ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ରାସ୍ତାରେ ଉପରେ ଗୁଳ୍ମଲତା, ବଢ଼ୁଛି ଦୁର୍ଘଟଣା



କଣାସ (ଭାସ୍କର ନ୍ୟୁଜ) : କେନ୍ଦ୍ର ଓ ରାଜ୍ୟସରକାର ଗ୍ରାମଅଂଚଳର ପ୍ରଗତି ପାଇଁ ରାସ୍ତାଘାଟ ନିର୍ମାଣ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରାସ୍ତା ଘାଟ ସୁରକ୍ଷା ଦାୟିତ୍ୱରେ ଥିବା ସରକାରୀ ଅଧିକାରୀମାନଙ୍କ ଦାୟିତ୍ୱ ହିନତା ଯୋଗୁଁ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହେବାସହ ରାସ୍ତା ଉପରେ ଗୁଳ୍ମଲତା ମାଡିଯାଇଥିବାରୁ ଦୈନନ୍ଦିନ ଦୁର୍ଘଟଣା ହେବାସହ ରାସ୍ତାରେ ସର୍ପମାନଙ୍କର ଦରମ୍ବା ବଢିଯାଇଥିବା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କଣାସ ବ୍ଲକ ସିରେଇ ଗ୍ରାମପ□ାୟତର ସିରେଇ-ଦେଠିଆପଡା ୨କି.ମି ରାସ୍ତାରେ। ଖବରନେବାରେ ଜଣାପଡିଛି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିର୍ମାଣ ପାଇଁ ଠିକାଦାର ନିଯୁକ୍ତି କରାଯାଇଥିଲା। କିଛି ବାଟ ବର୍ଷ ତଳେ ରାସ୍ତା ନିର୍ମାଣ କରାଯାଇ ନାଲିମୋରମ ପକାଯାଇଥିବା ବେଳେ ଅଧାରୁ ଅଧିକ ରାସ୍ତା ଆଦଉଁ କାମ ହୋଇନଥିବାରୁ ରାସ୍ତାରେ ଗୁଳ୍ମଲତା ଚଢିଯାଇଥିବା ବେଳେ ଗାଈଗୋରୁ, ଛେଳିମେଣ୍ଢା ହଢାତ୍ ଗୁଳ୍ମଲତା ମଧ୍ୟରୁ ରାସ୍ତାକୁ ବାହାରି ଆସୁଥିବାରୁ ମଟର ସାଇକେଲ୍ ଆରୋହିମାନେ ବାରମ୍ବାର ଦୁର୍ଘଟଣାର ଶୀକାର ହେଉଛନ୍ତି। ବଡବଡ ସାପ ରାସ୍ତା ଅତିକ୍ରମ କରୁଥିବା ବେଳେ ଦୁଇରୁ ତିନି ଜଣଙ୍କୁ ସର୍ପାଘାତ୍ ହୋଇଥିବା ଜଣାପଡିଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଫିସ୍ କଣାସରେ ଥିଲେ ମଧ୍ୟ କର୍ମଚାରୀ ନଥିବାରୁ ସବୁବେଳେ ଅଫିସ୍ ତାଲା ପଡୁଛି । ବିଭାଗୀତ ଉଚ୍ଚ ଅଧିକାରୀ ଏହି ରାସ୍ତା ପ୍ରତି ଧ୍ୟାନ ଦେବାକୁ ଆଖପାଖ ଗ୍ରାମବାସୀ ଦାବିକରିଛନ୍ତି।

## ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଜନଗର (ଭାସ୍କର ନ୍ୟୁଜ) : କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକର ସାନବଡ ଗୋପାଳପୁରୁ ଠାରେ ରାଜନଗର ନିର୍ବାଚନ ମଣ୍ଡଳୀର ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ଆଜି ବିଜେପିର ଶହଶହ କର୍ମୀଙ୍କ ଗହଣରେ ଉଦ୍ଘାଟିତ ହୋଇଯାଇଅଛି। ବିଜେପି ଜିଲ୍ଲା ଉପସଭାପତି ସଞ୍ଜୟ କୁମାର ରଥ ଓ ରାଜନଗର ନିର୍ବାଚନ ମଣ୍ଡଳୀର ଲଢୁଆ ତଥା ଲୋକସେବକ ଉଦୀୟମାନ ଯୁବନେତା ଲଳିତ କୁମାର ବେହେରାଙ୍କ ମିଳିତ ସଂଯୋଜନାରେ ରିବନ କାଟି ନଡିଆ ବାଡେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି ଘର ଭିତରକୁ ପ୍ରବେଶ କରିଥିଲେ। ଘର ଭିତରେ ଭାରତମାତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଧୂପ ଦାନ କରିବା ସହ ଦଳର ଉନ୍ନତି ଓ ଲଳିତଙ୍କର ଭବିଷ୍ୟତ ନିମନ୍ତେ କାମନା କରି ଥିଲେ। ଅନ୍ୟ ପକ୍ଷରେ ବରିଷ୍ଠ ବିଜେପି ନେତା ଦିଲ୍ଲୀପ ରାଉତ ଯୋଗଦେଇ କହିଥିଲେ ଏହି କାର୍ଯ୍ୟାଳୟ ଲୋକମାନଙ୍କ ସେବାରେ ସହାୟ ହୋଇପାରିବ। ବିଜେପି ସରକାର ହେଉଛି ଲୋକଙ୍କ ସରକାର ଏଠାରେ ନେତା କର୍ମୀ ସମସ୍ତେ ଲୋକଙ୍କ ସେବା କରିବାକୁ ବଦ୍ଧପରିକର ବୋଲି ଶ୍ରୀ ରାଉତ କହିଥିଲେ। ବିଜେପି ନେତା ନିମାଇ ରାଉତଙ୍କ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିକ୍ରମ ବାରିକ, ସୁମିତ୍ରା ରାଉତ ଏବଂବହୁ ନେତା ନେତ୍ରୀ ଉପସ୍ଥିତ ଥିଲେ।

### ଛେଳି ଚାଷୀଙ୍କୁ ଆବଶ୍ୟକୀୟ ପ୍ରୋତ୍ସାହନ ମିଳୁନାହିଁ

## ଖାଉଟି ଶୋଷଣର ଶିକାର, ବେପାରୀ ମାଲାମାଲ୍

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଇଲାକାରେ ଆଦିବାସୀ ଓ ଅନ୍ୟାନ୍ୟ ସାଧାରଣ ପରିବାର ବହୁ ସଂଖ୍ୟାରେ ଛେଳି ଚାଷ କରୁଥିବାବେଳେ ସେମାନଙ୍କୁ ସରକାରୀ ପ୍ରୋତ୍ସାହନର ଯଥେଷ୍ଟ ସୁବିଧା ମିଳୁନଥିବା ଅଭିଯୋଗ ହେଉଛି। ଯାହାଫଳରେ କି ଖରା କି ବର୍ଷା, ଶୀତ ସହ ବର୍ଷ ତମାମ ଛେଳି ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ପରିବାର ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଥିବାବେଳେ ସେମାନଙ୍କଠାରୁ ଛେଳି କିଣି ବେପାରୀ ମାଲାମାଲ ଓ ବଜାରରୁ ଖାସି ମାଂସ କେଜି ପ୍ରତି ୭୦୦ ରୁ ୭୫୦ ଟଙ୍କାରେ କିଣି ଖାଉଟି ରୀତିମତ ଶୋଷଣର ଶୀକାର ହେଉଥିବା ଦେଖାଯାଉଛି। କେନ୍ଦୁଝର ଜିଲ୍ଲାର ଘଟଗାଁ, ପାଟଣା, ହରିଚନ୍ଦନପୁର, ସାହାରପଡା, ବାଂଶପାଳ, ତେଲକୋଇ ଓ ହରିଚନ୍ଦନପୁର ବ୍ଲକ ଅଞ୍ଚଳର ହଜାର ହଜାର ଲୋକ ଛେଳି ଚାଷ କରୁଥିବାବେଳେ ସେମାନଙ୍କୁ ଛେଳି ଚାଷ ପାଇଁ ଋଣ କିମ୍ବା ଚିକିତ୍ସା ସୁବିଧା ମଧ୍ୟ ମିଳୁନଥିବା ଅଭିଯୋଗ ହେଉଛି। ଏପରିକି ଗାଈ ପାଳନ ଭଳି ଉନ୍ନତମାନର ଓ ଶୀଘ୍ର ବଢୁଥିବା ଛେଳି ପାଳନ ପାଇଁ ଉନ୍ନତ ପ୍ରଜାତିର ଛେଳି ଚାଷୀଙ୍କୁ ଯୋଗାଇ ଦିଆଯିବା ଅଥବା ଶଙ୍କର ଜାତୀୟ ବୋଦାକୁ ଆଣି ନିଜ ଜିଲାରେ ଉନ୍ନତ ପ୍ରଜାତିର ଛେଳି ସଂଖ୍ୟା ବଢାଇବା ପାଇଁ ମଧ୍ୟ ପ୍ରାଣୀ ସଂପଦ ବିଭାଗ କାମ କରୁଥିବା ଭଳି ମନେ ହୁଏ ନାହିଁ। ଯାହାଫଳରେ ଖରାତରା ସହି ବିଲବାଡି ଜଙ୍ଗଲରେ ଛେଳିକୁ ଖୁଆଇ ବଡ କରି ଚାଷୀଙ୍କୁ ଜିଲ୍ଲାର ବଡ ବଡ ଛେଳି ହାଟ ଢ଼େଙ୍କିକୋଟ, ହରିଚନ୍ଦନପୁର,



ଛାମୁଣ୍ଡା, ବେଲଦା, ବାଂଶପାଳ, ଝୁମ୍ପୁରା ଆଦି ହାଟକୁ ନେଇ ବିକ୍ରି କରିବାକୁ ପଡିଥାଏ। ଏହି କାରଣରୁ ଘର ଛାଡି ଛେଳି ବିକିବାକୁ ହାଟକୁ ଯାଇଥିବା ଚାଷୀଙ୍କୁ ବେପାରୀମାନେ ସଂଘବଦ୍ଧ ଭାବେ ମୂଲଚାଲ କରି କମ୍ ଦାମରେ ଛେଳି ବିକ୍ରି କରିବାକୁ ବାଧ୍ୟ କରିଥାନ୍ତି ଏବଂ ଚାଷୀଟି ମଧ୍ୟ ଛେଳିକୁ କମ୍ ଦାମରେ ବିକ୍ରି କରୁଥିବା ଜଣାପଡିଛି। କୁହାଯାଏ ଯେ, ଗରିବଙ୍କ ଏଟିଏମ ହେଉଛି ଏହି ଛେଳି। ଘରେ ବା ବାହାରେ ଯେ କୌଣସି ପ୍ରକାରର ଆର୍ଥିକ ସମସ୍ୟା ଉଠାତ ଦେଖାଦେଲେ ତୁରନ୍ତ ଛେଳିଟି ବିକ୍ରି କରି ସେହି ଟଙ୍କାରେ ଆପତକାଳୀନ ସମସ୍ୟାକୁ ସମାଧାନ କରାଯାଇଥାଏ। ଏବେ ରାଜ୍ୟ ସରକାରଙ୍କ ସହ ଡିଏମଏଫ ସହାୟତାରେ ଏଗ୍ରିକଲଚର ପ୍ରଡକସନ କ୍ଲଷ୍ଟର ବା ଏପିସି ମାଧ୍ୟମରେ ମହିଳମାନେ ଆର୍ଥିକ ବିକାଶର ସହଯାତ୍ରୀ ହୋଇପାରୁଥିବାବେଳେ ଛେଳିଚାଷ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଲେ ଜିଲ୍ଲାର ବିଭିନ୍ନ ଅଂଚଳର ବ୍ୟକ୍ତିମାନେ ଏହାଦ୍ୱାରା ଲାଭବାନ ହୋଇପାରନ୍ତେ। ଅପରପକ୍ଷରେ ବଜାରରେ ଖାସି ମାଂସର ଚାହିଦା ଅଧିକ ଥିବାରୁ ବେପାରୀମାନେ ଗାଁ ଗଣ୍ଡା ଓ ବଜାରରେ ଥିବା ମାଂସ କଟାଳିଙ୍କୁ କିଣିଥିବା ମୂଲ୍ୟଠାରୁ ଯଥେଷ୍ଟ ଅଧିକ ଦାମରେ ଖାସି ବିକ୍ରି କରିଥାନ୍ତି। ଫଳସ୍ୱରୂପ ମାଂସ ଦର ବୃଦ୍ଧିକୁ ଖାଉଟି ବାଧ୍ୟ ହୋଇ ସହି ନେଉଛନ୍ତି। ଏଭଳି ସ୍ଥିତିରେ ଛେଳି ଚାଷୀମାନଙ୍କୁ ପରିଶ୍ରମର ଯଥେଷ୍ଟ ଲାଭ ମିଳୁନଥିବାବେଳେ ତାହା ବେପାରୀଙ୍କ ପାଖକୁ ଚାଲିଯାଉଥିବା ଜଣାପଡିଛି। ଅନ୍ୟପକ୍ଷରେ କେନ୍ଦୁଝର ଜିଲ୍ଲାର ଖାଉଟିଙ୍କ ପାଇଁ ଯେତିକି ପରିମାଣର ଖାସି ମାଂସର ଆବ୍ୟାକ ହୋଇଥାଏ, ତାହା ପୂରଣ ହୋଇପାରୁ ନ ଥିବାରୁ ବାହାର ରାଜ୍ୟର ବିଶେଷ କରି ପଶ୍ଚିମବଙ୍ଗରୁ ଏକ ସ୍ୱତନ୍ତ୍ର ପ୍ରକାରର ବ୍ରଏଲର ଖାସି ବା ହାଇବ୍ରିଡ ଛେଳି ଅଣାଯାଇ ଆବଶ୍ୟକତାକୁ ପୂରଣ କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । କେନ୍ଦୁଝରର ପାରମ୍ପରିକ ଗ୍ରାମାଚଂଳ ଛେଳିଚାଷୀଙ୍କୁ ସମାଜରେ ସମ୍ମାନର ସହ ବର୍ତ୍ତିବା ପାଇଁ ସଂଘର୍ଷ କରିବାକୁ ପଡୁଥିବା ଓ ଏହା ଲକ୍ଷାଧିକ ଗରୀବ ଆଦିବାସୀଙ୍କ ଜୀବନଜୀବିକାର ପ୍ରଶ୍ନ ହୋଇଥିବାରୁ ଉନ୍ନତ ପ୍ରଜାତିରେ ଛେଳିଚାଷ, ଚାଷୀଙ୍କ ପାଇଁ ଉପଯୁକ୍ତ ବଜାର ସୃଷ୍ଟି, ଛେଳି ଚାଷୀଙ୍କୁ ଛେଳିଙ୍କ ଚିକିତ୍ସା ସୁବିଧା, ସେମାନଙ୍କୁ ଅଳ୍ପ ସୁଧରେ ବ୍ୟାଙ୍କ ଋଣ ପ୍ରଦାନ କରାଯିବାର ସମୟ ଆସିଛି। ଏଥିପ୍ରତି ଉପଯୁକ୍ତ ସ୍ତରରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଚାକିରି ନାଁରେ ଅର୍ଥ ଲୁଟ୍ : ପୋଲିସ ହାତରେ ଅଭିଯୁକ୍ତ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ) : ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ପାଟୁଳି ଗ୍ରାମର ଅଜିତ କୁମାର ଦତ୍ତଙ୍କୁ ଧୁଷୁରୀ ପୁଲିସ ଗତ ମଙ୍ଗଳବାର ରାତ୍ରରେ ଗିରଫ କରିଛି। ଚାକିରି କରାଇଦେବା ପ୍ରଲୋଭନ ଦେଖାଇ ଧୁଷୁରୀ ଥାନା ଅନ୍ତର୍ଗତ ଖରଜି ଝାରଡିଆ ଗ୍ରାମର ଦୀପକ କୁମାର ବେହେରା, ପ୍ରଶାନ୍ତ କୁମାର ବେହେରା ଓ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ପାଟୁଳି ଗ୍ରାମର ଅଜିତ କୁମାର ଦତ୍ତ ଷଡଯନ୍ତ୍ର ରଚନା କରି ଧୁଷୁରୀ ଥାନା କାଠମୁଣ୍ଡା ଗ୍ରାମର ଅଶୋକ ଆରଣଙ୍କ ଠାରୁ ବିଭିନ୍ନ କିସ୍ତିରେ ୪ଲକ୍ଷ ୪୫ ହଜାର ଟଙ୍କା ଠକି କରିଥିଲେ ବୋଲି ଅଶୋକ ଗତ ଅକ୍ଟୋବର ୨୨ ତାରିଖରେ ଧୁଷୁରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗରୁ ପ୍ରକାଶ ଯେ ଗତ ଫେବୃୟାରୀ ୨୬ ତାରିଖରେ କମ୍ପୁଟର ଶିକ୍ଷକ ପାଇଁ ସରକାରୀ ଭାବେ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ଅଭିଯୁକ୍ତମାନେ ଏହି ଚାକିରି କରାଇଦେବା ପ୍ରଲୋଭନ ଦେଖାଇ ଅର୍ଥ ଠକି ନେଇଥିଲେ। ଏପରିକି ଅଶୋକଙ୍କୁ ଭୁବନେଶ୍ୱର ନେଇ ମିଛରେ ସାକ୍ଷାତକାର କରାଇଥିଲେ। ଏକଥା ଜାରିବା ପରେ ଅଶୋକ ଏତାଲା ଦେଇଥିଲେ। ଏଥିନେଇ ଧୁଷୁରୀ ଥାନାରେ ୩୬୦/୨୪ନଂ ମାମଲା ରଜୁ ହୋଇଥିଲା। ଅଭିଯୁକ୍ତ ଦୀପକ ଓ ପ୍ରଶାନ୍ତ ଫେରାର ଥିବା ବେଳେ ଅଭିଯୁକ୍ତ ଅଜିତ ପୁଲିସ ହାତରେ ଧରାପଡିଛି।



ଭଞ୍ଜନଗର, (ଭାସ୍କର ନ୍ୟୁଜ): ବେଲଗୁଣ୍ଠା ବ୍ଲକସ୍ତରୀୟ ନବନିଯୁକ୍ତ ଶିକ୍ଷକ – ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନିକଟସ୍ଥ ନେଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠ ଠାରେ ପ୍ରାଥମିକ ଶିକ୍ଷକ ସଂଘ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବେଲଗୁଣ୍ଠା ବ୍ଲକର ୩୭ ଜଣ ନବାଗତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକମାନେ ନୀତିବାନ ଏବଂ ଆଦର୍ଶ । ଏଣୁ ଏହି ଧାରାକୁ ବଜାୟ ରଖିବା ସହ, ଶିକ୍ଷାର ମାନ ବୃଦ୍ଧି କରିବା ଆବଶ୍ୟକ ବୋଲି ବିଧାୟକ ଶ୍ରୀ ବିଷୋୟୀ ନିଜ ପ୍ରତିକ୍ରିୟାରେ କହିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ଯୋଗଦେଇ ନବାଗତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ବିଷୋୟୀଙ୍କ ସମେତ ନେଟଙ୍ଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ଲେଙ୍କା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ପୂର୍ବତନ ସଭାପତି ଶଙ୍ଖନାଦ ସେନାପତି, ସମାଜସେବୀ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଗଠନ ସମ୍ପାଦକ ଆକୁଳ ସାହୁ, ସନିତ କୁମାର ଜେନା, ମନୋରଞ୍ଜନ ବିଷୋୟୀ, ଟୁକୁନା ବେହେରା ପ୍ରମୁଖ ସହଯୋଗ କରିଥିଲେ ।



# ସମସ୍ୟାଘେରରେ ବାଗ୍ରୀଆଗୁଡ଼ା ପ୍ରାଥମିକ ବିଦ୍ୟାଳୟ



ବାଲିମେଳା, (ଭାସ୍କର ନ୍ୟୁଜ): ରାଜ୍ୟର ଅନ୍ୟତମ ପଛୁଆ ଜିଲ୍ଲା ମାଲକାନଗିରି ସବୁବେଳେ ଶିକ୍ଷା କ୍ଷେତ୍ରରେ ଲାଗି ରହିଥିବା ଅବ୍ୟବସ୍ଥାକୁ ନେଇ ସର୍ବଦା ଚର୍ଚ୍ଚାରେ ରହି ଆସିଛି । ସରକାରୀ ସ୍ତରରେ ସମସ୍ତ ଉଦ୍ୟମ ସତ୍ତ୍ୱେ ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ପରିଚାଳିତ ହେଉଥିବା ସର୍ବଶିକ୍ଷା ଅଭିଯାନ ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି । କେଉଁଠି ପିଲା ନାହାନ୍ତି ତ କେଉଁଠି ପିଲା ପାଠ ପଢିବାକୁ ନିୟମିତ ସ୍କୁଲ ଆସୁଛନ୍ତି କିନ୍ତୁ ଶିକ୍ଷକ ଧାର୍ଯ୍ୟ ସମୟ ଭିତରେ ସ୍କୁଲକୁ ନଆସି ତାଙ୍କ ଇଚ୍ଛାରେ ମନ ମୁତାବକ ବିଦ୍ୟାଳୟକୁ ଆସୁଥିବାରୁ ପିଲାମାନଙ୍କର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି । ଏହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଟର୍ନେଲକ୍ୟାମ୍ପ ପଞ୍ଚାୟତ ତଥା ମହାଦେବପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ତ ବାଗ୍ରୀଆଗୁଡା ପ୍ରାଥମିକ ବିଦ୍ୟାଳୟରେ । ଏହି ବିଦ୍ୟାଳୟଟି କୋରୁକୋଣ୍ଡା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ହେଉଛି । ସୂଚନାଥାଉକି ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ଗତ-୨୦୦୬ ମସିହାରେ ବାଗ୍ରିଆଗୁଡା ଗ୍ରାମରେ ସ୍ଥାପିତ ହୋଇଥିଲା ଏହି ପ୍ରାଥମିକ ବିଦ୍ୟାଳୟ । ପ୍ରଥମରୁ ୫ମ ପର୍ଯ୍ୟନ୍ତ ବାଗ୍ରିଆଗୁଡା ଓ ଚନ୍ଦ୍ର ମଣ୍ଡଳ ଗ୍ରାମର ମୋଟ ୨୧ଜଣ ଛାତ୍ରୀଛାତ୍ର ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି । ଏହି ବିଦ୍ୟାଳୟରେ ଦୀର୍ଘମାସ ଧରି ପ୍ରଧାନଶିକ୍ଷକ ପଦବୀ ଖାଲିପଡିଛି । ପିଲାଙ୍କୁ ପାଠ ପଢ଼ାଇବା ପାଇଁ ପ୍ରଧାନଶିକ୍ଷକ ଭାବେ ରବି ନାରାୟଣ ବରାଡ଼ଙ୍କୁ ବିଭାଗ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯିବା ସହ ସହକାରୀ ଶିକ୍ଷକ ଭାବେ ବୀରେନ୍ଦ୍ର ଜାରିକାଙ୍କୁ ସେଠାରେ ନିଯୁକ୍ତ କରାଯାଇଛି । ମଙ୍ଗଳବାର କୌଣସି କାରଣରୁ ସହକାରୀ ଶିକ୍ଷକ ଜାରିକା ଛୁଟିରେ ଥିଲେ । ପ୍ରଧାନଶିକ୍ଷକ ଶ୍ରୀ ବରାଡ଼ ଠିକ ସମୟରେ ସ୍କୁଲରେ ପହଁଞ୍ଚି ସ୍କୁଲ ଖୋଲବା କଥା । କିନ୍ତୁ ଗତକାଲି ଉକ୍ତ ବିଦ୍ୟାଳୟର ପିଲାମାନେ ସକାଳ ୧୦ଟାରେ ସ୍କୁଲରେ ପହଁଞ୍ଚି ଶ୍ରେଣୀ ଗୃହରେ ବସିଥିଲେ । ଦିନ ୧୨ଟା ପର୍ଯ୍ୟନ୍ତ ସେଠାରେ କୌଣସି ଶିକ୍ଷକ ପହଞ୍ଚି ନଥିଲେ । ଅତି ବିଡମ୍ବନାର ବିଷୟ ସ୍କୁଲର ଅଫିସ୍ ରୁମ୍‌ରେ ରୋଷଇ ସାମଗ୍ରୀ ରଖାଯାଇ ଥିବାରୁ ଏବଂ ଉକ୍ତ ଘରେ ତାଲା ପଡିଥିବାରୁ ଦୁଇଜଣ ରୋଷେୟା ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ରାନ୍ଧିବା ପାଇଁ ସ୍କୁଲକୁ ଆସିଥିଲେ ମଧ୍ୟ ରୁମ ଚାବି ପାଇଁ ସାର୍‌ମାନଙ୍କ ଅପେକ୍ଷାରେ ପ୍ରାୟ ଅପରାହ୍ନ ୧୨ ଟା ପର୍ଯ୍ୟନ୍ତ ନିରୁପାୟ ହୋଇ ସ୍କୁଲ ବାରଣ୍ଡାରେ ବସି ରହିଥିବା ଦେଖିବାକୁ ମିଳିଛି । ଦିବା ପ୍ରାୟ ୧୧ ଟା ୪୫ମିନିଟ ସମୟରେ ବାଲିମେଳା ସହରର ଚକାଡୋଳା ନାମକ ଜଣେ ବ୍ୟକ୍ତି ଚାଲି ଚାଲି ଆସି ସ୍କୁଲରେ ପହଁଞ୍ଚି ହଠାତ ସ୍କୁଲ ଅଫିସ୍ ଘରର ତାଲା ଖୋଲିଥିଲେ । ତେବେ ତମେ ଅଫିସ୍ ଚାବି କାହାଠାରୁ ଆଣିଲ ବୋଲି ପଚାରିବାରୁ ସେ କହିଲେ ରବି ସାର୍ ମୋତେ ସ୍କୁଲ ଚାବି ଦେଇ ଗାଁ ଛକରେ ଛାଡି କୁଆଡେ ଗଲେ ମୁଁ ଜାଣିନି ବୋଲି ଚକାଡୋଳା କହିଥିଲେ । ସୂଚନା ଥାଉକି ଏହି ସମୟ ମଧ୍ୟରେ ଟର୍ନେଲକ୍ୟାମ୍ପ ସରପଞ୍ଚ ଶ୍ରୀମତୀ ସୀତାମା ମୁଦୁଲି ଘଟଣା ସମ୍ପର୍କରେ ଖବର ପାଇ ବିଦ୍ୟାଳୟର ସ୍ଥିତି ପରଖିବା ପାଇଁ ଉକ୍ତ ବିଦ୍ୟାଳୟରେ ପହଁଞ୍ଚି ସାର୍‌ମାନେ କାହିଁକି ଏ ପର୍ଯ୍ୟନ୍ତ ସ୍କୁଲକୁ ଆସିନାହାନ୍ତି ବୋଲି ଦୁଇଜଣ ରୋଷେୟାଙ୍କ ଠାରୁ ପଚାରି ବୁଝିଥିଲେ । ବିଦ୍ୟାଳୟରେ ଦିବା ୧୧ଟା ପର୍ଯ୍ୟନ୍ତ କୌଣସି ସାର୍ ସ୍କୁଲକୁ ଆସିନଥିବା ଓ ପିଲାଙ୍କ ପାଇଁ ମାଧ୍ୟାନ୍ନଭୋଜନ ରୋଷେଇ ହୋଇନଥିବା ଘଟଣାକୁ ନେଇ ପୂରା ଖପ୍ପା ହୋଇଥିଲେ । ଏ ସମ୍ପର୍କରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଶିକ୍ଷା ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବି ବୋଲି ସରପଞ୍ଚ ଶ୍ରୀମତୀ ମୁଦୁଲୀ କହିଥିଲେ । ଏ ସମ୍ପର୍କରେ ଖବର ପାଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବି ନାରାୟଣ ବରାଡ଼ ଅପରାହ୍ନ ପ୍ରାୟ ୧୨ଟାରେ ବିଦ୍ୟାଳୟରେ ପହଁଞ୍ଚି ଥିଲେ । ଏହାପରେ ପ୍ରଧାନଶିକ୍ଷକ ଅଫିସ ରୁମରୁ ରୋଷେଇ ସାମଗ୍ରୀ ବାହାର କରି ରୋଷେୟାଙ୍କୁ ଦେବା ପରେ ପିଲାଙ୍କ ପାଇଁ ମଧ୍ୟାନ୍ନ ଭୋଜନ ପାଇଁ ବହୁ ବିଳମ୍ବରେ ରୋଷେଇ ଆରମ୍ଭ ହୋଇଥିଲା । ଶିକ୍ଷକ ମାନଙ୍କର ଦାୟିତ୍ୱ ଶୂନ୍ୟତା ଓ ଅବହେଳା ଏବଂ ଏଠାରେ କାର୍ଯ୍ୟରତ ଥିବା ପ୍ରଧାନଶିକ୍ଷକଙ୍କ ଏକ ଚାଟିଆ ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁ ଶିକ୍ଷାୟତନକୁ ବିଗାଡିବାରେ ଲାଗିଛି । ଏହାକୁ ନେଇ ଆଞ୍ଚଳବାସୀ, ଅଭିଭାବକ, ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ତେବେ ଆଦିବାସୀ ଇଲାକାରେ ଶିକ୍ଷା ବ୍ୟବସ୍ଥା କିଭଳି ଚାଲିଛି ଏଥିରୁ ସ୍ପଷ୍ଟ ଅନୁମେୟ । ତେବେ ସ୍କୁଲ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ମଧୁ ଚନ୍ଦ୍ରିକାରେ ଏହି ବିଦ୍ୟାଳୟ ପରିଚାଳିତ ହେଉଥିବାରୁ ଏଭଳି ସ୍ଥିତି ଉପୁଜିଥିବା କିଛି ଆଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି । ଖାଲି ଏତିକିରେ ସରିନି ଏହି ସ୍କୁଲର ସମସ୍ୟା ବିଦ୍ୟୁତ ବିଲ୍ ବନ୍ଧା ନଯିବାରୁ ଏକ ସପ୍ତାହ ପୂର୍ବେ ବିଦ୍ୟୁତ ବିଭାଗ ପକ୍ଷରୁ ଲାଇନ୍ କଟାଯାଇଛି । ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ପିଲାଙ୍କ ଶୌଚାଳୟ । ସ୍କୁଲ ଛାତ ଉପରେ ଥିବା ପାଣିଟାଙ୍କି ଫାଟି ଯାଇଥିବାରୁ ଅଧା କିଲୋମିଟର ଦୂରରୁ ପାଣି ବୋହି ଆଣୁଛନ୍ତି ରୋଷେୟା । ସ୍କୁଲରେ ରାନ୍ଧିବା ପାଇଁ ଗ୍ୟାସ ଚୁଲା ନଥିବାରୁ କାଠ ଚୁଲାରେ ରନ୍ଧା ଯାଉଛି ମଧ୍ୟାହ୍ନ ଭୋଜନ । ସ୍କୁଲର ଚତୁଃପାର୍ଶ୍ୱରେ ନାହିଁ ସୁରକ୍ଷା ପାଚେରୀ ଏପରି ବହୁ ସମସ୍ୟା ଘେରରେ ଚାଲଛି ଏହି ବିଦ୍ୟାଳୟ ବୋଲି କିଛି ଗ୍ରାମବାସୀଓ ଓ ଦୁଇଜଣ ରୋଷେୟା ପାର୍ବତୀ ମୁଦୁଲୀ ଓ ମୋତି ଜାନୀ କହିଛନ୍ତି । ତେବେ ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ଥିବା ସିଆର୍‌ସିସି କରୁଣାକର ସ୍ୱାଇଁଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକ ସ୍କୁଲକୁ ବିଳମ୍ବରେ ଯାଇଥିବା ସ୍ୱୀକାର କରିଥିଲେ । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ରବି ବରାଡ଼ଙ୍କୁ ପଚାରିବାରୁ ମୁଁ କ୍ଲଷ୍ଟରକୁ ଯାଇଥିଲି ସେଥିପାଇଁ ସ୍କୁଲ ଆସିବାରେ ବିଳମ୍ବ ହୋଇଛି ବୋଲି ସେ କହିଥିଲେ । ଏହି ଘଟଣା ସମ୍ପର୍କରେ କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ ମିଶ୍ରୀଙ୍କୁ ପଚାରିବାରୁ ସେ କହିଥଲେ ଯେ, ଏହି ଘଟଣାର ତଦନ୍ତ କରିବା ପରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ଶ୍ରୀ ମିଶ୍ରୀ କହିଛନ୍ତି ।

# ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ପ୍ରତିହତ ପାଇଁ 'ସି ଭିଜିଲି'



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀଙ୍କୁ ପ୍ରବେଶ ନ କରାଇବା ପାଇଁ ନୌସେନା ଅଭିନବ ଉପାୟ । ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଦୁଇ ଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ' ଅଥବା 'ସି ଭିଜିଲ' ଅନୁଷ୍ଠିତ ହୋଇଯାଇଛି । ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ବୁଧବାର ସକାଳ ଠାରୁ ଆରମ୍ଭ ହୋଇଥିବା ଦୁଇ ଦିନିଆ ସମରାଭ୍ୟାସ 'ସାଗର କବଚ' ଅଥବା 'ସି ଭିଜିଲି' । ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଭାରତ ଦୋହଲି ଯିବା ପରେ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ତରଫରୁ ପ୍ରତ୍ୟେକ ବର୍ଷ ଭଳି ଆୟୋଜିତ ହୋଇଛି ମିଳିତ ସମରାଭ୍ୟାସ 'ସାଗର କବଚ' । ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ନୂଆଗଡ, କାଳିଆକଣ, ସହନ, ସୁଦିକେଶର, ଗୁଣ୍ଡଲବା ସମେତ ନୌସେନା ଓ ପୋଲିସର ରଣକୌଶଳ ପ୍ରଦର୍ଶନ କରାଯାଇଛି । ସାମୁଦ୍ରିକ ସୀମାରେ ଅନୁପ୍ରବେଶ ରୋକିବା ଲକ୍ଷ୍ୟରେ ବୁଧବାର ସକାଳ ୬ରୁ ଆରମ୍ଭ ହୋଇଛି ଦୁଇଦିନିଆ ସମରାଭ୍ୟାସ । ଏହି ସମରାଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନ୍ ପୋଲିସ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ଏଥିରେ ସାମିଲ ହୋଇଛନ୍ତି । ସୁରକ୍ଷା ବାହିନୀ ଦୁଇ ଭାଗରେ ବିଭକ୍ତ । ବ୍ଲୁ ଫୋର୍ସ ଓ ରେଡ ଫୋର୍ସ ୨ଟି ଟିମ୍ ହୋଇ ଏହି ସମରାଭ୍ୟାସ ଚାଲିଛି । ରେଡ୍ ଫୋର୍ସ ତଥା ଗୁପ୍ତଶତ୍ରୁ ଭୂମିକା ନିର୍ବାହ କରିବେ ଏବଂ ବ୍ଲୁ ଫୋର୍ସ ପୋଲିସ ତଥା ସୁରକ୍ଷା ବାହିନୀର ଭୂମିକା ତୁଲାଇବେ । ଉପକୂଳକୁ ବ୍ଲୁ ବାହିନୀ ଜଗିଥିବା ବେଳେ ରେଡ ବାହିନୀ ଶତ୍ରୁପକ୍ଷ ହୋଇ ଦୂର ସମୁଦ୍ରକୁ ଯାତ୍ରା କରି ପୁଣି ଉପକୂଳ ମୁହାଁ ହୋଇ ଆକ୍ରମଣ କରିବା ପାଇଁ ଶତ୍ରୁପକ୍ଷକୁ କଡ଼ା ଜବାବ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି । ସମୁଦ୍ର ପଥ, ବସ୍ ତଥା ଯାନବାହନ ଆଦିରେ ରେଡ୍ ଫୋର୍ସ ରହିବେ, ତାଙ୍କୁ ମୁକାବିଲା କରିବେ ବ୍ଲୁ ଫୋର୍ସ । ସମୁଦ୍ରରେ ସନ୍ଦେହଜନକ ଭାବେ ଯାତାୟାତ କରୁଥିବା ଡ଼ଙ୍ଗାକୁ ଚିହ୍ନଟ କରିବେ । ବାହ୍ୟଶତ୍ରୁ ଠାରୁ ଉପକୂଳକୁ ରକ୍ଷା କରିବା ପାଇଁ ଏହି ସମରାଭ୍ୟାସ ପ୍ରତିବର୍ଷ ୨ଥର କରାଯାଇଥାଏ । କିଭଳି ଭାବେ ଜଳପଥ ଦେଇ ଉପକୂଳକୁ ଶତ୍ରୁ ପଶି ନଯିବେ ସେ ନେଇ ସମସ୍ତ ବିଭାଗକୁ ସଚେତନ କରିବା ଏହି ସମରାଭ୍ୟାସର ମୂଳଲକ୍ଷ୍ୟ । ଏହି ସମରାଭ୍ୟାସ କାର୍ଯ୍ୟକ୍ରମରେ ନୂଆଗଡ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ମାଷ୍ଟର ପ୍ରକାଶ ଦାସ, ଅତିରିକ୍ତ ମାଷ୍ଟର ସୁଧୀର କୁମାର ପ୍ରଧାନ, କ୍ଷୀରୋଦ କୁମାର ସାହୁ, ଏସ୍‌ଆଇ ଜଗବନ୍ଧୁ ପରିଡାଙ୍କ ସହ ଅନେକ ଅଧିକାରୀମାନେ ଉପସ୍ଥିତ ରହିବା ସହ ଦୁଇ ପ୍ଲାଟୁନୁ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ୨ ଦିନିଆ ସମରାଭ୍ୟାସ ଗୁରୁବାର ସନ୍ଧ୍ୟାରେ ସରିବ ।

# ଶୁଦ୍ଧାନନ୍ଦ ବିଦ୍ୟାଳୟରେ ବିଜ୍ଞାନ ମେଳା



ଫୁଲନଖରା, (ଭାସ୍କର ନ୍ୟୁଜ): ସଦର ଥାନା ଅନ୍ତର୍ଗତ ଗଙ୍ଗେଶ୍ୱରଠାରେ ଥିବା ଶୁଦ୍ଧାନନ୍ଦ ବିଦ୍ୟାଳୟରେ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା 'ସାଇନ୍ସ ସ୍ପାର୍କିଲିଙ୍ଗ-୨୦୨୪' ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ୭୦ଟି, ପରିବେଶ, ସାମାଜିକ ବିଜ୍ଞାନ, ଗଣିତ, ଟ୍ରାଫିକ, ଶକ୍ତି, ଜଳ ବିଶୋଧନ, ସୁଷମ ଖାଦ୍ୟ ଓ ବିଜ୍ଞାନଭିତ୍ତିକ ପ୍ରକଳ୍ପମାନ ପ୍ରଦର୍ଶିତ ହୋଇଥିଲା । ସରସ୍ୱତୀ ବିଜ୍ଞାନ କଲେଜ କଟକର ଅଧ୍ୟକ୍ଷ ଡ଼ଃ.ସନ୍ତୋଷ କୁମାର ପଣ୍ଡା ମୁଖ୍ୟ ଅତିଥି ରୂପେ ଏହାକୁ ଉଦ୍‌ଘାଟନ କରିଥିଲାବେଳେ କଳିଙ୍ଗଭାରତୀ କଲେଜ କଟକର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଲିଙ୍ଗରାଜ ପାଣିଗ୍ରାହୀ ଓ ବିଦ୍ୟାମନ୍ଦିର କ୍ଲାସେସ ଭୁବନେଶ୍ୱରର ଜୀବ ବିଜ୍ଞାନ ବିଭାଗ ଅଧ୍ୟାପକ ତନ୍ମୟ ସାହୁ ଅତିଥି ରୂପେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ସହିତ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ଏହି ଅବସରରେ ଶିକ୍ଷାନୁଷ୍ଠାନର ସମ୍ପାଦିକା ତଥା ପରିଚାଳିକା ବ୍ରହ୍ମଚାରିଣୀ ମନିଷା ଚୈତନ୍ୟ ଉପସ୍ଥିତ ଥିଲେ । ବିଦ୍ୟାଳୟ ଅଧକ୍ଷା ପ୍ରଣୟିନୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସୁପ୍ରଭା ମହାପାତ୍ର, ଜୟଶ୍ରୀ ବିଜୟଲକ୍ଷ୍ମୀ, ରଶ୍ମିପ୍ରଭା ଦାସ, ବସନ୍ତ ମଞ୍ଜରୀ ନାୟକ, ମୋହନ ଜେନା, ପ୍ରମୋଦ କୁମ୍ବାର, ଅନନ୍ୟା ପ୍ରଧାନ, ପ୍ରାଚୀ ପୁଣ୍ୟତୋୟା ଓ ରଞ୍ଜିତକୁମାର ବିଶ୍ୱାଳଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷିକା ସହଯୋଗ କରିଥିଲେ ।

# ଯୁବକଙ୍କ ଆତ୍ମହତ୍ୟା !

ଭଞ୍ଜନଗର, (ଭାସ୍କର ନ୍ୟୁଜ): ଭଞ୍ଜନଗର ଥାନା ଅନ୍ତର୍ଗତ ଜାମପଲ୍ଲୀ ଗ୍ରାମ ନିକଟରେ ଥିବା ଏକ ଘରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକର ମୃତଦେହ ଉଦ୍ଧାର କରିଛି ପୋଲିସ । ମୃତକ ଜଣକ ମନୋଜ ସେଠୀ ବୋଲି ଜଣାପଡିଛି । ଘଟଣା ସ୍ଥଳରୁ ମୃତଦେହକୁ ଜବତ କରି ଭଞ୍ଜନଗର ଥାନା କେଶ୍ ନଂ - ୪୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ତେବେ ପାରିପାର୍ଶ୍ୱିକ ଅବସ୍ଥିତି ତଥା ପ୍ରାଥମିକ ଅନୁସନ୍ଧାନ ପରେ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଇଛି । ସୂଚନା ପ୍ରକାରେ, ମୃତ ମନୋଜଙ୍କ ଘର ବେଲଗୁଣ୍ଠା ଥାନା ଅନ୍ତର୍ଗତ ବଙ୍କା ଗ୍ରାମରେ । ତେବେ ସେ ଭଞ୍ଜନଗର ନିକଟ ଜାମପଲ୍ଲୀ ଗ୍ରାମ ନିକଟରେ ଥିବା ଏକ ଗ୍ୟାରେଜରେ କାମ କରୁଥିଲେ । ଆଜିକୁ ୧୫ ଦିନ ହେବ ଗ୍ରାମକୁ ବୁଲିବାକୁ ଯାଇଥିଲେ । ସେଠାରୁ ଗତ ମଙ୍ଗଳବାର ଦିନ ଗ୍ରାମରୁ ଫେରିଥିଲେ । କୌଣସି କାରଣକୁ ନେଇ ମନୋଜ ରହୁଥିବା ଘରେ ବେକରେ ରହି ଲଗାଇ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି । ତେବେ ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି ଥାନାଧିକାରୀ କୁମର ମୁଦୁଲିଙ୍କ ଠାରୁ ସୂଚନା ମିଳିଛି ।

# ଚିକିଟିରେ ମାଳମାଳ ଜଳସେଚନ ପ୍ରକଳ୍ପ
# ପମ୍ପର ଭରସାରେ ଚାଷୀ

ଚିକିଟି,(ଭାସ୍କର ନ୍ୟୁଜ): ଏହି ବ୍ଲକରେ ମାଳ ମାଳ ଜଳସେଚନ ପ୍ରକଳ୍ପ ରହି ଆସୁଥିବା ବେଳେ କିଛି ପାରମ୍ପରିକ ଜଳ ଉତ୍ସ ମଧ୍ୟ ରହିଛି । ସୂଚନା ପ୍ରକାରେ କେ. ନୂଆଗାଁ ପଞ୍ଚାୟତରେ ଭାଲୁଘାଇ ଡ୍ୟାମ, ରାମଚନ୍ଦ୍ରପୁର ପଞ୍ଚାୟତରେ ଜଗନ୍ନାଥ ସାଗର, କୃଷ୍ଣନଗର ଠାରେ ବରଡ଼ା ଘାଇ, ବୁରାଝୋଳ ଇତ୍ୟାଦି ରହିଛି । ଭାଲୁଘାଇ ପ୍ରକଳ୍ପ ପ୍ରାୟ କେ. ନୂଆଗାଁ ପଞ୍ଚାୟତର ସମସ୍ତ ଚାଷ ଜମିକୁ ପାଣି ମଡାଇବା ସକାଶେ ଉଦ୍ଦିଷ୍ଟ ଥିବା ବେଳେ ଏହା କିଛି କାମରେ ଲାଗୁନାହିଁ । ଫଳ ସ୍ୱରୂପ ଏଠାକାର ଚାଷୀ ଚଳିତ ଖରିପ ଋତୁରେ ପମ୍ପର ସାହାରା ନେବାକୁ ବାଧ୍ୟ ହେଉଛନ୍ତି । ପୂର୍ବେ ଏହି ଡ୍ୟାମର ପାଣି ପ୍ରାୟତଃ ଚିକିଟି ଗଡ଼ ମୌଜା ପର୍ଯ୍ୟନ୍ତ ଚାଷୀ ଜଳସେଚନ କରୁଥିଲେ କିନ୍ତୁ ବର୍ତ୍ତମାନ ଡ୍ୟାମ ନିକଟରେ ବି ଚାଷୀ ପାଣି ପାଇପାରୁନାହାନ୍ତି । ସେଭଳି ଜଗନ୍ନାଥ ସାଗର ଦ୍ୱାରା ପ୍ରାୟତଃ ପିତାତୋଳି, ଓଳପୁର ଆଦି ଅଞ୍ଚଳ ପର୍ଯ୍ୟନ୍ତ ଚାଷୀ ନିର୍ଭର କରିଥାନ୍ତି ବର୍ତ୍ତମାନ ଏହା ଅସମ୍ଭବ ହେବାରେ ଲାଗିଛି । ସେଭଳି କୃଷ୍ଣନଗର ନିକଟରେ କେଉଁ ଅନାଦି କାଳରୁ ବରଡ଼ା ଘାଇ, ଓ ବୁରାଝୋଳ ନାମକ ଜଳସେଚନ ପ୍ରକଳ୍ପ ଉପରେ କ୍ଷୁଦ୍ର ଜଳସେଚନ ବିଭାଗର ଦୃଷ୍ଟି ପଡିପାରୁନାହିଁ । ଯାହାର ପରିଣାମ ସଦୃଶ ବାହୁଦା କେନାଲର ବାମ ପାର୍ଶ୍ୱ ଚାଷଜମିଗୁଡିକ ପଡିଆ ପଡିବାରେ ଲାଗିଛି । ଯଦି ଏହି ପ୍ରକଳ୍ପକୁ ସୁଧାର କରାଯିବ ତେବେ ପ୍ରାୟ ପଚାଶରୁ ଅଧିକ ଗ୍ରାମର ଚାଷୀମାନେ ନିଜର ହଜାର ହଜାର ହେକ୍ଟର ଜମିରେ ସୁନା ପଚାଇ ପାରିବେ । ପ୍ରତିବର୍ଷ ଉକ୍ତ ଭାଲୁଘାଇ ଡ୍ୟାମକୁ କୋଟି କୋଟି ଟଙ୍କା ଲଗାଇ ବିଭିନ୍ନ ଆଳରେ କେନାଲ, ଗାର୍ଡୱାଲ ଆଦି କାମ ହାତକୁ ନେଇ ଠିକାଦାର ଆଉ ବିଭାଗୀୟ ଅଧିକାରୀ ମାଲାମାଲ ହେବା ଛଡା ପ୍ରକୃତ ଚାଷୀ ଉପଯୋଗୀ ଉନ୍ନତି ହୋଇପାରୁନଥିବା ହେତୁ ଆଜି ଅଞ୍ଚଳର ଚାଷୀ ପମ୍ପର ଭରସାରେ ଚାଷ କରୁଛନ୍ତି । ସେଭଳି ସବୁ ଗ୍ରାମରେ ଅନେକ ପୁଷ୍କରଣୀଗୁଡିକ ରହିଥିବା ବେଳେ ଖାଲି ମନରେଗା ଯୋଜନା ଅନୁଯାୟୀ ଉପର ଘାସ ଚାଞ୍ଛି କାମ ଚଳାଉଥିବା ଦେଖିବାକୁ ମିଳୁଛି । କେବଳ ଚାଷୀର ଉନ୍ନତି କହି କହି ଜଳସେଚନ ବିଭାଗ ଲୁଟ୍ କରିବାରେ ଲାଗିଛି ସିନା ପ୍ରକୃତ ଉନ୍ନତି କେହିବି କରିନାହାନ୍ତି ।

# ଡିଏଭି ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ଭଞ୍ଜନଗର, (ଭାସ୍କର ନ୍ୟୁଜ): ଡିଏଭି ପିଟି ଏସ ଆର ପବ୍ଲିକ ସ୍କୁଲ ଭଞ୍ଜନଗର ପରିସରରେ ତା୧୯.୧୧.୨୪ରିଖ ଠାରୁ ତା ୨୦ .୧୧.୨୪ ରିଖ ପର୍ଯ୍ୟନ୍ତ ଦୁଇ ଦିନ ଧରି ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହାର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସୋରଡ଼ା ବାଘଲିଙ୍ଗି ଉଚ୍ଚ ବିଦ୍ୟାଳୟର ପି.ଇଟି ଶିକ୍ଷକ ତଥା ଜିଲ୍ଲା ସ୍ତରୀୟ ହକି ରେଫେରି କୈଳାସ ଶତପଥୀ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ପାଣିଗ୍ରାହୀ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ବିଦ୍ୟାଳୟର ଚାରୋଟି ହାଉସର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ପବିତ୍ର କ୍ରୀଡାମଶାଲ୍ ଧରି ଭଞ୍ଜନଗରର ପ୍ରସିଦ୍ଧ ସୌରାଦେବୀ ମନ୍ଦିର ଠାରୁ ମାରଥନ୍ କରି ବିଦ୍ୟାଳୟରେ ପହଞ୍ଚିଥିଲେ । ବିଦ୍ୟାଳୟର ଖେଳ ଶିକ୍ଷକ ୟୁ. ଉମାଶଙ୍କର ରାଓଙ୍କ ନେତୃତ୍ୱରେ କ୍ରୀଡାଜ୍ୟୋତି ପ୍ରଜ୍ୱଳନ କରାଯାଇଥିଲା । ବିଦ୍ୟାଳୟରେ ସମବେତ କଣ୍ଠରେ ଡିଏଭି ସଙ୍ଗୀତ ଗାନ କରାଯାଇଥିଲା । ମୁଖ୍ୟ ଅତିଥି କୈଳାସ ଶତପଥୀ ସମସ୍ତ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ଶୃଙ୍ଖଳାର ଶପଥ ପାଠ କରାଇଥିଲେ । ଛାତ୍ରଛାତ୍ରୀ ଉତ୍ସାହର ସହ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହାର ଦ୍ୱିତୀୟ ଦିବସରେ କବିସମ୍ରାଟ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ଜିଲ୍ଲା ସ୍ତରୀୟ ଫୁଟବଲ୍ କ୍ରୀଡାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ କୃତି ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା । କ୍ରୀଡ଼ା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ନିରଞ୍ଜନ ଦୋରାଙ୍କୁ ସମ୍ମାନିତ କରାଯାଇଛି । ଏହି ଅବଧିରେ ଶାନ୍ତି ପାଠ କରାଯାଇ କ୍ରୀଡ଼ା ପତାକାକୁ ଅବତରଣ କରାଯାଇଥିଲା । ଏହି ଦୁଇଦିନିଆ କ୍ରୀଡ଼ା ସମାରୋହରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ ।

# ଇବଭ୍ୟାଲି ଡିଏଭି ସ୍କୁଲରେ ବିଜ୍ଞାନ ମେଳା

ବ୍ରଜରାଜନଗର, (ଭାସ୍କର ନ୍ୟୁଜ): ବ୍ରଜରାଜନଗର ଇବଭ୍ୟାଲି ମହାପ୍ରବନ୍ଧକ କାର୍ଯ୍ୟାଳୟ ସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ବୁଧବାର ଦିନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ବିଜ୍ଞାନ ମେଳାକୁ ସମଲେଶ୍ୱରୀ ଖୋଲାମୁହଁ କୋଇଲା ଖଣିର ପ୍ରୋଜେକ୍ଟ ଅଫିସର କହ୍ନେୟା ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବରେ ଦ୍ୱୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ବିଜ୍ଞାନମେଳାରେ ଗଣିତ, ବିଜ୍ଞାନ, ସାମାଜିକ ଓ ଚିତ୍ରାଙ୍କନରେ ସମୁଦାୟ ଡିଏଭି ପବ୍ଲିକ ସ୍କୁଲର ୩୫୦ ଜଣ ଛାତ୍ରଛାତ୍ରୀ ୨୬୩ଟି ପ୍ରୋଜେକ୍ଟ ଉପସ୍ଥାପନ କରିଥିଲେ । ଅଭିଭାବକମାନେ ସମସ୍ତ ପ୍ରୋଜେକ୍ଟ କୁ ବୁଲି ବୁଲି ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପରବର୍ତ୍ତୀ ସମୟରେ ଇବଭ୍ୟାଲି କୋଇଲା କ୍ଷେତ୍ର ମୁଖ୍ୟ ମହାପ୍ରବନ୍ଧକ ଅୱଧ କୁମାର ପାଣ୍ଡେ ଓ ତାଙ୍କ ଧର୍ମପତ୍ନୀ ତଥା ଏକତା ମହିଳା ମଣ୍ଡଳ ସଭାପତି ରେଣୁକା ପାଣ୍ଡେ ଅନୁଷ୍ଠିତ ବିଜ୍ଞାନ ମେଳାରେ ପହଞ୍ଚି ପରିଦର୍ଶନ କରିଥିଲେ । ପୁନମ ସିହ୍ନା, ମମତା ପାତ୍ର, ଅଭିଷେକ ମହାପାତ୍ର, ରାକେଶ ନାୟକ, ରଶ୍ମିରଞ୍ଜନ ବେହେରା, ସୁବ୍ରତ ପୁଝାରୀ, ବିଶ୍ୱମ୍ଭର ବେହେରା, ଦେଓ ପ୍ରକାଶ ଗୁପ୍ତା, ମୁନୁ କୁମାର ଭୋଇ, ନିବେଦିତା ରାଉତରାୟ, ସଂଗୀତା ଦାସ, ଅମିୟ କୁମାର ଚୋବେ, ଭଞ୍ଜ କିଶୋର ନାୟକ, ମନୋରମା ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା, ହିମାଂଶୁ ମୁଦୁଲି, ସୁବ୍ରତ ମିଶ୍ର, ରାକେଶ ପାଣ୍ଡେ, ସଂଜୀବ ମହାରଣା, ଦୁର୍ଗେସନନ୍ଦିନୀ ବିଶ୍ୱାଳ, ମନୀଷା ଷଡଙ୍ଗୀ, ପପୁ ଯାଦବ, ନିମାଇଁ ଚରଣ ସାହୁ, ତ୍ରିପ୍ତି ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାମନଗର ମହାବିଦ୍ୟାଳୟରେ ପାଚେରୀ ଓ ନୂତନ ଗୃହର ଶିଳାନ୍ୟାସ

ଧାମନଗର, (ଭାସ୍କର ନ୍ୟୁଜ): ଧାମନଗର ମହାବିଦ୍ୟାଳୟର ସୀମା ନିର୍ଦ୍ଧାରଣ ପାଚେରୀ ଓ ନୂତନ ଗୃହ ପାଇଁ ଧାମନଗର କଲେଜ ପରିସରରେ ସୂର୍ଯ୍ୟବଂଶୀ ସୁରଜ ମନ୍ତ୍ରୀ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ଉଦ୍‌ଘାଟନ କରିଛନ୍ତି । ପ୍ରାରମ୍ଭରେ ଉଚ୍ଚଶିକ୍ଷା ମନ୍ତ୍ରୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ହୃଦାନନ୍ଦ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଧାମନଗର ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ନିରାକାର ମିଶ୍ର, ତହସିଲଦାର ଦୀପକ ଦାସ ଉପସ୍ଥିତ ଥିଲେ । ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଚଳିତ ଶିକ୍ଷାବର୍ଷ ଠାରୁ ଜାତୀୟ ଶିକ୍ଷା ନୀତି - ୨୦୨୦ର କାର୍ଯ୍ୟକାରୀ ହେବାର ସୂଚନା ଦେଇଥିଲେ । ଛାତ୍ରଛାତ୍ରୀଙ୍କଠାରୁ ମହାବିଦ୍ୟାଳୟର କେତେକ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ସ୍ନାତକସ୍ତରରେ କଳା ଓ ବିଜ୍ଞାନ ସମ୍ମାନ ଛାତ୍ରଛାତ୍ରୀଙ୍କ ଆସନ ସଂଖ୍ୟା ଯଥାକ୍ରମେ ୧୨୮ ରୁ ୨୫୬ ଓ ୬୪ ରୁ ୧୨୮କୁ ବୃଦ୍ଧି, ନୂତନ ସ୍ନାତକ ବିଭାଗ ଯଥା : ଇଂରାଜୀ, ଉର୍ଦ୍ଦୁ, ଶିକ୍ଷା, ଦର୍ଶନ, ସଂସ୍କୃତ ଓ କମ୍ପ୍ୟୁଟର ସାଇନ୍ସ ଓ ସ୍ନାତକତ୍ତୋର ବିଭାଗ (ରାଜନୀତି ବିଜ୍ଞାନ, ଓଡ଼ିଆ ଓ ଇତିହାସ ବିଭାଗ) ଖୋଲିବା, ମହାବିଦ୍ୟାଳୟ ପରିସରକୁ ସମ୍ପୂର୍ଣ୍ଣ ସି.ସି.କ୍ୟାମେରା ଅଧୀନରେ ରଖୁ, ମହାବିଦ୍ୟାଳୟର ପରିସରକୁ ୱାଇ-ଫାଇ କ୍ୟାମ୍ପସ କରିବା, ମହାବିଦ୍ୟାଳୟର ଅନ୍ୟ ବିଭାଗଗୁଡିକରେ ଖାଲିପଡିଥିବା ଅଧ୍ୟାପକ ଅଧ୍ୟାପିକାଙ୍କ ପଦବୀ ପୂରଣ କରିବା, ଇ-ଲାଇବ୍ରେରୀ ସ୍ଥାପନ, ମହାବିଦ୍ୟାଳୟର ଅବସ୍ଥାପିତ ନୂଆ ଜିଆଇଏ ଅଧ୍ୟାପକ-ଅଧ୍ୟାପିକାଙ୍କ ଇପିଏଫ୍ ସମସ୍ୟାର ସ୍ଥାୟୀ ସମାଧାନ, ମହାବିଦ୍ୟାଳୟର ଜମି ୧୦.୩୧ ଏକର ପଟ୍ଟା ହସ୍ତାନ୍ତର କରିବା, ମହାବିଦ୍ୟାଳୟର ପରିସରରେ ଏଟିଏମ୍ ଅବସ୍ଥାପିତ କରିବା, ମହାବିଦ୍ୟାଳୟର ପରିସରଭୁକ୍ତ ରାସ୍ତାରେ ଆଲୋକୀକରଣ ପ୍ରଭୃତି ସଂକ୍ରାନ୍ତରେ ଏକ ଅନୁରୋଧ ପତ୍ର କଲେଜ ଅଧ୍ୟକ୍ଷ ଅଜୟ କୁମାର ବେଜ ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ ଏବଂ ଏହାର ସହଜ ସମାଧାନ ପାଇଁ ଆନ୍ତରିକ ପ୍ରତିଶ୍ରୁତି ମଧ୍ୟ ପ୍ରଦାନ କରିଛନ୍ତି । ପ୍ରାଧ୍ୟାପକ ଡ. ସମୀର କୁମାର ହୁଇ, ପ୍ରଦୀପ କୁମାର ରାୟ, ସରୋଜ କୁମାର ପଣ୍ଡା, ସଞ୍ଜୟ କୁମାର ପଣ୍ଡା, ସନ୍ଦୀପ କୁମାର ଘୋଷ, ସ୍ମରଣୀକା ପ୍ରଧାନ, ଆଶିଷ କୁମାର ସ୍ୱାଇଁ, ଡ. ପ୍ରଶାନ୍ତ କୁମାର ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଗିରିଧାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ
## 'ଉତ୍ତମ ଚରିତ୍ର ଓ ଗୁଣାତ୍ମକ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସଫଳ କରାଇଥାଏ'



ବୋଲଗଡ଼,(ଭାସ୍କର ନ୍ୟୁଜ): ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ କଡବସ୍ଥିତ ଗିରିଧାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୪୬ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଓ ସ୍କୁଲ ପରିଚାଳନା କମିଟିର ମିଳିତ ସହଯୋଗରେ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟାପକ ଦେବେନ୍ଦ୍ରନାଥ ଧନୀ, ବିଶିଷ୍ଟ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ ଓ ସମ୍ମାନିତ ଅତିଥି ଭାବେ ବୋଲଗଡ଼ ଗୋଷ୍ଠୀଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ଅବସରପ୍ରାପ୍ତ ହରିବନ୍ଧୁ ତ୍ରିପାଠୀ, ବ୍ଲକ ଅଧକ୍ଷା ହୁଳସ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଡାକ୍ତର ବିଜୟ କୁମାର ଖୁଣ୍ଟିଆ, ସମିତିସଭ୍ୟା ବୈତୁଲ ବିବି ପ୍ରମୁଖ ଯୋଗଦେଇ ଏହାକୁ ଶୁଭ ଉଦ୍‌ଘାଟନ କରିଥିଲେ । ଉତ୍ସବର ପ୍ରାରମ୍ଭରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁ ସ୍ୱାଗତ ଭାଷଣ ଦେଥିବାବେଳେ ଶିକ୍ଷକ ସତ୍ୟବ୍ରତ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ କଳ୍ପନା ଭୋଇ ବାର୍ଷିକ ବିବରଣୀ ପଠନ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଶିକ୍ଷା ବିକାଶର ଚାବିକାଠି ଓ ଜୀବନର ମାନଦଣ୍ଡ ହୋଇଥିବାରୁ ସମସ୍ତ ଛାତ୍ରଛାତ୍ରୀମାନେ ଶୃଙ୍ଖଳା ସହିତ ଉତ୍ତମ ଚରିତ୍ରବାନ ହୋଇ ଗୁଣାତ୍ମକ ଶିକ୍ଷା ଗ୍ରହଣ କରି ଭଲ ମଣିଷ ହେବାକୁ ମୁଖ୍ୟଅତିଥି ବିଧାୟକ ପ୍ରଦୀପ କୁମାର ସାହୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସମସ୍ତ ଛାତ୍ରଛାତ୍ରୀମାନେ କାଠିନ ପରିଶ୍ରମ କଲେ ଜୀବନରେ ବିଜୟୀ ହୋଇପାରିବେ ବୋଲି ସମସ୍ତ ନିମନ୍ତ୍ରିତ ଅତିଥିମାନେ ସୂଚନା ଦେଇଥିଲେ । କୃତୀ ଛାତ୍ରଛାତ୍ରୀମାନଙ୍କୁ ଓ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନଂ ରଖିଥିବା ଛାତ୍ର ଓମ୍ ପ୍ରକାଶ ସାହୁ ପ୍ରମୁଖଙ୍କୁ ପ୍ରମାଣପତ୍ର ପୁରସ୍କାର ଓ ଟ୍ରଫି ସମସ୍ତ ନିମନ୍ତ୍ରିତ ଅତିଥିମାନେ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ଅମ୍ବିକା ମଞ୍ଜରୀ ବେହେରା ଓ ଅର୍ଚ୍ଚନା ମହାପାତ୍ର ପ୍ରମୁଖଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ମନୋରଞ୍ଜନ ଧର୍ମୀ ନୃତ୍ୟ ପରିବେଷଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଅଞ୍ଜନା ଘୋଷ, ଶୁଭଶ୍ରୀ ପଟ୍ଟନାୟକ, ସରୋଜିନୀ ଜୟସିଂହ, ମନୋଜ କୁମାର ପଣ୍ଡା, ପ୍ରେମାନନ୍ଦ ମହଲା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ । ପରିଶେଷରେ ଶିକ୍ଷକ ସୁକାନ୍ତ କୁମାର ବ୍ରହ୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯାତ୍ରୀଙ୍କ କାମରେ ଆସୁନି ଗୋବିନ୍ଦପାଲ୍ଲୀ ବସ୍‌ଷ୍ଟାଣ୍ଡ



ଖଇରପୁଟ, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପଲ୍ଲୀ ରାଜରାସ୍ତାରେ ଦିନକୁ ୩୦ରୁ ଅଧିକ ଦୂରଗାମୀ ଓ ୬୦ରୁ ଅଧିକ ସ୍ଥାନୀୟ ବସ୍ ଯିବା ଆସିବା କରେ । ଗୋବିନ୍ଦପଲ୍ଲୀ ରାଜରାସ୍ତା କଡ଼ରେ ୨୦୧୫ରୁ ନିର୍ମିତ ହୋଇଛି ବସ୍‌ଷ୍ଟାଣ୍ଡ । କିନ୍ତୁ ବିଡମ୍ବନା ଏହା ଯେ କୌଣସି ସରକାରୀ କିମ୍ବା ବେସରକାରୀ, ଦୂରଗାମୀ କିମ୍ବା ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଭିତରକୁ ଯାଆନ୍ତି ନାହିଁ । ରାସ୍ତାରେ ହିଁ ବସ୍ ଯାତ୍ରୀ ଓହ୍ଲାନ୍ତି ଓ ଚଢ଼ନ୍ତି । ଯାତ୍ରୀମାନେ ମଧ୍ୟ ଖରାରେ ଓ ବର୍ଷାରେ ରାସ୍ତାକଡରେ ହିଁ ଜଗି ରହନ୍ତି । ବସ୍‌ଗୁଡିକ ରାସ୍ତାରେ ରହିବା ଦ୍ୱାରା ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ବି ହୋଇଥାଏ । ବସ୍‌ଷ୍ଟାଣ୍ଡରେ ବସ୍ ନରହିବା ଦ୍ୱାରା ସେଠାରେ ନିର୍ମିତ ଦୋକାନ ଗୃହଗୁଡିକ ମଧ୍ୟ ବନ୍ଦ ପଡିଛି, ଯାହାଦ୍ୱାରା ପଞ୍ଚାୟତକୁ କ୍ଷତି ସହିବାକୁ ପଡୁଛି ଏବଂ ଅସାମାଜିକ ବ୍ୟକ୍ତି ଙ୍କ ଅଡ୍ଡା ସ୍ଥଳୀ ପାଲଟିଛି । ଗୋବିନ୍ଦପାଲି ସରପଞ୍ଚ ଶ୍ରୀନିବାସ ମୁଦୁଲି କହିଛନ୍ତି ଯେ ବାରମ୍ବାର ରୋଡ୍ ଟ୍ରନ୍ସପୋର୍ଟ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଲିଖିତ ଜଣାଇବା ପରେ ମଧ୍ୟ ଏହାର କୌଣସି ସୁଫଳ ମିଳୁନି । ବସ୍‌ଷ୍ଟାଣ୍ଡକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଜନସାଧାରଣରେ ଦାବି ହେଉଛି ।



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଉପନିର୍ଦ୍ଦେଶକ,ଉଦ୍ୟାନ କୃଷିବିଭାଗ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋଚିତ୍ର କୁ ବିକୃତ କରାଯାଇଥିବା ନେଇ ମଙ୍ଗଳବାର ବିଜେପି ପକ୍ଷରୁ ଟାଉନଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟଯେ'ଶ୍ରୀରାଧାକାନ୍ତ ମହାନ୍ତ ବିଜେପି ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ,ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ସୂତ୍ରଧର ଉପନିର୍ଦ୍ଦେଶକ,ଉଦ୍ୟାନ କୃଷିବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ସେଠାରେ ଚାଷୀମାନଙ୍କ ପାଇଁ ଆଳୁଚାଷ ପାଇଁ ଆସିଥିବା ବିହନ ପଚିସଡି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଏହାଦ୍ୱାରା ସରକାରଙ୍କର ବହୁମୂଲ୍ୟ ବିହନ ଜାଣିଶୁଣି ନଷ୍ଟ କରାଯାଉଥିବା ଯୋଗୁଁ ଆଳୁ ବିହନର କୃତ୍ରିମ ଅଭାବ ଦେଖାଦେଉଥିବା ଅଭିଯୋଗ ହୋଇଛି। ଏହାଛଡା ଉପନିର୍ଦ୍ଦେଶକ ଉଦ୍ୟାନ କୃଷିବିଭାଗ ଶ୍ରୀଯୁକ୍ତ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋଚିତ୍ରକୁ ନିଶଦାଢି କରି ବିକୃତ କରି ପ୍ରଦର୍ଶନ କରିଛନ୍ତି। ଏହା ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଏବଂ ନିୟମକୁ ଉଲଘଂନ କରୁଛି। ତେବେ ଏହାର ଫଟୋଚିତ୍ର ଭିଡିଓ ଟାଉନ ଥାନା ଅଧିକାରୀଙ୍କୁ ପଠାଇବା ସହିତ ସଙ୍ଗୀନ ଘଟଣା ଘଟାଇଥିବା ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗ ହୋଇଛି।



# ଥାନାବାବୁଙ୍କ ରହଣି ପାଇଁ ନିର୍ମାଣ କ୍ୱାର୍ଟରରେ ନିୟମ ଉଲ୍ଲଘଂନ

- ବାଜିରେ ଲାଗିଛି ଶ୍ରମିକଙ୍କ ଜୀବନ
- ବିନା ସୁରକ୍ଷା କିଟ୍‌ରେ ୪୦ଫୁଟ ଉଚ୍ଚରେ କାମ
- ଶ୍ରମିକଙ୍କୁ ଅଣଦେଖା ଅଭିଯୋଗ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପେଟ ପାଇଁ ଶ୍ରମିକ ତାର ଜୀବନକୁ ବାଜି ଲଗାଇ କାମ କରୁଛି। କୌଣସି ଶ୍ରମଜୀବିଙ୍କୁ ଅସୁରକ୍ଷିତ ଭାବେ କାମ କରାଇବା ଶ୍ରମ ଆଇନ ବିରୋଧ। ଏହା ସତ୍ୱେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନୂତନ ଥାନା ପରିସରରେ ନିର୍ମାଣ ହେଉଥିବା ଥାନାବାବୁ ଙ୍କ ରହଣି ପାଇଁ ନିର୍ମିତ ଷ୍ଟାଫ କ୍ୱାର୍ଟର କାର୍ଯ୍ୟ ଚାଲୁଥିବା ବେଳେ କାମ କରୁଥିବା ଶ୍ରମିକ ନିଜ ଜୀବନକୁ ବାଜିରେ ଲଗାଇଛନ୍ତି। ଷ୍ଟାଫ କ୍ୱାର୍ଟର ନିର୍ମାଣ ଅନେକ ଅନିୟମିତତା ପୂର୍ବରୁ ଆସିଥିବା ବେଳେ ଯାହାକି କିଛି ଦିନ ପୂର୍ବେ ଶ୍ରମିକ ଙ୍କ ସହ ଗଣ୍ଡଗୋଳ ହୋଇଥିବା ଘଟଣା ଥାନାରେ ଅଭିଯୋଗ ହୋଇଥିଲା। ସରକାରୀ କ୍ୱାର୍ଟର କାମ ହେଉଥିଲେ ମଧ୍ୟ କାମ ହାତେଇବା ଠିକାଦାରଙ୍କ ବେପରୁଆ ନିତୀ ଯୋଗୁଁ ଭୂମି ଠାରୁ ବାଉଁଶ ନିର୍ମିତ ସୁରକ୍ଷା ବାଉଁଶରେ ୪୦ଫୁଟ ଉଚ୍ଚରେ ଶ୍ରମିକ ବିନା ସୁରକ୍ଷା ସମାଗ୍ରୀ ପରିଧାନରେ କାମ କରାଯାଉଥିବା ଦେଖିବାକୁ ମିଳିଛି। ଯାହାକି ପାଦେ ପାଦେ ରେ ବିପଦ ରହିଛି। ଶ୍ରମିକମାନଙ୍କୁ ସୁରକ୍ଷା ବେଲ୍ଟ, ହେଲମେଟ ଓ ଗ୍ଲୋବ ଆଦି ସମାଗ୍ରୀ ଯୋଗାଇଦିଆଯାଉନାହିଁ। ଶ୍ରମିକ ମାନେ ବାଉଁଶ ଉପରେ ୪୦ଫୁଟରୁ ଊର୍ଦ୍ଧ୍ୱ ଉପରେ ଝୁଲି ଝୁଲି ରହି ବିପଦ ସଂକୁଳ ଅବସ୍ଥାରେ କାମ କରୁଛନ୍ତି। ପରିବାର ଚଳାଇବାକୁ ଆବଶ୍ୟକ ତାଙ୍କ ପାଇଁ ମୂଳ ଲାଗୁଥିବା ଶ୍ରମିକ ମାନଙ୍କୁ ଠିକାଦାର ବିପଦ ମୁହଁକୁ ଠେଲି ଦେଲା ଭଳି ଅଭିଯୋଗ କରାଯାଉଛି। ଏହି ଦୃଶ୍ୟରୁ ସ୍ପଷ୍ଟ ବାରି ହୋଇ ପଡୁଛି ଠିକାଦାର ଓ ପେଟି କଣ୍ଟ୍ରାକ୍ଟର ଅଧିକ ଲାଭ ଆଶାରେ ଶ୍ରମିକଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ ହୋଇଛି। ଏହାକୁ ବୁଦ୍ଧିଜୀବି ମହଲରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ଦିଗରେ ଓଡିଶା ପୋଲିସ ଏବଂ ଶ୍ରମ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ଉକ୍ତ ଠିକାଦାର ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବୀ ହୋଇଛି।

# ଅପପୁଷ୍ଟିର ମୁକାବିଲା ପାଇଁ ମିଡିଆ ରାଉଣ୍ଡ୍ ଟେବୁଲ୍ ବୈଠକ




ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ୟୁନିସେଫ୍ ଏବଂ ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗର ମିଳିତ ସହଯୋଗରେ ଅତିଶୟ ପୃଷ୍ଟିହୀନ (ସାମ୍-ଏସ୍‌ଏମ୍)ପରି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଏକ ମିଡିଆ ରାଉଣ୍ଡ୍ ଟେବୁଲ୍ ବୈଠକ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ନୀତି ନିର୍ମାତା ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକତ୍ରିତ ହୋଇଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ବିଷୟରେ ସଚେତନ କରାଇବା ଏବଂ ଅଞ୍ଚଳରେ ଅପପୁଷ୍ଟିର ମୁକାବିଲା ପାଇଁ ଜନସଚେତନତା ବଢାଇବା ସହିତ ସମ୍ପ୍ରଦାୟର ଯୋଗଦାନକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଜିଲ୍ଲାରେ ବର୍ତ୍ତମାନ ସମୟର ଅପପୃଷ୍ଟି ଜନିତ ବାସ୍ତବିକତାକୁ ସଂକ୍ଷିପ୍ତରେ ଆଲୋଚନା କରାଯାଇ ଅଧିବେଶନକୁ ଆରମ୍ଭ କରାଯାଇଥିଲା ଏବଂ ସଠିକ୍ ସାମ୍-ଏସ୍‌ଏମ୍ ପରିଚାଳନା ଉପରେ ଗୁରୁତ୍ୱାରୋପ ମଧ୍ୟ କରାଯାଇଥିଲା। ମାଲକାନଗିରି ଡିଏସ୍?ଡବ୍ଲ୍ୟୁ ତେରୋସ୍କୋଭା ମଲ୍ଲିକ୍ କାର୍ଯ୍ୟକ୍ରମକୁ ଆରମ୍ଭ କରି କହିଥିଲେ, "ଅପପୃଷ୍ଟିର ମୁକାବିଲା କରିବା ପାଇଁ ସ୍ଥାୟୀ ଏବଂ ପ୍ରଭାବଶାଳୀ ସମାଧାନ ସୃଷ୍ଟି କରିବା ଆମର ଲକ୍ଷ୍ୟ। ମାଲକାନଗିରିରେ ଅତିଶୟ ଅପପୃଷ୍ଟି ଏକ ଗୁରୁତର ସମସ୍ୟା ରହିଛି, ଯେଉଁଠି ପ୍ରାୟ ୪୬% ପିଲା ବୟସ ଅନୁଯାୟୀ ଉଚ୍ଚତା କମ୍?, ୧୯% ପିଲା ଉଚ୍ଚତା ଅନୁଯାୟୀ ଓଜନ କମ୍ ଏବଂ ୫୨% ପିଲା ବୟସ ଅନୁଯାୟୀ ଓଜନ କମ୍ (ଏନ୍‌ଏଫ୍‌ଏଚ୍‌ଏସ୍-୫)ର ଶିକାର ହୋଇଛନ୍ତି। କେବଳ ମିଳିତ ପ୍ରୟାସ, ସମ୍ପ୍ରଦାୟ ଭିତ୍ତିକ କାର୍ଯ୍ୟକ୍ରମ ଏବଂ ସଚେତନତା ଅଭିଯାନ ମାଧ୍ୟମରେ ଆମେ ସଫଳ ହୋଇ ପାରିବା ବୋଲି ଶ୍ରୀମତୀ ମଲ୍ଲିକ ପ୍ରକାଶ କରିଥିଲେ। ଏହା ସହ ଏହି ପ୍ରୟାସରେ, ସାମ୍?-ଏସ୍?ଏଏମ୍ ପରିଚାଳନା ପାଇଁ ସଚେତନତା ବଢାଇବା ଏବଂ ଏହାକୁ ମୁକାବିଲା କରିବାର ଆବଶ୍ୟକତାକୁ ଉପସ୍ଥାପନ କରିବାରେ ଗଣମାଧ୍ୟମ ଶକ୍ତିଶାଳୀ ଭୂମିକା ଗ୍ରହଣ କରିପାରିବ। ଗଣମାଧ୍ୟମ ସହଯୋଗରେ ଆମେ ମାଲକାନଗିରିରେ ଅପପୃଷ୍ଟି ହ୍ରାସ କରିବାରେ ଅଗ୍ରଗତି କରିପାରିବା ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ। ୟୁନିସେଫ୍?ର ପ୍ରତିନିଧିମାନେ ସାମ୍?-ଏସ୍?ଏଏମ୍ ର ପରିଚାଳନା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡିକ ବିଷୟରେ ବିସ୍ତୃତ ସୂଚନା ଦେବା ସହ ଜିଲ୍ଲା ସ୍ତରରେ ଯୋଜନା କାର୍ଯ୍ୟକାରୀ କରିବା ଏବଂ ଅପପୃଷ୍ଟିର ସଠିକ୍ ସମୟରେ ଚିହ୍ନଟ ଓ ଚିକିତ୍ସାର ଗୁରୁତ୍ୱ ବିଷୟରେ କହିଥିଲେ। ଶିକ୍ଷା ଏବଂ ପ୍ରତିରୋଧ ଉପରେ ବିଶେଷ ଧ୍ୟାନ ଦେଇ ଅପହଞ୍ଚ ଅଞ୍ଚଳରେ ସୂଚନା ପହଞ୍ଚାଇବାରେ ସ୍ଥାନୀୟ ଗଣମାଧ୍ୟମର ଭୂମିକା ଉପରେ ମଧ୍ୟ ସେମାନେ ଆଲୋକପାତ କରିଥିଲେ। ୟୁନିସେଫ୍ ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ମାଲକାନଗିରିର ସାମ୍?-ଏସ୍?ଏଏମ୍ ପରିଚାଳନା କାର୍ଯ୍ୟକ୍ରମକୁ ସମର୍ଥନ କରିବାରେ ୟୁନିସେଫ୍?ର ଭୂମିକା ବିଷୟରେ ସୂଚନା ଦେଇଥିଲେ, "ସାମ୍-ଏସ୍‌ଏମ୍ ର ମୁକାବିଲା କରିବାରେ ଓଡିଶା ସରକାରଙ୍କୁ ସମର୍ଥନ କରିବାକୁ ୟୁନିସେଫ୍ ପ୍ରତିଜ୍ଞାବଦ୍ଧ। ଏହାର ମୁକାବିଲା କରିବା ପାଇଁ ଯୋଜନା କରାଯାଇଥିବା ପଦକ୍ଷେପଗୁଡିକୁ ଆମେ କାର୍ଯ୍ୟକାରୀ କରୁଛୁ ଏବଂ ସ୍ଥାୟୀ ପରିବର୍ତ୍ତନ ଆଣିବା ପାଇଁ ସ୍ଥାନୀୟ ପ୍ରତିନିଧିମାନଙ୍କ ସହ ମିଳିତ ଭାବରେ କାର୍ଯ୍ୟ କରୁଛୁ।" ସେ ଏହା ମଧ୍ୟ କହିଥିଲେ ଯେ, ଗଣମାଧ୍ୟମର ସମର୍ଥନ ସହିତ, ଆମେ ଆଶା କରୁଛୁ ଏହି ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଉନ୍ନତ ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟ ଅଭ୍ୟାସ ଦିଗରେ ଲୋକଙ୍କୁ ଏକତ୍ରିତ କରିପାରିବୁ। ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଆଲୋଚନା ଏବଂ ପ୍ରଶ୍ନ-ଉତ୍ତର ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଠାରେ ଡିଏସ୍‌ଡବ୍ଲ୍ୟୁ ଏବଂ ୟୁନିସେଫ୍ ଟିମ୍ ସହ ଗଣମାଧ୍ୟମର ପ୍ରତିନିଧିମାନେ ସିଧାସଳଖ ଆଲୋଚନା କରିଥିଲେ। ତେବେ ଗଣ ମାଧ୍ୟମ ପ୍ରତିନିଧି ମାନେ ଜିଲ୍ଲାରେ ପୃଷ୍ଟିକର ଖାଦ୍ୟ ପ୍ରଦାନ ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ କରିଥିବା ସହ ତୃଣମୂଳ ସ୍ତରରୁ ଏହି କାର୍ଯ୍ୟକୁ ତଦାରଖ କଲେ ଜିଲ୍ଲାରେ କୁନି କୁନି ଶିଶୁ ମାନେ ସଠିକ ରୂପେ ଏହାର ସୁଫଳ ପାଇ ପାରିବେ ବୋଲି ପ୍ରକାଶ କରିଥିଲେ। ଏହା ସହ ବିଭାଗୀୟ ସ୍ତରରେ ଏହି ଯୋଜନାକୁ ସଫଳ କରିବା ପାଇଁ କଡା ଆଭିମୁଖ୍ୟ ଆଣିବା ପାଇଁ ଗଣ ମାଧ୍ୟମ ପ୍ରତିନିଧି ମାନେ ମତ ରଖିଥିଲେ।

## ହୀରକ ଜୟନ୍ତୀ ଉପଲକ୍ଷେ ବୁଲିଲା ସଚେତନତା ରଥ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍) : ସମ୍ବିଧାନର ହୀରକ ଜୟନ୍ତୀ ଉପଲକ୍ଷେ ଆଜି କେନ୍ଦ୍ରାପଡ଼ାର ପ୍ରତ୍ୟେକ ବ୍ଲକ୍ ରେ ବୁଲିଲା ୟୁନାଇଟେଡ଼ ଫୋରମର ସଚେତନତା ରଥ। ଆଇନପ୍ରଣୟତା ଡ: ବି ଆର ଆମ୍ବେଦକରଙ୍କୁ ସମ୍ମାନ ଜଣାଇବାକୁ ଯାଇ ପ୍ରତ୍ୟେକ ସ୍ଥାନରେ ସଚେତନତା ରଥକୁ ମହିଳାମାନେ ବନ୍ଦାପନା କରୁଥିବାର ଦେଖିବାକୁ ମିଳିଛି। ମୂଳ ନିବାସୀ ୟୁନାଇଟେଡ଼ ଫୋରମ ସଂଗଠନ



ତରଫରୁ ସୁପ୍ରଭା ମଲ୍ଲିକଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଫୋରମର କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ସୁପ୍ରଭା ମଲ୍ଲିକ, ଟିଟୁ ମଲ୍ଲିକ, ସୁରେଶ ମଲ୍ଲିକ, ଧନେଶ୍ୱର ମଲ୍ଲିକ, ନକୁଳ ମଲ୍ଲିକ, ସୁବଳ ମଲ୍ଲିକ, ମାନସ ମଲ୍ଲିକ, ଦିଲିପି ମଲ୍ଲିକ, ସନ୍ତୋଷ ସେଠି,ବିଦ୍ୟାଧର ସେଠି ଭଞ୍ଜ ଜେନା ପ୍ରମୁଖ ଏହି ସଚେତନତା ସଭା ରେ ଯୋଗ ଦେଇ ଏ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ବାଲିଆ ରାଧାକୃଷ୍ଣ ମେଳଣ ଉଦ୍‌ଯାପିତ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ଥାନା ଅନ୍ତର୍ଗତ ବାଲିଆ ପଞ୍ଚାୟତର ବାଲିଆ ଯଜ୍ଞ ପଡିଆରେ ଦ୍ୱିତୀୟ ବାର୍ଷିକ ବାଲିଆ ରାଧାକୃଷ୍ଣ ମେଳଣ ଉଦ୍‌ଯାପିତ ହୋଇଯାଇଛି। ବାଲିଆ ଓ ଏଣ୍ଡର ପଞ୍ଚାୟତର ବିଭିନ୍ନ ଗ୍ରାମ ପୂଜାମଣ୍ଡପରେ ଦୀର୍ଘ ସାତ ଦିନର ପୂଜାର୍ଚ୍ଚନା ପରେ ଗତକାଲି ମଧ୍ୟାହ୍ନରୁ ୯ ଗୋଟି ସୁସଜ୍ଜିତ ରାଧାକୃଷ୍ଣ ଠାକୁରଙ୍କ ମୃଣ୍ମୟୀ ମୂର୍ତ୍ତି ମେଳଣରେ ଅଂଶଗ୍ରହଣ ପାଇଁ ଶୋଭାଯାତ୍ରା ଆରମ୍ଭ କରିଥିଲା। ବାଲିଆ ରାଧାକୃଷ୍ଣ ମେଳଣ କମିଟି ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳଣରେ ମୁରବୀଙ୍କ ନେତୃତ୍ୱରେ ପାରମ୍ପରିକ ବାଦ୍ୟ ଓ ଘଣ୍ଟ ସଂକୀର୍ତ୍ତନ ଶୋଭାଯାତ୍ରରେ ଠାକୁରଙ୍କ ସୁସଜ୍ଜିତ ମେଢ ମେଳଣ ପଡିଆରେ ପହଞ୍ଚିଥିଲା। ମେଳଣର ଥାନପତି ଭାବେ ବାଲିଆ ବଜାରସ୍ଥିତ ମା' ମଙ୍ଗଳା ଯୁବକ ସଂଘ ମେଢ ପ୍ରଥମ କରି ମେଳଣ ପଡିଆରେ ପୂର୍ବରୁ ପ୍ରସ୍ତୁତ ଥିବା ବେଦୀରେ ଉପବେଶନ କରିଥିଲା। ପରେ ପରେ କ୍ରମାନ୍ୱୟରେ ରାଉତସାହି, ବାଲିଆ ୟୁଜିଏମଇ ସ୍କୁଲ ଛକ, ନାୟକସାହି, ସାମଲସାହି, ଗୁଡିଆସାହି ଓ ମୁଳଣାପାଟଣାସାହିର ଶିବଶକ୍ତି ପୂଜାମଣ୍ଡପ ଏବଂ ଏଣ୍ଡର ପଂଚାୟତ ଅଧିନ ଖଟୁଆସାହି ଓ ନୀଳକଣ୍ଠପୁର ଗ୍ରାମ ପୂଜାମଣ୍ଡପ ମେଢ ଗୁଡିକ ମେଳଣ ପଡିଆରେ ପ୍ରବେଶକରି ମେଳଣ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ସ୍ଥାନରେ ବିରାଜମାନ ହୋଇଥିଲେ। ଏହି ମେଳଣରେ ଉକ୍ତ ଦୁଇ ପଂଚାୟତ ସମେତ ଆଖ ପାଖ ଅଂଚଳର ପ୍ରାୟ ପାଞ୍ଚହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ମେଳଣକୁ ଉପଭୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମେଳଣ କମିଟି କର୍ମକର୍ତ୍ତାଙ୍କ ସମେତ ଡେରାବିଶ ଥାନା ପକ୍ଷରୁ ପୋଲିସ କର୍ମଚାରୀମାନେ ମୁତୟନ ରହିଥିଲେ। ପ୍ରାରମ୍ଭରେ ମେଳଣ କମିଟି ସଭାପତି ତଥା ବାଲିଆ ପଞ୍ଚାୟତ ସରପଞ୍ଚ ପ୍ରବୀର କୁମାର ସିଂହ, କାର୍ଯ୍ୟକାରୀ ସଭାପତି ସୁଜିତ ବଳ, କମିଟି ଆବାହକ ହରେକୃଷ୍ଣ ସ୍ୱାଇଁ ଓ ସମାଜସେବୀ ବିପିନ ବିହାରୀ ସାହୁ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉକ୍ତ ଯଜ୍ଞ ପଡିଆରେ ଦ୍ୱିତୀୟ ବାର୍ଷିକ ମେଳଣର ଶୁଭାରମ୍ଭ କରିଥିଲେ।

# ଅବ୍ୟବସ୍ଥାଘେରରେ ଅର୍ଦ୍ଧ ଶତାବ୍ଦୀ ପୁରୁଣା ଅମ୍ବାଦଳା ଉଚ୍ଚ ବିଦ୍ୟାଳୟ




ମୁନିଗୁଡା (ଭାସ୍କର ନ୍ୟୁଜ): ସ୍ୱାଧୀନତା ପରେ ପରେ ୧୯୫୬ ମସିହାରେ ସ୍ଥାପନ ହୋଇଥିଲା ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ସ୍ଥିତ ମଙ୍ଗଳ ବିଭାଗ ଉଚ୍ଚ ବିଦ୍ୟାଳୟ ଓ ଶିକ୍ଷା କ୍ଷେତ୍ରରେ ଏକ ବିରାଟ ଅଞ୍ଚଳର ପ୍ରାଣ କେନ୍ଦ୍ର ରୂପେ ଏହି ବିଦ୍ୟାଳୟ ଦଣ୍ଡାୟମାନ। ଅତୀତରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ସୁପ୍ରସିଦ୍ଧ ବିଦ୍ୟାଳୟର ମାନ୍ୟତା ପାଇଥିବା ତଥା ରାଜ୍ୟସ୍ତରରେ ହାତଗଣତି ଅଗ୍ରଣି ଶିକ୍ଷାନୁଷ୍ଠାନ ତାଲିକାରେ ସ୍ୱର୍ଣ୍ଣିମ ଫର୍ଦ୍ଦ ବଜାୟ ରଖିଥିବା ଏହି ସୁନାମଧନ୍ୟ ଶିକ୍ଷାକେନ୍ଦ୍ର ଏବେ ତାର ପୂର୍ବ ଗୌରବ ହରାଇ ବସିଲାଣି। ରାଜନୈତିକ ସ୍ତରରେ ହେଉ କି ପ୍ରଶାସନିକ ସ୍ତରରେ ବହୁ ଉଚ୍ଚ ପଦବୀ ଅଳଙ୍କୃତ କରିଛନ୍ତି ଏହି ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ। ଅନେକ ସୁପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ଗଢିଥିବା ଏହି ମଣିଷ ତିଆରି କାରଖାନାରେ ଏବେ ଦେଖାଦେଇଛି ଶିକ୍ଷକ ମରୁଡି। ଅନେକ ଦିନ ଧରି ଏଠି ଖାଲି ପଡ଼ିଛି ସଂସ୍କୃତ, କ୍ରୀଡା ଓ କ୍ଲାର୍କ ଶିକ୍ଷକ ପଦବୀ। ଦିନ ଥିଲା ଏହି ବିଦ୍ୟାଳୟ ସଂଖ୍ୟାଧିକ ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଶୃଙ୍ଖଳିତ ଆୟୋଜନ ପାଇଁ ସୁନାମ ଅର୍ଜନ କରିଥିବାବେଳେ ଏଠିକାର ଛାତ୍ର ଛାତ୍ରୀ ବାରମ୍ବାର ଉଚ୍ଚକୋଟୀର ପ୍ରଦର୍ଶନ କରିବା ଦୃଷ୍ଟାନ୍ତ ରହିଛି।ଆଜି କିନ୍ତୁ ଏଠି ନାହାନ୍ତି ତାଲିମପ୍ରାପ୍ତ କ୍ରୀଡା ଶିକ୍ଷକ । ହିନ୍ଦୀ ଶିକ୍ଷକଙ୍କୁ ଖେଳ ତଥା ଶାରିରିକ ଶିକ୍ଷାର ପୃଷ୍ଟପୋଷକ ଦାୟିତ୍ୱ ଦେଇ କାମ ସାରିଦେଇଛନ୍ତି ଉଚ୍ଚ ପଦାଧିକାରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ପ୍ରମୁଖ ତଥା ଯଶସ୍ୱୀ ଶିକ୍ଷାକେନ୍ଦ୍ରର ଏଭଳି ଦୂରାବସ୍ଥା ନିତାନ୍ତ ପକ୍ଷେ ପରିତାପର ବିଷୟ। ଏହି ବିଦ୍ୟାଳୟର ପୂର୍ବତନ ଛାତ୍ର ଭାବେ ମନ୍ତ୍ରୀ ଲାଲ ବିହାରୀ ହିମିରିକା, ବଳଭଦ୍ର ମାଝୀ, ଜଗନ୍ନାଥ ସାରକା ଚର୍ଚ୍ଚିତ ଥିବାବେଳେ ଏବେ ପରିସ୍ଥିତି ଓଲଟା ପରିଲକ୍ଷିତ ହେଉଛି।ଅଧୁନା ଅଧ୍ୟୟନ ରତ ଅନ୍ତେବାସୀ ଓ ଦିବାଧାୟୀ ପ୍ରାୟ ୧୨୦୦ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତି କରୁଛି। ସଂପ୍ରତି ପାଠ୍ୟକ୍ରମ ସଂଯୋଜନା ତଥା ଶିକ୍ଷଣ ପ୍ରକ୍ରିୟାରେ ଅଧୋଗତି ପରିଲକ୍ଷିତ ହେଉଥିବାବେଳେ ପିଲାଙ୍କ ଶାରିରିକ ବିକାଶ ଦିଗରେ ଏହି ବିଦ୍ୟାଳୟ ଖୋରାକ ଯୋଗାଇ ପାରୁନାହିଁ। ଶିକ୍ଷାଦାନର ପ୍ରସଙ୍ଗ ବ୍ୟତୀତ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ସମସ୍ୟାରେ ଛନ୍ଦି ହୋଇ ପଡିଛି ଏହି ବିକଳ୍ପଶୂନ୍ୟ ପାଠଶାଳା। ଦୂର ଦୂରାନ୍ତରେ ଚର୍ଚ୍ଚିତ ଉଚ୍ଚ ବିଦ୍ୟାଳୟ ଏବେ ନିଜେ ନିଜର ପରିଚୟ ଖୋଜୁଛି। ଅଧପତନ ମୁଖୀ ଏହି ବିଦ୍ୟାଳୟର ସାମ୍ପ୍ରତିକ ପରିସ୍ଥିତି ପ୍ରଶାସନିକ ଉଦାସୀନତାକୁ ପଦାରେ ପକାଉଛି।ଖବର କାଗଜରେ ବାରମ୍ବାର ଖବର ପରିବେଷଣ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ତେବେ ତୁରନ୍ତ ଉପରୋକ୍ତ ଶିକ୍ଷକ ପଦବୀ ପୂରଣ ସହିତ ପ୍ରାଥମିକ ସମସ୍ୟା ଗୁଡିକର ସମାଧାନ ପାଇଁ ଅବିଭାବକ ଓ ସ୍ଥାନୀୟ ଜନସାଧାରଣ ଦାବି ରଖିଛନ୍ତି।

# କରାତଳି ତାମ୍ପରା ପୁନରୁଦ୍ଧାର ଦାବି



ଛତ୍ରପୁର,(ଭାସ୍କର ନ୍ୟୁଜ୍): ଛତ୍ରପୁର ନିକଟ କରାତଳି ତାମ୍ପରା ଆନ୍ଧ୍ର ମାଫିଆଙ୍କ କବ୍‌ଜାରେ ରହିଛି। ଏହି ସମସ୍ୟାର ସମାଧାନ ନେଇ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଏକ ସ୍ମାରକପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ସମ୍ପାଦକ ସୀମାଞ୍ଚଳ ନାହାକ ସୂଚନା ଦେଇଛନ୍ତି। ଏଥିଲାଗି ଛତ୍ରପୁର ବ୍ଲକ ଭିକାରିପଲ୍ଲୀ, ସୁନ୍ଦରପୁର, ବିପୁଳିଙ୍ଗି, ଚିକଲଖଣ୍ଡି, ମହାନାଦପୁର, ପୋଡାପଦର ଏବଂ ଗଞ୍ଜାମ ବ୍ଲକର କରପଡା ଓ ରାଜପୁର ପଞ୍ଚାୟତରେ ଜଳସେଚନ ସମସ୍ୟା ଲାଗି ରହିଛି। କରାତଳି ତାମ୍ପରାକୁ ଆନ୍ଧ୍ର ମାଫିଆଙ୍କ କବ୍‌ଜାରୁ ମୁକ୍ତ କରିବା ସହ ତାମ୍ପରାର ଆୟକଟ ବାହାର କରି ପୁନରୁଦ୍ଧାର କରିବାକୁ ଦାବି କରାଯାଇଛି। ତାମ୍ପରାରେ ମେଗା ଉଠା ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା କରି ଉକ୍ତ ପଞ୍ଚାୟତ ଗୁଡିକୁ ସେଚର ସୁବିଧା କରିବାକୁ ଦାବି ହୋଇଛି। ଅନ୍ୟ ଦାବିଗୁଡିକ ମଧ୍ୟରେ ଜୟମଙ୍ଗଳ କେନାଲରେ ପାଣି ଛାଡିବା ସହ ଏହାର ଶାଖା କେନାଲ ଗୁଡିକର ପୁନରୁଦ୍ଧାର, ବିହନ ଓ ସାର ରିହାତି ଦରରେ ଦେବା, ଚାଷୀଙ୍କୁ ବିଦ୍ୟୁତ୍ କର ଛାଡ, ବାରହା ଓ ମାଙ୍କଡ ଉପଦ୍ରବରୁ ଫସଲ ରକ୍ଷା ପାଇଁ ବ୍ୟବସ୍ଥା କରିବା ଆଦି ରହିଛି।

# ଭଞ୍ଜନଗରରେ ଖୋଲିଲା ରାଜସ୍ଥାନୀ ଶୀତ ବସ୍ତ୍ର ବଜାର



ଭଞ୍ଜନଗର(ଭାସ୍କର ନ୍ୟୁଜ୍): ଆସିଲା ଶୀତଋତୁ। ଆଉ ଶୀତ ଋତୁରେ ଶୀତର ପ୍ରକୋପରୁ ନିଜକୁ ରକ୍ଷା କରିବା ପାଇଁ ଭଳିକି ଭଳି ଶୀତବସ୍ତ୍ରର ପସରା ଏବେ ଭଞ୍ଜନଗର ସହରରେ ଖୋଲିବା ଆରମ୍ଭ ହେଲାଣି। ତେବେ ସହରବାସୀଙ୍କ ପ୍ରଥମ ପସନ୍ଦ ପାଲଟିଥିବା ରାଜସ୍ଥାନୀ ଶୀତ ବସ୍ତ୍ରର ବଜାର ମଧ୍ୟ ଇତିମଧ୍ୟରେ ସହରର ଭେଜିପୁଟ ଶିବ ମନ୍ଦିର ନିକଟରେ ଖୋଲିଲାଣି। ସୁଦୂର ରାଜସ୍ଥାନରୁ ଏବେ ୫ ବର୍ଷ ଧରି ରାଜସ୍ଥାନର କୋଟା ଜିଲ୍ଲା ଇଲାକାରୁ କିଛି ବ୍ୟବସାୟୀ ଶୀବବସ୍ତ୍ର ଧରି ଭଞ୍ଜନଗର ବଜାରକୁ ଆସୁଛନ୍ତି। ଆଉ ଏଠାରେ ଦୀର୍ଘ ୩ମାସ ଶୀତ ପୋଷାକର ଏକ ବଜାର ଖୋଲି ବ୍ୟବସାୟ କରୁଛନ୍ତି। ଚଳିତବର୍ଷ ମଧ୍ୟ ଏହି ରାଜସ୍ଥାନୀ ବେପାରୀମାନେ କୋଟା ଇଲାକାର ସର୍ଦ୍ଦାର ସିଂଙ୍କ ତତ୍ତ୍ୱାବଧାନରେ ଭଞ୍ଜନଗର ସହରକୁ ଆସିଛନ୍ତି। ଏବେସୁଦ୍ଧା ଏମାନେ ୫ଟି ଷ୍ଟଲ କରି ଶୀତବସ୍ତ୍ର ବିକ୍ରି କରିବା ଆରମ୍ଭ କରିଛନ୍ତି। ଲୋକଙ୍କ ପସନ୍ଦ ମୁତାବକ ଭଳକି ଭଳି ଶୀତବସ୍ତ୍ର ବିଶେଷକରି ଜ୍ୟାକେଟ୍ ଠାରୁ ଆରମ୍ଭ କରି ଉଲେନ୍ ସୁଇଟର ଯାଏଁ କମ୍ବଳ ଠାରୁ ଆରମ୍ଭ କରି ୫ ହଜାର ମୂଲ୍ୟର ବ୍ଲାଙ୍କେଟ୍ ଯାଏଁସବୁ କିଛି ବିକ୍ରିକରୁଛନ୍ତି ଏହି ରାଜସ୍ଥାନୀ ବ୍ୟବସାୟୀମାନେ। ଏମାନେ ଫେବୃଆରୀ ୧୫ ଯାଏଁ ଏଠାରେ ବ୍ୟବସାୟ କରିବାସହ ପୁଣିଥରେ ନିଜ ଅଂଚଳକୁ ଫେରିଥାନ୍ତି। ଏବେ ଦୀର୍ଘ ୫ ବର୍ଷଧରି ଏମାନେ ନିୟମିତ ଭଞ୍ଜନଗର ସହରକୁ ଆସି ଏହି ନିର୍ଦ୍ଦିଷ୍ଟ ସ୍ଥାନରେ ହିଁ ବ୍ୟବସାୟ ପସରା ଖୋଲୁଛନ୍ତି। ତେବେ କୋଭିଡ ସମୟରେ ଏମାନଙ୍କ ବ୍ୟବସାୟ ପ୍ରଭାବିତ ହୋଇଥିଲା। ପରେ କୋଭିଡ ହଟିବାପରେ ଏମାନେ ପୁଣିଥରେ ଏଠାରେ ନିଜର ସ୍ୱତନ୍ତ୍ର ଶୀତବସ୍ତ୍ର ବଜାର ଖୋଲି ବ୍ୟବସାୟ କରୁଛନ୍ତି। ଏହି ଦଳର ମୁଖିଆ ସର୍ଦ୍ଦାର ସିଂଙ୍କ ସୂଚନା ପ୍ରକାରେ ଚଳିତ ବର୍ଷ ଏବେଠାରୁ ଶୀତ ପଡିବା ଆରମ୍ଭ ହେଲାଣି। ଏଣୁ ଚଳିତବର୍ଷ ଭଲ ବ୍ୟବସାୟ ହେବାନେଇ ସେମାନେ ଆଶା ବାନ୍ଧିଛନ୍ତି। ତେବେ ସବୁକିଛି ପାଗ ଉପରେ ନିର୍ଭର କରେ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟଯେ ଏବେ ୩ ଦିନ ହେଲା ଭଞ୍ଜନଗର ସହରରେ ଶୀତର ପ୍ରକୋପ ବୃଦ୍ଧି ପାଇଥିବା ଅନୁଭବ କରାଯାଉଛି। ଦିନରେ ତାପମାତ୍ରାରେ ସେଭଳି କିଛି ପରିବର୍ତ୍ତନ ହେଉନଥିଲେ ମଧ୍ୟ ରାତିରେ ତାପମାତ୍ରା ଆକସ୍ମିକ ଭାବେ ଖସିବାସହ ଏବେ ରାତିର ତାପମାତ୍ରା ଏଠାରେ ୧୫ ଡିଗ୍ରୀ ତଳେ ରହୁଛି। ଆଉ ଚଳିତ ବର୍ଷ ଏହି କାରଣରୁ ଭଞ୍ଜନଗର ତଥା ଏହାର ଆଖାପାଖ ଇଲାକାରେ ଭଲ ଶୀତ ଅନୁଭୂତ ହେବା ଆଶା କରାଯାଉଛି।

## ଆସୁଛି ଲଘୁଚାପ
# ପାଚିଲା ଧାନକୁ ନେଇ ଚିନ୍ତାରେ ଚାଷୀ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ବାତ୍ୟା ଦାନା ବିଭୀଷିକା ଆଂଶିକ ମାତ୍ରାରେ ପଡ଼ିଥିବା ସତ୍ୱେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବାସୀଙ୍କ ମନରୁ ଲିଭିନଥିବା ବେଳେ ଏବେ ପୁଣି ବଙ୍ଗୋପସାଗର ରେ ଥିବା ଅନ୍ୟଏକ ଲଘୁଚାପ ସୃଷ୍ଟି ହେବା ନେଇ ଆକଳନ କରାଯାଉଛି। ବିଲରେ ପାଚିଲା ଧାନ ଥିବାରୁ ଏହାକୁ ନେଇ ଅସ୍ତରଙ୍ଗ ବ୍ଲକର ଚାଷୀ ଏବେ ଚିନ୍ତାରେ ଅଛନ୍ତି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଆଗାମୀ ଦିନରେ ବର୍ଷା ହେଲେ ବିଲରେ ଧାନ ନଷ୍ଟ ହେବାର ଆଶଙ୍କା ସେମାନଙ୍କୁ ଘାରିଛି। ଦାନା ପରେ ବର୍ତ୍ତିଯାଇଥିବା ଧାନ ଗଛ ଏବେ ପ୍ରାୟତଃ ପାଚିଲାଣି। ଆଉ ସପ୍ତାହ କିମ୍ବା ଦୁଇ ସପ୍ତାହ ପରେ ଏହା ଅମଳ ଉପଯୋଗୀ ହେବ। ଚାଷୀ ଏଥିରୁ କିଛି ଅମଳ କରିବା ନେଇ ସ୍ୱପ୍ନ ଦେଖୁଥିବା ବେଳେ ଆଗାମୀ ଲଘୁଚାପ ଏହି ସ୍ୱପ୍ନକୁ ଧୂଳିସାତ କରିବା ନେଇ ସେମାନେ ଆଶଙ୍କା ପ୍ରକାଶ କଲେଣି। ଅନେକ ଅଧା ପାଚିଲା ଧାନକୁ ଲଘୁଚାପ ଭୟରେ କାଟି ଖଳାକୁ ଆଣିଲେଣି। ଦାନାର ଲୋଲୁପ ଦୃଷ୍ଟିରୁ ବର୍ତ୍ତିଯାଇଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଆଳଙ୍ଗପୁର, ଆଳସାହି, ନୂଆଗଡ, ଶିଶୁଅ, ମାଣ୍ଡୁକି ସମେତ ଅନ୍ୟ ପଂଚାୟତ ଧାନ ଚାଷ ଭଲ ହୋଇଛି। ଆଗାମୀ ସପ୍ତାହ ଭିତରେ ଅମଳ କରିବାକୁ ଚାଷୀ ଲକ୍ଷ୍ୟ ରଖିଛନ୍ତି। ଯଦି ଲଘୁଚାପ ପାଇଁ ଏହି ସମୟରେ ବର୍ଷା ହେବ ତେବେ ଏହି ପାଚିଲା ଧାନ ବିଲରେ ନଷ୍ଟ ହେବା ନେଇ ଚାଷୀ ଆଶଙ୍କା କରିଛନ୍ତି। ପାଣିପାଗ ବିଭାଗ ସୂଚନା ଅନୁସାରେ ୨୧ତାରିଖ ସୁଦ୍ଧା ବଙ୍ଗୋପସାଗର ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହେବାର ସମ୍ଭାବନା ଦେଖାଯାଇଛି।ଏହା ୨୩ ତାରିଖରେ ଲଘୁଚାପ ରୂପ ନେବ। କିପରି କେଉଁ ଦିଗରେ ଅବପାତ ରୂପ ନେବ ତାହା ସ୍ପଷ୍ଟ ହୋଇନି। ତେବେ ଏହି ଲଘୁଚାପର ପ୍ରଭାବ କେଉଁ ପ୍ରକାର ରହୁଛି ତାହା ସ୍ପଷ୍ଟ ହୋଇନି। ଯଦି ଲଘୁଚାପ ଯୋଗୁଁ ବର୍ଷା ହେବ ତେବେ ଚାଷୀଙ୍କୁ କନ୍ଦାଇବ।

## ଛାତ୍ରଙ୍କ ବିୟୋଗରେ ବିଦ୍ୟାଳୟରେ ଶୋକସଭା

ଡେରାବିଶ(ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଂଚାୟତ ଅନ୍ତର୍ଗତ ବଳଭଦ୍ରପୁର (ପଲେଇ ସାହି) ଗ୍ରାମରେ ଗତକାଲି ବିଷଧର ସାପ କାମୁଡ଼ାରେ ଜଣେ ଛାତ୍ରର ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ପଲେଇ ସାହି ଗ୍ରାମର ସରୋଜ ନାୟକଙ୍କ ପୁଅ କ୍ଷିତିଶ କୁମାର ନାୟକ (୯) । କ୍ଷିତିଶ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ଚତୁର୍ଥ ଶ୍ରେଣୀର ଛାତ୍ର ଥିଲେ । କ୍ଷିତିଶଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବିଦ୍ୟାପୀଠ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ପ୍ରାର୍ଥନା ପରେ କ୍ଷିତିଶଙ୍କ ଆତ୍ମାର ସଦ୍‌ଗତି ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ନୀରବ ପ୍ରାର୍ଥନା କରିବା ସହ ଏହି ଦିବଂଗତ ମେଧାବୀ ଛାତ୍ରଙ୍କ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧ୍ୟ ଉପସ୍ଥିତ ରହିଥିଲେ । ପରେ ଅପରାହ୍ନ ୪ଟାରେ ବିଦ୍ୟାଳୟ ଛୁଟି ହେବା ପରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଦିବଂଗତ ଛାତ୍ରଙ୍କ ଘରକୁ ଯାଇ ପୁତ୍ର ବିୟୋଗରେ ଧୈର୍ଯ୍ୟହରା ପିତାମାତା ଓ ଜେଜେମାଙ୍କୁ ବୁଝାଇ ସୁଝାଇ ସାନ୍ତ୍ୱନା ଦେଇଥିଲେ ।

# ରାଶିଫଳ

**ଗୁରୁବାର, ୨୧ ନଭେମ୍ବର ୨୦୨୪**



**ମେଷ:** ଚାକିରି କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ପାଇବ । ପାରିବାରିକ ପରିବେଶ ଭଲ ରହିବ ଏବଂ ପରିବାର ଖୁସିରେ ସେମାନଙ୍କ ସହିତ ସମୟ ବିତାଇବେ । ଧର୍ମ ଉପରେ ବିଶ୍ୱାସ ବୃଦ୍ଧି ପାଇବ।



**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ । ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ, ଅନାବଶ୍ୟକ ଖର୍ଚ୍ଚ ବଢ଼ିବା କାରଣରୁ ଚାପରେ ରହିପାରେ । ବିବାହିତ ଜୀବନ ଭଲ ହେବ ।



**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ । ଶ୍ରମିକ ଶ୍ରେଣୀରେ ଉତ୍ସାହ ରହିବ । ଜୀବନସାଥୀ ସହିତ ସମ୍ପର୍କ ଆନ୍ତରିକ ହେବ । କାର୍ଯ୍ୟରେ ଅଳ୍ପ ସମୟ ରହିପାରେ ।



**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ । ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ। ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ ।



**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ । ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ, ଯାହା ଲାଭଦାୟକ ହେବ । ପରିବାର ସହିତ ଏକ ଖୁସିର ଦିନ ବିତାଇବ । ।ଙ୍ଗମାନଙ୍କ ସହିତ ସଂଗଠିତ ହୋଇପାରିବ ।



**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ । ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ । ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ । ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ ।



**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ । ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ । ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ । ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ ।



**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ । ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ । ପରିବାର ସହିତ ସମୟ ବିତାଇବେ । ଦାମ୍ପତ୍ୟ ଜୀବନରେ ସୁଖ ଆସିବ । ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ ।



**ଧନୁ :** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ । ବ୍ୟବସାୟରେ ଲାଭଜନକ କାରବାର ହେବ । ନୂତନ ବିନିଯୋଗ ସୁଯୋଗ ମିଳିବ । ପରିବାରର ପରିବେଶ ଖୁସି ହେବ। ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ। ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ ।



**ମକର:** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ, ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ । ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ । ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ । ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ଦାୟିତ୍ୱ ପୂରଣ କରିବେ । ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ ।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ । କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ । ଅଟକି ରହିଥିବା ଯୋଜନାଗୁଡିକ ସଂପୂର୍ଣ୍ଣ ହୋଇପାରିବ । ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ।



ଜ୍ୟୋତିଷ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବରଗଡ଼(ଭାସ୍କର ନ୍ୟୁଜ): ବରଗଡ଼ ଜିଲ୍ଲା ଭଟଲୀ ସରସ୍ୱତୀ ଶିଶୁ ମନ୍ଦିର ଠାରେ ପ୍ରାଚୀର ପତ୍ରିକା ଶ୍ରୀ ଉନ୍ମୋଚିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ତଥା ଶିଶୁ କିଶୋର ପତ୍ରିକା ଯୁଗୋପଯୋଗୀ ସୁବର୍ଣ୍ଣଦୀପର ସମ୍ପାଦକ ପ୍ରଦୀପ୍ତ ଭାନୁ ମହାନ୍ତି ଯୋଗଦେଇ ଶିଶୁ ସାହିତ୍ୟର ବିକାଶ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଅଭିଭାବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ନିଜ ବକ୍ତବ୍ୟରେ ସେ ପିଲା ମାନଙ୍କୁ ବିଭିନ୍ନ ପତ୍ର ପତ୍ରିକା ପଢିବାକୁ ଆହ୍ୱାନ କରିଥିଲେ । ପତ୍ର ପତ୍ରିକା ପଢିଲେ ନିଜ ମନରେ ଲେଖିବାର ଆଗ୍ରହ ପ୍ରକାଶ ପାଇଥାଏ । ମୋବାଇଲ ଦେଖା ଠାରୁ ଦୂରେଇ ରହି ପଢିବା ଅଭ୍ୟାସ କରିବାକୁ ପରାମର୍ଶ ଦେଇ ଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶୀଲ ସାହୁ, ପରିଚାଳନା କମିଟିର ସଭାପତି ଦୟାନିଧି ପଧାନ, କୋଷାଧ୍ୟକ୍ଷ ଶିବପ୍ରସାଦ ରଥ ଯୋଗଦେଇ ଥିଲେ । ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୀତିକା ସାହୁ, ଶ୍ରାବଣୀ ସାହୁ, ସୌମ୍ୟା ପଧାନ, ଜୁବୁଲି ପଧାନ , ଦିଶାରାଣୀ ମିଶ୍ର, ସ୍ମୃତୀମୟୀ ପଣ୍ଡା , ନିଶାରାଣୀ ପଧାନ, ସିଦ୍ଧି ସ୍ୱରୂପା ସାହୁ, ସାଇ ଶ୍ରୀୟାଂଶ ରଥ ପ୍ରମୁଖ ଛାତ୍ର ଛାତ୍ରୀଙ୍କ ଲେଖା ଏହି ପ୍ରାଚୀର ପତ୍ରିକାରେ ପ୍ରକାଶିତ ହୋଇଛି । ଗୁରୁମା ସୁଷମା ତିୱାରୀ କାର୍ଯ୍ୟକ୍ରମ ସଂଯୋଜନା, ଗୁରୁମା ସଙ୍ଗୀତା ଦାଶ ସହଯୋଗ କରିଥିବା ବେଳେ ଦୟାନିଧି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ।



# ବେଧଡ଼କ ଗୁଟ୍‌କା ବ୍ୟବସାୟ ବନ୍ଦ ହେବ କେବେ ?




ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକରେ ବେଧଡକ ଚାଲିଛି ଗୁଟକା ବ୍ୟବସାୟ । ଏଠାରେ ଆଶିକ୍ ଗୁଟଖା ସଫଳ ଗୁଟଖା ଆଦି ଦୋକାନ ଗୁଡ଼ିକରେ ଖୁଲମ୍‌ଖୁଲା ବେଆଇନ ଭାବେ ବିକ୍ରୀ ହେଉଥିଲେ ହେଁ ଏହା ପ୍ରଶାସନର ନଜରରେ ପଡ଼ି ପାରୁନି। ପଡୋଶୀ ରାଜ୍ୟ ଛତିଶଗଡରୁ ବିଭିନ୍ନ ପ୍ରକାର ଗୁଟକା ରାଇଘର ଅଞ୍ଚଳରେ ବିକ୍ରି ହଉଛ । ଛତିଶଗଡ ଅଞ୍ଚଳର କିଛି ବ୍ୟବସାୟୀ ରାଇଘର ଅଞ୍ଚଳରେ ଘର ଭଡ଼ା ନେଇ ଖୁଲମ୍‌ଖୁଲା ବଜାର ହାଟ ସହ ୨୬ ଗୋଟି ପଞ୍ଚାୟତରେ ବୁଲିବୁଲି ବ୍ୟବସାୟ କରୁଛନ୍ତି । ବେଆଇନ ଭାବେ କାରବାର ଚାଲିଥିବା ବେଳେ ପ୍ରଶାସନ ଛୋଟ ମୋଟ ବ୍ୟବସାୟୀକୁ ଟାର୍ଗେଟ କରୁଥିବା ବେଳେ ବଡ ବ୍ୟବସାୟୀ ଓ ଗୁଟକା ଦଲାଲ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ତେବେ କୋଟି କୋଟି ଟଙ୍କାର ବ୍ୟବସାୟ ଖୁଲମ୍‌ଖୁଲା ଚାଲୁଥିବା ବେଳେ ବ୍ୟବସାୟ କରିବାକୁ ପ୍ରଶ୍ରୟ ଦେଉଛି କିଏ ବୋଲି ଚର୍ଚ୍ଚା ଜୋର୍ ଧରିଛି । ବ୍ଲକ ହେଡକ୍ୱାଟର ଠାରେ ଥାନା ଓ ଅବକାରୀ ବିଭାଗ କାର୍ଯ୍ୟାଳୟ ରହିଥିବା ବେଳେ ଏଠାରେ ବେଆଇନ କାରବାର ଚାଲୁ ରହିଛି । ପ୍ରତିବର୍ଷ ମେ ୩୧ ତାରିଖକୁ ସାରା ଭାରତରେ ବିଶ୍ୱ ତମାଖୁ ବର୍ଜନ ଦିବସ ଭାବେ ପାଳନ କରାଯାଉଛି । ତମାଖୁ ସେବନର ଭୟାବହତା ସମ୍ପର୍କରେ ସଚେତନ କରା ଯାଉଛି କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ସମସ୍ତେ ଭୁଲି ଯାଇଥାନ୍ତି । ୨୦୧୩ ମସିହା ଠାରୁ ତମାଖୁଯୁକ୍ତ ସାମଗ୍ରୀ ବିକ୍ରୀ ଓ ଉତ୍ପାଦନକୁ ନିଷିଦ୍ଧ ଘୋଷଣା କରାଯାଇଛି । ଏହାର ୧୦ ବର୍ଷ ପରେ ମଧ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ସମ୍ପୂର୍ଣ୍ଣ ଭାବେ ଗୁଟକା କାରବାର ବନ୍ଦ ହୋଇ ପାରିନାହିଁ । ନିଷିଦ୍ଧ ଘୋଷଣା ହେବାର କିଛିଦିନ ପର୍ଯ୍ୟନ୍ତ ଲୁଚାଛପାରେ ତମାଖୁ ଯୁକ୍ତ ସାମଗ୍ରୀ ବିକ୍ରି ହେଉଥିଲା ବର୍ତ୍ତମାନ କିନ୍ତୁ ଖୁଲମ୍‌ଖୁଲା ବିକ୍ରୀ ହେଉଛି । ପ୍ରଶାସନ କିମ୍ବା ପୋଲିସ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରୁନି । ପୋଲିସ ଓ ପ୍ରଶାସନ ପକ୍ଷରୁ ଗତଦିନ ମାନଙ୍କରେ ଧରପଗଡ କେବଳ ଛୋଟ ମୋଟ ବ୍ୟବସାୟ ଉପରେ ହେଉଥିବା ବେଳେ ବଡ ବଡିଆ ଉପରେ ଧରପଗଡ ଠିକ୍ ଭାବେ ହେଉ ନ ଥିବାରୁ ଏହାର ବିକ୍ରି ଦିନକୁ ଦିନ ବଢ଼ିବାରେ ଲାଗିଛି । ରାଜ୍ୟ ସରକାର ତମାଖୁ ନିଷେଧ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତମାଖୁ ପ୍ରସ୍ତୁତି ସହ କିଣାବିକା ଉପରେ କଟକଣା ଜାରି ହୋଇଛି, କିନ୍ତୁ ଜିଲ୍ଲା ପ୍ରଶାସନ ଓ ପୋଲିସର ଏଥିପ୍ରତି ଆନ୍ତରିକତା ନ ଥିବାରୁ ସହରରେ ବେଧଡକ ଭାବେ ଗୁଟକା ବିକ୍ରୀ ହେଉଥିବା ଅଭିଯୋଗ ହୋଇଛି । ଯେଉଁଠି ଦେଖିବ ମାଳ ମାଳ ଗୁଟକା ଦେଖିବାକୁ ମିଳୁଛି। ତମାଖୁ ସେବନରେ ଅଭ୍ୟସ୍ତ ବ୍ୟକ୍ତିମାନେ ଏହାର କୁପ୍ରଭାବ ଜାଣି ମଧ ଅଭ୍ୟାସକୁ ଛାଡି ପାରୁନାହାନ୍ତି। ସଚେତନତା ଅଭାବରୁ ଅଧିକାଂଶ କିଶୋର ଓ ଯୁବପିଢ଼ି ମଧ ତମାଖୁ ସେବନ ପ୍ରତି ଆକର୍ଷିତ ହେଉଛନ୍ତି । ୨୬ ଗୋଟି ପଞ୍ଚାୟତରେ ଗୁଟକା ବ୍ୟବସାୟୀମାନେ କୋଟି କୋଟି ଟଙ୍କାର ବିଭିନ୍ନ ବ୍ରାଣ୍ଡର ଗୁଟକା ଆଣି ଅବାଧରେ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି । ସରକାରଙ୍କ ତମାଖୁ ନିଷେଧ କେବଳ କାଗଜ କଲମରେ ସୀମିତ ରହି ଯାଇଛି । ତମାଖୁ ସେବନ ଦ୍ୱାରା ମୁଖ କର୍କଟ ପରି ନାନା ରୋଗରେ ପୀଡିତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ରାଇଘର ବ୍ଲକରେ ପ୍ରତ୍ୟେକ ଦିନ ସକାଳ ହେବା ମାତ୍ରେ ଗୋଦାମ ଗୁଡିକରୁ ବାଇକ୍ ଯୋଗେ ବସ୍ତା ବସ୍ତା ଧରି ଗ୍ରାମାଞ୍ଚଳରେ ରପ୍ତାନି ହେଉଛି ଏଥି ସହ ବିଜ୍ଞାପନ ଭଳି ଯେଉଁଠି ଇଚ୍ଛା ହେଲା ସେହି ସ୍ଥାନରେ ଜନଗହଳି ପୂର୍ଣ୍ଣ ସ୍ଥାନରେ ଗୁଟକା ଖାଇବାକୁ ଗୁଟକା ବ୍ୟବସାୟୀମାନେ ଅବଗତ କରୁଛନ୍ତି। ବର୍ତ୍ତମାନ ସମୟରେ ରାଇଘର ବ୍ଲକରେ ଦୁଇ ଗୋଟି ଗୁଟକା ମଧରେ ବେପାରକୁ ନେଇ ଜୋରଦାର କସରତ ଚାଲିଛି । ତେବେ ପ୍ରତି ଦିନ ଖୁଲମ୍‌ଖୁଲା ବେଆଇନ କାରବାର ଚାଲିଥିବା ବେଳେ କାହା ଅନୁମତିରେ ଛତିଶଗଡର ଗୁଟକା ସହ ଆଶିକ୍ ଗୁଟଖା ଖୁଲମ୍‌ଖୁଲା ବିକ୍ରି ଚାଲି ଥିବା ବେଳେ ପ୍ରଶାସନ କୌଣସି ପ୍ରକାର ପଦକ୍ଷେପ ନ ନେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ସୁଭଦ୍ରା ଯୋଜନାରୁ ବଞ୍ଚିତ ବଣ୍ଡା ଆଦିମ ଜନଜାତି

ଖଇରପୁଟ(ଭାସ୍କର ନ୍ୟୁଜ): ନୂଆ ସରକାରଙ୍କ ପ୍ରଥମ ଯୋଜନା ସୁଭଦ୍ରା କୁ ନେଇ ସବୁଠି ରହିଥିଲା ଉତ୍ସାହ। ସେଭଳି ଉତ୍ସାହିତ ହୋଇଥିଲେ ମାଲକାନଗିରି ଜିଲ୍ଲା ବଣ୍ଡାଘାଟୀର ଆଦିମ ଜନଜାତି । କିନ୍ତୁ ଦୁଇ ଦୁଇଟି କିସ୍ତି ଆସିବା ପରେ ମଧ ଅଧାରୁ ଅଧିକ ଲୋକେ ସୁଭଦ୍ରା ଯୋଜନା ପାଇବାରୁ ବଞ୍ଚିତ ଅଛନ୍ତି। ନପାଇବା କାରଣ କଣ ? । ମହିଳା ଓ ଶିଶୁ ବିକାଶର ଅଧିକାରୀ କଣ କରୁଛନ୍ତି ?। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ମୁଦୁଲିପଡ଼ା ଓ ଅଣ୍ଡରାହାଲ ଏହି ଦୁଇଟି ପଞ୍ଚାୟତକୁ ନେଇ ଗଠିତ ବଣ୍ଡାଘାଟୀ। ସମୁଦ୍ର ପତନ ଠାରୁ ପ୍ରାୟ ୫ ହଜାର ଫୁଟ ଉପରେ ରହିଥିବା ଏହି ଜନଜାତିଙ୍କ ସଂଖ୍ୟା ପ୍ରାୟ ୫ ହଜାରରୁ ଅଧିକ। ପୂର୍ବ ସରକାରରେ ସବୁବେଳେ ପ୍ରାଇମ୍ ଫୋକସରେ ରହିଥିବା ବଣ୍ଡାଘାଟୀରେ ନୂଆ ସରକାର ଆସିବା ପରେ ନୂଆ ସରକାରଙ୍କ ନୂଆ ଯୋଜନା ସୁଭଦ୍ରା କୁ ନେଇ ବେଶ ଉତ୍ସାହ ଦେଖା ଦେଇଥିଲା। ଯେତେବେଳେ ସୁଭଦ୍ରା ଯୋଜନାର ରଥ ବଣ୍ଡାଘାଟୀକୁ ଆସିଥିଲା ସେତେବେଳେ ମଧ ବେଶ୍ ଉତ୍ସାହ ସହ ସ୍ୱାଗତ ମଧ କରିଥିଲେ ଏହି ବଣ୍ଡାଘାଟୀର ଜନଜାତି ।କିନ୍ତୁ





ସୁଭଦ୍ରା ଯୋଜନାର ଦୁଇ ଦୁଇଟି କିସ୍ତି ଆସିବା ପରେ ମଧ ବଣ୍ଡାଘାଟୀର ହିତାଧିକାରୀ ଏବେ ବି ସୁଭଦ୍ରା ଯୋଜନାରୁ ବଞ୍ଚିତ ଅଛନ୍ତି। ଯେମିତି ଏଇ ଜଣେ ବଣ୍ଡା ମହିଳା ସମ୍ବାରି ଚାଲାଣ ।ଘର ବଣ୍ଡାଘାଟି ର ଅଣ୍ଡରାହାଲ ରେ । ୫ ପୁଅ ଝିଅଙ୍କୁ ନେଇ କୁଲି ମଜୁରୀ କାମ କରି ନିଜ ଘର ଚଳାଉଛନ୍ତି । ଘର କୁ ଦେଖିଲେ ଅନୁଭବ ହେଉଅଛି ଯେ କେମିତି ଦୁର୍ଦ୍ଦଶାରେ ଏମାନଙ୍କ ରହଣି ସହଣୀ। ନିଜ ପାଇଁ ସିନା ଘର ନାହିଁ କିନ୍ତୁ ଅନ୍ୟ ର ଘର ତିଆରିରେ ଖଟନ୍ତି ମୂଲିଆ ହୋଇ। ଯାହାର ଦୁଃଖ ଏହି ଚେହେରା ଦେଖିଲେ ଆପଣ ଅନୁମାନ କରିପାରିବେ। ଟଙ୍କା ମିଳିଲେ ଏକ ପକ୍କା ଘର ନିର୍ମାଣରେ ଟଙ୍କା କୁ ଲଗାଇବେ ବୋଲି ଆଶା କରିଥିଲେ, କିନ୍ତୁ ସବୁ ଆଶା ଆଶାରେ ରହିଗଲା। ଏଭଳି ଅନେକ ମହିଳା ଅଛନ୍ତି ଯେଉଁମାନେ କି ସୁଭଦ୍ରା ଯୋଜନା ପାଇବାରୁ ବଞ୍ଚିତ ଅଛନ୍ତି। ସମ୍ବାରି ଚାଲାଣ, ସୁଭଦ୍ରା ଟଙ୍କା ପାଇନଥିବା ବଣ୍ଡା ମହିଳା ଆଦିବାରି ଭାତ୍ରି,ବଣ୍ଡାମହିଳା। ତେବେ ଆସନ୍ତୁ ଜାଣିବା କଣ ରହିଛି ବଣ୍ଡାଘାଟୀରେ ସୁଭଦ୍ରା ଯୋଜନାର ବିବରଣୀ। ବଣ୍ଡାଘାଟୀର ମୁଦୁଲିପଡ଼ା ପଞ୍ଚାୟତରେ ୭୪୮ ମହିଳା ଓ ଅଣ୍ଡରାହାଲ ପଞ୍ଚାୟତରେ ୭୭୪ ଜଣ ମହିଳା ସୁଭଦ୍ରା ଯୋଜନା ରେ ନାମ ଲେଖାଇଥିଲେ। ସେମାନଙ୍କ ମଧରୁ ମୁଦୁଲିପଡ଼ା ପଞ୍ଚାୟତର ୨୮୧ ଓ ଅଣ୍ଡରାହାଲ ପଞ୍ଚାୟତ ର ୨୩୪ ଜଣ ମହିଳା ଙ୍କୁ ସୁଭଦ୍ରା ଟଙ୍କା ମିଳିଥିବା ବେଳେ ମୁଦୁଲିପଡ଼ା ପଞ୍ଚାୟତ ରେ ୫୪୦ ଜଣ ଓ ଅଣ୍ଡରାହାଲ ପଞ୍ଚାୟତ ରେ ୪୬୭ ଜଣ ମହିଳା ପାଇବାରୁ ବର୍ତ୍ତମାନ ଯାଏଁ ବଞ୍ଚିତ ହୋଇ ରହିଛନ୍ତି। ବଣ୍ଡାଘାଟୀ ର ଦୁଇଟି ପଞ୍ଚାୟତ ର ୧୫୨୨ ଜଣ ମହିଳା ସୁଭଦ୍ରା ଯୋଜନାରେ ଅଂଶଗ୍ରହଣ କରିଥିବାବେଳେ ମାତ୍ର ୫୧୫ ଜଣ ମହିଳାଙ୍କୁ ହିଁ ସୁଭଦ୍ରା ଯୋଜନା ରେ ଟଙ୍କା ମିଳିଛି। ଆହୁରି ୧୦୦୭ ମହିଳା ଏହି ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି। ବହୁଜଣଙ୍କ ଆଧାର ଭୁଲ ରହିଥିବା ବେଳେ କିଛି ଲୋକଙ୍କ ଅନ୍ୟାନ୍ୟ ତ୍ରୁଟି ରହିଛି ।କିନ୍ତୁ ଏଠି ଅଭିଯୋଗ ଆସୁଛି ଯେଉଁ ସବୁ ଅସୁବିଧା ଏହି ବଣ୍ଡା ଜନଜାତିଙ୍କ ସୁଭଦ୍ରା ଯୋଜନା ରେ ଟଙ୍କା ପାଇବା ପାଇଁ ସହାୟକ ହୋଇଥାନ୍ତେ ସେହି ମହିଳା ଓ ଶିଶୁ ବିକାଶ ର ଅଧିକାରୀ ଦିନେ ମଧ ଏମାନଙ୍କ ପାଖକୁ ଯାଇନାହାନ୍ତି କି ଏମାନଙ୍କ ସମସ୍ୟା ବୁଝି ନାହାନ୍ତି ଯାହା ପାଇଁ ଆଜି ଏହି ବଣ୍ଡା ଜନଜାତି ସୁଭଦ୍ରା ଯୋଜନା ରେ ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି ।ତେବେ ଏ ନେଇ ଆମେ ଖଇରପୁଟ ମହିଳା ଓ ଶିଶୁ ବିକାଶ ର ଅଧିକାରୀ ଙ୍କୁ ପଚାରିବାକୁ ଯାଇଥିଲୁ କିନ୍ତୁ ସେ ଅଫିସରେ ନଥିଲେ ଏବଂ ଫୋନ୍ କରିବାରୁ କୌଣସି ଉତ୍ତର ଦେଇନଥିଲେ। ତେବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି କି ମହିଳା ଏବଂ ଶିଶୁ ବିକାଶ ଅଧିକାରୀ କାହା ସ୍ୱାର୍ଥରେ ସେଠାରେ କାର୍ଯ୍ୟକରୁଛନ୍ତି ଓ ସରକାରୀ ଯୋଜନା ଗୁଡିକ ଲୋକଙ୍କ ପାଖରେ ପହଞ୍ଚାଇବାକୁ କାହିଁକି ପଛଘୁଞ୍ଚା ଦେଉଛନ୍ତି ।

# ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ

## ଅଫିସ୍ ଆଗରେ ବ୍ଲକ୍ ଅଧ୍ୟକ୍ଷାଙ୍କ ବିକ୍ଷୋଭ




ମାଲକାନଗିର (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଳିମେଳା ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଆଜି ଅଫିସ ଆଗରେ ବ୍ଲକ ଅଧକ୍ଷାଙ୍କ ସମେତ ସମିତିସଭ୍ୟ, ସରପଞ୍ଚ ତୃଣମୂଳ ପ୍ରତିନିଧି ମାନେ ମିଶି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସରକାରୀ ଚାକିରିଆ ହୋଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରତିନିଧି ଭଳି କାର୍ଯ୍ୟ କରୁଥିବା ପ୍ରତିନିଧିମାନେ ଅଭିଯୋଗ କରିବା ସହ ଉନ୍ନୟନ କାମରେ ଲୋକ ପ୍ରତିନିଧିଙ୍କ ସହ କୌଣସି ଆଲୋଚନା କରୁ ନଥିବା କହିଛନ୍ତି । ଏପରିକି ପ୍ରତିନିଧିମାନଙ୍କୁ ସେ ସମ୍ମାନ ଦେଉନାହାନ୍ତି କି ସେମାନଙ୍କ କଥା ଶୁଣୁ ନାହାନ୍ତି । ପ୍ରତି ୯ ରୁ ୩ ମାସରେ କନିଷ୍ଠଯନ୍ତ୍ରୀ, ପିଇଓ ମାନଙ୍କୁ ବିଭିନ୍ନ ପଞ୍ଚାୟତକୁ ବଦଳି କରି ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା କହିଛନ୍ତି । ଗୁରୁବାର ସାପ୍ତାହିକ ହାଟକୁ ଦୂର ଦୂରାନ୍ତରୁ ଆସୁଥିବା ଲୋକଙ୍କୁ ଗ୍ରିଭେନ୍ସ ମିଶିବା ପାଇଁ ସୁଯୋଗ ନଦେଇ ଅନ୍ୟତ୍ର ଚାଲିଯାଉଛନ୍ତି । ଆଚରଣ ଓ ଉଚ୍ଚାରଣରେ କୌଣସି ପରିବର୍ତ୍ତନ ନ ଆଣିଲେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଅଧକ୍ଷାଙ୍କ ସମେତ ଲୋକ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡ଼ିଓ ପ୍ରଦୀପ କରଙ୍କୁ ପଚାରିବାରେ ସେ କହିଛନ୍ତି, ନିର୍ବାଚିତ ଲୋକ ପ୍ରତିନିଧି ମାନେ ତାଙ୍କ ବିରୋଧରେ ଆଣି ଥିବା ଅଭିଯୋଗ ଗୁଡ଼ିକ ଭିତ୍ତିହୀନ। ଆଜିପର୍ଯ୍ୟନ୍ତ କେହି ପ୍ରତିନିଧି ତାଙ୍କ ସହ ଉନ୍ନୟନମୂଳକ କାମ ସମ୍ପର୍କରେ ଆଲୋଚନା କରି ନାହାନ୍ତି ବୋଲି ସେ କହିଛନ୍ତି।

# ଜିଲ୍ଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ପାଳିତ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆଜି ଜିଲ୍ଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ପାଳିତ ହୋଇଯାଇଅଛି । ଏହି ଦିବସରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ସ୍ୱଚ୍ଛ ଭାରତ ମିଶନ ନୋଡାଲ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ନିର୍ବାହୀ ଯନ୍ତ୍ରୀ,ଜିଲ୍ଲା ଜଳ ଓ ପରିମଳ ବିଭାଗ ଅଧିକାରୀ ଶ୍ରୀ ରାଜେଶ କୁମାର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି ଦିବସରେ 'ମୋ ଶୌଚାଳୟ, ମୋ ସମ୍ମାନ ' ବିଷୟ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଗ୍ରାମ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଶୌଚାଳୟ ବ୍ୟବହାର କରିବା ସହିତ ବ୍ୟବାହର କରୁନଥିବା ଲୋକମାନଙ୍କୁ ଶୌଚାଳୟ ବ୍ୟବାହର କରିବା ପାଇଁ ସଚେତନତା କରିବା ପାଇଁ ଜିଲ୍ଲାପାଳ କହିଥିଲେ। ସେହିପରି ନିଜ ଗ୍ରାମ ଓ ନିଜ ଘର ଚାରିପାଖ ସଫା ରଖିବା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ନିଜ ନିଜ ଅଞ୍ଚଳର ଜନସାଧାରଣଙ୍କୁ ଶୌଚାଳୟ ବ୍ୟବାହର କରିବା ପାଇଁ ସଚେତନତା ସୃଷ୍ଟି କରିବା ଓ ସମସ୍ତ ଗ୍ରାମ ଓ ପଞ୍ଚାୟତ ସ୍ତରରେ ବୈଠକ କରି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ, ସିଆରପି, ଏନଜିଓ, ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ିମାନଙ୍କୁ ନେଇ ସଚେତନତା କରାଯିବ ଓ ନିଜ ଗ୍ରାମ ଓ ସହର ସ୍ୱଚ୍ଛ ରହିଲେ ଜିଲ୍ଲା, ରାଜ୍ୟ ସ୍ୱଚ୍ଛ ରହିବ ବୋଲି ଜିଲ୍ଲାପାଳ କହିଛନ୍ତି। ଗଜପତି ଜିଲ୍ଲାରେ ଗ୍ରାମ ଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରାଯାଉଅଛି ଯଥା - ବିଭିନ୍ନ ଗ୍ରାମରେ ଗ୍ରାମ ସଭା, କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ଓ ସ୍ୱଚ୍ଛତା ହିଁ ସେବା ଗଣଦୌଡ଼ ଆୟୋଜନ କରାଯାଇ ସଚେତନତା କରାଯାଉଅଛି । ସେହିପରି ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଙ୍ଗଠନ ମାନଙ୍କ ଦ୍ୱାରା ମଧ ସଚେତନତା କରାଯାଉଅଛି। ଏହି ଅବସରରେ ସ୍ୱଚ୍ଛ ଭାରତ ମିଶନ ତରଫରୁ ଶୌଚାଳୟ ନିର୍ମାଣ କରିବା ପାଇଁ ଜିଲ୍ଲାର ୧୯ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ଅଧିକାରୀ ଜି. ସୁନିଲ ବାବୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଆଜିର ଏହି ଦିବସରେ ନିର୍ବାହୀ ଅଧିକାରୀ ପୌରପରିଷଦ ପାରଳାଖେମୁଣ୍ଡି, ଏ.ବିଜୟ ରାଓ,ଭେଙ୍କଟ ରାଓ ଆଚାରୀ, ପ୍ରୋଗ୍ରାମ ମ୍ୟାନେଜର ପ୍ରସାଦ ଅଧିକାରୀ ସମସ୍ତ ବ୍ଲକର ଜଳ ଯୋଗାଣ ଓ ପରିମଳ ବିଭାଗର କର୍ମଚାରୀ, ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କଲେ ୪ଜଣିଆ କେନ୍ଦ୍ରୀୟ ଦଳ

# ସାମ୍ବାଦିକଙ୍କୁ ଦେଲେନି ଉତ୍ତର



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): କେନ୍ଦ୍ର ମନ୍ତ୍ରାଳୟର ଏକ ୪ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଦିନ ଲକ୍ଷ୍ମୀପୁର ବ୍ଲକର ପଞ୍ଚଡା ସ୍ୱାସ୍ଥ୍ୟ କେନ୍ଦ୍ର ସହ କାକିରିଗୁମା ସ୍ୱାସ୍ଥ୍ୟକେନ୍ଦ୍ର, ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଭ୍ରମଣ କରି ଫେରି ଯାଇଛନ୍ତି। ଲକ୍ଷ୍ମୀପୁର ସ୍ୱାସ୍ଥ୍ୟ କେନ୍ଦ୍ର ପହଂଚି ଅଢେଇ ଘଣ୍ଟା ଧରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ କେନ୍ଦ୍ରର ଅନ୍ତ ବିଭାଗ, ବର୍ହି ବିଭାଗ, ଆବର୍ଜନା ସଂଗ୍ରହ କେନ୍ଦ୍ର ଅପପୃଷ୍ଟି କେନ୍ଦ୍ର, ପ୍ରସୂତି କକ୍ଷ,ଅସ୍ତ୍ରୋପଚାର କକ୍ଷ, ରକ୍ତ ପରୀକ୍ଷା କେନ୍ଦ୍ର ସହ ଡାକ୍ତରଖାନା ପରିସରରେ ଥିବା ପ୍ରତ୍ୟେକ ବିଭାଗ ବୁଲି ଦେଖିବା ସହ ଲାଗି ରହିଥିବା ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ। ଫେରିବା ବେଳେ ଅପେକ୍ଷାରତ ସାମ୍ବାଦିକ ମାନେ ତାଙ୍କ ଗସ୍ତ ବିଷୟ ନେଇ ପଚାରିଥିଲେ। ହେଲେ ସେମାନେ କୌଣସି ଉତ୍ତର ଦେବାକୁ ସଫା ସଫା ମନା କରି ଚାଲି ଯାଇଥିଲେ। ଏପରିକି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କଣ ପାଇଁ କେନ୍ଦ୍ରୀୟ ଦଳ ଗସ୍ତରେ ଆସିଥିଲେ ଓ କଣ ସବୁ ଦେଖିଲେ ବୋଲି ସାମ୍ବାଦିକଙ୍କ ପ୍ରଶ୍ନ କରିବାରୁ କୌଣସି ଉତ୍ତର ନଦେବା ଅତି ଦୁଃଖର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।କେନ୍ଦ୍ରୀୟ ଦଳଙ୍କ ଗସ୍ତ ପୂର୍ବରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପୁରା ଚକା ଚକ ରଖା ଯାଇ ଥିବା ବେଳେ ସମସ୍ତ ସ୍ୱାସ୍ଥ୍ୟ କର୍ମୀ ମାନେ ୟୁନିଫର୍ମ ରେ ଥିବା ଦେଖିବାକୁ ମିଳିଥିଲା ।କେନ୍ଦ୍ରୀୟ ଦଳର ଏହି ଗସ୍ତ ସମୟରେ ଇନଚାର୍ଜ ଡ଼.ନବ କିଶୋର କୁଣ୍ଡୁ,ଡ.ଦୀପ୍ତି ରଞ୍ଜନ ପ୍ରଧାନ,ବିପିଏମଓ ସନ୍ତୋଷିନୀ ପଣ୍ଡା,ପିଏଚୟୁ ଗୀତାଞ୍ଜଳି ଦାଶଙ୍କ ସମେତ ଅନେକ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ। ପ୍ରତିନିଧି ଦଳଙ୍କ ମଧରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ନ୍ୟୁଟ୍ରେସନ ବିଭାଗ ଡିସି ଡ଼କ୍ଟର ଜିଆର ରିଜ୍‌ଭି, ଡ଼କ୍ଟର ବୈଷ୍ଣବ କଟ୍ୱାଲ,କନସଲଟାଣ୍ଟ ଡ଼କ୍ଟର ଶଶାଙ୍କ କୁମାର,ଡ଼କ୍ଟର ଗଙ୍ଗା ଧର ଦାଶ ଓ ରାଜ୍ୟ ର ଏସପିଏମ ଆଦିତ୍ୟ ପ୍ରଧାନ ସାମିଲ ଥିଲେ। ଏନେଇ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼କ୍ଟର ବରଦାକାନ୍ତ ମିଶ୍ରଙ୍କୁ ପଚାରିବାରୁ ଆଜିର ବିଷୟକୁ ନେଇ କେନ୍ଦ୍ରୀୟ ଦଳ ଯାହା ତଦନ୍ତ କଲେ ତାର ରିପୋର୍ଟ କେନ୍ଦ୍ରକୁ ଜଣାଇବା ପରେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗି ରହିଥିବା ସମସ୍ୟା ଉପରେ ଧ୍ୟାନ ଦିଆଯିବ ବୋଲି କହିଥିଲେ।

# ସ୍ୱର୍ଗତ କାଶୀନାଥ ପଟ୍ଟନାୟକଙ୍କ ସ୍ମୃତିରେ ସ୍ମରଣିକା ଉନ୍ମୋଚିତ

ବୋରିଗୁମ୍ମା(ଭାସ୍କର ନ୍ୟୁଜ): ବ୍ଲକ୍ ଅନ୍ତର୍ଗତ ଶଶାହାଣ୍ଡି ପଞ୍ଚାୟତ ନୂଆଗାଁ ଗ୍ରାମର ପରିଚିତ ଏବଂ ସମାଜସେବୀ ଚେହେରା ସ୍ୱର୍ଗତ କାଶୀନାଥ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଅଛି । ଏହି ଅବସରରେ ସ୍ୱର୍ଗତ କାଶୀନାଥଙ୍କ ସ୍ମୃତିରେ ସ୍ମରଣିକା ପୁସ୍ତକ ଉନ୍ମୋଚନ ହୋଇଥିଲା । ମୁଖ୍ୟ ଅତିଥି ଭାବରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା, ପୂର୍ବତନ ବିଧାୟକ କୋଟପାଡ଼ ଚନ୍ଦ୍ର ଶେଖର ମାଝୀ, ସମ୍ମାନିତ ଅତିଥି ଭାବେ ରାମେଶ୍ୱର ୬ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମାଲତୀ ମାଝୀ,ମୁଖ୍ୟବକ୍ତା ଭାବେ ଅନ୍ତର୍ଯ୍ୟାମୀ ରଥ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱର୍ଗତ କାଶୀନାଥ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ତାଙ୍କର ସାନ ଭାଇ ଭାସ୍କର ପଟ୍ଟନାୟକ ଓ ତାଙ୍କର ପରିବାର ବର୍ଗ ସାନ ଭଉଣୀ ଶଇଳବାଳା, ବଡ଼ ପୁଅ ବୋହୁ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ରେଣୁ ବାଲା ପଟ୍ଟନାୟକ, ନନ୍ଦିନୀ ପଟ୍ଟନାୟକ, ବସନ୍ତ ପଟ୍ଟନାୟକ, ସାନ ପୁଅ ବୋହୁ ପ୍ରଦୀପ ପଟ୍ଟନାୟକ ଓ ଅନିତା ପଟ୍ଟନାୟକ, ଝିଆରୀ, ପୁତୁରା, ଭଣଜା ଭାଣିଜୀ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ କାଶୀନାଥଙ୍କ ଦ୍ୱିତୀୟ ପୁଅ ଲଳିତ ମୋହନ ପଟ୍ଟନାୟକ ଶେଷରେ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତ କରିଥିଲେ । ଏହି ଅବସରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ।




# ୩ ବାଇକ୍ ଲୁଟେରା କୋର୍ଟଚାଲାଣ

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ବାଦୀ ଗ୍ରାମରେ ମୋଟର ସାଇକେଲ ଚୋରି କରିବା ଅଭିଯୋଗରେ ତିନିଜଣ କୋର୍ଟ ଚାଲାଣ ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ ତାରିଖ ଦିନ ଅକ୍ଟୋବର ୨୭ ତାରିଖ ଦିନ ଉତ୍ତର ପ୍ରଦେଶର ଜଣେ କପଡା ବେପାରୀ ମରତାଜ ଅଲ୍ଲୀ ପଦ୍ମପୁର ଅଞ୍ଚଳରେ କପଡା ବିକ୍ରିୟ କରୁଥିବାବେଳେ ଅଲ୍ଲୀଙ୍କୁ ଆମ ଘର ଲୋକେ କପଡା କିଣିବେ ବୋଲି କହି କପଡା ସାମଗ୍ରୀ ଓ ବାଇକ ୟୁପି ୨୩ ଇ ୨୦୦୬ କୁ ଚୋରି କରିନେଇଥିଲେ । ବେପାରୀ ଜଣକ ନିଜ ବ୍ୟବସାୟ ସାମଗ୍ରୀ ଫେରାଇବା ପାଇଁ ବାରମ୍ବାର ଅନୁରୋଧ କଲେ ହେଲେ ସମ୍ପୃକ୍ତ ଯୁବକମାନେ କର୍ଣ୍ଣପାତ ନକରି ଓଲଟା ଧମକ ଚମକ ଦେବା ପରେ ୧୮/୧୧/୨୦୨୪ ରେ ଖଡ଼ିଆଳ ଥାନାରେ ଅଭିଯୋଗ ପରେ ଚୋର ରାଜା ଦୁରିଆ (୨୨) ଖଡ଼ିଆଳ ହସ୍ପିଟାଲ ପଡା ଓ ପଦ୍ମନ ପଟେଲ (୧୮) ସଞ୍ଜୟ ପଟେଲ (୨୦) ବାଦୀ ପଞ୍ଚାୟତ ପଦ୍ମପୁର ଗ୍ରାମର ଯୁବକଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ବେଳେ ଯୁବକ ମାନେ ପୂର୍ବରୁ ବହୁ ଛୋଟ ଛୋଟ ଚୋରିରେ ସମ୍ପୃକ୍ତ ଥିବା ଥାନା ଅଧିକାରୀ ପ୍ରଦୀପ ଧରୁଆ ପ୍ରକାଶ କରିଛନ୍ତି ।

# ୧୭ରୁ ଜିଲ୍ଲାରେ ଖୋଲିବ ଧାନମଣ୍ଡି

ରାୟଗଡା(ଭାସ୍କର ନ୍ୟୁଜ): ଆସନ୍ତା ଡିସେମ୍ବର ମାସ ୧୭ ତାରିଖରୁ ରାୟଗଡା ଜିଲ୍ଲାରେ ଖୋଲିବ ଧାନ ମଣ୍ଡି । ଏ ନେଇ ଆଜି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟବର ରାୟଗଡ ବିଧାୟକ, ଶ୍ରୀଯୁକ୍ତ କାଡ୍ରାକା ଆପାଳସ୍ୱାମୀ, ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ୍,କ୍ଷମ କଟକ ବିଧାୟକ, ନୀଳମାଧବ ହିକକା,ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି,କୋରାପୁଟ ଲୋକସଭା ସାଂସଦ ପ୍ରତିନିଧି, ଆରୋକ୍ଷୀ ଅଧିକ୍ଷିକା ଏସ ସ୍ୱାତୀ କୁମାର,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ରଇତ, ସିଡିଓ ତଥା ଇଓ ଜିଲ୍ଲାପରିଷଦ, ଶ୍ରୀ ନିହାର ରଞ୍ଜନ କହଁର,ଗୁଣପୁର ଉପଜିଲ୍ଲାପାଳ ସୁଶ୍ରୀ କିରଣ ଦୀପ କୌର ସାହତେ,ରାୟଗଡା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ର ଦେବୀ,ମୁଖ୍ୟ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ଦଶରାଥି ସୋରେନ ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁପ୍ରସାଦ ଦାଶଙ୍କ ସମେତ ଚାଷୀପ୍ରତିନିଧି, ମିଲର୍ସ, ସମବାୟ ସମିତିସଂପାଦକ, ଏମପିସିଏସ୍ ଅଧିକାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ । ଚଳିତ ଖରିଫ ବର୍ଷରେ ୯ ଲକ୍ଷ ୪୩ ହଜାର ୭୦୧ କ୍ୱିଂଟାଲ ଧାନ ଆକାରରେ ୬୩ ହଜାର ୨୨୮ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୨୧ ହଜାର ୧୪୬ ଜଣ ପଂଜୀକୃତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ ବୋଲି ବୈଠକରେ ଉପସ୍ଥାପନା କରାଯାଇଥିଲା । ଗତବର୍ଷ ୧୦ ଲକ୍ଷ ୫୦ ହଜାର ୭୪୬ କ୍ୱିଂଟାଲ ଧାନ ଆକାରରେ ୭୦ ହଜାର ୪୦୦ ମେଟ୍ରିକ୍ ଟନ ଚାଉଳ ଧାର୍ଯ୍ୟ ରଖାଯାଇଥିବା ବେଳେ ୧୬ ହଜାର ୪୬୪ଜଣ ପଂଜୀକୃତ ଚାଷୀଙ୍କ ଠାରୁ ୯ ଲକ୍ଷ ୩୬ ହଜାର ୭୧୨ କ୍ୱିଂଟାଲ ଧାନ କ୍ରୟ କରାଯାଇଥିଲା ଏବଂ ଏଥିରେ ୧୪ ଟି ଲ୍ୟାମ୍ପସ୍ ଅଧିନରେ ୪୩ଟି ମଣ୍ଡି ଖୋଲାଯାଇଥିଲା ଏବଂ ଜିଲ୍ଲାର ୧୨୨ ଜଣ ମିଲର୍ସ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ମଧ ୪୩ଗୋଟି ମଣ୍ଡିରେ ଚାଷୀମାନେ ଯେପରି ଧାନ ବିକ୍ରିୟ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ନୁହଁଅନ୍ତି ସେଥି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଚାଷୀ ମାନଙ୍କଠାରୁ ଶାନ୍ତି ଶୃଙ୍ଖଳା ସହ ଧାନ ସଂଗ୍ରହ କରାଯିବା ପାଇଁ ଓ ଅଧିକରୁ ଅଧିକ ପଞ୍ଜିକୃତ ଚାଷୀ ଧାନ ବିକ୍ରୟ କରି ପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀ ମାନେ ଧାନ ଦେବାକୁ ଜନପ୍ରତିନିଧି ମାନେ କହିଥିଲେ । ଧାନର କ୍ରୟମୂଲ୍ୟ ଓଡିଶାର ଚାଷୀମାନେଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ୨୩୦୦ଟଙ୍କା+ Imput assistance ଟ୮୦୦. ୦୦ କୁ କରାଯାଇଛି। ଅନ୍ୟରାଜ୍ୟର ସୀମାନ୍ତ ଅଂଚଳ ଗୁଡିକରେ କଡା ନଜର ରଖିବା ପାଇଁ ଉଭୟ ଉପଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚାଷୀମାନଙ୍କ ଠାରୁ ଧାନ କିଣିବାର ୨୪ରୁ ୪୮ଘଣ୍ଟା ମଧରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ଜମା କରାଯିବ । ଚାଷୀ ଏଫକ୍ୟୁ ମାନରଧାନ ମଣ୍ଡିକୁ ଆଣିବେ। ଆରଏମସି ତରଫରୁ ସମସ୍ତ ପ୍ରକାର ସୁବିଧା କରାଯିବ ଓ ଧାନର ଗୁଣବତ୍ତା ଚେକ କରିବାକୁ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କୁ ନିୟୋଜିତ କରାଯିବ । ଚାଷୀ ମଣ୍ଡିରେ କୌଣସି ପ୍ରକାର ଅସୁବିଧା ନ ହୁଅନ୍ତି ସେଥିପ୍ରତି ଧାନ ଦେବାକୁ କୁହାଯାଇଛି । ଚାଷୀ ମାନଙ୍କ ସୁବିଧା ନିମନ୍ତେ ଧାନ ବିକ୍ରୟ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ଯୋଗାଣ ଅଧିକାରୀ ଉପସ୍ଥାପନା କରିଥିଲେ । ଜିଲ୍ଲାରେ ଖରିଫ ଧାନ ଆସନ୍ତା ମାସ ୧୭ତାରିଖରେ ଆରମ୍ଭ କରାଯାଇ ୩୧ମାର୍ଚ୍ଚ ୨୦୨୫ ଯାଏଁ କିଣାଯିବ। ଚାଷୀମାନଙ୍କ ଜାଣିବା ପାଇଁ ବିଭିନ୍ନ ମାଧମରେ ସଚେତନତା କରାଯିବ।

# ଏମ୍‌ଭି ୧୨୬ ଘାଟିରେ ଦୁର୍ଘଟଣା ।।।

# ୩ ଆହତ, ଜଣେ ଗୁରୁତର

ମାଲକାନଗିର(ଭାସ୍କର ନ୍ୟୁଜ୍): ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ଏମଭି ୭୯ ଥାନାସ୍ଥ ଏମଭି ୧୨୬ ଘାଟିରେ ଦୁଇଟି ମଟର ସାଇକେଲ ମୁହାଁମୁହିଁ ଧକ୍କାରେ ୩ ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଗତକାଲି ରାତ୍ରିରେ ପାନିମେଟଲା ଗ୍ରାମର ୪ ଜଣ ଯୁବକ ଗଙ୍ଗାପଡିଆମୀ, କାର୍ତ୍ତିକ ପଡିଆମୀ, ଭୀମା ମାଡି, ନୀଳ ମାଢି ଦୁଇଟି ମଟର ସାଇକେଲରେ ଜାତୀୟ ରାଜପଥରେ ଯାଉଥିବା ବେଳେ ଏମଭି ୧୨୬ ଘାଟି ରାସ୍ତାରେ ସମ୍ମୁଖରୁ ଏକ ଗାଡି ଆସିବାରୁ ଗାଡିର ଲାଇଟରେ କିଛି ଦେଖି ନପାରି ଦୁଇଟି ମୋଟର ସାଇକେଲ ନିଜ ନିଜ ମଧରେ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏହି ଦୁର୍ଘଟଣା ରେ ୪ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧରୁ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଘଟଣା ସ୍ଥଳରେ ପୋଲିସ ଓ ସ୍ଥାନୀୟ ଲୋକେ ପହଁଚି ଆମ୍ବୁଲାନ୍ସ ଯୋଗେ ପ୍ରଥମେ କାଲିମେଳା ହସ୍ପିଟାଲକୁ ନେଇ ଚିକସା କରିଥିଲେ, ପରେ ସେଠାରୁ ଆହତ ମାନଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରୀତ କରାଯାଇଛି।

# ୫-ଟି ପ୍ରକଳ୍ପରେ ଅନିୟମିତତା ଅଭିଯୋଗ

ବିଷମକଟକ ( ଭାସ୍କର ନ୍ୟୁଜ ) ବିଷମକଟକ: ୫ଟି ପ୍ରକଳ୍ପରେ ଅନିୟମିତତା ବିଷୟରେ ବିଧାୟକ ନୀଳମାଧବ ହିକକା ଗୁରୁତର ଅଭିଯୋଗ ଉଠାଇଛନ୍ତି । ସେ ଗତକାଲି ବିଷମକଟକ ଗସ୍ତ ବେଳେ ବିଭିନ୍ନ ସରକାରୀ ବିଦ୍ୟାଳୟ ର ତଥ୍ୟ ଯାଞ୍ଚ କରି ୫ଟି ନାମରେ ଟଙ୍କାର ଦୁରୁପଯୋଗ ଏବଂ ଅନିୟମିତତା ଚିହ୍ନଟ କରିଥିଲେ । ହାଟମନିଗୁଡା ୫ଞ୍ଜ ସ୍କୁଲରେ ପିଲାଙ୍କ ପାଇଁ ଶୌଚାଳୟ ନିର୍ମାଣ ହେଲେ ମଧ୍ୟ, ଠିକାଦାର ତାଲା ପକାଇ ରଖିଥିବା ଭଳି ଘଟଣା ସାମ୍ନାକୁ ଆସିଛି। ତାକୁ ଛାଡ଼ି, ଖେଳ ପଡ଼ିଆର ମରାମତି ଓ ଉନ୍ନତିକରଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବା ଦାବି କରାଯାଇଥିଲା, ହେଲେ କାମ ଅସମ୍ପୂର୍ଣ୍ଣ ରହିଛି । ଶ୍ରେଣୀଗୃହ ଏବଂ ଆଧୁନିକ ଗଠନ ଭଳି ସୁବିଧାର ଅଭାବରେ ପିଲାମାନଙ୍କ ପାଠଦାନରେ ପ୍ରଭାବ ପଡୁଛି । ଏହା ସହିତ ଡାଇନିଂ ହଲ ଓ ପାଠାଦାନର ବ୍ୟବସ୍ଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ବିଧାୟକଙ୍କ ଗସ୍ତ ସମୟରେ ଜଣାଯାଇଛି ଯେ କେବଳ ଦୁଇଟି ସ୍ମାର୍ଟ କ୍ଲାସ ନିର୍ମାଣ କରାଯାଇଛି, ଯାହାର ଫଳରେ ଶ୍ରେଣୀଗୃହର ଅଭାବ ରହିଛି । ଯନ୍ତ୍ରୀ ଓ ଠିକାଦାରଙ୍କ ଭୂମିକା ଉପରେ ସନ୍ଦେହ। ବିଧାୟକ ଗସ୍ତ ବେଳେ ଯନ୍ତ୍ରୀ ଦୀପକ କୁମାର ନାୟକ ଓ ତତ୍କାଳୀନ ଯନ୍ତ୍ରୀ ନିରଞ୍ଜନ ବେହେରାଙ୍କ ଭୂମିକା ଉପରେ ସନ୍ଦେହ ତୀବ୍ର ହୋଇଛି। ବିଭିନ୍ନ ଅଞ୍ଚଳରେ ହୋଇଥିବା ୫ଟି କାର୍ଯ୍ୟର ସମୀକ୍ଷା ପର୍ଯ୍ୟନ୍ତ ତାଙ୍କୁ ରିଲିଭ୍ କରାଯିବ ନାହିଁ, ଓ ଠିକାଦାରଙ୍କ ବିଲ୍ ସମୀକ୍ଷା ପରେ ମାନ୍ୟ ହେବ ବୋଲି ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି । ବିଧାୟକ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ଅନିୟମିତତା ଏବଂ ଦୁର୍ନୀତିକୁ ବିଧାନସଭାରେ ଉପସ୍ଥାପନ କରାଯିବ । ସେହିପରି, ୫ଟି ରୂପାନ୍ତରଣରେ ଦୁର୍ନୀତି ହେବାକୁ ଠିକାଦାର କିମ୍ବା ଯନ୍ତ୍ରୀଙ୍କୁ ଅନୁମତି ମିଳିବ ନାହିଁ ବୋଲି ସେ କହିଛନ୍ତି । ସ୍ଥାନୀୟ ଲକଙ୍କ ପ୍ରତିକ୍ରିୟା ନେବାରୁ ବ୍ଲକ କଂଗ୍ରେସ ସଭାପତି କୃଷ୍ଣ ନାଣକା ଏହାକୁ ବିଭାଗର ଦୁର୍ନୀତିର ମାଧମ ବୋଲି ଅଭିଯୋଗ କରିଛନ୍ତି । ତଥା, ବିଧାୟକଙ୍କ ତଦନ୍ତ ପ୍ରକ୍ରିୟା ପରେ ଏହି ଅଭିଯୋଗର ସତ୍ୟ ସାମ୍ନାକୁ ଆସିବ ବୋଲି ସ୍ଥାନୀୟ ଲୋକମାନେ ଆଶା କରୁଛନ୍ତି ।





ଉମରକୋଟ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ରତାଖଣ୍ଡିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଢେଙ୍ଗଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାଳ ଗଦାରେ ନିଆଁ ଲାଗିବା ପରେ ସେହି ନିଆଁରେ ଗୋଟିଏ ଟାଟା ମ୍ୟାଜିକ୍ ଗାଡି ଜଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜଣାପଡିଛି। ସୂଚନା ପ୍ରକାରେ ବେନ୍ଦ୍ରାଛାପର ଗ୍ରାମର ଅସୀମ ଦେୱାନଙ୍କ ଓଡ଼ି୨୪କେ ୦୧୧୩ ମ୍ୟାଜିକ ଗାଡି ନେଇ ଡ୍ରାଇଭର ଧାନ ଆଣିବା ପାଇଁ ଢେଙ୍ଗଗୁଡା ଗ୍ରାମର ଧାନ ଜମି ଭିତରକୁ ଯାଇଥିଲା। ଗୋଟିଏ କିଆରୀ ଅନ୍ୟ ଏକ କିଆରୀ ଯିବା ପୂର୍ବରୁ ଗାଡି ରଖି ରାସ୍ତା ଦେଖିବା ପାଇଁ ଯାଇଥିଲେ। ସେହି ସମୟ ମଧ୍ୟରେ ଗାଡି ତଳେ ଥିବା ପାଳ ସାଇଲେନ୍ସର ନିଆଁରେ ଲାଗିଯାଇଥିଲା। ଦେଖୁ ଦେଖୁ ନିଆଁ ଗାଡ଼ିରେ ଲାଗି ହୁ ହୁ ହୋଇ ଜଳିବା ସହ ଆଖପାଖରେ ଥିବା ପାଳ ଗଦା ଗୁଡିକରେ ମଧ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିବା ସହ ଝରିଗାଁ ଏବଂ ଉମରକୋଟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଉଭୟ ଝରିଗାଁ ଓ ଉମରକୋଟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗି ଟାଟା ମ୍ୟାଜିକ୍ ଗାଡିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି।

# ୨୧ ଓ ୨୨ ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ପୁରୀ (ଭାସ୍କର ନ୍ୟୁଜ) : ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଚଳିତ ମାସ ୨୧ ଓ ୨୨ ତାରିଖରେ ଶରଧାବାଲି ଠାରେ ଅନୁଷ୍ଠିତ ହେବ।ଏଥିରେ ୩୦ ଟି ଷ୍ଟଲ ସହ ଦୈନିକ ୭୦୦ ରୁ ଊର୍ଦ୍ଧ୍ୱ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ହିତାଧିକାରୀଙ୍କ ମଧ୍ୟରେ ଆଲୋଚନା ଅନୁଷ୍ଠିତ ହେବ ବୋଲି କହିଛନ୍ତି ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା ଶରତ କୁମାର ବେହେରା ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ।ଆଜି ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗର ମିଳିତ ସହଯୋଗରେ ୨ ଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଆୟୋଜନ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୂଚନା ଦେଇ ଉଭୟ ଅଧିକାରୀ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି କହିଥିଲେ।ହିତାଧିକାରୀ ମାନେ ଏହା ଦ୍ୱାରା ଉପକୃତ ହେବା ସହ ଆର୍ଥିକ ସମୃଦ୍ଧି ଲାଭ,ସେମାନଙ୍କ ମଧ୍ୟରେ ଥିବା ସମସ୍ୟା ର ସମାଧାନ ଓ ନୂତନ ଜ୍ଞାନ ଆହରଣର ବ୍ୟବସ୍ଥା କରାଯାଇଛି। ବିଭାଗର ବିବିଧ ଯୋଜନା, ସହାୟତା, ଓ ସହଯୋଗ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ସହ ଅଧିକ ରୁ ଅଧିକ ହିତାଧିକାରୀ ଯେପରି ଏହା ଦ୍ୱାରା ଆକୃଷ୍ଟ ହୋଇ ଉପକୃତ ହେବେ ସେଥିପାଇଁ ଏ ମେଳାର ଆୟୋଜନ ବୋଲି ସେମାନେ କହିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି ଏହି ମେଳା ଦ୍ୱାରା ସହଜ ହୋଇ ପାରିବ।ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଚାଷ କ୍ଷେତ୍ରରେ ଶ୍ରେଷ୍ଠ ହିତାଧିକାରୀଙ୍କୁ ଏହି ମେଳାରେ ସମ୍ବର୍ଦ୍ଧିତ କରାଯିବା ସହ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ପ୍ରଦର୍ଶନୀ ମଧ୍ୟ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏଲଇଡି ସ୍କ୍ରିନ ମାଧ୍ୟମରେ ବିବିଧ ସୂଚନା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ରାଜେଶ କୁମାର ପାଣିଗ୍ରାହୀ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟଙ୍କ ଦେହାନ୍ତ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତସ୍ଥିତ ବାଲିକୁଦା ଗ୍ରାମର ସମାଜସେବୀ ତଥା ବୃନ୍ଦାବନଚନ୍ଦ୍ର ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଶଙ୍କର୍ଷଣ ରଥଙ୍କ ତାଙ୍କ ବାସଭବନରେ ଗତ ୧୭ ତାରିଖରେ ଦେହାନ୍ତ ଘଟିଛି। ଏହି ପରିପେକ୍ଷୀରେ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡାଙ୍କ ପୌରାହିତ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ନିରବ ପ୍ରାର୍ଥନା କରିବା ସହ ସ୍ୱର୍ଗତ ରଥଙ୍କ ଗୁଣାବଳୀ, କର୍ତ୍ତବ୍ୟ ପରାୟଣତା, ମହାବିଦ୍ୟାଳୟ ପ୍ରତିଷ୍ଠାରେ ଅଗ୍ରଣୀ ଭୂମିକା ତଥା ରେଢୁଆ ଅଞ୍ଚଳର ଜଣେ ଦକ୍ଷ, ପରୋପକାରୀ, କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିଙ୍କୁ ହାରାଇଲା ବୋଲି ମତପୋପଣ କରିଥିଲେ।

# ଡିଇଓଙ୍କୁ ଦାବିପତ୍ର ଦେଲେ ରେଢୁଆ କ୍ଲଷ୍ଟର ଅଞ୍ଚଳବାସୀ



ରଘୁନାଥପୁର (ଭାସ୍କର ନ୍ୟୁଜ): ରଘୁନାଥପୁର ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ରେଢୁଆ କ୍ଲଷ୍ଟରରେ (ଆଞ୍ଚଳିକ ସାଧନକେନ୍ଦ୍ର) ଗତ ଦୁଇଦିନ ତଳେ ବିଭିନ୍ନ ବିବାଦରେ ଛନ୍ଦି ହୋଇପଡିଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ଅସ୍ଥାୟୀ ଭାବେ ସିଆରସିସି ପଦରେ ନିଯୁକ୍ତି ଦିଆଯିବାକୁ ନେଇ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏ ସମ୍ପର୍କରେ ଏକ ଅଭିଯୋଗପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ମଣ୍ଡଳ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ଉକ୍ତ ଅଭିଯୋଗପତ୍ର ଗ୍ରହଣ କରିଛନ୍ତି। ସେମାନେ ଦେଇଥିବା ଅଭିଯୋଗ ଅନୁଯାୟୀ ନିଯୁକ୍ତିପ୍ରାପ୍ତ ସିଆରସିସି ଜନୈକ ଶିକ୍ଷୟିତ୍ରୀ ଏହା ପୂର୍ବରୁ ଥିବା ସ୍କୁଲରେ ଗତ କୋଭିଡ୍ ସମୟରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଟଙ୍କା ପ୍ରଦାନ ନକରି ନିଜ ପାଖରେ ରଖିଛନ୍ତି। ଏହାଛଡା ବିଦ୍ୟାଳୟରେ ବିଭିନ୍ନ ପ୍ରକାର ସମସ୍ୟାରେ ଛନ୍ଦି ହୋଇ ବିବାଦରେ ବୁଡି ରହିଛନ୍ତି। ଶିକ୍ଷୟିତ୍ରୀଙ୍କ ଏଭଳି ଅଶୋଭନୀୟ ଆଚରଣ ପାଇଁ ଅଞ୍ଚଳବାସୀ ଅସନ୍ତୁଷ୍ଟ ଥିବାର ଅଭିଯୋଗ ହୋଇଛି। ଏଭଳି ବ୍ୟକ୍ତିଙ୍କୁ ସିଆରସିସି ଭଳି ମର୍ଯ୍ୟାଦାପୂର୍ଣ୍ଣ ପଦବୀରେ ରଖାଗଲେ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ ଗଠନରେ ପ୍ରତିବନ୍ଧକ ସୃଷ୍ଟି ହେବ ବୋଲି ସାମାଜିକ କର୍ମୀ ଦେବୀପ୍ରସାଦ ମହାରଣା ଅଭିଯୋଗ କରିଛନ୍ତି। ଏହାଛଡା ସିଆରସିସି ପଦବୀ ପାଇଁ ଥିବା ଗାଇଡ ଲାଇନକୁ ଜଳାଞ୍ଜଳି ଦେଇ ଜଣେ ବିବାଦୀୟ ଶିକ୍ଷୟିତ୍ରୀଙ୍କୁ କିପରି ବିନା ଭିଜନିଂ ଟେଷ୍ଟରେ ଉକ୍ତ ମହତ୍ତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଗଲା ଏବଂ ଏହା ପଛରେ କି ମନ୍ଦ ଉଦ୍ଦେଶ୍ୟ ରହିଛି ତାହା ତଦନ୍ତ ହେବା ଜରୁରୀ ବୋଲି ମହାରଣା ପ୍ରକାଶ କରିଛନ୍ତି। ଆସନ୍ତା ସାତଦିନ ମଧ୍ୟରେ ଉକ୍ତ ଶିକ୍ଷୟିତ୍ରୀଙ୍କୁ କଢାଯାଇ ତାଙ୍କ ସ୍ଥାନରେ ଜଣେ ଶୃଙ୍ଖଳିତ ତଥା ଦକ୍ଷତାସମ୍ପନ୍ନ ଶିକ୍ଷକଙ୍କୁ ସିଆରସିସି ପଦରେ ଅବସ୍ଥାପିତ କରିବା ପାଇଁ ସାମାଜିକ କର୍ମୀ ଶ୍ରୀ ମହାରଣା, ଛାତ୍ରନେତା ରମାକାନ୍ତ ରଣା, ଶ୍ରଦ୍ଧାସୁମନ ମହାନ୍ତି, ଲିଟୁ ମଲ୍ଲିକ, ତାପସ କୁମାର ମହାରଣା, ସାରଦା ପ୍ରସାଦ ଜେନା, ସୁନିଲ କୁମାର ସ୍ୱାଇଁ, ସୁବାସ ଚନ୍ଦ୍ର ସାହୁ, ମାନସ ସ୍ୱାଇଁ, ସୁନୀତା ପାଲଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ମୁଣ୍ଡ ଟେକିଲେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି।

## ଷ୍ଟ୍ରିଟ୍ ଲାଇଟ୍ ଅଚଳ ମରାମତି ପାଇଁ ଗ୍ରାମବାସୀଙ୍କ ଦାବି



ଡେରାବିଶ (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଇଷାଣଦିଆ ଗ୍ରାମରେ ଗତ ୨୨ ଦିନ ହେଲା ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡ଼ିଛି। ଯାହାଫଳରେ ଗ୍ରାମବାସୀମାନେ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଅନ୍ଧାରର ସୁଯୋଗ ନେଇ ଚାରିଜଣ ବୃଦ୍ଧ କୁକୁର କାମୁଡ଼ାର ଶିକାର ହୋଇଛନ୍ତି। ବାୟାକଣ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରୁ ଗ୍ରାମଦେବତୀଙ୍କ ଯାଏ ଥିବା ୭ଟି ଷ୍ଟ୍ରିଟ୍ ଲାଇଟ୍ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଏହାକୁ ଶିଘ୍ର ମରାମତି କରିବା ସହ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏଭଳି ପରିସ୍ଥିତି ଉପୁଜିଛି ବୋଲି ଡେରାବିଶ ବିଡ଼ିଓ ଏବଂକେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ମଧ ଅଭିଯୋଗ କରିଛନ୍ତି।

**AFFIDAVIT**

By virtue of an affidavit before the Executive Magistrate, Jagatsinghpur on 24.05.2024, I Barsha Samal, D/o- Guma Samal resident of Village- Chandakhapatana, Post- Naugaonhat, PS- Naugaon, Dist- Jagatsinghpur, declares that before marriage my name was Barsha Samal & after getting married to Jagan Das my surname has been changed from Samal to Das. But after devorce from my husband I want to change my Aadhar Card as Barsha Samal as per before marriage. This affidavit is to be produced for correction of my Aadhar Card.

**Sd/- Barsha Samal**

## କଳବଳ କରୁଛି ପ୍ରଦୂଷଣ

# ୱାର୍କ ଫ୍ରମ୍ ହୋମ୍ ଲାଗୁ

ନୂଆଦିଲ୍ଲୀ,୨୦।୧୧: ଦିଲ୍ଲୀର ବାୟୁ ଗୁଣବତ୍ତା ୫୦୦ ପାର୍ କରିଛି। ଶୀତ ଯେତିକି ବଢୁଛି, ଦିଲ୍ଲୀର ବାୟୁ ସେହି ପରିମାଣର ଖରାପ ହେବାରେ ଲାଗିଛି। ବିଷାକ୍ତ ବାୟୁ ଯୋଗୁ ଲୋକଙ୍କ ସ୍ୱାସ୍ଥ୍ୟ ମଧ୍ୟ ବିଗିଡ଼ିବାରେ ଲାଗିଛି। ଧୂଳି ଓ ଧୂଆଁର ମୋଟା ଚାଦର ତଳେ ରାଜଧାନୀ ଦିଲ୍ଲୀ ରହିଥିବାରୁ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଏବେ ସରକାରୀ କର୍ମଚାରୀଙ୍କୁ ଘରୁ କାମ କରିବାକୁ ଦିଲ୍ଲୀ ସରକାର କହିଛନ୍ତି। ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ଯୋଗୁ ଲୋକଙ୍କୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ମଧ୍ୟ କଷ୍ଟ ହେଉଛି। ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି ଯେ ପ୍ରଦୂଷଣ ହ୍ରାସ ପାଇଁ ସରକାରୀ ଅଫିସଗୁଡ଼ିକରେ ୱାର୍କ ଫ୍ରମ ହୋମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୫୦ ପ୍ରତିଶତ କର୍ମଚାରୀ ଘରେ ରହି କାମ କରିବେ। ସୂଚନାଯୋଗ୍ୟ ଯେ ପୂର୍ବରୁ ଘରୋଇ କମ୍ପାନୀର କର୍ମଚାରୀଙ୍କୁ ଘରୁ କାମ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ- ଏନସିଆରରେ ସମସ୍ତ ସ୍କୁଲ କଲେଜ ବନ୍ଦ ରଖାଯାଇଛି। ଅନଲାଇନ୍ କ୍ଲାସ୍ କରିବାକୁ ସମସ୍ତ ଶିକ୍ଷାନୁଷ୍ଠାନକୁ ପରାମର୍ଶ ଦିଆଯାଇଛି। ପ୍ରଦୂଷଣ ହେତୁ ଦିଲ୍ଲୀବାସୀ ହନ୍ତସନ୍ତ ହେଉଛନ୍ତି। ଆଖି ପୋଡ଼ିବା ସହ ନିଃଶ୍ୱାସ ନେଇପାରୁ ନାହାନ୍ତି। ଗତ ୮ ଦିନ ହେବ ବାୟୁର ଗୁଣବତ୍ତା ସାଂଘାତିକ ଭାବେ ବଢିବାରେ ଲାଗିଛି। ବାୟୁ ପ୍ରଦୂଷଣ ରୋକିବା ପାଇଁ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ-୪ ଲାଗୁ କରାଯାଇଛି। ତେବେ ବାୟୁ ପ୍ରଦୂଷଣରୁ ମୁକ୍ତି ପାଇବା ପାଇଁ ଦିଲ୍ଲୀରେ କୃତ୍ରିମ ବର୍ଷା କରାଯିବା ନେଇ ଦିଲ୍ଲୀ ସରକାର ଚିନ୍ତା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହାୟତା ଲୋଡ଼ିଛନ୍ତି।

# ଆନ୍ତର୍ଜାତିକ ବାଳିକା ଦିବସ ପାଳିତ

ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ଶିକ୍ଷା ସର୍କଲ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ର ନୋଡାଲ ଉଚ୍ଚବଦ୍ୟାଳୟ କ୍ଲଷ୍ଟର ଅଧୀନ ବାସନ୍ତୀ ମଡ଼େଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଗତକାଲି ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଛାତ୍ରୀମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ଉନ୍ମୋଚନ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୧୭ଟି କ୍ଲଷ୍ଟର ଅଧିନରେ ଥିବା ବିଦ୍ୟାଳୟମାନଙ୍କରୁ ମୋଟ ୧୦୫ ଜଣ ଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ପୂର୍ବତନ ଏବିଇଓ ରବିନ୍ଦ୍ର ନାଥ ଲେଙ୍କା, ମୁଖ୍ୟବକ୍ତା ଭାବେ ମଣ୍ଡଳ ସହ-ଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ, ସମ୍ମାନିତ ଅତିଥିଭାବେ ଏବିଇଓ ସଚିକାନ୍ତ ମିଶ୍ର ଏବଂ ଦେବଦତ୍ତ ଶତପଥୀ ଯୋଗ ଦେଇ ଛାତ୍ରୀମାନେ ଭବିଷ୍ୟତରେ ସେମାନଙ୍କ ପ୍ରତିଭା ବଳରେ ଦେଶ ତଥା ଜାତିର ବହୁ ଉନ୍ନତି ଏବଂ ଅଗ୍ରଗତି କରିପାରିବେ ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ସ୍ଲୋଗାନ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ଜଜ୍ ଭାବେ ପୂର୍ବତନ ସିଆର୍‌ସିସି ଅଶୋକ କୁମାର ମହାପାତ୍ର, ଶିକ୍ଷକ ରବିନ୍ଦ୍ର ନାଥ ଲେଙ୍କା, ଶୁଭମ ମହାରଣା ଏବଂ ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଚରଣ ସାହୁ ପରିଚାଳନା କରିଥିଲେ। ପରେ ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଏବିଇଓ ଖଗେଶ୍ୱର ନାୟକ ଓ ସଚିକାନ୍ତ ମିଶ୍ର ଯୋଗଦେଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଉଭୟ ଅଧିବେଶନରେ ବାସନ୍ତୀ ମଡ଼େଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ।

# ଦେଶୀ ବନ୍ଧୁକରେ ଆକ୍ରମଣ, ଅଭିଯୁକ୍ତକୁ କୋର୍ଟ ଚାଲାଣ

ଉମରକୋଟ (ଭାସ୍କର ନ୍ୟୁଜ୍): ପୂର୍ବଶତ୍ରୁତାରୁ ଭାଇ ଭାଇ ମଧ୍ୟରେ ପାରିବାରିକ ଗଣ୍ଡଗୋଳ ହୋଇ ଦେଶୀ ବନ୍ଧୁକରେ ଆକ୍ରମଣ କରିଥିବା ଅଭିଯୁକ୍ତ କପୁର ଭତରା ପିତା ତୁଳାରାମ ଭତରାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ସୂଚନା ଥାଉକି ଚଳିତ ମାସ ୧୫ ତାରିଖ ଦିନ ସନ୍ଧ୍ୟା ୭ଟା ସମୟରେ ଝରିଗାଁ ବ୍ଲକ, ପାଲିଆ ପଞ୍ଚାୟତର ବାସୁଦେବଗୁଡ଼ା ଗ୍ରାମର କପୁର ଭତରା ନିଜ ସମ୍ପର୍କୀୟ ଭାଇ ଡ଼ମଣା ଭତରାଙ୍କୁ ଦେଶୀ ବନ୍ଧୁକରେ ଗୁଳି କରିଥିଲା। ଗୁଳି ଡ଼ମଣା ଭତରାଙ୍କ ଡାହାଣ ଛାତିର ବେକ ଠାରୁ ଛଅ ଇଞ୍ଚ ତଳେ ବାଜିଥିଲା। ଯାହା ଫଳରେ ଅଚେତ ହୋଇଯାଇଥିଲେ ଡ଼ମଣା ଭତରା। ଗୁଳି ଫୁଟିବା ଶବ୍ଦ ଶୁଣି ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ନିସ୍ତୁକ ମାଡ ମାରିଥିଲେ କପୁରଙ୍କୁ। ତୁରନ୍ତ ଗୁରୁତର ଅବସ୍ଥାରେ ଡ଼ମଣାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାନାନ୍ତର କରାଯାଇଥିଲା। ଭିତରେ ରହିଥିବା ଗୁଳି କଢା ଯିବା ପରେ ଡ଼ମଣା ବିପଦମୁକ୍ତ ହୋଇ ସୁସ୍ଥ ଥିବା ସୂଚନା ମିଳିଛି। ଅନ୍ୟ ପଟେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି କପୁର ଭତରାକୁ ଗିରଫ କରି ପ୍ରାଥମିକ ଚିକିତ୍ସା ପାଇଁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ଗ୍ରାମବାସୀଙ୍କ ଆକ୍ରମଣରେ କପୁର ଭତରା ମଧ ଲହୁଲୁହାଣ ହୋଇଥିଲା। ଗୁରୁତର ଅବସ୍ଥାରେ ଥିବା କପୁରକୁ ପୋଲିସ ଗିରଫ କରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ପାଇଁ କପୁରକୁ ମଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଭଲ ହେବା ପରେ ଆଜି କପୁରକୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ତଦନ୍ତକାରୀ ଅଫିସର ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମିଶ୍ର ପି ଏସ କେସ ନଂ ୧୯୩/୨୪ ରେ ମାମଲା ରୁଜୁକରି ଅଭିଯୁକ୍ତ କପୁର ଭତରାକୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି।

OFFICE OF THE UMERKOTE MUNICIPALITY
NABARANGPUR (ODISHA), PIN- 764073
C-1047
E-mail- nac_umerkote@rediffmail.com
**"e" PROCUREMENT NOTICE.**
Bid Identification No. : UKT-MUN-05/2024-25

Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1. | Name of the Work | : | Civil Work |
| 2. | No. of works | : | 1 Nos. |
| 3. | Estimated Cost | : | Rs. 64.86 Lakhs |
| 4. | Period of Completion | : | As per DTCN |
| 5. | Date & time of Bidding | : | From 10.00 A.M of 20/11/2024. to 29/11/2024. up to 5.00 P.M |
| 6. | Last date & time for receipt of Bids in portal | : | Dt. 29/11/2024. at 5.00 P.M |
| 7. | Bids received online shall be opened on | : | 4.00 P.M. hours of Dt 29/11/2024 |
| 8. | Name and address of the Officer inviting Bid | : | Executive Officer, Umerkote Municipality |
| | Further details can be seen from the procurement portal. | : | www.tenderorissa.gov.in |

Sd/-Executive Office,
Umerkote Municipality.

OIPR 13180/11/0005/2425



## ଧର୍ମଶାଳା ବିଧାୟକଙ୍କୁ...

ଏବଂ ଗାଡ଼ିକୁ ଲୁହା ରଡ୍ ଓ ଠେଙ୍ଗାରେ ପିଟିଥିଲେ। ପରେ ତାଙ୍କୁ ଆକ୍ରମଣ କରିବା ସହ ସୁନା ଚେନ୍ ଛଡ଼ାଇ ନେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏହାପରେ ସେ ସେଠାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବିରେ ଅଡ଼ି ବସିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପଛରେ ବିଜେଡିର ପ୍ରଣବ ପ୍ରକାଶ ଦାସଙ୍କ ଲୋକ ରହିଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ତେବେ ଶ୍ରୀ ସାହୁଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ପ୍ରଣବ ପ୍ରକାଶ କରିଛନ୍ତି ଯେ ସେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ନଥିଲେ। କୌଣସି ପରିସ୍ଥିତିରେ ହିଂସା ଗ୍ରହଣୀୟ ନୁହେଁ। ଏହି ଘଟଣାକୁ ସେ ନିନ୍ଦା କରିବା ସହ ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

## ଓଡ଼ିଶାକୁ ଆସିବ...

ସିଟି ସମ୍ମିଳନୀ ଓ ପର୍ଯ୍ୟଟନ କେନ୍ଦ୍ର ପରିଦର୍ଶନ କରିଥିଲେ। ସିଙ୍ଗାପୁରର ସେମି କଣ୍ଡକଟର ଇକୋ ସିଷ୍ଟମର ଏକ ପ୍ରମୁଖ ସଂସ୍ଥା ପିଇପି ଇନୋଭେସନ ପ୍ରାଇଭେଟ ଲିମିଟେଡ୍ ପରିଦର୍ଶନ କରିଥିଲେ ଓଡ଼ିଶାର ଟିମ୍। ସେଠାରେ ସେମାନେ ସେମିକଣ୍ଡକ୍ଟର କ୍ଷେତ୍ରରେ ଥିବା ସୁଯୋଗର ଅନୁସନ୍ଧାନ କରିଥିଲେ। ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଭିତ୍ତିଭୂମିକୁ ବୃଦ୍ଧି କରିବା ପାଇଁ ପିଇପି ବିଶେଷ ଲାଭ ଉଠାଇବା ଉପରେ ଆଲୋଚନା କରାଯାଇଥିଲା। ଅପରାହ୍ନରେ ବରିଷ୍ଠ ସରକାରୀ ପ୍ରତିନିଧି ଦଳ ଜେଇଆରଏ, ଆଇଏଚ୍‌ଆଇ କର୍ପୋରେସନ, ମସାନ ହାଇଟେକ୍ ମ୍ୟାଟେରିଆଲ୍ସ କର୍ପୋରେସନ ସହ ବୈଠକ କରିଥିଲେ। ଏହି ଆଲୋଚନା ସମୟରେ ଉପକରଣ ଉତ୍ପାଦନ, ଶୀତଳ ଭଣ୍ଡାର, ଶୀତଳଭଣ୍ଡାର ଶୃଙ୍ଖଳା, ସବୁଜ ହାଇଡ୍ରୋଜେନ, ସବୁଜ ଆମୋନିଆ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ଶିଳ୍ପ ଗ୍ୟାସ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ସୁଯୋଗ ଉପରେ ଆଲୋଚନା କରାଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ସିଙ୍ଗାପୁରରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବ ବିନିୟ କରିଥିଲେ। ଏଥିରେ ୪୦୦ରୁ ଅଧିକ ଓଡ଼ିଆ ସାମିଲ ହୋଇଥିଲେ। ଆସନ୍ତା ୨୦୨୫ ଜାନୁଆରୀ ୮ରୁ ୧୦ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସ ଏବଂ ଜାନୁଆରୀ ୨୮ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନକ୍ଲେଭରେ ଅଂଶଗ୍ରହଣ କରିବା ପାଇଁ ପ୍ରବାସୀ ଓଡ଼ିଆଙ୍କୁ ନିମନ୍ତ୍ରଣ କରିଥିଲେ। ଗସ୍ତ ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଏହି ଗସ୍ତ ଅତ୍ୟନ୍ତ ଫଳପ୍ରଦ। ଯାହା ଆମକୁ ନୂତନ ମାର୍ଗ ଅନ୍ୱେଷଣ କରିବା ତଥା ଓଡ଼ିଶାର ଅଭିବୃଦ୍ଧି ଯାତ୍ରା ପାଇଁ ଅନ୍ତର୍ଦୃଷ୍ଟି ହାସଲ କରିବାରେ ସହାୟକ ହୋଇଛି।

## ଦୁଇ ରାଜ୍ୟରେ...

କେନ୍ଦ୍ର ଗୃହମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସହ ବହୁ ବରିଷ୍ଠ ନେତା ପ୍ରଚାରରେ ନିଜକୁ ସାମିଲ କରିଥିଲେ। ସେହିପରି ଝାଡ଼ଖଣ୍ଡରେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ସହ ଅନ୍ୟମାନେ ପ୍ରଚାର କରିଥିଲେ। କଂଗ୍ରେସ ଓ ସହଯୋଗୀ ଦଳପାଇଁ ଦଳୀୟ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ, ରାହୁଲ ଗାନ୍ଧୀ ଓ ଅନ୍ୟ ବରିଷ୍ଠ ନେତାମାନେ ନିଜକୁ ପ୍ରଚାରରେ ସାମିଲ କରିଥିଲେ। ଭୋଟଗ୍ରହଣ ପରେ ବୁଥ୍ ଫେରନ୍ତା ମତ ପ୍ରକାଶ ପାଇଛି। ମହାରାଷ୍ଟ୍ରର ୨୮୮ ଆସନ ପାଇଁ ଚାଣକ୍ୟ କରିଥିବା ସର୍ଭେରେ ବିଜେପି ଓ ସହଯୋଗୀଙ୍କୁ ୧୫୧ରୁ ୧୬୦, କଂଗ୍ରେସ ଓ ସହଯୋଗୀଙ୍କୁ ୧୩୦ରୁ ୧୩୮ ଏବଂ ଅନ୍ୟମାନଙ୍କୁ ୬ ରୁ ୮ଟି ଆସନ ମିଳିବ ବୋଲି ଆକଳନ କରାଯାଇଛି। ସେହିପରି ପିମାର୍କ କ୍ୟୁ ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ ମହାରାଷ୍ଟ୍ରରେ ବିଜେପି ଓ ସହଯୋଗୀଙ୍କୁ ୧୩୭ରୁ ୧୫୭, କଂଗ୍ରେସ ଓ ଅନ୍ୟମାନଙ୍କୁ ୧୨୬ରୁ ୧୪୬ ଓ ଅନ୍ୟମାନଙ୍କୁ ୨ରୁ ୮ଟି ଆସନ ମିଳିବ। ସେହିପରି ପିପୁଲ୍ସ ପ୍ଲସର ସର୍ଭେ ଅନୁଯାୟୀ ବିଜେପି ଓ ସହଯୋଗୀଙ୍କୁ ୧୮୨, କଂଗ୍ରେସ ଓ ସହଯୋଗୀଙ୍କୁ ୯୭ ଏବଂ ଅନ୍ୟମାନଙ୍କୁ ୯ଟି ଆସନ ମିଳିବ। ଦୈନିକ ଭାସ୍କର ଆକଳନ ଅନୁଯାୟୀ ବିଜେପି ଓ ସହଯୋଗୀଙ୍କୁ ୧୨୫ରୁ ୧୪୦ ଆସନ ମିଳିବାକୁ ଥିବାବେଳେ କଂଗ୍ରେସ ଓ ସହଯୋଗୀଙ୍କୁ ୧୩୫ରୁ ୧୫୦ ଏବଂ ଅନ୍ୟମାନଙ୍କୁ ୨୦ରୁ ୨୫ ଆସନ ମିଳିବ। ସେହିପରି ଝାଡ଼ଖଣ୍ଡରେ ପିପୁଲ୍ସ ପ୍ଲସର ସର୍ଭେ ଅନୁଯାୟୀ ବିଜେପି ସହଯୋଗୀଙ୍କୁ ୪୩ରୁ ୪୫, କଂଗ୍ରେସ ଓ ସହଯୋଗୀଙ୍କୁ ୨୫ରୁ ୩୭ ଏବଂ ଅନ୍ୟମାନଙ୍କୁ ୫ଟିରୁ ୯ଟି ଆସନ ମିଳିବ। ସେହିପରି ଚାଣକ୍ୟର ସର୍ଭେ ଅନୁଯାୟୀ ବିଜେପି ସହଯୋଗୀଙ୍କୁ ୪୫ରୁ ୫୦, କଂଗ୍ରେସ ଓ ସହଯୋଗୀଙ୍କୁ ୩୫ରୁ ୩୮ ଏବଂ ଅନ୍ୟମାନଙ୍କୁ ୩ରୁ ୪ଟି ଆସନ ମିଳିବ। ମାଟ୍ରିଜ୍‌ର ଆକଳନ ଅନୁଯାୟୀ ବିଜେପି ଓ ସହଯୋଗୀଙ୍କୁ ୪୨ରୁ ୪୭, କଂଗ୍ରେସ ଓ ସହଯୋଗୀଙ୍କୁ ୨୫ରୁ ୩୦ ଓ ଅନ୍ୟମାନଙ୍କୁ ୧ରୁ ୪ଟି ଆସନ ମିଳିବ। ଜେଭିସିର ଆକଳନ ଅନୁଯାୟୀ ବିଜେପି ଓ ସହଯୋଗୀଙ୍କୁ ୪୦ରୁ ୪୪, କଂଗ୍ରେସ ଓ ସହଯୋଗୀଙ୍କୁ ୩୦ରୁ ୪୦ ଓ ଅନ୍ୟମାନଙ୍କୁ ଗୋଟିଏ ଆସନ ମିଳିବ। ଆକ୍ସିସର ଆକଳନ ଅନୁଯାୟୀ ବିଜେପି ଓ ସହଯୋଗୀଙ୍କୁ ୨୫, କଂଗ୍ରେସ ଓ ସହଯୋଗୀଙ୍କୁ ୫୩ ଓ ଅନ୍ୟମାନଙ୍କୁ ୩ଟି ଆସନ ମିଳିବ। ତେବେ ୨୩ ତାରିଖ ଭୋଟ ଗଣତି ପରେ ସବୁକିଛି ସ୍ପଷ୍ଟ ହେବ।

# ଜେଏସ୍‌ପିର ଶିଳ୍ପ ଓ କୋଇଲା ଖଣି ପାଇଁ ସଫଳତାର ସହ ସରିଲା ଆରପିଡିଏସି ବୈଠକ



ଅନୁଗୁଳ(ଭାସ୍କର ନ୍ୟୁଜ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଉତ୍କଳ ବି ୧, ବି ୨, ଏବଂ ସି କୋଇଲା ଖଣି ପାଇଁ ଦ୍ୱିତୀୟ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି (ଆରପିଡିଏସି) ଏବଂ ଜେଏସପି ଶିଳ୍ପ ପାଇଁ ସପ୍ତମ ଆରପିଡିଏସି ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ଉପସ୍ଥିତିରେ ଅନୁଗୁଳ ସର୍କିଟ ହାଉସରେ ବସିଥିବା ଏହି ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଅନୁଗୁଳ ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟ ଅବଦାଲ ଏମ ଅଖତର, ପୋଲିସ ଅଧୀକ୍ଷକ ରାହୁଲ ଜୈନ, ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର, ଉପଜିଲ୍ଲାପାଳ ବରେନ୍ଦୁ ମହାନ୍ତି, ଏବଂ ଅନ୍ୟାନ୍ୟ ସରକାରୀ ଅଧିକାରୀମାନେ ମଧ ସାମିଲ ହୋଇଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଛେଣ୍ଡିପଦା ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ପ୍ରତିନିଧି ଏବଂ ଜେଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଅନୁଗୁଳ ଲୋକେସନ ହେଡ୍ ପଙ୍କଜ ମାଲହାନ୍ ପ୍ରମୁଖ ମଧ ଉପସ୍ଥିତ ଥିଲେ। ଶାନ୍ତିପୂର୍ଣ୍ଣ ଏବଂ ସହଯୋଗପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ଏହି ବୈଠକରେ ଜେଏସପିର କୋଇଲା ଖଣି ଓ ଶିଳ୍ପ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ ଯୋଗ ଦେଇଥିବା ପାରିପାର୍ଶ୍ୱିକ ଗ୍ରାମଗୁଡିକର ପ୍ରତିନିଧି ମାନେ ଜେଏସପିର ଖଣି ଏବଂ ଶିଳ୍ପ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇବା ସହ ଥଇଥାନ ପଦକ୍ଷେପକୁ ଶୀଘ୍ର କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ୨୦୩୦ ସୁଦ୍ଧା ଜେଏସପିର ଏହି ଇସ୍ପାତ କାରଖାନାକୁ ବିଶ୍ୱର ସର୍ବ ବୃହତ ଏକକ ଅବସ୍ଥାପିତ ଇସ୍ପାତ କାରଖାନାରେ ପରିଣତ କରିବା ଏବଂ ସ୍ଥାୟୀଭିତ୍ତିରେ ସ୍ଥାନୀୟ ସମୃଦ୍ଧି ଏବଂ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଜେଏସପି ପକ୍ଷରୁ ସ୍ଥାନୀୟ ସମ୍ପ୍ରଦାୟର ସମ୍ପୂର୍ଣ୍ଣ ସହଯୋଗ ମାଗାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବଲପୁରର ସାଂସଦ ଭାବେ ଆରପିଡିଏସିରେ ଅଂଶଗ୍ରହଣ କରିଥିଲେ। ସେ ଜିଲ୍ଲା ପ୍ରଶାସନ ଏବଂ କମ୍ପାନୀ ଅଧିକାରୀମାନଙ୍କୁ ନିରନ୍ତର ସଂଳାପ ଏବଂ ସର୍ବସମ୍ମତି କ୍ରମେ ବିକାଶମୂଳକ କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। 'ଶିଳ୍ପ ନେତୃତ୍ୱରେ ସାମାଜିକ ସମୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଜେଏସପିକୁ ନିରନ୍ତର ସମର୍ଥନ କରିଥିବାରୁ ଆମେ ଅନୁଗୁଳବାସୀଙ୍କ ଠାରେ କୃତଜ୍ଞ। ଏହି ଅଂଚଳର ଅନ୍ତର୍ଭୁକ୍ତ ବିକାଶ ପାଇଁ ଆମେ ସ୍ଥାନୀୟ ଲୋକ ଏବଂ ଜିଲ୍ଲା ପ୍ରଶାସନ ସହ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ" ବୋଲି ଜେଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପଙ୍କଜ ମାଲହାନ୍ କହିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ବିଧାୟକ ଅଗସ୍ତି ବେହେରାଙ୍କୁ ଧନ୍ୟବାଦ ଦେବାସହ ଆସନ୍ତାକାଲିର ଅନୁଗୁଳ ଓ ଓଡିଶା ନିର୍ମାଣ ପାଇଁ ତାଙ୍କ ମାର୍ଗଦର୍ଶନକୁ ପ୍ରଶଂସା କରିଥିଲେ।

LEVEL-I TRANSPORT ONTRACTOR 2023-25
NOTICE INVITING TENDER
Office of District Manager
Odisha State Civil Supplies Corporation Ltd., (OSCSC)
KANDHAMAL(District)
Phone. 9438200046
District Web site: www.kandhamal.nic.in
CAD-1650

TENDER No. **1841** Dated **19.11.2024**

Cost of Tender Document: - Rs.11800/- Inclusive of GST.
Online Tenders are invited from eligible bidders for selection and appointment of level-I Transport contractor for transportation of Wheat from Food Storage Depot (FSD), **FCI JAGANNATHPUR to FSD PHULBANI & PEG K NUAGAON, CWC LANJIPALLI to FSD PHULBANI & PEG K NUAGAON**

| | | |
|---|---|---|
| 1 | Availability of tender documents | From date. **21-11-2024.** Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt. **25-11-2024**. At.- Office of District Manager OSCSC ltd., Kandhamal, Place.- Collectorate, Kandhamal,Phulbani |
| 3 | Last date and time for **on-line** submission of completed Tender Documents with enclosures. | Dt. **5-12-2024 up to 05:00 (PM)** |
| 4 | Date and Time and venue for **opening of Technical Bid** by the Tender Committee. | Dt. **6-12-2024 up to 11:00 (AM),** at Collectorate Campus, Kandhamal, Phulbani |
| 5 | Date, time and venue of submission of original documents in support of scanned copies uploaded in the portal for verification | Dt. **6-12-2024 up to 12:30 (A.M.),** at Collectorate Campus, Kandhamal, Phulbani |
| 6 | Date & time of **Financial Bid opening** by the Tender Committee (Only of Technically Qualified Bidders) | Dt. **10-12-2024 at 11:00 A.M.** |
| 7 | Venue of the opening of Technical & Financial Bids | Collectorate Campus, Kandhamal, Phulbani |
| 8 | Validity Period | Tenders are to remain open for acceptance for 45 days inclusive of date of opening of tender. Note: - The Managing Director, OSCSC Ltd., Bhubaneswar may at his discretion extend this day by 15 (fifteen) days and such extension shall be binding on the bidders. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (i) OSCSC Ltd.: -KANDHAMAL District Manager:-No.- 9438200046 Accounts Head. No. - 9438164903 (ii) State Procurement Cell:-0674-2530998 / 18003456765 |

N.B:
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any / all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender.
5. Any amendment/ cancellation/ re-tender/ corrigendum please refer to the website www.tendersodisha.gov.in, www.oscsc.in & www.foododisha.in.

Sd/- District Manager
OSCSC Ltd., Kandhamal

OIPR 07032/11/0001/2425



ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରୁ ଗୋଆ ଅଭିମୁଖେ ଯାତ୍ରା କରୁଥିବା ବିମାନରେ ଜଣେ ମହିଳା ତାଙ୍କ ସହ-ଯାତ୍ରୀଙ୍କ ଉପରେ ଯୌନ ନିର୍ଯାତନା ଅଭିଯୋଗ କରିଛନ୍ତି । ଏହି ମାମଲାରେ ପୋଲିସ ୨୩ ବର୍ଷ ବୟସ୍କ ଯୁବକଙ୍କୁ ଗିରଫ କରିଛି । ଏ ନେଇ ଅଧିକାରୀମାନେ ଏହି ଘଟଣା ସମ୍ପର୍କରେ ବୁଧବାର ସୂଚନା ଦେଇଛନ୍ତି । ପୋଲିସର ସୂଚନାନୁସାରେ, ମଙ୍ଗଳବାର ସକାଳ ୧୧ ଟାରୁ ୧ଟା୨୦ ମଧ୍ୟରେ ଏୟାର ଇଣ୍ଡିଆ ବିମାନରେ ଏହି ଘଟଣା ଘଟିଛି । । ଦିଲ୍ଲୀର ବାସିନ୍ଦା ୨୮ ବର୍ଷୀୟ ପୀଡିତା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ଯେ ଗୋଆକୁ ଯାଉଥିବା ଏୟାର ଇଣ୍ଡିଆ ବିମାନରେ ତାଙ୍କ ପାଖରେ ବସିଥିବା ବ୍ୟକ୍ତି ତାଙ୍କ ଉପରେ କମ୍ବଳ ଘୋଡାଇ ଦେଇଥିଲେ ଏବଂ ପରେ ଆପତ୍ତିଜନକ କାର୍ଯ୍ୟ ଆରମ୍ଭ କରିଥିଲେ । ଏଫଆଇଆର ଅନୁଯାୟୀ, ବିମାନରେ ଅଭିଯୁକ୍ତ ଜଣକ ଜାଣିଶୁଣି କମ୍ବଳକୁ ପୀଡିତାଙ୍କ ଆଡକୁ ଖୋଲା ରଖିଥିଲେ ।

# ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କଲେ ଗୁୟାନାର ରାଷ୍ଟ୍ରପତି



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୪ ନଭେମ୍ବରର ୨୦ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁୟାନା ଗସ୍ତ ଅବସରରେ ଆଜି ଜର୍ଜଟାଉନରେ ପହଞ୍ଚିଛନ୍ତି । ୫୬ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଗୁୟାନା ଗସ୍ତ । ଏକ ବିଶେଷ ସଦ୍‌ଭାବନା ଭାବେ ବିମାନବନ୍ଦରରେ ଗୁୟାନା ରାଷ୍ଟ୍ରପତି ଡ. ମହମ୍ମଦ ଇରଫାନ ଅଲ୍ଲୀ ଏବଂ ଗୁୟାନାର ପ୍ରଧାନମନ୍ତ୍ରୀ ବ୍ରିଗେଡିୟର (ଅବସରପ୍ରାପ୍ତ) ମାର୍କ ଆନ୍ଥୋନି ଫିଲିପ୍ସ ଶ୍ରୀ ମୋଦୀଙ୍କୁ ରାଜକୀୟ ସ୍ୱାଗତ କରିଥିଲେ । ଏହି ଅବସରରେ ଗୁୟାନା ମନ୍ତ୍ରିମଣ୍ଡଳର ଏକ ଡଜନରୁ ଅଧିକ ମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ । ହୋଟେଲରେ ପ୍ରଧାନମନ୍ତ୍ରୀ ପହଞ୍ଚିବା ମାତ୍ରେ ତାଙ୍କୁ ଗୁୟାନା ରାଷ୍ଟ୍ରପତି ଅଲ୍ଲୀଙ୍କ ସମେତ ବାର୍ବାଡୋସର ପ୍ରଧାନମନ୍ତ୍ରୀ ମିଆଅମର ମୋଟଲେ ଏବଂ ଗ୍ରେନାଡାର ପ୍ରଧାନମନ୍ତ୍ରୀ ଡିକେନ ମିଚେଲ ସ୍ୱାଗତ କରିଥିଲେ । ଏଥିସହ ଗୁୟାନା ମନ୍ତ୍ରିମଣ୍ଡଳର ଅନେକ କ୍ୟାବିନେଟ ମନ୍ତ୍ରୀଙ୍କ ସହ ଭାରତୀୟ ସମୁଦାୟ ଏବଂ ଭାରତ-ଗୁୟାନା ସମୁଦାୟଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ବିମାନବନ୍ଦରରୁ ହୋଟେଲ ପର୍ଯ୍ୟନ୍ତ ଶ୍ରୀ ମୋଦୀଙ୍କ ସ୍ୱାଗତ ବେଳେ ଗୁୟାନା ସରକାରଙ୍କ ସମସ୍ତ ମନ୍ତ୍ରୀ ଉପସ୍ଥିତ ଥିଲେ । ଭାରତ-ଗୁୟାନା ଘନିଷ୍ଠ ମିତ୍ରତାର ପ୍ରମାଣ ସ୍ୱରୂପ ଜର୍ଜଟାଉନର ମେୟର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ 'ଜର୍ଜଟାଉନ ସହରର ଚାବି' ହସ୍ତାନ୍ତର କରିଥିଲେ ।

## କଡ଼ା ସୁରକ୍ଷା ମଧ୍ୟରେ ଭୋଟ୍ ଦେଲେ ସଲମାନ



ମୁମ୍ବାଇ : ବୁଧବାର ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ୨୮୮ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଉଛି । ସମସ୍ତ ବଲିଉଡ୍ ଷ୍ଟାର ଭୋଟ୍ ଦେଇ ନିଜର କର୍ତ୍ତବ୍ୟ ପାଳନ କରୁଛନ୍ତି । ସୁପରଷ୍ଟାର ସଲମାନ ଖାନ୍ ମଧ୍ୟ ମୁମ୍ବାଇରେ ଭୋଟ୍ ଦେଇଛନ୍ତି । ସଲମାନ ଏକ ଧୂସର ରଙ୍ଗର ଟି-ଶର୍ଟ, କଳା କ୍ୟାପ୍ ଏବଂ କଳା ଚଷମା ପିନ୍ଧି ସଲମାନ 'ସିକନ୍ଦର' ଲୁକ୍‌ରେ ଭୋଟ୍ ଦେବାକୁ ଆସିଥିଲେ । ସେ ବାନ୍ଦ୍ରା ୱେଷ୍ଟର ମତଦାନ କେନ୍ଦ୍ରରେ ନିଜର ଭୋଟ୍ ଦେଇଛନ୍ତି । ଏହି ସମୟ ମଧ୍ୟରେ ସୁପରଷ୍ଟାରଙ୍କୁ କଡ଼ା ସୁରକ୍ଷା ବଳୟରେ ରଖାଯାଇଥିବାର ଦେଖିବାକୁ ମିଳିଥିଲା ।

# ବୀର ଗାଥା ୪.୦ ପ୍ରକଳ୍ପରେ ଅଂଶ ଗ୍ରହଣକଲେ ୧.୭୬ କୋଟିରୁ ଅଧିକ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ : ବୀର ଗାଥା ୪.୦ ପ୍ରକଳ୍ପରେ ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧.୭୬ କୋଟିରୁ ଅଧିକ ସ୍କୁଲ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଛନ୍ତି । ସଶସ୍ତ୍ର ବାହିନୀର ଅଧିକାରୀ/ଯବାନଙ୍କ ସାହସିକତା ଓ ବଳିଦାନକୁ ସମ୍ମାନ ଜଣାଇ ଛାତ୍ରଛାତ୍ରୀମାନେ କବିତା, ଚିତ୍ର, ପ୍ରବନ୍ଧ, ଭିଡିଓ ଇତ୍ୟାଦି ପଠାଇଛନ୍ତି । ବୀର ପୁରସ୍କାର ବିଜେତାଙ୍କ ବୀରତ୍ୱ, ନିଃସ୍ୱାର୍ଥପର ତ୍ୟାଗ ଓ ସାହସର ପ୍ରେରଣାଦାୟୀ କାହାଣୀ ଏବଂ ଏହି ବୀର ଯବାନମାନଙ୍କ ଜୀବନ କାହାଣୀକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ୨୦୨୧ ମସିହାରେ ପ୍ରୋଜେକ୍ଟ ବୀର ଗାଥା ପ୍ରତିଷ୍ଠା କରାଯାଇଥିଲା । ବୀର ଗାଥା ବୀରତା ପୁରସ୍କାର ବିଜେତାଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ ବଳିଦାନ ଉପରେ ଆଧାରିତ ସୃଜନଶୀଳ ପ୍ରକଳ୍ପ/କାର୍ଯ୍ୟକଳାପ କରିବା ପାଇଁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଏକ ମଞ୍ଚ ପ୍ରଦାନ କରି ଏହି ମହାନ ଉଦ୍ଦେଶ୍ୟକୁ ଆଗକୁ ନେଇଥିଲା । ବୀର ଗାଥା ପ୍ରକଳ୍ପର ତିନୋଟି ସଂସ୍କରଣ ଯଥାକ୍ରମେ ୨୦୨୧, ୨୦୨୨ ଏବଂ ୨୦୨୩ରେ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟଗୁଡ଼ିକ ବିଭିନ୍ନ ପ୍ରକଳ୍ପ/କାର୍ଯ୍ୟକଳାପ (୧୬.୦୯.୨୦୨୪ ରୁ ରୁ ୩୧.୧୦.୨୦୨୪ ପର୍ଯ୍ୟନ୍ତ) ପରିଚାଳନା କରିଛନ୍ତି




ଏବଂ ମାଇଗଭ ପୋର୍ଟାଲରେ ପ୍ରତ୍ୟେକ ବିଦ୍ୟାଳୟରୁ ସମୁଦାୟ ୪ ଟି ଶ୍ରେଷ୍ଠ ଆବେଦନ ଅପଲୋଡ୍ କରିଛନ୍ତି । ଏଥିସହିତ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୀର ଓ ଅଜଣା କାହାଣୀ ବିଷୟରେ ଜ୍ଞାନକୁ ସମୃଦ୍ଧ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାର କ୍ଷେତ୍ର ସଂଗଠନ ବା ସେନା/ନୌସେନା/ବାୟୁସେନା ଜରିଆରେ ସାରା ଦେଶର ବିଦ୍ୟାଳୟଗୁଡିକ ପାଇଁ ଭର୍ଚୁଆଲ ମିଟ୍/ ପ୍ରତ୍ୟକ୍ଷ ସଚେତନତା କାର୍ଯ୍ୟକ୍ରମ/ଅଧିବେଶନର ଆୟୋଜନ କରିଛି । ଆରମ୍ଭରୁ ଏହି ପ୍ରକଳ୍ପରେ ସାରା ଦେଶରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ବଢିବାରେ ଲାଗିଛି ।

ସୂଚନାଯୋଗ୍ୟ, ବୀର ଗାଥା ପ୍ରକଳ୍ପ (ସଂସ୍କରଣ-୧)ରେ ୮ ଲକ୍ଷ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଦ୍ୱିତୀୟ ସଂସ୍କରଣରେ ୧୯.୫ ଲକ୍ଷ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ତୃତୀୟ ସଂସ୍କରଣରେ ୧.୩୬ କୋଟି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବୀର ଗାଥା ପ୍ରକଳ୍ପ ସଂସ୍କରଣ ୧ ଓ ୨ ରେ ୨୫ ଜଣ ବିଜେତା (ସୁପର ୨୫) ଚୟନ କରାଯାଇ ସେମାନଙ୍କୁ ନୂଆଦିଲ୍ଲୀରେ ଶିକ୍ଷା ମନ୍ତ୍ରଣାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୀର ଗାଥା ପ୍ରୋଜେକ୍ଟ ୩.୦ରେ ଜାତୀୟ ସ୍ତରରେ ୧୦୦ ବିଜେତା (ସୁପର ୧୦୦) ଚୟନ କରାଯାଇଥିଲା । ଚଳିତ ବର୍ଷ ମଧ୍ୟ ପ୍ରୋଜେକ୍ଟ ବୀର ଗାଥା ୪.୦ ଅଧୀନରେ ୧୦୦ ଜଣ ବିଜେତାଙ୍କୁ ଚୟନ କରାଯିବ ଏବଂ ନୂଆଦିଲ୍ଲୀରେ ଶିକ୍ଷା ମନ୍ତ୍ରଣାଳୟ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ମିଳିତ ଭାବେ ସେମାନଙ୍କୁ ସମ୍ବର୍ଦ୍ଧିତ କରିବେ । ପ୍ରତି ବିଜେତାଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ । ଏଥିସହ ଜିଲ୍ଲାସ୍ତରରେ ୪ ଜଣ ଲେଖାଏଁ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳସ୍ତରରେ ୮ ଜଣ ଲେଖାଏଁ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବ ଏବଂ ସମ୍ପୃକ୍ତ ଜିଲ୍ଲା ଓ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ପକ୍ଷରୁ ସମସ୍ତ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବ ।

### ଆମେରିକାକୁ ଏୟାର ଷ୍ଟ୍ରାଇକ ଭୟ

# କିଭ୍‌ରେ ଥିବା ଦୂତାବାସକୁ ବନ୍ଦ କଲା

ନୂଆଦିଲ୍ଲୀ : ୟୁକ୍ରେନ ଓ ରୁଷ ମଧ୍ୟରେ ଚାଲିଥିବା ଯୁଦ୍ଧ ନୂଆ ମୋଡ଼ ନେବାରୁ ଆମେରିକା ଭୟଭୀତ ହୋଇପଡ଼ିଛି । ଆମେରିକାକୁ ଏବେ ରୁଷ ପକ୍ଷରୁ ହେବାକୁ ଥିବା ସମ୍ଭାବ୍ୟ ବଡ଼ଧରଣର ଏୟାର ଷ୍ଟ୍ରାଇକ ଭୟ ଘାରିଛି । ଏଥିପାଇଁ ଆମେରିକା ପ୍ରଶାସନ ୟୁକ୍ରେନର ରାଜଧାନୀ କିଭ୍‌ରେ ଥିବା ନିଜର ଦୂତାବାସକୁ ଅସ୍ଥାୟୀ ରୂପେ ବନ୍ଦ କରିଦେଇଛି । ଏଥିସହ ଦୂତାବାସ କର୍ମଚାରୀଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦେଇଛି । ରୁଷ ନଭେମ୍ବର ୨୦ରେ ବଡ଼ଧରଣର ଏୟାର ଷ୍ଟ୍ରାଇକ କରିପାରେ ବୋଲି ଗୁଇନ୍ଦା ବିଭାଗ ରିପୋର୍ଟ ଦେବା ପରେ ଆମେରିକା ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି । ଆମେରିକାର କନସୁଲାର ବ୍ୟାପର ବିଭାଗ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଗୋଟିଏ ସତର୍କତା ପଦକ୍ଷେପ ସ୍ୱରୂପ ଦୂତାବାଦସକୁ ବନ୍ଦ କରାଯାଇଛି । ଦୂତାବାସ କର୍ମଚାରୀଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ କୁହାଯାଇଛି । ଦୂତାବାସ ପକ୍ଷରୁ ୟୁକ୍ରେନରେ ଥିବା ଆମେରିକା ନାଗରିକଙ୍କୁ ମଧ୍ୟ ସମ୍ଭାବ୍ୟ ଏୟାର ରେଡ ଆଲର୍ଟ ପ୍ରତି ସତର୍କ ରହିବା ସହ ଆବଶ୍ୟକ ସୁରକ୍ଷା ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି । ସମଗ୍ର ବିଶ୍ୱକୁ ରୁଷ ପରମାଣୁ ଅସ୍ତ୍ରର ଧମକ ଦେବା ସହ ମିସାଇଲ ଆକ୍ରମଣର ଉପଯୁକ୍ତ ଜବାବ ଦିଆଯିବ ବୋଲି କହିଛି । ରୁଷର ଏପରି ଚେତାବନୀ ପରେ ପୂରା ବିଶ୍ୱକୁ ୩ୟ ବିଶ୍ୱଯୁଦ୍ଧର ଭୟ ଘାରିଛି । ଏକାଧିକ ୟୁରୋପୀୟ ଦେଶ ଏବେ ଠାରୁ ହିଁ ସମ୍ଭାବ୍ୟ ଯୁଦ୍ଧ ପାଇଁ ଲୋକଙ୍କୁ ପାଣି ଓ ଖାଦ୍ୟ ଗଚ୍ଛିତ କରି ରଖିବାକୁ କହିଛନ୍ତି ।

# ରାଜଧାନୀ ଦିଲ୍ଲୀରେ ଛତିଶଗଡ ଲୋକସଂସ୍କୃତିର ଝଲକ





ରାୟପୁର : ଦେଶର ରାଜଧାନୀ ଦିଲ୍ଲୀସ୍ଥିତ ପ୍ରଗତି ମୈଦାନରେ ଛତିଶଗଡର ସମୃଦ୍ଧ ସଂସ୍କୃତି ଏବଂ ଲୋକ କଳାକୁ ନେଇ ଏକ ଝଲକ ଦେଖିବାକୁ ମିଳିଥିଲା । ୪୩ତମ ଭାରତୀୟ ଅନ୍ତରାଷ୍ଟ୍ରୀୟ ବ୍ୟାପାର ମେଳାରେ ଛତିଶଗଡ ରାଜ୍ୟଦିବସ ସମାରୋହ ଅବସରରେ ଏମ୍‌ଫି ଥିଏଟରରେ ଛତିଶଗଡର ଲୋକ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଲୋକଙ୍କ ମନ ମୋହିଥିଲେ । ଛତିଶଗଡ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏହି ରାଜ୍ୟ ଦିବସ ପାଇଁ ଆୟୋଜିତ ସମାରୋହର ଶୁଭାରମ୍ଭ କରିଥିଲେ । ଛତିଶଗଡ ପାଭିଲିଅନର ଭିନ୍ନ ଭିନ୍ନ ଷ୍ଟଲରେ ବୁଲି କଳାକାରମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ସେ ନିଜ ସମ୍ବୋଧନରେ କହିଥିଲେ ଯେ, ଛତିଶଗଡ ହେଉଛି ସମ୍ଭାବନାର ଭୂମି । ସଶକ୍ତ ଭାରତ ନିର୍ମାଣରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ରାଜ୍ୟର ବିକାଶ ସହ କୃଷିର ବିକାଶ ଓ ଶିଳ୍ପର ବିକାଶ ପାଇଁ ତାଙ୍କ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଛତିଶଗଡ ଦେଶରେ ଏକ ଅଗ୍ରଣୀରାଜ୍ୟର ମାନ୍ୟତା ପାଇଛି । ଛତିଶଗଡରୁ ଆସିଥିବା କଳାକାରମାନେ ବିଭିନ୍ନ ନୃତ୍ୟ ସହ ସଂଗୀତ ପରିବେଷଣ କରିଥିଲେ । ଦର୍ଶକମାନେ ତାଳି ବଜାଇ କଳାକାରମାନଙ୍କୁ ଉତ୍ସାହିତ କରିଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ଛତିଶଗଡର ବରିଷ୍ଠ ଅଧିକାରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ସଚିବ ରାହୁଲ ଭଗତ, ସଂସ୍କୃତି ବିଭାଗ ସଚିବ ଅନବଲଗନ୍ ପି ସଂସ୍କୃତି ଓ ରାଜଭାଷା ବିଭାଗର ସଂଚାଳକ ବିବେକ ଆଚାର୍ଯ୍ୟ, ସିଏସ୍‌ଆଇଡିସିର ମହାପ୍ରବନ୍ଧକ ବିଶେଷ କୁମାର, ଜନସଂପର୍କ କମିଶନର ରବି ମିତ୍ତଲ, ଆବାସିକ କମିଶନର ସୃତି ସିଂହଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ପଣବନ୍ଦୀଙ୍କ ମୁକ୍ତି ପାଇଁ ମୁଣ୍ଡ ପିଛା ୩୮ କୋଟି ଘୋଷଣା କଲେ ନେତାନ୍ୟାହୁ



ନୂଆଦିଲ୍ଲୀ: ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧକୁ ୧ ବର୍ଷରୁ ଅଧିକ ବିତି ଯାଇଥିଲେ ମଧ୍ୟ ଯୁଦ୍ଧ ଥମିବାର ନାଁ ନେଉନାହିଁ । ଏହା ମଧ୍ୟରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କଟ୍‌ସଙ୍କ ସହିତ ଗାଜା ଗସ୍ତ କରିଛନ୍ତି । ଉଭୟେ ଗାଜାରେ ଏକ ଅଜ୍ଞାତ ସ୍ଥାନରେ ପହଞ୍ଚିଥିଲେ । ସେଠାରେ ସେମାନେ ପଣବନ୍ଦୀମାନଙ୍କ ମୁକ୍ତି ପାଇଁ ପାଲେଷ୍ଟିନୀୟମାନଙ୍କୁ ପୁରସ୍କାର ଦେବା ସହିତ ଉକ୍ତ ଅଞ୍ଚଳରୁ ସୁରକ୍ଷିତ ବାହାର କରିବାକୁ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପ୍ରତ୍ୟେକ ବନ୍ଧକଙ୍କ ପାଇଁ ପ୍ରାୟ ୫୦ ଲକ୍ଷ ଡଲାର ଅର୍ଥାତ ୩୮ କୋଟି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, 'ଯେଉଁମାନେ ଗାଜାର ଚକ୍ରବ୍ୟୁହ ମଧ୍ୟରୁ ବାହାରିବାକୁ ଚାହୁଁଛନ୍ତି, ସେମାନଙ୍କୁ ମୁଁ କହିବାକୁ ଚାହୁଁଛି ଯେ, ଯେକେହି ବି ଆମକୁ ପଣବନ୍ଦୀ ହସ୍ତାନ୍ତର କରିବେ ତାଙ୍କ ପରିବାରକୁ ବାହାରକୁ ଯିବାକୁ ସୁରକ୍ଷିତ ରାସ୍ତା ଦିଆଯିବ । ଏହା ସହିତ ପ୍ରତ୍ୟେକ ବନ୍ଧକଙ୍କ ପିଛା ୩୮ କୋଟି ଟଙ୍କା ବି ପ୍ରଦାନ କରାଯିବ । ଆପଣ ନିଷ୍ପତ୍ତି ନିଅନ୍ତୁ କ'ଣ କରିବେ ।'






ନୂଆଦିଲ୍ଲୀ: ୪ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର କରିବା ଉପରେ କେନ୍ଦ୍ର ସରକାର ବିଚାର କରୁଛନ୍ତି । ପୁଞ୍ଜି ବଜାର ନିୟାମକ ସେବି ଦ୍ୱାରା ଧାର୍ଯ୍ୟ ନିୟମକୁ ପାଳନ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେବେ ବୋଲି ଏକ ସୂତ୍ରରୁ ଜଣାଯାଇଛି । ଆଗାମୀ ଦିନରେ କେନ୍ଦ୍ର କ୍ୟାବିନେଟ୍‌ରେ ଏ ନେଇ ପ୍ରସ୍ତାବ ଅର୍ଥ ମନ୍ତ୍ରାଳୟ ଉପସ୍ଥାପନ କରିବା ସମ୍ଭାବନା ରହିଛି । ଯେଉଁ ୪ଟି ବ୍ୟାଙ୍କର ପୁଞ୍ଜି ପ୍ରତ୍ୟାହାର କରିବା ନେଇ ସରକାର ଯୋଜନା କରୁଛନ୍ତି ସେଗୁଡ଼ିକ ହେଲା ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ ଏବଂ ପଞ୍ଜାବ୍ ଆଣ୍ଡ ସିନ୍ଧ୍ ବ୍ୟାଙ୍କ । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚନା ଅନୁଯାୟୀ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଭାରତ ସରକାରଙ୍କର ୯୩ ପ୍ରତିଶତରୁ ଅଧିକ ଅଂଶଧନ ରହିଛି । ସେହିଭଳି ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କରେ ୯୬.୪ ପ୍ରତିଶତ, ୟୁକୋ ବ୍ୟାଙ୍କରେ ୯୫.୪ ପ୍ରତିଶତ, ପଞ୍ଜାବ୍ ଆଣ୍ଡ ସିନ୍ଧ୍ ବ୍ୟାଙ୍କରେ ୯୮.୩ ପ୍ରତିଶତ ଅଂଶଧନ ସେପ୍ଟେମ୍ବର ଶେଷ ସୁଦ୍ଧା ରହିଛି । ସେବିର ନିୟମ ମୁତାବକ ତାଲିକାଭୁକ୍ତ କମ୍ପାନିଗୁଡ଼ିକରେ ପବ୍ଲିକ୍ ଅଂଶଧନ ୨୫ ପ୍ରତିଶତ ରହିବା ଆବଶ୍ୟକ । କିନ୍ତୁ ସରକାରଙ୍କ ଅଧୀନରେ ପରିଚାଳିତ ସଂସ୍ଥାଙ୍କ ପାଇଁ ଏହି ନିୟମକୁ ୨୦୨୬ ଅଗଷ୍ଟ ପର୍ଯ୍ୟନ୍ତ ଛାଡ଼ କରାଯାଇଛି ।

## ଇକୋ-ଫ୍ରେଣ୍ଡଲି ଏବଂ ସୁଲଭ ଗୃହ ନିର୍ମାଣ ସମାଧାନ 'ସୁଖ' ଇକୋ-ହାଉସ୍‌ର ଶୁଭାରମ୍ଭ




ନୂଆଦିଲ୍ଲୀ: ଭାରତର ସର୍ବବୃହତ ଇଣ୍ଟିଗ୍ରେଟେଡ୍ ପାୱାର୍ ୟୁଟିଲିଟି ଏନଟିପିସି ଲିମିଟେଡ୍ ଏହାର ଅଭିନବ ଇକୋ-ଫ୍ରେଣ୍ଡଲି ଏବଂ ସୁଲଭ ଗୃହ ନିର୍ମାଣ ସମାଧାନ 'ସୁଖ' ଇକୋ-ହାଉସକୁ ଭାରତର ଆନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୪ରେ ନୂତନ ପ୍ରଗତି ମଇଦାନରେ ଶୁଭାରମ୍ଭ କରାଯାଇଛି । ଦିଲ୍ଲୀ ଇକୋ ହାଉସ୍ ଗୁଡିକ ନିର୍ମାଣରେ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ପ୍ରାୟ ୮୦% ପାଉଁଶ ଏବଂ ପାଉଁଶ ଭିତ୍ତିକ ଉତ୍ପାଦ ବ୍ୟବହାର କରନ୍ତି, ଯାହା ଗ୍ରାମୀଣ ଗୃହରେ ଏକ ବିପ୍ଳବିକ ଆଭିମୁଖ୍ୟ ପ୍ରଦାନ କରିଥାଏ ଏବଂ ସ୍ଥିରତା ଏବଂ ଶୂନ-କାର୍ବନ ନିର୍ଗମନ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଇଥାଏ । ପାଉଁଶରୁ ନିର୍ମିତ ଅଭିନବ ଇଣ୍ଟରଲକିଂ କାନ୍ଥ ବ୍ଲକ୍ ସହିତ ନିର୍ମିତ ଏହି ସଂରଚନାଗୁଡ଼ିକରେ କୌଣସି ବାଲି, ସିମେଣ୍ଟ, ଷ୍ଟିଲ୍ ଆବଶ୍ୟକ ହୁଏ ନାହିଁ, ଖର୍ଚ୍ଚ ଏବଂ ନିର୍ମାଣ ସମୟକୁ ଯଥେଷ୍ଟ ହ୍ରାସ କରେ । ଏହି ଇକୋ-ହାଉସରେ ପାଉଁଶ ଭିତ୍ତିକ ନିର୍ମାଣ ସାମଗ୍ରୀର ବ୍ୟବହାର ସିମେଣ୍ଟ ଏବଂ ପ୍ରାକୃତିକ ଏଗ୍ରିଗେଟର ଆବଶ୍ୟକତାକୁ ଦୂର କରିଥାଏ, ଯାହା ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ ଏବଂ ଉପରିଭାଗର କ୍ଷୟ ରୋକାଯାଇଥାଏ । ୩୦ ବର୍ଗ ମିଟର ବ୍ୟାପିଥିବା ଏକ ଡ୍ରଇଂ ରୁମ୍, ଶୋଇବା ଘର, ରୋଷେଇ ଘର, ଏବଂ ଶୌଚାଳୟ ବିଶିଷ୍ଟ ଏକ ସାଧାରଣ ଘର, ୧୫-୨୦ ଦିନ ମଧ୍ୟରେ ନିର୍ମାଣ କରାଯାଇପାରିବ । ଇକୋ-ହାଉସ୍ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମିଣ ସହିତ ସମାନ୍ତରାଳ ହୋଇ ସୁଲଭ ଗ୍ରାମୀଣ ଗୃହ ପାଇଁ ଏକ ମାପନୀୟ ତଥା ପରିବେଶ ଅନୁକୂଳ ମଡେଲ୍ ଯୋଗାଇଥାଏ । ବର୍ଜ୍ୟବସ୍ତୁ ପରିଚାଳନାକୁ ସମାଧାନ କରି ଏବଂ ଶିଳ୍ପ ଉପାଦାନଗୁଡିକର ବ୍ୟବହାରକୁ ପ୍ରୋତ୍ସାହିତ କରି, ଏନ୍‌ଟିପିସିର ପଦକ୍ଷେପ ନିରନ୍ତର ନିର୍ମାଣ ଅଭ୍ୟାସ ପାଇଁ ପଥ ପରିଷ୍କାର କରେ । ଏହା ବ୍ୟତୀତ ଏହି ଇକୋ-ହାଉସ୍ ଗୁଡିକ ମଧ୍ୟ ସ୍ୱର ଶକ୍ତି ଦ୍ୱାରା ଚାଳିତ ହୋଇପାରିବ, ଯାହାଦ୍ୱାରା ଭାରତର ନେଟ୍ ଜିରୋ ପ୍ରତିଶ୍ରୁତି ଦୃଢ ହେବ ।

## ସାତ୍ତ୍ୱିକ୍ ଗ୍ରୀନ୍ ଏନର୍ଜି ପକ୍ଷରୁ ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ :ଭାରତର ଅନ୍ୟତମ ଅଗ୍ରଣୀ ମଡ୍ୟୁଲ୍ ଉତ୍ପାଦନକାରୀ କମ୍ପାନି ସାତ୍ତ୍ୱିକ ଗ୍ରିନ୍ ଏନର୍ଜି ଲିମିଟେଡ୍ ଭାରତର ସୌର ଶକ୍ତି ବଜାରରେ ନିଜକୁ ପ୍ରତିଷ୍ଠିତ କରିପାରିଛି । କମ୍ପାନି ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି । କମ୍ପାନି ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ଇକ୍ୱିଟି ସେୟାର ଜାରି କରି ୧୧୫୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖିଛି । ଏହି ଅଫରରେ କମ୍ପାନି ପକ୍ଷରୁ ୮୫୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଓ ଅଫର ଫର୍ ସେଲ୍‌ରେ ଅଂଶଧନକାରୀମାନେ ୩୦୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ । ଇକ୍ୱିଟି ସେୟାରଗୁଡ଼ିକୁ ବିଏସ୍‌ଇ ଲିମିଟେଡ୍ ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେ ଲିମିଟେଡ୍‌ରେ ତାଲିକାଭୁକ୍ତ କରିବାର ପ୍ରସ୍ତାବ ରହିଛି । ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଡିଏଏମ୍ କ୍ୟାପିଟାଲ୍ ଆଡଭାଇଜର୍ସ ଲିମିଟେଡ୍, ଆମ୍ବିଟ୍ ପ୍ରାଇଭେଟ୍ ଲିମିଟେଡ୍ ଓ ମୋତିଲାଲ ଓସ୍ୱାଲ୍ ଇନଭେଷ୍ଟମେଣ୍ଟ ଆଡଭାଇଜର୍ସ ଲିମିଟେଡ ।

# ବେଦାନ୍ତ ଆଲୁମିନିୟମ୍ ଓ ଗେଲ୍ ଗ୍ୟାସ ଲିମିଟେଡ୍ ମଧ୍ୟରେ ଚୁକ୍ତିନାମା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ୍ତ ଆଲୁମିନିୟମ ଉତ୍ପାଦକ ସ୍ଥାୟୀ ଶିଳ୍ପ ଅଭ୍ୟାସ ଦିଗରେ ପ୍ରାକୃତିକ ଯୋଗାଣ ଲାଗି ଗେଲ ଲିମିଟେଡ ସହିତ ଏକ ଗ୍ୟାସ ବିକ୍ରୟ ଚୁକ୍ତି ସ୍ୱାକ୍ଷର କରିଛି । ପ୍ରାକୃତିକ ଗ୍ୟାସର ଏହି ପରିବର୍ତ୍ତନ ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଥିବା ବେଳେ ଅଙ୍ଗାରକାମ୍ଳ ପଦଚିହ୍ନ ହ୍ରାସ ପାଇବ ଓ ପ୍ରତିବର୍ଷ ଆନୁମାନିକ ୪୭୨୯୨ ଟନ ସିଓ୨ ସମାନ ଟିସିଓ୨ଇ ହ୍ରାସ ପାଇବ । ବେଦାନ୍ତ ୨୦୫୦ ସୁଦ୍ଧା ନିଟ ଜିରୋ ନିର୍ଗମନ ଲକ୍ଷ୍ୟ ହାସଲ ପାଇଁ ପ୍ରତିବଦ୍ଧ । ଏଥିପାଇଁ କମ୍ପାନି ବ୍ୟାପକ ଅକ୍ଷୟ ଶକ୍ତି ବ୍ୟବହାର ସହ ବ୍ୟାପକ ବୃକ୍ଷରୋପଣ ଜରୀଆରେ ଅଙ୍ଗାରକାମ୍ଳ ସୃଷ୍ଟି କରୁଛି । ଏହି ସହଭାଗିତା ବେଦାନ୍ତର ଆଗାମୀ ୪୩୦ କିଲୋ ଟନ କାଷ୍ଟ ହାଉସକୁ ସମର୍ଥନ କରିବ । ଗେଲ ଦିନକୁ ପ୍ରାୟ ୩୨,୦୦୦ ଷ୍ଟାଣ୍ଡାର୍ଡ କ୍ୟୁ.ମି ପ୍ରାକୃତିକ ଗ୍ୟାସ ଯୋଗାଇବା ଲାଗି ଏକ ୭.୫ କିମି ବ୍ୟାପୀ ପାଇପଲାଇନ ପ୍ରତିଷ୍ଠା କରିବ ଓ ଏହି ପାଇପଲାଇନ କାର୍ଯ୍ୟ ୫ ବର୍ଷର ଚୁକ୍ତିନାମା ସହିତ ଏକ ସ୍ୱଚ୍ଛ ଶକ୍ତି ବିକଳ୍ପ ବେଦାନ୍ତ ଆଲୁମିନିୟମ ପ୍ରତି ପ୍ରତିବଦ୍ଧତାକୁ ସହାୟତା କରିବ ବୋଲି ଆଶା କରାଯାଉଛି । ବେଦାନ୍ତର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ହିନ୍ଦୁସ୍ତାନ ଜିଙ୍କ ଲିମିଟେଡର ଚେୟାରମ୍ୟାନ୍ ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି ଯେ ବେଦାନ୍ତରେ ଆମେ କରୁଥିବା ସବୁ କାର୍ଯ୍ୟର ମୂଳ ସ୍ଥିରତା ରହିଛି । ଗେଲ ଗ୍ୟାସ ଲି ସହ ଆମର ସହଭାଗିତା ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଓ ସ୍ୱଚ୍ଛ ଶକ୍ତି ପାଇବାରେ ସହାୟ ହେବ । ଏହି ସହଭାଗିତା ଆମର ଯାତ୍ରା ପଥକୁ ଅଧିକ ଉନ୍ନତ ଓ ଦାୟିତ୍ୱଶୀଳ କରିବ ଓ ଭବିଷ୍ୟତରେ ଏକ ସବୁଜ ବିଶ୍ୱ ପରିଣତରେ ସାହାଯ୍ୟ କରିବ । କମ୍ପାନି ତରଫରୁ ଏହି ଚୁକ୍ତି ସ୍ୱାକ୍ଷର କଲାବେଳେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେ ଗେଲ ସହିତ ଆମର ଏହି ସହଭାଗିତା ପରିବେଶ ପ୍ରଭାବ ହ୍ରାସ କରିବାରେ ଆଲୁମିନିୟମ ଶିଳ୍ପକୁ ଆଗେଇ ନେବାରେ ସାହାଯ୍ୟ କରିବ । କାର୍ବନ ନିର୍ଗମନକୁ ହ୍ରାସ କରିବା ଲକ୍ଷ୍ୟରେ ଏହି ଚୁକ୍ତିନାମା ଭାରତରେ ଆଲୁମିନିୟମ ଚାହିଦା ବୃଦ୍ଧିରେ ସହାୟକ ହେବ । ସ୍ୱଚ୍ଛ ଶକ୍ତି ସମାଧାନ ଗ୍ରହଣ କରି ଆମେ ଆଲୁମିନିୟମ ଶିଳ୍ପ ଓ ଆମ ଗୋଷ୍ଠୀ ପାଇଁ ସ୍ଥାୟୀ ଭବିଷ୍ୟତ ଗଠନରେ ମାର୍ଗ ଦେଖାଇବା ଲକ୍ଷ୍ୟ ରଖିଛୁ । ନୂଆ କାଷ୍ଟ ହାଉସ ପ୍ରାକୃତିକ ଗ୍ୟାସ ପରିଚାଳିତ କରିବ ଫଳରେ ମାସକୁ ୬୨% କାର୍ବନ ନିର୍ଗମନ ହ୍ରାସ ପାଇବ ।

## ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ କଲା ସିଆଇଇଏଲ୍ ଏଚ୍‌ଆର୍ ସର୍ଭିସେସ୍

ନୂଆଦିଲ୍ଲୀ : ଭାରତରେ ପ୍ରଯୁକ୍ତିଭିତ୍ତିକ ମାନବ ସମ୍ବଳ ସମାଧାନ ପ୍ରଦାନ କରୁଥିବା ଅଗ୍ରଣୀ ସଂସ୍ଥା ସିଆଇଇଏଲ୍ ଏଚ୍‌ଆର୍ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍‌ଟ ରେଡ୍ ହେରିଂ ପ୍ରୋସପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି । ଏହି ପବ୍ଲିକ୍ ଅଫରରେ ୩୩୫ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ । ସିଆଇଇଏଲ ଏଚ୍‌ଆର୍‌କୁ ପାଣ୍ଡିଆରାଜନ କାରୁପାସ୍ୱାମୀ ସ୍ଥାପନ କରିଥିବା ବେଳେ ମା ଫୋଇ ମ୍ୟାନେଜମେଂଟ୍ କନ୍‌ସଲଟାଂଟ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ହେମଲତା ରାଜନ ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛି । ଅଫର ଫର୍ ସେଲ୍‌ରେ ପାଣ୍ଡିଆରାଜନ କାରୁପାସ୍ୱାମୀ ୨,୫୪୪,୧୮୧ ଇକ୍ୱିଟି ସେୟାର, ହେମଲତା ରାଜନ ୬୨୯,୩୫୭ ଇକ୍ୱିଟି ସେୟାର, ଆଦିତ୍ୟ ନାରାୟଣ ମିଶ୍ର ୬୨୯,୩୫୭ ଇକ୍ୱିଟି ସେୟାର, ସନ୍ତୋଷ କୁମାର ନାୟାର ୫୯୪,୫୪୦ ଇକ୍ୱିଟି ସେୟାର, ଦୋରାଇସ୍ୱାମୀ ରାଜୀବ କ୍ରିଷ୍ଣନ ୧୧୮,୫୩୭ ଇକ୍ୱିଟଇ ସେୟାର, ଗଣେଶ ଏସ୍ ପଦ୍ମନାଭନ ୪୭୩୯୧ ଇକ୍ୱିଟି ସେୟାର, ସୋବି ମାଥ୍ୟୁ ୪୭,୩୯୧ ଇକ୍ୱିଟି ସେୟାର, ଅନୁପ ନରେନ୍ଦ୍ରନ ମେନନ ୪୭୩୯୧ ଇକ୍ୱିଟି ସେୟାର, ମୋହିତ ଗୁଣ୍ଡେଚା ୮୭୨୭ ଇକ୍ୱିଟି ସେୟାର, ସୁରୁଚି ୱିଗ ୮୭୨୭ ଇକ୍ୱିଟଇ ସେୟାର, କେଭିନ କେୟାର ପ୍ରାଇଭେଟ୍ ଲିମିଟେଡ୍ ୧୦,୭୭୮ ଇକ୍ୱିଟି ସେୟାର, ପିୟୂଷ ଜୈନ ୯୩୫୮ ଇକ୍ୱିଟି ସେୟାର, ରାଜନ ଚେଲାମଣି ନାଦର ୮୦୮୫ ଇକ୍ୱିଟି ସେୟାର, ମୁହିଲ ନେସି ବିବେକାନନ୍ଦା ୬୭୩୭ ଇକ୍ୱିଟି ସେୟାର, ସାମ୍ବାଶିବମ ବିଶ୍ୱନାଥନ ୨୬,୧୮୮ ଇକ୍ୱିଟି ସେୟାର, ଓ ବିଦ୍ୟା ବିଶ୍ୱନାଥନ ୨୬୧୮୮ ଇକ୍ୱିଟି ସେୟାର ବିକ୍ରି କରିବେ । ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ଆମ୍ବିଟ୍ ପ୍ରାଇଭେଟ ଲିମିଟେଡ, ସେଂଟ୍ରମ୍ କ୍ୟାପିଟାଲ୍ ଲିମିଟେଡ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ।

## ଅନ୍ତର୍ଜାତୀୟ ଗୁଣବତ୍ତା ମଣ୍ଡଳୀ ସମ୍ମିଳନୀ: ଆର୍‌ଏସ୍‌ପିକୁ ସ୍ୱର୍ଣ୍ଣ ପୁରସ୍କାର




ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍‌ର ସକ୍ଷମ ଗୁଣବତ୍ତା ମଣ୍ଡଳୀ ଦଳ ଶ୍ରୀଲଙ୍କାର କଲମ୍ବୋ ଠାରେ ଅନୁଷ୍ଠିତ ୪୯ତମ ଆନ୍ତର୍ଜାତୀୟ ଗୁଣବତ୍ତା ମଣ୍ଡଳୀ ସମ୍ମିଳନୀରେ ସ୍ୱର୍ଣ୍ଣ ପୁରସ୍କାର ଲାଭ କରି ସହର ପାଇଁ ଗୌରବ ଆଣିଦେଇଛନ୍ତି । ଏହି ବର୍ଷର ସମ୍ମିଳନୀର ବିଷୟବସ୍ତୁ ଥିଲା 'ସୀମାରୁ ଉର୍ଦ୍ଧ୍ୱରେ : ଗୁଣବତ୍ତା, ଉତ୍ପାଦକତା ଏବଂ ଅଭିନବତା ପାଇଁ ଏକ ଅନୁସନ୍ଧାନ' । ଏହି ଗୁଣବତ୍ତା ମଣ୍ଡଳୀରେ ନୂତନ ପ୍ଲେଟ ମିଲ ବିଭାଗର ଓସିଟି ସୌଭାଗ୍ୟ ରଞ୍ଜନ ସାହୁ, ବେଣୁ ସାହୁ, ସୁଶୀଲ ପ୍ରସାଦ ଗୁପ୍ତା ଓ ସୁମିତ ପାଣିଗ୍ରାହି ସଦସ୍ୟ ଥିଲେ । ସିନିୟର ମ୍ୟାନେଜର ଦୀପକ କୁମାର ଦଳର ସଂଯୋଜକ ଥିବା ବେଳେ ଓସିଟି ସୁମିତ ତ୍ରିପାଠୀ ଦଳର ନେତୃତ୍ୱ ନେଇଥିଲେ । ସେମାନଙ୍କର ପ୍ରକଳ୍ପର ବିଷୟବସ୍ତୁ ଥିଲା, 'ଫିନିସିଂ-ମିଲରେ ସାଇଡ୍-ଗାଇଡ୍ ସିଷ୍ଟମର ଉପଲବ୍ଧତାକୁ ଉନ୍ନତ କରିବା' । ଉଲ୍ଲେଖଯୋଗ୍ୟ ଯେ, ସକ୍ଷମ ଗୁଣବତ୍ତା ମଣ୍ଡଳୀ ନୂତନ ପ୍ଲେଟ୍ ମିଲ୍‌ର ସାଇଡ୍ ଗାଇଡ୍ ସିଷ୍ଟମରେ ବିଶେଷ ଭାବରେ ହାଇଡ୍ରୋଲିକ୍ ସିଲିଣ୍ଡର ଏବଂ ପାଇପଲାଇନରେ ତ୍ରୁଟି ଯୋଗୁଁ ବାରମ୍ବାର ଫେଲରକୁ ଚିହ୍ନଟ କରିଥିଲେ । ଏହି ଫେଲର ଉତ୍ପାଦନ ବିଳମ୍ବ, ଯନ୍ତ୍ରପାତିର କ୍ଷତି ଏବଂ ଅପରେସନ ଖର୍ଚ୍ଚ ବୃଦ୍ଧି କରୁଥିଲା । ଏହି ସମସ୍ୟାର ସମାଧାନ ପାଇଁ, ଦଳ କାରଣ-ଏବଂ-ପ୍ରଭାବ ବିଶ୍ଳେଷଣ ଏବଂ ମୂଳ କାରଣ ଚିହ୍ନଟ କରିବା ପାଇଁ ହ୍ୱାଇ ହ୍ୱାଇ ବିଶ୍ଳେଷଣ ବ୍ୟବହାର କରିଥିଲେ । ଏହା ପରେ ସମାଧାନ ପ୍ରୟୋଗ କରିଥିଲେ । ଅସମୟରେ ସିଲିଣ୍ଡର ବିଫଳତାକୁ ରୋକିବା ପାଇଁ ଏବଂ ପାଇପଲାଇନ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ପାଇଁ ଆଇବିଏ ସଫ୍ଟୱେୟାରରେ ଟ୍ରିଗର ସିଗନାଲ ସୃଷ୍ଟି କରିବା କାର୍ଯ୍ୟକାରୀ କରାଯାଇଥିଲା । ଅତିରିକ୍ତ ଭାବରେ, ସେମାନେ ଏକ ଫ୍ଲେକ୍ସିବଲ୍ ହୋସ୍‌କୁ ସିଧାସଳଖ ପାର୍ଶ୍ୱ ମେନିଫୋଲ୍ଡରୁ ସିଲିଣ୍ଡର ସହିତ ସଂଯୋଗ କରି ସିଷ୍ଟମ୍ ପରିବର୍ତ୍ତନ କରିଥିଲେ ଏବଂ ବଦଳ ସମୟ ହ୍ରାସ କରିଥିଲେ । ଏହି ପରିବର୍ତ୍ତନଗୁଡିକ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୋଇଥିଲା ଏବଂ ବାର୍ଷିକ ୩.୮୩ କୋଟି ଟଙ୍କାର ସଞ୍ଚୟ ଆଣିଦେବାର ଆଶା କରାଯାଉଛି ।

# କୋଲଗେଟ୍‌ର ଓରାଲ ହେଲ୍‌ଥ ମୁଭମେଣ୍ଟର ଶୁଭାରମ୍ଭ




ନୂଆଦିଲ୍ଲୀ : ଭାରତର ମୁଖ ସ୍ୱାସ୍ଥ୍ୟ ଯାତ୍ରାକୁ ସଫଳ କରିବା ଲକ୍ଷ୍ୟର ଏକ ଅଂଶ ଭାବରେ ଦେଶର ଅଗ୍ରଣୀ ଓରାଲ୍ କେୟାର ବ୍ରାଣ୍ଡ କୋଲଗେଟ-ପାମୋଲିଭ୍ (ଇଣ୍ଡିଆ) ଲିମିଟେଡ୍ ଏହାର ପରିବର୍ତ୍ତନଶୀଳ ଓରାଲ୍ ହେଲଥ ମୁଭମେଂଟର ଶୁଭାରମ୍ଭ ଘୋଷଣା କରିଛି । ଏହି ଅନନ୍ୟ ଏଆଇ-ସକ୍ଷମ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଭାରତୀୟମାନଙ୍କୁ ସେମାନଙ୍କ ମୁଖ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ପାଇଁ ଉତ୍ସାହିତ କରିବା ଏବଂ ଭାରତରେ ଓରାଲ ହେଲ୍ଥକେୟାରର ସଚେତନତା ଏବଂ ଉପଲବ୍ଧତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଟେକ୍ନୋଲୋଜିର ଉପଯୋଗ କରିବା । ୯ଟି ପ୍ରମୁଖ ଭାରତୀୟ ଭାଷାରେ ଉପଲବ୍ଧ ଥିବାରୁ ଯେ କୌଣସି ବ୍ୟକ୍ତି ବର୍ତ୍ତମାନର କୋଲଗେଟ୍ ପ୍ରଡକ୍ଟ ପ୍ୟାକରେ ଥିବା କ୍ୟୁଆର କୋଡ ସ୍କାନ କରି କିମ୍ବା ୮୮୦୬୦୮୮୦୬୦ ଡାଏଲ କରି ଅଂଶଗ୍ରହଣ କରିପାରିବେ । କିଛି ପ୍ରଶ୍ନର ଉତର ଦେଇ ଏବଂ ସେମାନଙ୍କ ପାଟିର ତିନୋଟି ଫଟୋ ଅପଲୋଡ୍ କରି ମାଗଣା ଏଆଇ-ଚାଳିତ ଦନ୍ତ ସ୍କ୍ରିନିଂ ରିପୋର୍ଟ ପ୍ରାପ୍ତ କରିପାରିବେ । ସଠିକ ମୁଖ ଯତ୍ନ ଅଭ୍ୟାସ, ତମାଖୁ ପ୍ରତିରୋଧ ବିଷୟରେ ସଚେତନତା ଏବଂ ଉତମ ପୋଷଣର ଆବଶ୍ୟକତା ଉପରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱାରୋପ କରୁଛି । ଇଣ୍ଡିଆନ ଡେଂଟାଲ ଆସୋସିଏସନ (ଆଇଡିଏ) ସହ ସହଭାଗିତା ବ୍ୟତୀତ କମ୍ପାନି ଅନ-ସାଇଟ ମାଗଣା ଡେଂଟାଲ ସ୍କ୍ରିନିଂ ପାଇଁ ବହୁ ସଂଖ୍ୟକ ଖୁଚୁରା ଗ୍ରାହକ, ଶିକ୍ଷାନୁଷ୍ଠାନ, ହାଉସିଂ ସୋସାଇଟି, ବସ ଷ୍ଟେସନ ଏବଂ କର୍ପୋରେଟ ମାନଙ୍କ ସହ ସହଯୋଗ କରିବ । ଓରାଲ ହେଲ୍ଥ ମୁଭମେଂଟ ସହିତ ଏକ ବିଶାଳ ଗଣମାଧ୍ୟମ ଅଭିଯାନ ଚାଲିଛି, ଯେଉଁଥିରେ ଦେଶବ୍ୟାପୀ ଅନ୍-ଗ୍ରାଉଣ୍ଡ ସକ୍ରିୟ କାର୍ଯ୍ୟକଳାପ ଏବଂ ଇନଫ୍ଲୁଏନ୍ସର ସହଭାଗିତା ସହାୟତାରେ ଟେଲିଭିଜନ ଏବଂ ଡିଜିଟାଲ ପ୍ଲାଟଫର୍ମରେ ଲୋକମାନଙ୍କୁ ଦନ୍ତ ସ୍କ୍ରିନିଂ କରିବାକୁ ଅନୁରୋଧ କରାଯାଉଛି ।




ମୁମ୍ବାଇ: ଭାରତୀୟ କ୍ରିକେଟର ବିରାଟ କୋହଲି ସୋସିଆଲ ମିଡିଆରେ ବହୁତ ସକ୍ରିୟ ରୁହନ୍ତି। ସେ ପ୍ରତିଦିନ ନିଜ ପ୍ରଶଂସକଙ୍କ ପାଇଁ କିଛି ନା କିଛି ପୋଷ୍ଟ ସେୟାର କରନ୍ତି । ବୁଧବାର ସକାଳେ ବିରାଟ ଏକ ପୋଷ୍ଟ ସେୟାର କରିଥିଲେ ଯାହାକୁ ଦେଖି ତାଙ୍କ ପ୍ରଶଂସକମାନେ ଡରି ଯାଇଥିଲେ। ପ୍ରଶଂସକମାନେ ଭାବି ନେଇଥିଲେ ଯେ, ବିରାଟ ଛାଡପତ୍ର ଘୋଷଣା କରିବା ପାଇଁ ଏହି ପୋଷ୍ଟ କରିଛନ୍ତି। ମଙ୍ଗଳବାର ରାତିରେ ଏଆର ରହମାନଙ୍କ ପତ୍ନୀ ସାଇରା ଛାଡ଼ପତ୍ର ବିଷୟରେ ଘୋଷଣା କରିଥିବା ବେଳେ ବୁଧବାର ସକାଳୁ ବିରାଟଙ୍କ ଏଭଳି ପୋଷ୍ଟ ସମସ୍ତଙ୍କୁ କିଛି ସମୟ ପାଇଁ ଛୋଟ ହୃଦଘାତ ଦେଇଥିଲା। ବିରାଟ କୋହଲି ତାଙ୍କ ବ୍ରାଣ୍ଡକୁ ୧୦ବର୍ଷ ପୂରଣ ହୋଇଥିବାରୁ ଅଭିନନ୍ଦନ ଜଣାଇ ଏହି ପୋଷ୍ଟ କରିଥିଲେ। କିନ୍ତୁ ପୋଷ୍ଟର ଆରମ୍ଭ ଯେଉଁଭଳି ଭାବେ ସେ କରିଥିଲେ ତାହା କିଛି ସମୟ ପାଇଁ ସମସ୍ତଙ୍କୁ ଭାବିବାକୁ ବାଧ୍ୟ କରିଥିଲା। ବିରାଟ ନିଜ ପୋଷ୍ଟରେ ଲେଖିଥିଲେ ଯେ, 'ପଛକୁ ଚାହିଁ ଯଦି ଦେଖିବା ତେବେ ଆମେ ସବୁବେଳେ ଟିକିଏ ଅଲଗା ରହିଥିଲେ। ସେମାନେ ଆମକୁ ଏକ ବକ୍ସ ଭିତରେ ରଖିବାକୁ ଚେଷ୍ଟା କରିଥିଲେ ବି ଆମେ କେବେବି ଫିଟ୍ ହୋଇନଥିଲେ। ଆମେ ସମୟ ସହ ବଦଳିଥିଲେ। କିନ୍ତୁ ସବୁବେଳେ ନିଜ ହିସାବରେ କାମ କରିଥିଲେ। ୧୦ବର୍ଷର ଉତ୍ଥାନ-ପତନ, କରୋନା ମହାମାରୀ ବି ଆମକୁ ଦୋହଲାଇ ପାରିନଥିଲା। ଏଭଳି ଲେଖିବା ପରେ ସେ ନିଜ ବ୍ରାଣ୍ଡକୁ ଅଭିନନ୍ଦନ ଜଣାଇଥିଲେ।'

### ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି

# ଚାଇନାକୁ ୧-୦ ହରାଇ ଭାରତ ପୁଣି ଚାମ୍ପିୟନ୍



ପାଟନା: ପୁଣିଥରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି କବ୍‌ଜା କରିଛି ଭାରତୀୟ ମହିଳା ହକି ଟିମ୍। ବିହାରର ରାଜଗିରରେ ଭାରତୀୟ ମହିଳା ଟିମ୍ ରାଜ କରିଛି। ଆଜି ଫାଇନାଲରେ ଭାରତୀୟ ମହିଳା ଦଳ ଚାଇନାକୁ ୧-୦ରେ ହରାଇ କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ହୋଇଛି। ୨୦୨୩ରେ ଦଳ ଜାପାନକୁ ୪-୦ ଗୋଲରେ ହରାଇ ରାଞ୍ଚିରେ ଟ୍ରଫି ଚୋଲିଥିଲା। ଏଥର ବିହାରରେ ଭାରତର ଫାଇନାଲ ଶିକାର ବନିଛି ଚାଇନା। ମୁଖ୍ୟକୋଚ୍ ଭାବେ ହରେନ୍ଦ୍ର ସିଂହ ପ୍ରଥମ ଟାଇଟଲ ଜିତିବାକୁ ମଧ୍ୟ ସକ୍ଷମ ହୋଇଛନ୍ତି। ଆଜିର ଫାଇନାଲରେ ଭାରତ ପକ୍ଷରୁ ଏକମାତ୍ର ଗୋଲ ଦୀପିକା ସ୍କୋର କରିଛନ୍ତି। ୩୧ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ନବନୀତ କୌର ଠିକ୍ ଭାବେ ହିଟ୍ କରିପାରି ନଥିଲେ। ଏହା ତାଙ୍କ ଷ୍ଟିକ୍‌ରେ ବାଜି ଦୀପିକାଙ୍କ ପାଖକୁ ଚାଲି ଯାଇଥିଲା। ଦୀପିକା କୌଣସି ତ୍ରୁଟି ନ କରି ଏହାକୁ ଗୋଲରେ ପରିଣତ କରିଥିଲେ। ଏହି ଗୋଲ୍‌ରେ ହିଁ ଭାରତ ବିଜୟ ହୋଇଛି। ଅବଶ୍ୟ ପରବର୍ତ୍ତୀ ଅବସ୍ଥାରେ ଦୀପିକାଙ୍କୁ ପେନାଲ୍ଟି ଷ୍ଟ୍ରୋକ ମିଳିଥିଲା। ହେଲେ ସେ ଏହାକୁ ଗୋଲରେ ପରିଣତ କରିପାରି ନଥିଲେ। ଭାରତ ଶେଷରେ ୧-୦ରେ ମ୍ୟାଚ ଜିତି ଚାମ୍ପିୟନ ହୋଇଛି। ଭାରତ ପୂରା ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହିବା ସହ ଟ୍ରଫି କବ୍‌ଜା କରିଛି। ସେମିଫାଇନାଲରେ ଦଳ ଜାପାନକୁ ୨-୦ରେ ହରାଇଥିଲା। ୨୦୧୦ରୁ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ହେଉଛି। ଭାରତ ପ୍ରଥମଥର ପାଇଁ ୨୦୧୬ରେ ଟ୍ରଫି ଜିତିଥିଲା। ୨୦୧୮ରେ ଦଳକୁ ଫାଇନାଲରେ ଦକ୍ଷିଣ କୋରିଆ ଠାରୁ ୦-୧ରେ ହାରିବାକୁ ପଡ଼ିଥିଲା। ହେଲେ ୨୦୨୩ ଓ ୨୦୨୪ରେ ଭାରତୀୟ ମହିଳା ଦଳ ଚାମ୍ପିୟନ ହୋଇଛି। ମହିଳା ହକି ଦଳର ବିଜୟକୁ ନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିର୍ସା ମୁଣ୍ଡା ଯୁବ ପରିଷଦ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ, ସୁନିତା କ୍ଲବ ଚାମ୍ପିୟନ୍

କେନ୍ଦୁଝର (ଭାସ୍କର ନ୍ୟୁଜ୍): ଘସିପୁରା ବ୍ଲକ ବିରିପାଳ ପଞ୍ଚାୟତ ଜରକ ସାହିରେ ବୀର ବିର୍ସା ମୁଣ୍ଡା ଯୁବ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏକବିଂଶତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାଲେ ସ୍ପୋର୍ଟିଂକୁ ପେନାଲ୍ଟି ସୁଟ୍ ଆଉଟରେ ହରାଇ ସୁନିତା ଫୁଟବଲ୍ କ୍ଲବ୍ ଚାମ୍ପିୟନ ହୋଇଛି। ମା' ଧନେଇ କ୍ଲବ ରଗଡି ଏବଂ ଆମ ଗାଁ ଠାକୁରାଣୀ ଫୁଟବଲ କ୍ଲବ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆନନ୍ଦପୁର ପୌର ପରିଷଦର ପୂର୍ବତନ ଉପାଧ୍ୟକ୍ଷ ସୁରେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଖାସି ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୩୨ଟି ଗ୍ରାମାଞ୍ଚଳ ଫୁଟବଲ୍ କ୍ଲବ୍ ଅଂଶଗ୍ରହଣ କରିଥିଲେ। କ୍ଲବର ସଭାପତି ଗାଗାରମ ଗୁୟାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଉପସଭାପତି ସଞ୍ଜୟ ଗୁୟା, ସମ୍ପାଦକ ସଦାନନ୍ଦ ପିଙ୍ଗୁଆ, ସହ ସମ୍ପାଦକ ଶ୍ରୀଧର ଗୁୟା କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ରେଫରୀ ଭାବେ ବିଜୟ ମାଝୀ ଓ ମାନସ ଟୁଡୁ ମ୍ୟାଚ୍ ପରିଚାଳନା କରିଥିଲେ। ରଘୁନାଥ ଟୁଡୁ ଓ ବର୍ଷା ଟୁଡୁ ଭାଷ୍ୟକାର ଭାବେ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ।

## ଆଇସିସି ରାଙ୍କିଙ୍ଗ: ସୂର୍ଯ୍ୟ କୁମାରଙ୍କୁ ହଟାଇ କ୍ୟାରିୟରର ଶ୍ରେଷ୍ଠ ସ୍ଥାନରେ ତିଲକ ବର୍ମା




ନୂଆଦିଲ୍ଲୀ: ଆଇସିସି ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ଭାରତର ଯୁବ ବ୍ୟାଟର ତିଲକ ବର୍ମାଙ୍କୁ ମିଳିଛି ବଡ଼ ସଫଳତା। ସେ ରାଙ୍କିଙ୍ଗରେ ରେକର୍ଡ ୬୯ଟି ସ୍ଥାନ ଉପରକୁ ଉଠି ସିଧା ୩ନଂରେ ପହଞ୍ଚି ଯାଇଛନ୍ତି। ଏହା ତାଙ୍କ ଟି-୨୦ କ୍ୟାରିୟରର ଶ୍ରେଷ୍ଠ ସ୍ଥାନ। ସେ ଟିମ୍ ଇଣ୍ଡିଆର ଟି-୨୦ ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ଟି-୨୦ ରାଙ୍କିଙ୍ଗରେ ସର୍ବଶ୍ରେଷ୍ଠ ଭାରତୀୟ ବ୍ୟାଟର ମଧ୍ୟ ବନି ଯାଇଛନ୍ତି। ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିବା ତିଲକ ବର୍ମାଙ୍କ ଉପରେ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଓ ଇଂଲଣ୍ଡର ଫିଲ୍ ସଲ୍ଟ ରହିଛନ୍ତି। ତିଲକ ପ୍ରଥମଥର ପାଇଁ ତାଙ୍କ ଟି-୨୦ କ୍ୟାରିୟରରେ ଆଇସିସି ରାଙ୍କିଙ୍ଗର ଟପ୍ ୧୦ରେ ପ୍ରବେଶ କରିଛନ୍ତି। ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ତାଙ୍କ ବ୍ୟାଟ୍‌ରୁ ଦୁଇଟି ଶତକ ଦେଖିବାକୁ ମିଳିଥିଲା। ଏହି ସଫଳତା ପରେ ତାଙ୍କୁ ରାଙ୍କିଙ୍ଗରେ ଫାଇଦା ମିଳିଛି। ଭାରତ ୩-୧ରେ ଟି-୨୦ ସିରିଜ ଜିତିଥିବା ବେଳେ ତିଲକ ବର୍ମା ୧୯୮ ଷ୍ଟ୍ରାଇକ ରେଟ୍‌ରେ ୨୮୦ ରନ କରିଥିଲେ। ସେ ୨୦ଟି ଛକା ମଧ୍ୟ ମାରିଛନ୍ତି।

## ବିଶ୍ୱର ୧ ନମ୍ବର ଅଲ୍‌ରାଉଣ୍ଡର ହେଲେ ପାଣ୍ଡ୍ୟା




ନୂଆଦିଲ୍ଲୀ: ଭାରତର ଦକ୍ଷ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ବର୍ତ୍ତମାନ ବିଶ୍ୱ ୧ ନମ୍ବର ଅଲରାଉଣ୍ଡର ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟର ସର୍ବଶେଷ ଟି-୨୦ ଅନ୍ତର୍ଜାତୀୟ ମାନ୍ୟତାରେ ହାର୍ଦ୍ଦିକ ପାଣ୍ଡ୍ୟା ଏକ ନମ୍ବର ଅଲ୍‌ରାଉଣ୍ଡର ହୋଇଛନ୍ତି। ସେ ଟି-୨୦ ଅନ୍ତର୍ଜାତୀୟ ମାନ୍ୟତାରେ ଇଂଲଣ୍ଡର ଲିଆମ୍ ଲିଭିଙ୍ଗଷ୍ଟୋନ୍‌ଙ୍କୁ ପଛରେ ପକାଇ ୧ ନମ୍ବର ଅଲରାଉଣ୍ଡର ହୋଇଛନ୍ତି। ତେବେ ଏହା ପ୍ରଥମ ଥର ନୁହେଁ ଯେ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଥର ପାଇଁ ଟି-୨୦ ଇଣ୍ଟରନ୍ୟାସନାଲରେ ୧ ନମ୍ବର ଖେଳାଳି ହୋଇଛନ୍ତି। ପୂର୍ବରୁ ବି ସେ ଏହି ଫର୍ମାଟ୍‌ରେ ଏକ ନମ୍ବର ଖେଳାଳି ହୋଇଥିଲେ। ସେ ଟି-୨୦ ଇଣ୍ଟରନ୍ୟାସ୍‌ନାଲରେ ଟିମ୍ ଇଣ୍ଡିଆର ପ୍ରମୁଖ ଖେଳାଳି। ଉଭୟ ବୋଲିଂ ଏବଂ ବ୍ୟାଟିଂ ସହିତ ହାର୍ଦ୍ଦିକ ମଧ୍ୟ ଭଲ ଫର୍ମରେ ଅଛନ୍ତି। ଏହି ବର୍ଷ ଅର୍ଥାତ୍ ୨୦୨୪ ମସିହାରେ ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ ଇଣ୍ଟରନ୍ୟାସନାଲରେ ୩୫୨ ରନ୍ ସଂଗ୍ରହ କରିଛନ୍ତି। ଏହା ସହିତ ସେ ଚଳିତ ବର୍ଷ ୧୬ଟି ୱିକେଟ୍ ନେଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ର ଶେଷ ମ୍ୟାଚ୍‌ରେ ହାର୍ଦ୍ଦିକ ଚମତ୍କାର ବୋଲିଂ କରିଥିଲେ। ଟି -୨୦ ଇଣ୍ଟରନ୍ୟାସନାଲ୍‌ର ସର୍ବଶେଷ ର୍‍ୟାଙ୍କିଙ୍ଗ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ୨୪୪ ରେଟିଂ ପଏଣ୍ଟ ସହ ଏକ ନମ୍ବରରେ ଅଛନ୍ତି। ନେପାଳର ଦୀପେନ୍ଦ୍ର ସିଂ ଏରି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏହାପୂର୍ବରୁ ଇଂଲଣ୍ଡର ଲିଆମ୍ ଲିଭିଙ୍ଗଷ୍ଟୋନ୍ ଶୀର୍ଷରେ ଥିଲେ, କିନ୍ତୁ ବର୍ତ୍ତମାନ ସେ ଦୁଇଟି ସ୍ଥାନକୁ ଖସି ଆସିଛନ୍ତି। ଲିଭିଙ୍ଗଷ୍ଟୋନ୍ ବର୍ତ୍ତମାନ ତିନି ନମ୍ବରରେ ଅଛନ୍ତି। ସର୍ବଶେଷ ଆଇସିସି ର୍‍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆର ମାର୍କସ ଷ୍ଟୋଇନିସ୍ ଚତୁର୍ଥ ସ୍ଥାନରେ ଏବଂ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ୱାନିନ୍ଦୁ ହାସାରଙ୍ଗା ପଞ୍ଚମ ସ୍ଥାନରେ ଅଛନ୍ତି। ଏହା ପରେ ଆଫଗାନିସ୍ତାନର ମହମ୍ମଦ ନବୀ ଷଷ୍ଠ ସ୍ଥାନରେ ଥିବାବେଳେ ଜିମ୍ବାୱେ ଅଧିନାୟକ ସିକନ୍ଦର ରଜା ସପ୍ତମ ସ୍ଥାନରେ ଅଛନ୍ତି। ଏହା ପରେ ୱେଷ୍ଟଇଣ୍ଡିଜ୍‌ର ରୋମାରିଓ ଶେଫର୍ଡ଼ ଟି -୨୦ ଇଣ୍ଟରନ୍ୟାସନାଲରେ ଅଲରାଉଣ୍ଡର ମାନ୍ୟତାରେ ଅଷ୍ଟମ ସ୍ଥାନରେ ରହିଛନ୍ତି। ଏହାପରେ ଦକ୍ଷିଣ ଆଫ୍ରିକାର ଏଡେନ ମାର୍କ୍ରାମ ୯ ନମ୍ବରରେ ଏବଂ ଗେର୍ହାଡ ଏରାସମସ ୧୦ ନମ୍ବରରେ ଅଛନ୍ତି।

### ଅଷ୍ଟ୍ରେଲିଆରେ ରହିବେ ଅଗରକର

## ସିରିଜ ପରେ ରୋହିତ ଓ ବିରାଟଙ୍କ ଉପରେ ନେବେ ବଡ଼ ନିଷ୍ପତ୍ତି !




ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଦୁଇ ଅଭିଜ୍ଞ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ନେଇ ଆସିଛି ବଡ଼ ଖବର। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ପରେ ଏହି ଦୁଇ ଖେଳାଳିଙ୍କ ଭବିଷ୍ୟତ ଉପରେ ନିଆଯିବ ବଡ଼ ନିଷ୍ପତ୍ତି। ଏଥିପାଇଁ ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକରଙ୍କୁ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ ସମୟରେ ଅଷ୍ଟ୍ରେଲିଆରେ ରହିବାକୁ କୁହାଯାଇଛି। ସେ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ସହ ମିଶି ଭବିଷ୍ୟତର ଧଳା ବଲ୍ କ୍ରିକେଟ ଟିମ୍ ସହ ଟେଷ୍ଟ କ୍ରିକେଟ୍‌ର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବେ। ଏଥିସହ ଗମ୍ଭୀରଙ୍କୁ ଅଗରକର ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପାଇଁ ମଧ୍ୟ ପରାମର୍ଶ ଦେଇପାରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ନ୍ୟୁଜିଲ୍ୟାଣ୍ଡ ଠାରୁ ଭାରତ ଘରୋଇ ମାଟିରେ ୦-୩ରେ ହାରିବା ପରେ ଟିମ୍ ମ୍ୟାନେଜମେଣ୍ଟ ପ୍ରଶ୍ନଘେରରେ ରହିଛି। ଫଳସ୍ୱରୂପ ଅଗରକରଙ୍କୁ ପୂରା ଟେଷ୍ଟ ସିରିଜ୍ ସମୟରେ ଅଷ୍ଟ୍ରେଲିଆରେ ରହି ଗମ୍ଭୀରଙ୍କ ସହ ମିଳିତ ଭାବେ କାମ କରିବାକୁ କୁହାଯାଇଛି। ବିସିସିଆଇ ସୂତ୍ରରେ କୁହାଯାଇଛି, 'ଉଭୟ ଅଗରକର ଓ ଗମ୍ଭୀର ଭଲ ଭାବେ ଜାଣିଛନ୍ତି ଯେ ଭାରତରେ ଦୁର୍ବଳ ପ୍ରଦର୍ଶନ ନିଶ୍ଚିତ ଭାବେ ସମାଲୋଚନାକୁ ନିମନ୍ତ୍ରଣ କରିବ। ଏହା ମଧ୍ୟ ସ୍ୱାଭାବିକ। ଯେହେତୁ ଅଷ୍ଟ୍ରେଲିଆରେ ଭାରତ ୫ଟି ଟେଷ୍ଟ ଖେଳିବ, ତେଣୁ ଅଗରକର ଓ ଗମ୍ଭୀର ଏକାଠି ବସି ସିରିଜ ପରେ ଦଳର ରୂପରେଖ କେମିତି ଆଗକୁ ରହିବ, ସେ ବିଷୟରେ ଆଲୋଚନା ପାଇଁ ସମୟ ପାଇପାରିବେ। ଶକ୍ତିଶାଳୀ ବ୍ୟାକ୍‌ଅପ୍ ସହ ଗୋଟିଏ ଦୃଢ଼ ଟିମ୍ ଗଠନ ପାଇଁ ଉଭୟଙ୍କୁ ସମ୍ଭବତଃ ଦେଢ଼ ବର୍ଷ ସମୟ ଲାଗିପାରେ। ଏଥିପାଇଁ ଉଭୟଙ୍କୁ ଏକାଠି ରହି ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଛି।' ରିପୋର୍ଟ ଅନୁସାରେ, ଦଳର ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଆଲୋଚନା ହେବ। ରୋହିତ ଶର୍ମା, ବିରାଟ କୋହଲି, ରବି ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଏବେ ବୟସ୍କ ହୋଇସାରିଲେଣି। ଏମାନେ ଯେକୌଣସି ସମୟରେ ଅବସର ମଧ୍ୟ ନେଇପାରନ୍ତି। ତେଣୁ ବରିଷ୍ଠ ଖେଳାଳିଙ୍କ ପରେ ଟିମ୍‌ର ରୂପରେଖ କେମିତି ରହିବ, ତା'ର ଯୋଜନା ମଧ୍ୟ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ପରେ ପ୍ରସ୍ତୁତ ହେବ। ବର୍ଡର-ଗାଭାସ୍କର ଟ୍ରଫି ପରେ ରୋହିତ ଓ ବିରାଟଙ୍କ ଭଳି ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତ ଉପରେ ମଧ୍ୟ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

## ଝାରସୁଗୁଡା କ୍ରିକେଟ୍ ସଂଘ ସଙ୍ଗଠନଙ୍କୁ ନେଇ ହଟଚମଟ

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ୧୯୯୪ ମସିହାରେ ଝାରସୁଗୁଡା ଜିଲ୍ଲା ନୂତନ ଭାବରେ ଗଠନ ହେବା ପରେ ୧୯୯୭ ମସିହା ମାର୍ଚ୍ଚ ୩୧ ତାରିଖରେ ଜିଲ୍ଲା କ୍ରିକେଟ୍ ସଂଘ ଗଠନ ହୋଇ ରେଜେଷ୍ଟି ହୋଇଥିଲା। ଏହି ସମୟରେ ଜିଲ୍ଲା କ୍ରିକେଟ୍ ସଂଘର ସଭାପତି ଭାବରେ ସ୍ୱର୍ଗତ ଦିନମଣି ପଟେଲ ରହିଥିବା ବେଳେ ସମ୍ପାଦକ ଭାବରେ ବ୍ରଜରାଜନଗରର ସ୍ୱର୍ଗତ ଜି.ସାମୁଏଲ ରାଓ ରହିଥିଲେ। ଉପ-ସଭାପତି ଭାବରେ ଡମ୍ବରୁଧର ପୂଜାରୀ ଓ ରବିନ୍ଦ୍ର ସିଂ, ସହ-ସମ୍ପାଦକ ଭାବରେ ବ୍ରିଜେଶ ଶର୍ମା ଓ ବାଲାଜି ସାକସେନା, କୋଷାଧ୍ୟକ୍ଷ ଭାବରେ ବସନ୍ତ ସାବୁ ଓ ୧୮ ଜଣ କାର୍ଯ୍ୟକାରୀ ସଭ୍ୟ ରହିଥିଲେ। ଏହି କମିଟିରେ ୭ଜଣ ପ୍ରତିଷ୍ଠାତା ସଭ୍ୟ ରହି ରେଜେଷ୍ଟ୍ରି ହେଲା। ସେ ସମୟରେ ଜିଲ୍ଲାପାଳ ଭେନୁଗୋପାଳ କମିଟିର ପେଟ୍ରନ ରହିଲେ। ଏହି କମିଟିର ସଭାପତି ଥିବା ଦିନମଣି ପଟେଲ ୧୯୯୭ ମସିହା ଡିସେମ୍ବର ମାସରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବେଳେ ସମ୍ପାଦକ ଜି.ସାମୁଏଲ ରାଓଙ୍କର ୧୦-୩-୨୦୨୦ ମସିହାରେ ମୃତ୍ୟୁ ହେଲା। ପରବର୍ତ୍ତୀ ସମୟରେ ଏହି କମିଟିରେ ଥିବା ଅନ୍ୟ ୫ ଜଣ ସଭ୍ୟଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ପରବର୍ତ୍ତୀ ସମୟରେ ଏହି ପଦବୀ ଖାଲି ରହିବା ପରେ ଦିନମଣି ପଟେଲଙ୍କ ପୁତ୍ର ଓଡିଶାର କ୍ରିକେଟ୍ ଖେଳ ପରିଚାଳକ ପ୍ରଜ୍ଜଳ ପଟେଲ ଯେ କି ପୂର୍ବରୁ କ୍ରିକେଟ ସଂଘର ଥିବା ଉପଦେଷ୍ଟା ରହିଥିଲେ ତାଙ୍କୁ ଏହି ସଂଘର ସଭାପତି ଭାବରେ ମନୋନୀତ ହେଲେ ବୋଲି ଦର୍ଶାଗଲା। ୨୦୨୦ ମସିହାରେ ଜି.ସାମୁଏଲ ରାଓଙ୍କ ମୃତ୍ୟୁ ହେବା ପରେ ବିନା କମିଟି ଅନୁମୋଦନରେ ମେହେତାପ ଖାଁନ୍ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ରହିଲେ। ଏହାପରେ ବିନା ଅନୁମୋଦନରେ କ୍ରିକେଟ କିମ୍ବା କ୍ରୀଡା ସହିତ ଜଡିତ ନଥିବା ବ୍ୟକ୍ତିମାନଙ୍କୁ ସଭ୍ୟ କରାଇଲେ ଏବଂ ପୂର୍ବରୁ ଥିବା ସଭ୍ୟ ସିଦ୍ଧାର୍ଥ ସରକାର, ଜୟନ୍ତ ଶ୍ରୀବାସ୍ତବ, ଡମ୍ବରୁ ପୂଜାରୀ ପ୍ରଭୃତିଙ୍କୁ ଆମନ୍ତ୍ରଣ କରାଗଲା ନାହିଁ କିମ୍ବା କ୍ରିକେଟ କମିଟିର ବୈଠକ ହେଲା ନାହିଁ। ବର୍ତ୍ତମାନ ଝାରସୁଗୁଡା ପୁରାତନ କ୍ରିକେଟ ଖେଳାଳି ରମେଶ ଭାରତ ଆର୍‌ଟିଆଇରେ ଜିଲ୍ଲା କ୍ରିକେଟ୍ ସଂଘର ନିୟମାବଳୀ ଏବଂ ନୂତନ ଗ୍ରହଣ କରାଯାଇଥିବା ସଭ୍ୟଙ୍କ ବିଷୟରେ ତଥ୍ୟ ମାଗିଛନ୍ତି। ସେ ଆମ ସାମ୍ବାଦିକଙ୍କୁ ଭେଟି ଜଣାଇଛନ୍ତି ଯେ ପୁରାତନ ସଭ୍ୟମାନଙ୍କୁ କିପରି ବିତାଡିତ କରାଯାଇଛି ? ତା'ର କାରଣ କ'ଣ ? ଏ ସମସ୍ତ ତଥ୍ୟ ମାଗିବା ପରେ କାଗଜ କଲମରେ ୧୦ ଦିନ ମଧ୍ୟରେ ୪ ବର୍ଷର ରେକର୍ଡ ପ୍ରସ୍ତୁତ କରାଯାଇ ଦସ୍ତଖତ କରାଇନେଇ କାଗଜପତ୍ରକୁ ଠିକ୍‌କରି ଗତ ମଙ୍ଗଳବାର ଦିନ ପ୍ରଶାସନକୁ ତଥ୍ୟ ଦିଆଯାଇଛି। ଏହିସବୁ ରେକର୍ଡକୁ ବୈଜ୍ଞାନିକ ପଦ୍ଧତିରେ ତଦନ୍ତ କଲେ କାଗଜପତ୍ର କେବେ ହୋଇଛି ତାହାର ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ପ୍ରକାଶ କରିଛନ୍ତି। ମିଥ୍ୟା ତଥ୍ୟ ଦିଆଯାଉଛି ଯେ, ଜି.ସାମୁଏଲ ରାଓଙ୍କ ମୃତ୍ୟୁ ପରେ ୨୦୨୦ ମସିହାର କାଗଜପତ୍ର କୌଣସି ମିଳୁନାହିଁ। ତାହାହେଲେ କାହିଁକି ପ୍ରଶାସନକୁ ଏ ବିଷୟରେ ଅବଗତ କରାଗଲା ନାହିଁ ? ପୂର୍ବରୁ ଥିବା ବ୍ୟକ୍ତିମାନଙ୍କୁ କୌଣସି ବୈଠକକୁ ଡକାଯାଉନାହିଁ କାହିଁକି ? ଏହାକୁ ସମ୍ପୂର୍ଣ୍ଣ ଭାବରେ ତଦନ୍ତ କରାଯିବା ପାଇଁ ଦାବି କରାଯାଇଛି।

## କୁଶପଲା ସିରିଜ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ବୋଲଗଡ (ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲା ଆଥଲେଟିକ ଆସୋସିଏସନ ପକ୍ଷରୁ ସିରିଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ଜିଲ୍ଲାରୁ ୧୬ ଗୋଟି ଦଳ ମଧ୍ୟରୁ ବୁଧବାର ଦିନ ପୂର୍ବାହ୍ନରେ ପ୍ରଥମ ପର୍ଯ୍ୟାୟରେ ଟାଙ୍କୋଳ କ୍ଲବ ଓ ଦେଉଳି ଟାଙ୍ଗୀ କ୍ଲବ କ୍ରିକେଟ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଦେଉଳିଟାଙ୍ଗୀ କ୍ଲବ ଟସ୍ ଜିତି ୨୧୦ ରନ ସଂଗ୍ରହ କରିଥିବା ବେଳେ ଜବାବରେ ୧୩୭ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ବିଜୟୀ ଦେଉଳି ଟାଙ୍ଗୀ ଦଳ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ଏସ୍ କେ ମୁମତାଜିମ, ଅଜମତ ଖାନ, ଅଞ୍ଜର ଖାନ, ଲଡୁ କିଶୋର ପଟ୍ଟନାୟକ ଓ ସମିନ ଖାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଖେଳ ମୁକୁନ୍ଦ ପ୍ରସାଦ କ୍ରିକେଟ କ୍ଲବ ଓ ସୁଆଙ୍ଗ କ୍ରିକେଟ୍ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁକୁନ୍ଦ ୧୬ ଓଭରରେ ୧୩୫ ରନ ସଂଗ୍ରହ କରିଥିବା ସୁଆଙ୍ଗ କ୍ରିକେଟ କ୍ଲବ ୧୩୭ ରନ ସଂଗ୍ରହ କରି ବିଜୟ ଲାଭ କରି କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ଖେଳକୁ ଅମ୍ପାୟର ରମାକାନ୍ତ ପାତ୍ର ପରିଚାଳନା କରିଥିବା ବେଳେ ସେହଜାଦ ଖାନ ସହଯୋଗ କରିଥିଲେ।

## ସୟିଦ ମୁସ୍ତାକ ଅଲ୍ଲୀ ଟ୍ରଫି ପାଇଁ ଘୋଷଣା ହେଲା ଓଡ଼ିଶା ଦଳ




କଟକ (ଭାସ୍କର ନ୍ୟୁଜ୍): ସୟିଦ ମୁସ୍ତାକ ଅଲ୍ଲୀ ଟ୍ରଫି ପାଇଁ ବୁଧବାର ଘୋଷଣା ହୋଇଛି ଓଡ଼ିଶା ଦଳ। ୧୮ ଜଣିଆ ଟିମ୍ ଘୋଷଣା କରିଛି ଓଡ଼ିଶା କ୍ରିକେଟ ସଂଘ। ଗୋବିନ୍ଦ ପୋଦାରଙ୍କୁ ମିଳିଛି ଅଧିନାୟକ ପଦ। ଏନେଇ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି ଓସିଏ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ। ଉଭୟ ଯୁବ ଓ ଅଭିଜ୍ଞଙ୍କୁ ଦଳରେ ସ୍ଥାନ ମିଳିଛି। ଯଦି ବ୍ୟାଟିଂ ଟପ୍ ଅର୍ଡର ଉପରେ ନଜର ପକାଇବା ତେବେ ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ଗୌରବ ଚୌଧୁରୀ, ପ୍ରବୀନ ଲୋହା, ରାକେଶ ପଟ୍ଟନାୟକ, କାର୍ତ୍ତିକ ବିଶ୍ୱାଳଙ୍କ ଭଳି ବ୍ୟାଟର ଦଳରେ ରହିଛନ୍ତି। ସେହିପରି ବୋଲିଂ ଲାଇନ ଅପ୍‌ରେ ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତାରିଣୀ ସ, ହର୍ଷିତ ରାଠୋଡ଼ ପ୍ରମୁଖ ଦଳରେ ରହିଛନ୍ତି। ଦଳରେ ୫ ଜଣ ନୂଆ ମୁହଁଙ୍କୁ ସ୍ଥାନ ଦେଇଛି ଓସିଏ ଚୟନ କମିଟି। ଶୁଭମ ଶତ୍ରୁଜିତ, ସମ୍ବିତ କୁମାର ବରାଳ, ପ୍ରଦୀପ ପ୍ରଧାନ, ଜମଲା ଭଞ୍ଜନ ମହାପାତ୍ର ଓ ଅଂଶୁମାନ ବେଜ। ବିସିସିଆଇ ଘରୋଇ ସିଜିନର ଟି-୨୦ ଫର୍ମାଟର ମେଗା ଟୁର୍ଣ୍ଣାମେଣ୍ଟ ହେଉଛି ମୁସ୍ତାକ ଅଲ୍ଲୀ ଟ୍ରଫି। ଆସନ୍ତା ୨୩ ତାରିଖରୁ ବିଦର୍ଭ ବିପକ୍ଷରେ ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍ ଖେଳିବ। ଏହାପରେ ରେଲୱେ, ପଣ୍ଡିଚେରି, ଛତିଶଗଡ଼, ଆସାମ ଓ ଚଣ୍ଡୀଗଡ଼ ବିପକ୍ଷରେ ଖେଳିବ ଓଡ଼ିଶା। ତେବେ ଏହି ଟିମ୍ ଚୟନ ପୂର୍ବରୁ ଓଡ଼ିଶା ଅନେକ ଅଭ୍ୟାସ ମ୍ୟାଚ୍ ଖେଳିଛି। ବିଭିନ୍ନ ଗ୍ରାଉଣ୍ଡରେ ହୋଇଥିବା କ୍ୟାମ୍ପରୁ ହିଁ ଟିମ୍ ଚୟନ କରଯାଇଛି। ଯୁବ ଓ ଅଭିଜ୍ଞ ମିଶ୍ରିତ ଏହି ଦଳ ନିଶ୍ଚୟ ଟି-୨୦ ଫର୍ମାଟ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଓ ଚୟନ କମିଟି ମୁଖ୍ୟ ଅମୀୟ ରାଏ।

## ଦିନକ ପରେ ପର୍ଥ ଟେଷ୍ଟ: ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିବେ ଜାଡେଜା

### ଯଶପ୍ରୀତ୍ ବୁମ୍ରାଙ୍କ ନେତୃତ୍ୱରେ ପଡ଼ିଆକୁ ଓହ୍ଲାଇବ ଟିମ୍




ନୂଆଦିଲ୍ଲୀ: ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆରମ୍ଭ ହେବାକୁ ଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟକୁ ମଝିରେ କେବଳ ଗୋଟିଏ ଦିନ ବାକି ରହିଛି। ଶୁକ୍ରବାର ଭାରତ ଓ ଅଷ୍ଟ୍ରେଲିଆ ପର୍ଥରେ ମୁହାଁମୁହିଁ ହେବେ। ପ୍ରଥମ ଟେଷ୍ଟରେ ଭାରତର ନେତୃତ୍ୱ ନିୟମିତ ଅଧିନାୟକ ରୋହିତ ଶର୍ମା ନେବେ ନାହିଁ। ତାଙ୍କ ବଦଳରେ ସ୍ପିଡ୍‌ଷ୍ଟାର ଯଶପ୍ରୀତ ବୁମ୍ରା କମାଣ ସମ୍ଭାଳିବେ। ସେହିପରି ଆହତ କାରଣରୁ ଶୁଭମନ୍ ଗିଲ୍ ମଧ୍ୟ ପ୍ରଥମ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ଏବେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ପର୍ଥ ଟେଷ୍ଟର ଚୂଡ଼ାନ୍ତ ଏକାଦଶରେ ରବୀନ୍ଦ୍ର ଜାଡେଜାଙ୍କୁ ସୁଯୋଗ ମିଳିବ ନାହିଁ। ଭାରତ ଏକମାତ୍ର ସ୍ପିନର ରବିଚନ୍ଦ୍ର ଅଶ୍ୱିନଙ୍କ ସହ ପଡ଼ିଆକୁ ଓହ୍ଲାଇବ। ଦ୍ରୁତ ବୋଲରଙ୍କୁ ପିଚ୍ ସୁହାଇବାର ସମ୍ଭାବନା ଥିବାରୁ ଟିମ୍ ମ୍ୟାନେଜମେଣ୍ଟ ଏପରି ନିଷ୍ପତ୍ତି ନେଇଛି। ଦଳ ୩ ଦ୍ରୁତ ବୋଲର୍ ଓ ଦ୍ରୁତ ବୋଲିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ନେଇ ପ୍ରଥମ ଟେଷ୍ଟ ଖେଳିବ। ନୀତୀଶ କୁମାର ରେଡ୍ଡୀ ଏଯାଏ ଟେଷ୍ଟରେ ଡେବ୍ୟୁ କରିନାହାନ୍ତି। ତେଣୁ ପ୍ରଥମ ଟେଷ୍ଟରେ ସେ ଭାରତ ପାଇଁ ଡେବ୍ୟୁ କରିବେ। ଜାଡେଜାଙ୍କ ବଦଳରେ ଅଶ୍ୱିନଙ୍କୁ ସୁଯୋଗ ଦେବା ପଛରେ ଯଥେଷ୍ଟ କାରଣ ରହିଛି। କାରଣ ଅଷ୍ଟ୍ରେଲିଆର ଚୂଡ଼ାନ୍ତ ଏକାଦଶରେ ଉସମାନ ଖାଓ୍ୱାଜା, ଟ୍ରାଭିସ୍ ହେଡ ଓ ଆଲେକ୍ସ କେରୀଙ୍କ ଭଳି ବାମହାତୀ ବ୍ୟାଟର୍ ରହିଛନ୍ତି। ତେଣୁ ଅଶ୍ୱିନ ଏମାନଙ୍କ ବିପକ୍ଷରେ ଘାତକ ସାବ୍ୟସ୍ତ ହୋଇପାରନ୍ତି। ଅଶ୍ୱିନଙ୍କ ବ୍ୟତୀତ ଦଳରେ ଜାଡେଜା ଓ ସ୍ପିନ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ମଧ୍ୟ ରହିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
ବିବିଧବର୍ଣ୍ଣ



ଘରେ ସୁଖ ଓ ସମୃଦ୍ଧି ବଜାୟ ରଖିବା ପାଇଁ ସମସ୍ତେ ଚାହାଁନ୍ତି। ଏଥିପାଇଁ କିଏ ପୂଜା ପାଠ କରନ୍ତି ତ କିଏ ପୁଣି ଦାନ ଓ ଧର୍ମ କରନ୍ତି । କିନ୍ତୁ ଏମିତି କିଛି ପବିତ୍ର ଜିନିଷ ଅଛି ଯାହାକୁ ଘରେ ରଖିବା ଦ୍ୱାରା ଈଶ୍ୱରଙ୍କ କୃପା ସଦାସର୍ବଦା ରହିଥାଏ । ତେବେ ଆସନ୍ତୁ ଜାଣିବା ଏହି ୩ଟି ପବିତ୍ର ଜିନିଷ ବିଷୟରେ। ପ୍ରଥମରେ ଚନ୍ଦନକୁ ବହୁତ ଶୁଭ ଏବଂ ପବିତ୍ର ବୋଲି ଧରାଯାଏ। ଏହାର ମହକରେ ବାତାବରଣର ନକରାତ୍ମକ ଶକ୍ତି କମିଯାଇଥାଏ। ସମସ୍ତ ଦେବୀ-ଦେବତାଙ୍କ ପୂଜାରେ ମଧ୍ୟ ଚନ୍ଦନ ବହୁତ ବିଶେଷ ମହତ୍ତ୍ୱ ରଖିଥାଏ। ଚନ୍ଦନର ତିଳକ ଲଗାଇବା ଦ୍ୱାରା ମନକୁ ଶାନ୍ତି ମିଳିଥାଏ। ଏହାକୁ ଘରେ ସବୁବେଳେ ରଖିବା ଉଚିତ କାରଣ ସବୁଦିନ ପୂଜା କରିବା ସମୟରେ ଦେବୀ-ଦେବତାଙ୍କୁ ଅର୍ପଣ କରିବା ଉଚିତ। ଦ୍ୱିତୀୟରେ ବୃଦ୍ଧି ଏବଂ ଶିକ୍ଷାର ଦେବୀ ସରସ୍ୱତୀଙ୍କର ପ୍ରିୟ ବାଦ୍ୟ ଯନ୍ତ୍ର ହେଉଛି ବୀଣା। ବୀଣାକୁ ଘରେ ରଖିଲେ ସରସ୍ୱତୀଙ୍କ କୃପା ଘରର ସବୁ ସଦସ୍ୟଙ୍କ ଉପରେ ରହିଥାଏ। ଏଥିସହିତ ଜଟିଳରୁ ଜଟିଳ ସମସ୍ୟାରେ ଧୈର୍ଯ୍ୟ ରଖିବାକୁ ପ୍ରେରଣା ମିଳିଥାଏ। ତୃତୀୟରେ ବାସ୍ତୁ ନିୟମ ଅନୁଯାୟୀ ଘରେ ମହୁ ରଖିବା ଦ୍ୱାରା ମଧ୍ୟ ବାସ୍ତୁ ଦୋଷ ଶାନ୍ତ ହୋଇଥାଏ। ଏହାସହିତ ପୂଜାରେ ମହୁ ମଧ୍ୟ ବିଶେଷ ଭୂମିକା ନେଇଥାଏ। ଏହା ସମସ୍ତ ଦେବୀ-ଦେବତାଙ୍କୁ ଅର୍ପଣ କରାଯାଏ। ଯେଉଁ ଘରେ ପ୍ରତିଦିନ ପୂଜା କରାଯାଏ, ସେହି ଘରେ ସବୁବେଳେ ମଧୁରତା ଲାଗିରହିଥାଏ।



# ଧନ ଓ ଐଶ୍ୱର୍ଯ୍ୟର ଦେବୀ 'ମହାଲକ୍ଷ୍ମୀ'






ମହାଲକ୍ଷ୍ମୀ ଧନ ଓ ଐଶ୍ୱର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ। ମାର୍ଗଶୀର ମାସ ଗୁରୁବାର ଧାନ୍ୟଲକ୍ଷ୍ମୀଙ୍କ ଉପାସନା କରାଯାଇଥାଏ। ଏହାକୁ ମାଣବସା ଗୁରୁବାର ଓଷା କୁହାଯାଏ। ଦେବୀ ଧାନ୍ୟ ଲକ୍ଷ୍ମୀଙ୍କ ପ୍ରତୀକ ସ୍ୱରୂପ ମାଣପୂର୍ଣ୍ଣ ଧାନକୁ ସ୍ଥାପନ କରାଯାଇ ବିଧି ଓ ପରମ୍ପରା ମୁତାବକ ଉପାସନା କରାଯାଇଥାଏ। ସମ୍ପୂର୍ଣ୍ଣ ଭାବେ ଓଡ଼ିଆ ପରମ୍ପରାର ଏହି ମୌଳିକ ପର୍ବରେ ଦେବୀ ଲକ୍ଷ୍ମୀଙ୍କୁ ପାଞ୍ଚ ସପ୍ତାହ ଧରି ପ୍ରତି ଗୁରୁବାର ପୂଜା କରାଯାଇଥାଏ। ଓଡ଼ିଶାର ଘରେ ଘରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ମାଣବସା ଗୁରୁବାର ପୂଜାରେ ଶସ୍ୟମାପକ ପାତ୍ର ମାଣ, ଗଉଣି, ଧାନକେଣ୍ଡା ଆଦିକୁ ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ଗ୍ରହଣ କରି ଉପାସନା କରାଯାଇଥାଏ। କୃଷିବହୁଳ ଓଡ଼ିଆ ପରମ୍ପରା ସହ ଜଡ଼ିତ ଏହା ଏକ କୃଷି ଭିତ୍ତିକ ଓଷା ଅଟେ। ଅଷ୍ଟ ଲକ୍ଷ୍ମୀଙ୍କ ମଧ୍ୟରୁ ଅନ୍ୟତମ ଦେବୀ ଧାନ୍ୟ ଲକ୍ଷ୍ମୀ ଅଷ୍ଟଭୂଜା। ସେ ସବୁଜ ବସ୍ତ୍ରାବୃତା, ଦୁଇ ହସ୍ତରେ ପଦ୍ମ ଅନ୍ୟ ହସ୍ତଗୁଡ଼ିକରେ ଧାନକେଣ୍ଡା, କଦଳୀ, ଆଖୁ ଜାଇଫଳ ଆଦି ଧାରଣ କରିଥାନ୍ତି। ମା'ଲକ୍ଷ୍ମୀ ହେଉଛନ୍ତି ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପତ୍ନୀ। ଏଣୁ ତାଙ୍କରି ପୂଜା ପ୍ରତ୍ୟେକ ଓଡ଼ିଆ ପାଇଁ ବିଶେଷ ଗୁରୁତ୍ୱ ବହନ କରିଥାଏ। ମାଣବସା ଗୁରୁବାର ଦିନ ପ୍ରତ୍ୟେକ ଓଡ଼ିଆ ବୋହୂ ପ୍ରତ୍ୟୁଷରୁ ଉଠି ଘରଦ୍ୱାର ଲିପି ମାଣ ଖଟୁଲି ସଜାଇଥାଏ। ଘରେ ଦୁଆରେ ଚାଉଳ ଚୂନାରୁ ପ୍ରସ୍ତୁତ ଝୋଟି ପକାଯାଏ। ଖଟୁଲିରେ ନୂତନ ଧାନକେଣ୍ଡାରେ ବେଣୀ ପ୍ରସ୍ତୁତ କରି ଧୂପ, ଦୀପ, ଫୁଲ, ଚନ୍ଦନ ନୈବେଦ୍ୟ ଆଦି ଅର୍ପଣ କରି ମହାଲକ୍ଷ୍ମୀଙ୍କୁ ଆବହନ କରାଯାଏ। ମା'ଲକ୍ଷ୍ମୀଙ୍କ ଓଷା ବହି ପାଠ କରାଯାଏ। ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟାରେ ମା'ଙ୍କୁ ଭୋଗ ଲାଗି କରାଯାଏ। ମା'ଲକ୍ଷ୍ମୀଙ୍କୁ ଉପାସନା କରୁଥିବା ପରିବାରରେ ସର୍ବଦା ସୁଖସମୃଦ୍ଧି, ଧନଧାନ୍ୟରେ ପୂରି ଉଠେ।

# ପତ୍ନୀଙ୍କ ଠାରୁ ଅଲଗା ହେଲେ ଏ.ଆର୍. ରେହମାନ





ପତ୍ନୀଙ୍କ ଠାରୁ ଅଲଗା ହେଲେ ଓସ୍କାର ବିଜୟୀ ସଙ୍ଗୀତକାର ତଥା ଗାୟକ ଏ.ଆର. ରେହମାନ(୫୭)। ବିବାହର ୨୯ ବର୍ଷ ପରେ ଏ.ଆର. ରେହମାନ ଓ ତାଙ୍କ ପତ୍ନୀ ସାୟରା ବାନୁ ଅଲଗା ହେଉଛନ୍ତି। ସାୟରାଙ୍କ ଓକିଲ ବନ୍ଦନା ଶାହ ଆନୁଷ୍ଠାନିକ ଭାବେ ବୟାନ ଜାରି କରି ଦମ୍ପତିଙ୍କ ଛାଡପତ୍ର ଘୋଷଣା କରିଛନ୍ତି ଏବଂ ଗୋପନୀୟତା ପାଇଁ ଅନୁରୋଧ କରିଛନ୍ତି। ଏହାର କିଛି ସମୟ ପରେ ଏ.ଆର. ରେହମାନ ମଧ୍ୟ ସାମାଜିକ ଗଣମାଧ୍ୟମରେ ଏକ ଭାବପ୍ରବଣ ନୋଟ୍ ଶେୟାର କରି ଏହାକୁ ନିଶ୍ଚିତ କରିଛନ୍ତି। ସାୟରା ବାନୁଙ୍କ ଓକିଲ ଲେଖିଛନ୍ତି ଯେ, "ବିବାହର ବହୁ ବର୍ଷ ପରେ ସାୟରା ଏବଂ ତାଙ୍କ ସ୍ୱାମୀ ଏ.ଆର. ରେହମାନ ପରସ୍ପର ଠାରୁ ଅଲଗା ହେବାର କଠିନ ନିଷ୍ପତ୍ତି ନେଇଛନ୍ତି। ଉଭୟଙ୍କ ସମ୍ପର୍କରେ ଭାବଗତ ତିକ୍ତତା ପରେ ଏହି ନିଷ୍ପତ୍ତି ଆସିଛି। ପରସ୍ପର ପ୍ରତି ସେମାନଙ୍କର ଗଭୀର ପ୍ରେମ ସତ୍ତ୍ୱେ, ଦମ୍ପତି ଜାଣିବାକୁ ପାଇଲେ ଯେ, ଚାପ ଏବଂ ସମସ୍ୟା ସେମାନଙ୍କ ମଧ୍ୟରେ ଏଭଳି ଏକ ଖାଲ ସୃଷ୍ଟି କରିଛି, ଯାହାକୁ ଭରିବାକୁ ଏହି ସମୟରେ କେହି ବି ସକ୍ଷମ ନୁହେଁ।" ଏ.ଆର.ରେହମାନ ଲେଖିଛନ୍ତି, "ଆଶା ଥିଲା ଆମେ ତିରିଶ ବର୍ଷ ପୁରା କରିବୁ, କିନ୍ତୁ ଲାଗୁଛି ସବୁ ଜିନିଷର ଏକ ଅଦୃଶ୍ୟ ଅନ୍ତ ଥାଏ। ଭଙ୍ଗା ହୃଦୟର ଭାରରେ ଭଗବାନଙ୍କ ସିଂହାସନ ମଧ୍ୟ ଥରିପାରେ। ତଥାପି, ଏହି ସମୟରେ ଆମେ ଅର୍ଥ ଖୋଜିଥାଉ, ଯଦିଓ ଖଣ୍ଡଗୁଡ଼ିକୁ ପୁନର୍ବାର ସେମାନଙ୍କର ସ୍ଥାନ ମିଳିବ ନାହିଁ। ଆମର ବନ୍ଧୁଗଣ, ଏହି କଷ୍ଟକର ସମୟ ଦେଇ ଗତି କରୁଥିବାବେଳେ ଆମର ଗୋପନୀୟତାକୁ ସମ୍ମାନ ଦେଇଥିବାରୁ ଆପଣମାନଙ୍କୁ ଧନ୍ୟବାଦ।" ସୂଚନାଯୋଗ୍ୟ, ଏ.ଆର. ରେହମାନ ଓ ସାୟରା ବାନୁ ୧୯୯୫ ମସିହାରେ ବିବାହ କରିଥିଲେ ଏବଂ ତାଙ୍କର ୩ଟି ସନ୍ତାନ ଅଛନ୍ତି।



# 'ବନବାସ' ରିଲିଜ୍ ପୂର୍ବରୁ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ଅଭିନେତା ଉତ୍କର୍ଷ

ବଲିଉଡ ଅଭିନେତା ଉତ୍କର୍ଷ ଶର୍ମା ମଙ୍ଗଳବାର ପୁରୀରେ ପହଞ୍ଚି ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ଆଗାମୀ ଫିଲ୍ମ 'ବନବାସ'ର ପ୍ରମୋସନ ପୁରୀରୁ ଆରମ୍ଭ ହୋଇଥିବା ସେ ପ୍ରକାଶ କରିଛନ୍ତି। ଗଦର-୨ର ଅପାର ସଫଳତା ପରେ ନିର୍ଦ୍ଦେଶକ ଅନିଲ ଶର୍ମା ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ର 'ବନବାସ' ଘୋଷଣା କରିଥିଲେ। ଜି ଷ୍ଟୁଡିଓ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ର ଖୁବଶୀଘ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ପ୍ରାଚୀନ କାହାଣୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ଉତ୍କର୍ଷ ଫିଲ୍ମ ଲିଡ୍‌ରେ ରୋଲ୍‌ରେ ନଜର ଆସିବେ।



# ଗୋଲାପୀ ଓଠ ପାଇଁ...



**କଳା ଓଠ ମୁହଁର ସୌନ୍ଦର୍ଯ୍ୟ ହ୍ରାସ କରିଥାଏ। ଏହାକୁ ଲୁଚାଇବା ଲାଗି ଅନେକେ ଲିପ୍‌ଷ୍ଟିକ୍ ଲଗାଇଥାନ୍ତି। ହେଲେ କେତେକ ଘରୋଇ ଉପାୟରେ ଆପଣ ଚାହିଁଲେ ଓଠକୁ ଗୋଲାପି କରିପାରିବେ। ଆସନ୍ତୁ ଜାଣିବା...**

ଲେମ୍ବୁରସ ଏବଂ ମହୁ ପ୍ୟାକ୍ ଓଠର କଳାରଙ୍ଗ ଦୂରକରି ଗୋଲାପି କରିବାରେ ବେଶ୍ ସାହାଯ୍ୟ କରିଥାଏ। ଏଥିପାଇଁ ଅଧଚାମଚ ଲେଖାଏ ଲେମ୍ବୁରସ ଏବଂ ମହୁ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ଓଠରେ ଲଗାଇ ୫ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଘଷିଲେ ଡେଡ୍ ସେଲ୍ ବାହାରିଯିବ। ପରେ ଓଠକୁ ନରମ କପଡ଼ାରେ ପୋଛି ୨ ଟୋପା ନଡ଼ିଆତେଲ ଲଗାଇ ହାଲକା ମସାଜ କରନ୍ତୁ। ପ୍ରତିଦିନ ଏପରି କଲେ ଓଠ ନରମ ହେବା ସହ ଏହାର ରଙ୍ଗ ପରିବର୍ତ୍ତନ ହୋଇ ଗୋଲାପି ଲାଗିବ। ବିଟ୍ ରସ ମଧ୍ୟ ଓଠକୁ ଗୋଲାପି କରିବାରେ ବେଶ୍ ଲାଭଦାୟକ। ୧ ଚାମଚ ବିଟ୍ ରସରେ ୨-୩ ବୁନ୍ଦା ନଡ଼ିଆତେଲ ପକାଇ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ଓଠରେ ଲଗାଇ ୩-୪ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଘଷନ୍ତୁ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ତୁଳା ସାହାଯ୍ୟରେ ଅଳ୍ପ ଗୋଲାପଜଳ ନେଇ ଓଠରେ ଲଗାଇ ଧୀରେ ଧୀରେ ଘଷି ଡେଡ୍ ସେଲ୍ ବାହାର କରିଦିଅନ୍ତୁ। ଓଠକୁ ପୋଛି ଲିପ୍ ବାମ୍ ଲଗାନ୍ତୁ। ଏହାଦ୍ୱାରା ଧୀରେ ଧୀରେ ନୂଆ ସେଲ୍ ସୃଷ୍ଟି ହେବା ସହ ଓଠ ପୂର୍ବାପେକ୍ଷା ନରମ ଏବଂ ଗୋଲାପି ଲାଗିବ।

# ଡେଟ୍‌କୁ କନଫର୍ମ କଲେ କ୍ରିତି ସାନନ୍






ଚର୍ଚ୍ଚାରେ ଅଛନ୍ତି ବଲିଉଡର ଚୁଲବୁଲି ଅଭିନେତ୍ରୀ କ୍ରିତି ସାନନ। ବର୍ତ୍ତମାନ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ କ୍ରିତି ଲାଇମ ଲାଇଟରେ ଅଛନ୍ତି। ତାଙ୍କ ନାଁ ଦୀର୍ଘଦିନ ଧରି ବଡ଼ ବ୍ୟବସାୟୀ କବୀର ବାହିଆ ସହିତ ଯୋଡା ଯାଉଛି। ତାଙ୍କ ଡେଟିଂ ଗୁଜବକୁ ନେଇ ଚାଲିଥିବା କଳ୍ପନା ଜଳ୍ପନାର କାରଣରୁ କ୍ରିତି ସାନନ୍ ଚର୍ଚ୍ଚାରେ ଅଛନ୍ତି। ସେମାନଙ୍କ ସିକ୍ରେଟ ହଲିଡେର ଫଟୋ ମଧ୍ୟ ଲିକ୍ ହୋଇଛି। ବେଳେବେଳେ ଉଭୟଙ୍କ ପରିବାରରେ ଏକାଠି ଦିୱାଲି ପାର୍ଟି ସେଲିବ୍ରେସନ କରୁଥିବାର ଦେଖିବା ପରେ ପ୍ରଶଂସକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ବର୍ତ୍ତମାନ କ୍ରିତି ନିଜେ ସୋସିଆଲ ମିଡିଆ ହ୍ୟାଣ୍ଡେଲରୁ ଏପରି ଏକ ପୋଷ୍ଟ ଶେୟାର କରିଛନ୍ତି। ଯାହାକୁ ଦେଖି ପ୍ରଶଂସକମାନେ ସେମାନଙ୍କ ସମ୍ପର୍କ କନଫର୍ମ କହିବାକୁ ବାଧ୍ୟ ହୋଇଛନ୍ତି। କିଛି ସମୟ ପୂର୍ବରୁ କ୍ରିତି ପ୍ରେମିକ କବୀର ବାହିଆଙ୍କ ସହ ଏକ ଫଟୋ ସେୟାର କରିଛନ୍ତି। କେବଳ ଏତିକି ନୁହେଁ କ୍ରିତି ସାନନ ମଧ୍ୟ କବୀରଙ୍କ ପାଇଁ ଏକ ସ୍ପେଶିଆଲ ମେସେଜ ଲେଖିଛନ୍ତି। ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ସେଲଫି ସେୟାର କରିଛନ୍ତି। ଏହି ଫଟୋରେ, ଦୁହେଁ ଏକାଠି ଅତି ନିକଟତର ହୋଇଥିବାର ଦେଖାଯିବା ସହ ବହୁତ ଖୁସି ଦେଖାଯାଉଛନ୍ତି। ଏଥିସହ ସ୍ୱତନ୍ତ୍ର କ୍ୟାପସନ ମଧ୍ୟ ଲେଖିଛନ୍ତି ଯେ, 'ଜନ୍ମଦିନର ଶୁଭେଚ୍ଛା କେ! ତୁମର ନିରୀହ ହସ ସର୍ବଦା ଏମିତି ରହୁ!' ଏବେ ସମସ୍ତେ ତାଙ୍କ ସମ୍ପର୍କ ବିଷୟରେ ବିଭିନ୍ନ କଳ୍ପନା ଜଳ୍ପନା କରୁଛନ୍ତି। କ୍ରିତି ବର୍ତ୍ତମାନ କବୀର ବାହିଆଙ୍କ ସହ ଖୋଲାଖୋଲି ଭାବରେ ଫଟୋ ଶେୟାର କରୁଛନ୍ତି। ବୋଧହୁଏ ଖୁବ ଶୀଘ୍ର ଦୁହେଁ ସମସ୍ତଙ୍କ ଆଗରେ ନିଜ ପ୍ରେମକୁ କନଫର୍ମ କରିବେ। ବର୍ତ୍ତମାନ ପ୍ରଶଂସକମାନେ ମଧ୍ୟ ସେହି ଦିନକୁ ଅପେକ୍ଷା କରିଛନ୍ତି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କେନ୍ଦୁଝର (ଭାସ୍କର ନ୍ୟୁଜ୍): ପଶୁ ହେଲେ ବି ସେ ବୁଝି ପାରେ ମାଆ ସ୍ନେହ ଦେଇ ପାରେ। କେବଳ ମଣିଷ ନିଜ ଛୁଆ ପିଲାଙ୍କୁ ଭଲ ପାଏ ସେମିତି ନୁହେଁ ଜୀବଜନ୍ତୁ ମଧ୍ୟ ଖୁବ୍ ସ୍ନେହ କରନ୍ତି। ଛୁଆ ହରେଇଲେ ଆଖିରୁ ଲୁହ ଗଡ଼େଇ ଝୁରି ହୁଅନ୍ତି। ଏମିତି ଘଟଣା ପାଟଣା ବ୍ଲକ ଛକରେ ଦେଖିବାକୁ ମିଳିଛି। ଏକ କୁକୁର ଛୁଆ ବାଇକ୍ ଧକ୍କାରେ ରାସ୍ତାରେ ମରି ପଡ଼ିଥିଲା ବେଳେ ମାଆ କୁକୁର କିନ୍ତୁ ଛୁଆକୁ ଛାଡ଼ି ହଲି ନଥିଲା। ରାସ୍ତା ଉପରେ ମୃତ ଛୁଆ ପାଖରେ ଜଗି ବସିଥିଲା କି କେତେବେଳେ ଛୁଆ ଉଠିବ ଅଳି କରି କ୍ଷୀର ପିଇବ। ଏହା ଦେଖି ପଥଚାରୀଙ୍କ ଆଖିରେ ଲୁହ ଆସି ଯାଇଥିଲା ବେପରୁଆ ଗାଡ଼ି ଚାଳକକୁ ସେମାନେ ଗାଳି ଦେଇଥିଲେ। ରାସ୍ତାରେ ଗଲା ବେଳେ ଏହି ଜୀବଜନ୍ତୁଙ୍କ ପ୍ରତି ଏବେ ଟିକେ ସତର୍କ ହେଲେ କେତେ ଜୀବନ ରହି ପାରନ୍ତା। ତେବେ ଦୀର୍ଘ ୨୬ ଘଣ୍ଟା ଧରି ନିଜ ମୃତ ଛୁଆକୁ ଅନେଇ ରହିଥିଲା ବେଳେ ଭୁକି ଛୁଆକୁ ଉଠାଇବାକୁ ଚେଷ୍ଟା କରୁଥାଏ। ରାତି ଶୀତକୁ ସେ ଖାତିର କରିନଥିଲା। ଏହା ଦେଖି ଅବସରପ୍ରାପ୍ତ ସ୍ଥଳସେନା କର୍ମଚାରୀ ଭାରତ ଚନ୍ଦ୍ର ମହାନ୍ତ ସହି ନପାରି କୁକୁର ଛୁଆକୁ ରାସ୍ତାରୁ ଉଠାଇ ନେଇ ପୋତି ଦେଇଥିଲେ। ଏହାପରେ ମାଆ କୁକୁର ଆଖିର ଲୁହ ଶୁଖି ଯାଇଥିଲା। ସେ ବୁଝି ଯାଇଥିଲା ଧନ ଆଉ ଫେରିବେନି, ତେଣୁ ଦୀର୍ଘ ନିଃଶ୍ୱାସ ପକେଇ ସ୍ଥାନ ଛାଡ଼ି ଯାଇଥିଲା। ଏହି ଘଟଣା ପଶୁର ଅନାବିଳ ସ୍ନେହ ପ୍ରେମ ଭଲପାଇବା ପରି ବିରଳ ସତ୍ୟତା ଲୋକଙ୍କ ମନରେ ଗଭୀର ରେଖାପାତ କରିଛି।

### ପଟ୍ଟାମୁଣ୍ଡାଇ ବ୍ଲକ୍ ବିଡ଼ିଓଙ୍କୁ ଦୁର୍ନୀତିର ପିଛା ଛାଡୁନି

# ଏନ୍‌ଆର୍‌ଜିଏସ୍ କାମରେ ଦୁର୍ନୀତି ଅଭିଯୋଗ




ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ବ୍ଲକ୍ ବିଡ଼ିଓ ଓ ବିଜେପି କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ମଧ୍ୟରେ ହୋଇଥିବା ବିବାଦ ଏବେ ଦାଣ୍ଡରେ ପଡି ହାଟରେ ଗଡ଼ିଥିବା ବେଳେ ଗୋଟିଏପଟେ ବିଡ଼ିଓ ଶୁଭ୍ରାଂଶୁ ଶେଖର ସାହୁ ବିଜେପି କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ ଆଣି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ବିଡ଼ିଓଙ୍କ ସପକ୍ଷରେ ପଟ୍ଟାମୁଣ୍ଡାଇ ବ୍ଲକର ଜନପ୍ରତିନିଧି ବା ସମ୍ପୂର୍ଣ୍ଣ ବିଜେଡି କର୍ମୀ ରାଜରାସ୍ତାକୁ ଓହ୍ଲାଇ ଆସି ବିଡ଼ିଓଙ୍କୁ ନ୍ୟାୟ ଦେବା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି, ସେପଟେ କଖାରୁଣୀ ଗାଁର ବିଜେପି ଜିଲ୍ଲା ଏସି ମୋର୍ଚ୍ଚା ସଭାପତି ଅନ୍ତର୍ଯ୍ୟାମୀ ମଳିକ ବିଡ଼ିଓ ଶୁଭ୍ରାଂଶୁ ଶେଖର ସାହୁଙ୍କ ନାମରେ ଜାତିଆଣ ଅକ୍ଷେପ ଅଭିଯୋଗ ଆଣି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରି ନ୍ୟାୟ ପାଇଁ ଦାବି କରିଛନ୍ତି। ଅନ୍ତର୍ଯ୍ୟାମୀ ମଳିକ ଅଭିଯୋଗ ଆଣିଛନ୍ତି ବିଡ଼ିଓ ଶୁଭ୍ରାଂଶୁ ଶେଖର ସାହୁ ଜଣେ ଦୁର୍ନୀତିଖୋର ଅଫିସର। ସେ ଲୋକଙ୍କ ସେବା କମ୍ ଏବଂ ବିଜେଡି କର୍ମୀଙ୍କ ସେବା ଅଧିକ କରୁଛନ୍ତି। ବାତ୍ୟା ଦାନାରେ ହୋଇଥିବା କ୍ଷତି ସମ୍ପର୍କରେ ପଚାରିବାରୁ କିଛି ଦିନ ତଳେ ବିଡ଼ିଓ ରାଗି ଯାଇ ଜ୍ୟୋତି ନାମଧାରୀ ବ୍ୟକ୍ତିଙ୍କ ନାଁରେ ମକଦ୍ଦମା ରୁଜୁ କରିଥିଲେ। କାରଣ ଯେତେବେଳେ ନିର୍ବାଚନ ପୂର୍ବରୁ ବର୍ତ୍ତମାନର ବିଜେଡି ନେତା ତଥା ସାଂସଦ ପ୍ରାର୍ଥୀ ଅଂଶୁମାନ ମାହାନ୍ତି ବିଡ଼ିଓ ଶୁଭ୍ରାଂଶୁ ଶେଖର ସାହୁଙ୍କ ଶେଖର ସାହୁଙ୍କ ବିରୁଦ୍ଧରେ ଦୁର୍ନୀତିର ସ୍ୱର ଉଠାଇଥିଲେ। ଏବେ ସାରା ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀଙ୍କ ମନରେ ଉଙ୍କି ମାରୁଛି, ପଟ୍ଟାମୁଣ୍ଡାଇ ବିଡ଼ିଓ ବହୁ ଦୁର୍ନୀତିରେ ଜଡିତ ଅଛନ୍ତି। ଆଗରୁ ତାଙ୍କ ବିରୁଦ୍ଧରେ ବହୁ ଆର୍‌ଟିଆଇ ମଗା ଯାଇଥିଲେ ମଧ୍ୟ ସେ ଦୁର୍ନୀତି କରିଥିବା ଜାଣି ତଥ୍ୟ ଦେଇନାହାନ୍ତି। ପୁଣି ପଟ୍ଟାମୁଣ୍ଡାଇ ବିଡ଼ିଓ ନାଁରେ ଆଉ ଏକ ଦୁର୍ନୀତି ମୁଣ୍ଡ ଟେକିଛି ତାହା ହେଉଛି ଏନ୍‌ଆର୍‌ଜିଏସ୍ କାମରେ ବହୁ ପଞ୍ଚାୟତରେ ଦୁର୍ନୀତି ହୋଇଥିବାର ଅଭିଯୋଗ ଆସିଛି। ବେକାରୀ ଲୋକମାନଙ୍କୁ ଏନ୍‌ଆର୍‌ଜିଏସ୍ କାମ ମାଧ୍ୟମରେ ଯୁବକ ଓ ଯୁବତୀମାନଙ୍କୁ କାମ ଦେବାର ବ୍ୟବସ୍ଥା ଥିଲାବେଳେ ଠିକାଦାର ମେସିନ ଲଗାଇ କାମ କରି ପଟ୍ଟାମୁଣ୍ଡାଇ ବ୍ଲକ୍ ଜେଇ, ନେତା ଓ ବିଡ଼ିଓଙ୍କୁ ଧରି ୮୦ ବର୍ଷ ବୟସର ବୁଢ଼ା ଓ ବୁଢ଼ୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ଟଙ୍କା ହଡ଼ପ କରିବାର ଦୁର୍ନୀତି ଏବେ ପଦାକୁ ଆସିଛି। ପଟ୍ଟାମୁଣ୍ଡାଇ ବ୍ଲକ୍‌ର ବହୁ ପଞ୍ଚାୟତରେ ଏହି ଦୁର୍ନୀତି ହେବାର ଖବର ମିଳିବା ସହିତ ଆର୍‌ଟିଆଇରେ ତଥ୍ୟ ମଗା ଯାଇଛି। କିନ୍ତୁ ବିଡ଼ିଓ ଡରରେ ତଥ୍ୟ ନଦେଇ ଚୁପ୍ ବସିଛନ୍ତି। ବର୍ତ୍ତମାନ ପଟ୍ଟାମୁଣ୍ଡାଇ ଜନସାଧାରଣ ତାଙ୍କ ବଦଳି କରିବା ପାଇଁ ରାଜ୍ୟ ସରକାର ପାଖରେ ଦାବି କରିଛନ୍ତି। ଆଗକୁ ଆହୁରି ଦୁର୍ନୀତି ପଦାକୁ ଆସିବାର ଅଛି। ଏବେ ପଟ୍ଟାମୁଣ୍ଡାଇ ବ୍ଲକ୍ ବିଡ଼ିଓଙ୍କୁ ବହୁ ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ ବ୍ଲକ୍ ଘେରାଉ କରିବା ପାଇଁ ସଜବାଜ ହୋଇ ବ୍ଲକ୍ ଘେରାଉ କରିବା ଶୁଣିବାକୁ ମିଳିଛି।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାର ପ୍ରସ୍ତୁତି ବୈଠକ

ଫୁଲନଖରା (ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକସ୍ତରୀୟ ବିଜ୍ଞାନ ମେଳା ସୁଚାରୁରୂପେ ପରିଚାଳନା ପାଇଁ ଗବବସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ବିଇଓ ବିଭୂତିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଆସନ୍ତା ୨୧ ତାରିଖ ଗୁରୁବାର ଦିନ ବାରଙ୍ଗ ୩୩ ନମ୍ବର ଜୋନ୍ ଅନ୍ତର୍ଗତ ଗବବସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ବିଜ୍ଞାନ ମେଳାକୁ ସଫଳତା ସହ ଆୟୋଜନ କରିବା ପାଇଁ ବ୍ଲକର ସମସ୍ତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଉକ୍ତ ବୈଠକରେ ଏବିଇଓ ପ୍ରଫୁଲ୍ଲ କୁମାର ରଥ, ସମସ୍ତ ସିଆର୍‌ସିସି, ପ୍ରଧାନ ଶିକ୍ଷକ ତ୍ରିଲୋଚନ ଜେନା, ଚନ୍ଦ୍ରମଣୀ ପ୍ରଧାନ, ଶରତ କୁମାର ଆଚାର୍ଯ୍ୟ, ପ୍ରତାପ ଚନ୍ଦ୍ର ମହାପାତ୍ର, ଉତ୍ତମ କୁମାର ସାହୁ, ସୁଜତା ମହାପାତ୍ର, ସୁଭଦ୍ରା ତ୍ରିପାଠୀ, ସ୍ୱପ୍ନାଶ୍ରୀ ପଟ୍ଟନାୟକ, ମନୋଜ କୁମାର ସ୍ୱାଇଁ, ପ୍ରାକ୍ତନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପାତ୍ର, ଗୋବିନ୍ଦ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ହରିପ୍ରିୟା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଗଣେଶ୍ୱର ନାୟକ, ତ୍ରିଲୋଚନା ବେହେରାଙ୍କ ସମେତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୧୨୦ତମ ଜୟନ୍ତୀ ପାଳିତ



ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀ ସ୍ଥିତ ବିବି ମଡ଼େଲ ହାଇସ୍କୁଲରେ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୧୨୦ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗତକାଲି ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ବ୍ରହ୍ମଚାରୀଙ୍କ ପ୍ରତିମୂର୍ତ୍ତିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱ ବିଜୟ ଦାସ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ, ବିଜୟଲକ୍ଷ୍ମୀ ଦାଶ, ଶିକ୍ଷକ ଆଲୋକ ଜେନା, କିଶୋର ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶିକ୍ଷକମାନେ ସ୍ୱର୍ଗତ ବ୍ରହ୍ମଚାରୀଙ୍କ ଦ୍ୱାରା ପ୍ରତିଷ୍ଠିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ ଗଢ଼ି ଶିକ୍ଷକ ସମାଜର ଯେଉଁ ସମସ୍ୟା ସମାଧାନ କରିବା କାର୍ଯ୍ୟ ପାଇଁ ସେ ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ଏଥିସହିତ ତାଙ୍କ ରାଜନୈତିକ ଜୀବନରେ ସାଧୁତା ଓ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଶେଷରେ କର୍ମଚାରୀ ମଳ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞାନ ମେଳାରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ରାଜନଗର (ଭାସ୍କର ନ୍ୟୁଜ୍): ଆଜିର ସମାଜରେ ମନୁଷ୍ୟର ଚଳିବାକୁ ହେଲେ ତା'ର ବ୍ୟବହୃତ ପାଇଁ ବୈଜ୍ଞାନିକ ପଦ୍ଧତିରେ ନିର୍ମିତ ଦ୍ରବ୍ୟକୁ ଆପଣାଇ ନେଉଛି। ଫଳରେ ଆଧୁନିକ ସମାଜ ବିଜ୍ଞାନ ବିନା ଚଳିବା ଅସମ୍ଭବ। ତେଣୁ ବିଜ୍ଞାନ ପ୍ରତି ଗୁରୁତ୍ୱ ଦିଆଯାଇ ଡିଜିଟାଲ ସମାଜରେ ପରିଣତ ହେଲାଣି। ସେଥିପାଇଁ ସ୍କୁଲ ମାନଙ୍କରେ ବିଜ୍ଞାନକୁ ଗୁରୁତ୍ୱ ଦେଇ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ବୈଜ୍ଞାନିକ ପ୍ରଦର୍ଶନୀ ପ୍ରତିବର୍ଷ କରାଯାଉଛି। ଏହି ଅବସରରେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ସଦର ମହକୁମାରେ ଶୈଳେନ୍ଦ୍ର ନାରାୟଣ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ୨୦୨୪ ବର୍ଷର ବିଜ୍ଞାନ ମେଳାରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସି ମଧୁସୂଦନ ସାହୁଙ୍କ ପରିଚାଳନାରେ ରାଜନଗର ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ନେଇ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପିକା ରାଜଶ୍ରୀ ସାମନ୍ତ ବିଜ୍ଞାନମେଳାର ତାତ୍ପର୍ଯ୍ୟ କ'ଣ ତାହା ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଚିତ୍ତରଞ୍ଜନ ଜେନା, ଶିବ ପ୍ରସାଦ ବେହେରା, ଭକ୍ତିଲତା ବାରିକ, ବିଜ୍ଞାନ ସଂଯୋଜକ ଶାନ୍ତନୁ ସୁତାର, ନୋଡାଲ ଅଫିସର ସ୍ମିତ ବିଶ୍ୱାଳ, ଚିନ୍ମୟ କୁମାର ଦାସ, ଏସ୍‌ଏନ୍‌ଏମ୍ ଇଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେଠୀ ପ୍ରମୁଖ ମଞ୍ଚାସୀନ ଥାଇ ଆଜିର କାର୍ଯ୍ୟକ୍ରମ ଉପରେ ମତ ରଖିଥିଲେ। ସିଆର୍‌ସି ବୈଲୋଚନ ଦାସ କାର୍ଯ୍ୟକ୍ରମର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବ୍ଲକର ବିଭିନ୍ନ ସ୍କୁଲର ପିଲାମାନେ ଯୋଗ ଦେଇ ବୈଜ୍ଞାନିକ ପ୍ରଦର୍ଶନୀ କରିଥିଲେ।

## ସପ୍ତମ ସାଧାରଣ ପରିଷଦ ବୈଠକରେ ଯୋଗଦେଲେ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ



ଧାମନଗର (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ ଯେପରି ରାଜ୍ୟରେ ଏକ ନମ୍ବର ହେବ ସେ ନେଇ ସମସ୍ତେ ମିଳିମିଶି କାମ କରିବା ଦରକାର। ଧାମନଗର ବ୍ଲକରେ ନିକଟରେ ୧୦୪୨ଟି ପ୍ରକଳ୍ପ ଦିଆଯାଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଜି ଧାମନଗର ପଞ୍ଚାୟତ ସମିତି ବୈଠକରେ ଯୋଗଦେଇ ଉପସ୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଓ କର୍ମଚାରୀଙ୍କୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଧାମନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ରାସ୍ତା ଓ ନଦୀବନ୍ଧ ସୁଦୃଢ଼ୀକରଣ ସହିତ ବିଭିନ୍ନ ବିଦ୍ୟାଳୟ ଉନ୍ନତିକରଣ ଖୁବ୍‌ଶୀଘ୍ର କରାଯିବ। ଭଦ୍ରକ-ଆରଡ଼ି ରାସ୍ତା ନିର୍ମାଣରେ ବିଳମ୍ବ ଯୋଗୁ ଲୋକମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଦି ୨ ମାସ ମଧ୍ୟରେ ଠିକାଦାର କାମ ନସାରନ୍ତି ତାଙ୍କ ଲାଇସେନ୍ସକୁ ବ୍ଲାକ ଲିଷ୍ଟ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ପଞ୍ଚାୟତ ସମିତି ବୈଠକରେ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଅଧ୍ୟକ୍ଷତା କରିଥିବା ବେଳେ ବିଡ଼ିଓ ବନବିହାରୀ ଦିନ୍ଦା ପରିଚାଳନା କରିଥିଲେ। ଏହି ଅବସର ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ଉର୍ମିଳା ବିଶ୍ୱାଳ, ସରପଞ୍ଚ ଅଶୋକ ପୁହାଣ, ସୀତାକାନ୍ତ ମିଶ୍ର, ଅଶୋକ ପଣ୍ଡା, ସୁବାସ ମହାକୁଡ, ସମିତି ସଭ୍ୟ ଜ୍ଞାନ ରଞ୍ଜନ ମହାକୁଡ, ସୂର୍ଯ୍ୟକାନ୍ତ ନାୟକ, ଭାରତ ବିଜୟ ଦଳାଇ, ସରସ୍ୱତୀ ଖଟୁଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ତେବେ ଆଲୋଚନାରେ ସମସ୍ତ ସରକାରୀ ଅଧିକାରୀ ଉପସ୍ଥିତ ଥିବାବେଳେ ବ୍ଲକ ଶିକ୍ଷା ବିଭାଗରେ କେହି ଉପସ୍ଥିତ ନଥିବାରୁ ମନ୍ତ୍ରୀ ଆସନ୍ତୋଷ ପ୍ରକାଶ କରିବା ସହ କାରଣ ଦର୍ଶାଅ ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ପଞ୍ଚାୟତ ସମିତି ପରିସରରେ ନୂତନ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ୬ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଓ ମୋବାଇଲ ମନ୍ତ୍ରୀଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଦିଲୀପ କୁମାର ରାଉତରାୟ ମଧ୍ୟ ଉପସ୍ଥିତ ଥିଲେ।

### ରକ୍ଷଣାବେକ୍ଷଣ ଅଭାବରୁ ୮୦ ଭାଗ ଅଞ୍ଚଳ ଅନ୍ଧାର

# ଗ୍ରାମାଞ୍ଚଳ ଆଲୋକୀକରଣ ବ୍ୟବସ୍ଥା ବିପର୍ଯ୍ୟସ୍ତ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ସହରୀ ଢାଞ୍ଚାରେ ପ୍ରତି ପଞ୍ଚାୟତର ସାହିବସ୍ତି ତଥା ଗାଁ ଦାଣ୍ଡ ଆଲୋକୀକରଣ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ୪୦ରୁ ୫୦ ଲକ୍ଷ ବ୍ୟୟ କରାଯାଇ ଅଧିକ ଆଲୋକୀକରଣ ହୋଇଥିଲା। ମାତ୍ର ବିନା ଟେଣ୍ଡରରେ କାଗଜପତ୍ରରେ କମ୍ ମୂଲ୍ୟ ଦର୍ଶାଇ ନିମ୍ନମାନର ଏଲ୍‌ଇଡି ବଲ୍‌ବ ଲଗାଯାଇଥିବା ଅଭିଯୋଗ ହୋଇଥିଲା। ବ୍ଲକସ୍ତରୀୟ ଅଧିକାରୀଙ୍କ ଜ୍ଞାତସାରରେ ନିମ୍ନମାନର ଲାଇଟ୍ ଲଗାଯାଇ ଅଧିକ ପିସି କାରବାର ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଦୁର୍ନୀତିରେ ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଅଧିକାରୀ ଓ ସରପଞ୍ଚମାନେ ସମ୍ପୃକ୍ତ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ପଞ୍ଚାୟତ ସ୍ତରରେ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ୮୦ ପ୍ରତିଶତ ଅଞ୍ଚଳ ଅନ୍ଧାରରେ ରହୁଛି। ଅନେକ ପଞ୍ଚାୟତରେ ଅର୍ଥାଭାବ ଦର୍ଶାଇ ଅଚଳ ଲାଇଟ୍ ମରାମତି କରାଯାଉନଥିବା ଅଭିଯୋଗ ହେଉଛି। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକର ୨୫ଟି ପଞ୍ଚାୟତର ୧୯୬ଟି ରାଜସ୍ୱ ଗାଁରେ ୨୦୧୮-୧୯ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଚତୁର୍ଦ୍ଦଶ ଅର୍ଥ ଆୟୋଗ ଏବଂ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନରେ ଆଲୋକୀକରଣ ଯୋଜନା ହାତକୁ ନିଆଯାଇଥିଲା। ସେହିପରି ସମୟରେ ନିର୍ବାଚନକୁ ଦୃଷ୍ଟିରେ ରଖି ବିନା ଟେଣ୍ଡରରେ ନିମ୍ନମାନର ସୌର ଓ ବିଦ୍ୟୁତ୍ ଲାଇଟ୍ ଲଗାଯାଇଥିଲା। ଲାଇଟ୍ ଲଗାଇଥିବା ସଂସ୍ଥା ନିର୍ଦ୍ଧାରିତ ଅବଧି ପାଇଁ ମରାମତି ଓ ରକ୍ଷଣାବେକ୍ଷଣ କରିବା ଲାଗି ନିୟମ ରହିଛି। କିନ୍ତୁ ଠିକାସଂସ୍ଥା ଆଲୋକୀକରଣ କାମ କରିବା ପରେ ଅଚଳ ଲାଇଟ୍ ଆଦୌ ମରାମତି କରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏହି ଯୋଜନାରେ ସରପଞ୍ଚମାନେ ବିନା ଟେଣ୍ଡରରେ ଲକ୍ଷ ଲକ୍ଷ ଟଙ୍କାର ଲାଇଟ୍ ଲଗାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଗ୍ରୀନ୍ ଇନୋଭେଟିଭ ପାୱାର ପ୍ରାଇଭେଟ ଲିମିଟେଡ୍, ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ଡିଏସ୍‌ଓ ସୋଲାର ସଲ୍ୟୁସନ୍ ସଂସ୍ଥାର ବିଦ୍ୟୁତ୍ ଯନ୍ତ୍ରାଂଶ କ୍ରୟ କରାଯାଇଥିଲା। ଏହି ପ୍ରକ୍ରିୟା ପୂର୍ବରୁ କୋଟେସନ ଆଦୌ ମଗାଯାଇ ନଥିବା ଅଭିଯୋଗ ହୋଇଛି। ଏହି ଯୋଜନା ପାଇଁ କେସ ରେକର୍ଡ ଖୋଲାଗଲାନି କିମ୍ବା ବିଡିଓଙ୍କ ଅନୁମତି ଅଣାଗଲାନି। ସରପଞ୍ଚମାନେ ଦଲାଲଙ୍କ ଜରିଆରେ ମନଇଚ୍ଛା ଯିଏ ଯେଉଁଠି ପାଇଲା ଗଳିକନ୍ଦିରେ ଲାଇଟ ଲଗାଇଲେ। ପ୍ରତି ଲାଇଟ୍ ପିଛା ସର୍ବନିମ୍ନ ୧୫ ହଜାର ୪୬୬ ଟଙ୍କାରୁ ଅଧିକ ମୂଲ୍ୟ ଦର୍ଶାଯାଇ ନିମ୍ନମାନର ସେନ୍ସର ଓ ଲାଇଟ ଲଗାଯାଇଥିବା ହୋଇଛି। ଲାଇଟ୍ ଲାଗିବାର ଏକ ବର୍ଷ ନପୂରୁଣୁ ସେନ୍ସର ଅଚଳ ଯୋଗୁଁ ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ସଂଯୋଗ କଟାଯାଇଥିଲା। ଏବେ ସ୍ଥାନେ ସ୍ଥାନେ ଆଲୋକୀକରଣ ଚାଲୁ ରହିଥିବାବେଳେ ଅନେକ ସ୍ଥାନରେ ମିଞ୍ଜି ମିଞ୍ଜି ହୋଇ ଲାଇଟ୍ ଜଳୁଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଶଗଡ଼ପଟା ପଞ୍ଚାୟତ ମୁଖ୍ୟ ରାସ୍ତାରୁ ସ୍କୁଲ ପଛ ପାର୍ଶ୍ୱଦେଇ ଲଗାଯାଇଥିବା ସୋଲାର ହାଇମାଷ୍ଟ ଦୀର୍ଘଦିନ ହେବ ଖରାପ ହୋଇପଡିଛି। ଅନ୍ୟ କେତେକ ପଞ୍ଚାୟତରେ ଲାଇଟ୍ ଗୁଡିକ ଅଚଳ ହୋଇ ପଡ଼ିଥିବା ବେଳେ ମରାମତି କରାଯାଇନି। ତେଣୁ ଲାଇଟ୍ ବ୍ୟବସ୍ଥା ଦିଗହରା ହୋଇପଡିଛି।

## ବରଗଡ଼ରେ ଖରିଫ ଧାନ କିଣା କାରବାରର ଶୁଭାରମ୍ଭ



ବରଗଡ଼ (ଭାସ୍କର ନ୍ୟୁଜ୍): ଓଡିଶାରେ ଚଳିତ ବର୍ଷ ଖରିଫ୍ ଧାନ କିଣା କାରବାରର ଶୁଭାରମ୍ଭ ବରଗଡ ଜିଲ୍ଲା ଅନ୍ତର୍ଗତ କଳାପାଣି ଧାନମଣ୍ଡି, ଅତାବିରା ଧାନମଣ୍ଡି ଓ ଗୋଡଭଙ୍ଗା ଧାନମଣ୍ଡି ପ୍ରଭୃତିରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଛନ୍ତି। ତାଙ୍କ ସହିତ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ବରଗଡ ବିଧାୟକ ଅଶ୍ୱନୀ କୁମାର ଷଡଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ବରଗଡ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅରୁପାନନ୍ଦ ସାହୁ, ବରିଷ୍ଠ ବିଜେପି ନେତା ସୌରୀ ଚରଣ ବାରିକ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ୍ ପ୍ରକାଶ ପୁହାଣ ଓ ହଲପାଣି ମାଝୀ, ରାଜ୍ୟ ସଂଯୋଜକ ମଧୁସୂଦନ ଶର୍ମା, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଯଶୋବନ୍ତ ସେଠ, ସୁକାନ୍ତ କୁମାର ଦାସ, ସୁରୋଶୂର ଶତପଥୀ, ସୁରେନ୍ଦ୍ର ସ୍ୱାଇଁ, ଶେଖର ପ୍ରଧାନ, ରାଜ ଅଗ୍ରୱାଲ, ଦେବାଶିଷ ପ୍ରଧାନ, ଲବ ମେହେର, ରବିନାରାୟଣ ଦାସ, ଅପୂର ମଲ୍ଲିକ, ନିର୍ମଳ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ହରିହର ପ୍ରଧାନ, ସଞ୍ଜୟ କୁମାର ଉପାଧ୍ୟାୟ, ସଙ୍ଗୀତ ଭୋଇ, ଦିବ୍ୟ ଭୋଇ, ପ୍ୟାରୀ ସାହୁ, ସତ୍ୟନାରାୟଣ କ୍ରଣଁ, ଲିଙ୍ଗରାଜ ଥାଟ, ବିକାଶ ଶର୍ମା ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ଚୋରଙ୍କ ଲୋଲୁପ ଦୃଷ୍ଟି: ଭାଙ୍ଗିଲେ ତାଲା, ଓପାଡିଲେ ଗଡ଼ରେଜ୍

ଟିକିଟି (ଭାସ୍କର ନ୍ୟୁଜ୍): କେ. ନୂଆଗାଁ ଥାନା ଅଧିନସ୍ଥ କଳବାଡ ପଞ୍ଚାୟତ ଅଫିସରେ ଚୋରି। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ କଳବାଡ଼ ପଞ୍ଚାୟତ ଅଫିସକୁ ଲୁଟେରା ମାନେ ଟାର୍ଗେଟ କରି ପ୍ରଥମେ ଗ୍ରିଲ୍ ଚାବି ଭାଙ୍ଗି ଅଫିସ ଭିତରେ ପଶିଥିଲେ। ପରେ ପରେ ଅଫିସ ଭିତରେ ଥିବା ଗଡ଼ରେଜ ଚାବି ମଧ୍ୟ ଭାଙ୍ଗି ଏଣେତେଣେ ଖୋଜାଖୋଜି କରି ଉଭାନ ହୋଇଯାଇଥିଲେ। ଆଜି ଅର୍ଥାତ୍ ବୁଧବାର ସକାଳୁ ସରପଞ୍ଚ ମିନତୀ ଅଫିସ ଖୋଲିବାକୁ ଯାଇ ଦେଖିଲା ବେଳେ ଏଭଳି ଅଘଟଣ ଘଟିଛି। ଏନେଇ ଏକ ଲିଖିତ ଅଭିଯୋଗ ଥାନାରେ ପ୍ରଦାନ କରିଥିଲେ। ଅଭିଯୋଗ ପାଇ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ପରେ ପରେ ସନ୍ଧାନୀ କୁକୁର ଆଣି ତଦନ୍ତ କରିଥିଲେ। ଏଭଳି ଚୋରି ଘଟଣା କେ. ନୂଆଗାଁ ଥାନା ଇଲାକାରେ ଚରାଚରିତ ପଦ୍ଧତି ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ଚୋରକୁ ପୋଲିସ ଧରି ପାରିନଥିବା ମଧ୍ୟ ପ୍ରକାଶ ପାଉଛି। ଦିନକୁ ଦିନ ଏହି ଅଞ୍ଚଳରେ ଚୋରମାନେ ନିଜର କାୟା ବିସ୍ତାର କରିଚାଲିଥିବା ବେଳେ ପୋଲିସ ନିରବଦ୍ରଷ୍ଟା ସାଜିଥିବା ମଧ୍ୟ ଦେଖିବାକୁ ମିଳୁଛି। ସାଧାରଣ ଜନତା କିଭଳି ସୁରକ୍ଷିତ ରହିବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

## କେଶରପୁରର ମୁକ୍ତ ମଞ୍ଚରେ ନାଟକ ମଞ୍ଚସ୍ଥ



ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ ମହାଲକ୍ଷ୍ମୀ ନାଟ୍ୟ ପରିଷଦ ଆନୁକୂଲ୍ୟରେ ଦୋହଳି ହାଇସ୍କୁଲ ପଡ଼ିଆରେ ଦୁଇଦିନିଆ ମୁକ୍ତ ମଞ୍ଚ ନାଟକ ପ୍ରଦର୍ଶିତ ହୋଇଯାଇଛି। ଏହି ଉପଲକ୍ଷେ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଶିକ୍ଷାବିତ୍ ତଥା ନାଟ୍ୟ ନିର୍ଦ୍ଦେଶକ ବେଣୁଧର ପ୍ରଧାନ ସଭପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବରେ ଡେରାବିଶ ବ୍ଲକ୍ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବରେ ସମାଜସେବୀ ମନିନ୍ଦ୍ର ପ୍ରସାଦ ରଥ ଓ ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ ଯୋଗ ଦେଇଥିଲେ। ଅତିଥିମାନେ ଲୋକକଳାକୁ ବଞ୍ଚାଇ ରଖିଥିବା ଏହି ଅନୁଷ୍ଠାନ ୪୫ ବର୍ଷରେ ପହଞ୍ଚିଥିବା ବେଳେ ଅବକ୍ଷୟମୁଖି ସମାଜରେ ପରିବର୍ତ୍ତନ ଆଣିବାରେ ଗ୍ରାମାଞ୍ଚଳର ଏହି ନାଟକ ପ୍ରଦର୍ଶନ ବେଶ ଆଦୃତ ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଅତିଥି ଓ ନାଟ୍ୟ ପରିଷଦର ପୁରୁଖା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ସହିତ ପରିବେଶ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗୋଟିଏ ଲେଖାଏ ଫଳଗଛର ଚାରା ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭା ଯୁଗଳ କିଶୋର ପ୍ରଧାନ, ଅନନ୍ତ କୁମାର ମହାନ୍ତି, ମଳୟ ରଥ, ନାରାୟଣ ପ୍ରଧାନ ପ୍ରମୁଖ ଅନୁଷ୍ଠାନର ପରିବେଶ ସୁରକ୍ଷା ପାଇଁ ଚାରା ପ୍ରଦାନ ନେଇ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ଜିତେନ୍ଦ୍ର ପ୍ରସଦ ରଥ ମଞ୍ଚ ସଂଯୋଜନା କରିଥିବା ବେଳେ ସମ୍ପାଦକ ରଜତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚସ୍ଥ ନାଟକ 'ଏମିତି ଭୁଲ କେମିତି ହେଲା' ଓ 'କିଏ ଭାଇ ବନ୍ଧୁ କିଏ କୁଟୁମ୍ବ' ନାଟକ ଦୁଇଟିରେ ମନୋରଞ୍ଜନ ତ୍ରିପାଠୀ ନିର୍ଦ୍ଦେଶନା ଦେଇଥିବା ବେଳେ ଅନୁଷ୍ଠାନର କଳାକାରମାନେ ନାଟକ ମାଧ୍ୟମରେ ସେମାନଙ୍କର କଳାଚାତୁରୀ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ସୁତାର, ମନୋଜ ମହାନ୍ତି, ଜଗତଜୀବନ ରାଉଳ, ଅମୀୟ ରାଉଳ, ଦିଲ୍ଲିପ ପୃଷ୍ଟି, ସଞ୍ଜୀବ ମହାନ୍ତି, ସୁଦିପ୍ତ ନାୟକ, କାଳନ୍ଦି ସୂତାର, ପ୍ରଦିପ୍ତ ପ୍ରଧାନ, ଶଙ୍କର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମନରେଗା କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ଆଣିଲେ ମୁକୁନ୍ଦପୁରବାସୀ






ଆସିକା (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକର କାଳଷଣ୍ଡପୁର ପଞ୍ଚାୟତରେ ଦିନକୁ ଦିନ ଦୁର୍ନୀତିର ଫର୍ଦ୍ଦରେ ଛନ୍ଦି ହେବାକୁ ଲାଗିଲାଣି। ମନେରଗା ଯୋଜନା କାର୍ଯ୍ୟକାରିତା କ୍ଷେତ୍ରରେ ରାଜ୍ୟ ଓ ଜାତୀୟ ସ୍ତରରେ ପ୍ରଶଂସା ସାଉଁଟିଥିବା ଗଞ୍ଜାମ ଜିଲ୍ଲାର ଆସିକା ବ୍ଲକର କିଛି ପଞ୍ଚାୟତର ଦୁର୍ନୀତି ବର୍ତ୍ତମାନ ଦିନକୁ ଦିନ ପଦାକୁ ଆସିବାକୁ ଲାଗିଲାଣି। ଭାତ ହାଣ୍ଡିରୁ ଗୋଟିଏ ଚିପିବା ନ୍ୟାୟରେ ଆସିକା ବ୍ଲକ କାଳଷଣ୍ଡପୁର ପଞ୍ଚାୟତ ମୁକୁନ୍ଦପୁର ଗ୍ରାମରେ ଏବେ ମନେରଗା ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବର୍ଷ ପରେ ବର୍ଷ ବିତିବା ସାଙ୍ଗକୁ ଗୋଟିଏ ସରକାର ଯାଇ ଆଉ ଗୋଟିଏ ସରକାର ଆସିଲାଣି। ବିକାଶର ସ୍ୱପ୍ନ ଦେଖାଇ ରାଜନୈତିକ ଦଳମାନେ ଭୋଟ୍ ଭିକ୍ଷା କରୁଛନ୍ତି। ତାହା ସତ୍ତ୍ୱେ ମୌଳିକ ଅଧିକାର ବି ଏଠି ପହଞ୍ଚିବା ସାତସପନ ପାଲଟିଛି। ଦେଶ ସ୍ୱାଧୀନତା ହେବାର ୭୭ ବର୍ଷ ବିତିଥିଲେ ମଧ୍ୟ ଏଠି ବିକାଶ ବହୁ ଦୂରରେ ରହିଥିବା ଚିତ୍ର ଦେଖିବାକୁ ମିଳିଛି। ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ କାଳଷଣ୍ଡପୁର ପଞ୍ଚାୟତରେ ରହିଛି ମୁକୁନ୍ଦପୁର ଗ୍ରାମ। ଆସିକା ଏନ୍‌ଏସିକୁ ଲାଗି ରହିଥିଲେ ମଧ୍ୟ କାଳଷଣ୍ଡପୁର ପଞ୍ଚାୟତ ଅନ୍ତର୍ଗତ ପ୍ରମୁଖ ଗାଁ ଭାବେ ମକୁନ୍ଦପୁର ଗ୍ରାମ ବେଶ୍ ପରିଚିତ। ଏହି ଗାଁରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିଥିବା ସହ ପ୍ରାୟ ୯ଶହରୁ ଅଧିକ ଭୋଟର ରହିଛନ୍ତି। ହେଲେ ଏଠି ବିକାଶର ନାଁଗନ୍ଧ ଉଠୁନି। ଏହି ଗାଁରେ ପିଇବା ପାଣି ସମସ୍ୟା ଏବେ ବି ଲାଗି ରହିଛି। ନିର୍ବାଚନ ଆସିଲେ ଏଠାରେ ଜନପ୍ରତିନିଧିଙ୍କ ଦର୍ଶନ ଏବଂ ମୁଠାଏ ମୁଠାଏ ପ୍ରତିଶୃତି ମିଳୁଛି। ହେଲେ ନିର୍ବାଚିତ ହେବା ପରେ ଯଥା ପୂର୍ବମ ତଥା ପରମ ପରିସ୍ଥିତି। ଏତିକି ବେଳେ ସରକାରଙ୍କ ଦ୍ୱାରା ଆସୁଥିବା ଯୋଜନା ମଧ୍ୟ ଅଦୃଶ୍ୟ ହୋଇଯାଉଛି। କେବଳ ଫଳକରେ ଦିନେ ଦୁଇ ଦିନ ଦେଖାଯାଉଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ଭାଙ୍ଗି ସଫା କରାଯାଉଥିବା ଅଭିଯୋଗ ଆଣିଛନ୍ତି ଗ୍ରାମର ଯୁବ ଗୋଷ୍ଠୀ। ଏହି ଗ୍ରାମରେ ତିନିଟି ୱାର୍ଡ ରହିଛି। ମୁକୁନ୍ଦପୁର ଗ୍ରାମର ପଶ୍ଚିମ ସାହିରେ ୧୦ ନମ୍ବର ୱାର୍ଡ, ପୂର୍ବରେ ୧୧ ନମ୍ବର ୱାର୍ଡ ଏବଂ ରୋଡ ସାହିରେ ୧୨ ନମ୍ବର ୱାର୍ଡ ରହିଛି। ଆର୍ଥିକ ବର୍ଷ ୨୦୨୨-୨୩ ରେ ମନେରଗା ଯୋଜନାରେ ମୁକୁନ୍ଦପୁର ଗ୍ରାମର ଠାକୁରାଣୀ ପୋଖରୀ ପୁନରୁଦ୍ଧାର ପାଇଁ ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅନୁଦାନ ଆସିଥିଲା। ହେଲେ ସେଭଳି କିଛି କାର୍ଯ୍ୟ କରାଯାଇନଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରିଛନ୍ତି। ସେହିଭଳି ଗ୍ରାମର ପନ୍ଦରା ସାହିରେ ଡ୍ରେନେଜ୍ ପାଇଁ ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଅନୁଦାନ ଆସିଥିବା ବେଳେ ତାହା ମଧ୍ୟ କୌଣସି କାର୍ଯ୍ୟ ହୋଇନଥିବା ଜଣାପଡିଛି। ମୁକୁନ୍ଦପୁର ଗ୍ରାମରେ ୩ଟି ୱାର୍ଡରେ ୮ଟି ସାହି ରହିଥିବା ବେଳେ ସମସ୍ତ ସାହିରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଆସିଥିଲା। ହେଲେ ଲାଇଟ୍ ଲାଗିଲା ନାହିଁ। ତାକୁ ମଧ୍ୟ କୁଆଡେ ଚଳୁ କରାଯାଇଥିବା ଦୃଢତାର ସହିତ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ରଘୁନାଥ ନଗର ରୋଡ ପାଇଁ ଗ୍ରାମବାସୀ ଅନେକ ଥର ଦାବି କରିଥିଲେ। ଏନେଇ ରୋଡ୍ ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଆସିଥିଲା। ରୋଡ୍ ନିର୍ମାଣ ପାଇଁ ଫଳକ ମଧ୍ୟ ଠିଆ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାକୁ ଭଙ୍ଗା ମଧ୍ୟ କରାଯାଇଥିଲା। ନା' ରୋଡ୍ ତିଆରି ହେଲା, ନା' ଯାତାୟାତ କ୍ଷେତ୍ରରେ ଲୋକଙ୍କ ପାଇଁ ପକ୍କା ରାସ୍ତା ନିର୍ମାଣ ହୋଇପାରିଲା। ଏହି ଗାଁରେ କୋମଳମତି ଶିଶୁଙ୍କ ପାଇଁ ଦୁଇ ଦୁଇଟି ଅଙ୍ଗନବାଡି କେନ୍ଦ୍ର ରହିଛି। ହେଲେ ସେମାନେ ଭଡା ଗୃହରେ ପାଠ ପଢିବା ସହିତ ଭଙ୍ଗା ଦୁଦୁରା ବିପଦସଙ୍କୁଳ ଗୃହରେ ଅଧ୍ୟୟନ କରୁଛନ୍ତି। ଏହା ସହିତ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ବନ୍ଦ କରାଯାଇଥିବା ଗ୍ରାମର ଏକ ବନ୍ଦ ବିଦ୍ୟାଳୟ ଦୈନନ୍ଦିନ ପାଠ ପଢୁଛନ୍ତି। ଏଥିପ୍ରତି ନା ଅଙ୍ଗନବାଡି ଦୃଷ୍ଟିଗୋଚର ଆଣୁଛନ୍ତି ନା ସିଡିପିଓ ପରିଦର୍ଶନ କରୁଛନ୍ତି। ତାଙ୍କୁ ନେଇ ଏବେ ଗ୍ରାମରେ ପ୍ରଶ୍ନ କରିଛନ୍ତି। ମୁକୁନ୍ଦପୁର ଗାଁର ବିକାଶକୁ ଦୃଷ୍ଟିରେ ରଖି ଗାଁର ଯୁବ ଗୋଷ୍ଠୀ ଆଜି ରାତିରେ ଏକ ବୈଠକ ଡାକି ବରିଷ୍ଠ ଲୋକଙ୍କ ସହିତ ଆଲୋଚନା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହାପରେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଗ୍ରାମର ବିକାଶ ପାଇଁ ଦାବି କରିବେ ବୋଲି ସୂଚନା ପ୍ରଦାନ କରିଛନ୍ତି। ତେବେ ଆସିକା ବ୍ଲକ କାଳଷଣ୍ଡପୁର ପଞ୍ଚାୟତର ମୁକୁନ୍ଦପୁର ଗ୍ରାମ କେବେ ବିକାଶ ଧାରାରେ ସାମିଲ ହେବେ ତାକୁ ଦେଖିବାକୁ ବାକି ରହିଲା।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର
ପୃଷ୍ଠା-୧୦
Page-10
ଭୁବନେଶ୍ୱର
Bhubaneswar
୨୧.୧୧.୨୦୨୪
21.11.2024



କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ୍): ୯ ଦିନର ଶିଶୁ କନ୍ୟାକୁ ୨୦ ହଜାର ଟଙ୍କାରେ ବିକ୍ରି ଘଟଣାରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଆଜି ଶିଶୁ କନ୍ୟାର ପାଳିତ ମା,ବାପା ରାୟଗଡା ଶିଶୁ କଲ୍ୟାଣ କମିଟି ନିକଟରେ ହାଜର ହୋଇଥିଲେ। ଦୀର୍ଘ ଘଣ୍ଟା ଧରି ଶିଶୁ କଲ୍ୟାଣ କମିଟି ପାଳିତ ମା-ବାପାଙ୍କୁ ଘଟଣା ସଂକ୍ରାନ୍ତରେ ଜେରା କରିବା ପରେ ସେମାନଙ୍କ ବୟାନ ରେକର୍ଡ କରିଥିଲା। ତେବେ ତଦନ୍ତ ଜାରି ରହିଥିବା ବେଳେ ଶିଶୁର ଲାଳନ ପାଳନ ପାଇଁ ଶିଶୁ କଲ୍ୟାଣ କମିଟି ରାୟଗଡା ପୌଷ୍ୟ ଆଶ୍ରମ ଭୁବନ କେନ୍ଦ୍ର 'ସା'କୁ ହସ୍ତାନ୍ତର କରିଛି। ତଦନ୍ତ ଜାରି ରହିବା ପର୍ଯ୍ୟନ୍ତ ଶିଶୁ କନ୍ୟାଟି ଉକ୍ତ ସ୍ଥାନରେ ରହିବ ବୋଲି କୁହାଯାଇଛି। ଆଜି କମିଟି ଆଗରେ ଶିଶୁ କନ୍ୟାର ପାଳିତ ମା ବାପା ହାଜର ହୋଇଥିବା ବେଳେ ପ୍ରକୃତ ମା ଓ ବାପା ହାଜର ହୋଇନଥିଲେ। ତେବେ ଶିଶୁ ବିକ୍ରି ଘଟଣାକୁ ପାଳିତ ମା ଓ ବାପା କମିଟି ଆଗରେ ଖଣ୍ଡନ କରିଥିଲେ ବୋଲି ସିଡବ୍ଲ୍ୟୁସି ସଦସ୍ୟା ପ୍ରିୟଦର୍ଶୀ ମହାନ୍ତି କହିଛନ୍ତି। ଗତ ୩ ତାରିଖ ଦିନ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାନ୍ଦିଲି ଥାନା ଅନ୍ତର୍ଗତ ନୂଆପଡା ବସ୍ତିର କୁମୁଦ ଗାଣ୍ଡା ଏକ କନ୍ୟା ଜନ୍ମ କରିଥିଲେ। ତେବେ ପରିବାରରେ ଅଭାବ ଅନାଟନ ଦେଖାଦେବାରୁ ସ୍ୱାମୀ ରାହୁଲ ଧନଦେଓ ଓ କୁମୁଦ ୯ ଦିନର ଶିଶୁ କନ୍ୟାକୁ ମଧ୍ୟସ୍ଥିଙ୍କ ସହାୟତାରେ ଆନ୍ଧ୍ରପ୍ରଦେଶ ମାନ୍ୟମ ଜିଲ୍ଲା ପୋଗାପେଟ ଗ୍ରାମର କେ.ରାଜଶେଖର ଓ ସ୍ତ୍ରୀ କେ.ନନ୍ଦିନୀଙ୍କୁ ୨୦ ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ଏହି ଘଟଣା ଜଣାପଡିବା ପରେ ରାୟଗଡା ସିଡବ୍ଲ୍ୟୁସି କମିଟି ଶିଶୁକୁ ରାୟଗଡା ଶିଶୁ କଲ୍ୟାଣ କମିଟି ନିକଟରେ ହାଜର କରିବା ପାଇଁ ସନ୍ତାନ ଗ୍ରହଣ କରିଥିବା ଦମ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### କଲରାପତରିଆ ବାଘ ମାରି ମାଂସ ରୋଷେଇ କରି ଖାଇବା ପ୍ରସଙ୍ଗ
## ବାଘଖିଆଙ୍କୁ ସାମାଜିକ ବାସନ୍ଦ କର: ପିସିସିଏଫ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୂଆପଡ଼ାରେ କଲରାପତରିଆ ବାଘ ମାରି ମାଂସ ରୋଷେଇ କରି ଖାଇବା ପ୍ରସଙ୍ଗ। ଜନସାଧାରଣଙ୍କୁ ବନ୍ୟପ୍ରାଣୀ ପିସିସିଏଫ ଆହ୍ୱାନ ଦେଇଛନ୍ତି। ବାଘଖିଆଙ୍କୁ ସାମାଜିକ ବାସନ୍ଦ କର। ମହାବଳ ବାଘ ହେଉ କି କଲରାପତରିଆ ଚିତିକଲ ପରିସ୍ଥିତିରେ ମଣିଷ ଶିକାର କରିଥାନ୍ତି। କିନ୍ତୁ ପ୍ରଥମ ଥର ପାଇଁ ଦେଖିବାକୁ ମିଳୁଛି ଲୋକେ କଲରାପତରିଆ ବାଘ ମାଂସ ଖାଉଛନ୍ତି। ସଭ୍ୟ ସମାଜରେ ଏହାର କୌଣସି ସ୍ଥାନ ନାହିଁ। ସେମାନେ ସଭ୍ୟ ସମାଜରେ ରହିବାକୁ ଯୋଗ୍ୟ ନୁହନ୍ତି। ଅନୁରୋଧ, ଲୋକମାନେ ଏଭଳି ବ୍ୟକ୍ତିଙ୍କୁ ସାମାଜିକ ବାସନ୍ଦ କରନ୍ତୁ। କଲରାପତରିଆ ବାଘ ଶିକାର କରି ଖାଇବା ପରେ ବନ ବିଭାଗ ଅଧିକାରୀ ତାଙ୍କୁ ଧରିଛନ୍ତି। କାରଣ ବନ ବିଭାଗ ଦ୍ୱାରା ସବୁ ବନ୍ୟଜନ୍ତୁଙ୍କୁ ଟ୍ରାକ କରିବା ସମ୍ଭବ ନୁହେଁ। ଲୋକମାନେ ଏନେଇ ସଚେତନ ହେବା ଜରୁରୀ ବୋଲି ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ।

### ଭରତପୁର ମେଜର୍ ଓ ପୋଲିସ୍ ବିବାଦ ମାମଲା
## ମେଜରଙ୍କ ବିରୋଧରେ ରୁଜୁ ମାମଲାର ସ୍ଥିତି ଜଣାଅ: ହାଇକୋର୍ଟ

କଟକ(ଭାସ୍କର ନ୍ୟୁଜ୍): ପୋଲିସ୍ ଓ ମେଜର୍ ଓ ବିବାଦ ଘଟଣାରେ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ହୋଇଯାଇଛି। ହାଇକୋର୍ଟ ବୁଧବାର ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତର ସ୍ଥିତି ଜଣାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭାବେ ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ କରିବାକୁ ଆସିଥିବା ମେଜରଙ୍କ ବିରୋଧରେ ପୁଲିସ୍ ରୁଜୁ କରିଥିବା ମାମଲାର ସ୍ଥିତି ସମ୍ପର୍କରେ ମଧ୍ୟ ସବିଶେଷ ତଥ୍ୟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆଜି ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଉକ୍ତ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଏହି ପ୍ରସଙ୍ଗରେ ଅଧିକ ସମୟର ଆବଶ୍ୟକତା ରହିଛି। ସେହିପରି ଆମିକସ୍‌କ୍ୟୁରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଉକ୍ତ ଘଟଣାରେ ନ୍ୟାୟିକ ତଦନ୍ତ ଚାଲିଛି ଏବଂ ରାଜ୍ୟ ସରକାର ମଧ୍ୟ ଏସ୍‌ଓପି ଦାଖଲ କରିସାରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଉକ୍ତ ଘଟଣାରେ ଏସ୍‌ଓପି ଜାରି କରାଯାଇଛି। ଏଥିରେ ଥାନାରେ ପୋଲିସ୍ ପକ୍ଷରୁ ଏଣିକି ସେନା ସୁରକ୍ଷା ଅଧିକାରୀଙ୍କ ସହ କିପରି ବ୍ୟବହାର କରାଯିବ ଓ ଅନ୍ୟ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି ଲାଗିବା କାର୍ଯ୍ୟ ଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଶେଷ ହେବ।

## 'ଦ ସାବରମତୀ ରିପୋର୍ଟ' ଚଳଚ୍ଚିତ୍ର ଦେଖିଲା ବିଜେପି ଯୁବମୋର୍ଚ୍ଚା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ଭୁବନେଶ୍ୱରର ଶ୍ରୀୟା ହଲ ଠାରେ ରାଜ୍ୟ ଯୁବମୋର୍ଚ୍ଚା ଦେଖିଲା 'ଦ ସାବରମତୀ ରିପୋର୍ଟ' ଚଳଚ୍ଚିତ୍ର। ୨୦୦୨ ଗୋଧ୍ରା ଟ୍ରେନ ପୋଡ଼ି ସତ୍ୟ ଘଟଣା ଉପରେ ଆଧାରିତ ଏହି ଚଳଚିତ୍ରରେ ଅଯୋଧ୍ୟାରୁ ଗୁଜୁରାଟ କୁ କର ସେବକ ମାନଙ୍କୁ ଧରି ଫେରୁଥିବା ସାବରମତୀ ଟ୍ରେନକୁ ଗୋଧ୍ରା ଷ୍ଟେସନ ଠାରୁ କିଛି ଆଗରେ ଅଟକାଇ ନିଆଁ ଲଗାଇ ଦିଆ ଯାଇଥିଲା। ଯାହା ଫଳରେ ୫୯ ଜଣ କର ସେବକ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ଏହି ପ୍ରାୟୋଜିତ ବର୍ବର ହତ୍ୟା କାଣ୍ଡକୁ କଂଗ୍ରେସ ଏବଂ କିଛି କୁଚକ୍ରି ଗଣମାଧ୍ୟମ ସଂସ୍ଥା ଏକ ଦୁର୍ଘଟଣାର ରୂପ ଦେଇଥିଲେ। ନାନବତି କମିଶନ ଦ୍ୱାରା ଏହାକୁ କୌଣସି ଦୁର୍ଘଟଣା ନୁହଁ ବରଂ ପ୍ରାୟୋଜିତ ହତ୍ୟାକାଣ୍ଡ ବୋଲି ପ୍ରମାଣିତ କରିଥିଲେ। ଚଳଚିତ୍ର କେବଳ ମନୋରଞ୍ଜନ ପାଇଁ ନୁହେଁ ପରନ୍ତୁ ସମାଜର ସତ୍ୟକୁ ସାମ୍ନାକୁ ଆଣିବା ସହ ସମାଜରେ ଆବଶ୍ୟକୀୟ ପରିବର୍ତ୍ତନ ପାଇଁ ମଧ୍ୟ ଉପକରଣ ହୋଇପାରେ। ଏହି ଚଳଚିତ୍ରଟି ତାର ଏକ ନମୁନା। ଦେଶର ଇତିହାସର ଗୋଟେ ବହୁତ୍ ବଡ଼ ଅଧ୍ୟାୟ କୁ ଲୋକଲୋଚନ ଆଣିବା ସହ ଦର୍ଶକିୟ ଦୃଷ୍ଟିକୋଣ ରୁ ପ୍ରଶଂସାର ପାତ୍ର ବୋଲି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଶ୍ରୀମାନ ଅଭିଲାଷ ପଣ୍ଡା କହିଛନ୍ତି। ଏହି ଐତିହାସିକ ଚଳଚ୍ଚିତ୍ର ଦେଶର ବିଭାଜନକାରୀ ତତ୍ତ୍ୱ ତଥା କଂଗ୍ରେସ ଦଳର ଷଡ଼ଯନ୍ତ୍ରକୁ ସର୍ବସମ୍ମୁଖ କୁ ଆଣିଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ ମତବ୍ୟକ୍ତ କରିଛନ୍ତି। ଆଜିର ଯୁବପିଢି ଏହି ଘଟଣାର ପ୍ରକୃତ ସତ୍ୟତା ଜାଣିବାର ଆବଶ୍ୟକତା ରହିଛି ଏବଂ ସମସ୍ତେ ସପରିବାର ଏହି ଚଳଚିତ୍ର ନିହାତି ଦେଖିବା ଉଚିତ୍ ବୋଲି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ମତବ୍ୟକ୍ତ କରିଛନ୍ତି। ଏହି ଚଳଚ୍ଚିତ୍ର ପ୍ରଦର୍ଶନୀରେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇକରାୟ, ସୁବ୍ରତ ବିଶ୍ୱାଳଙ୍କ ସହ ଶତାଧିକ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଡିଏଫଓଙ୍କୁ ଫିଲ୍ଡ ଯିବାକୁ କଡ଼ା ନିର୍ଦ୍ଦେଶ ଦେଲେ ସଚିବ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଡିଏଫ୍‌ଓମାନଙ୍କୁ ଜଙ୍ଗଲ ଓ ପରିବେଶ ସଚିବ ସତ୍ୟବ୍ରତ ସାହୁ କଡ଼ା ତାଗିଦ କରିଛନ୍ତି। ସେ ଡିଏଫ୍‌ଓମାନଙ୍କୁ ରୀତିମତ ଫିଲ୍ଡକୁ ଯିବାକୁ କହିଛନ୍ତି। ସେ କହିଛନ୍ତି ଯେ, କେବଳ ବନୀକରଣ କଲେ ହେବନି, ରକ୍ଷଣାବେକ୍ଷଣ ଦରକାର। ୩ ହାତୀ ମୃତ୍ୟୁ ଘଟଣାକୁ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏ ଘଟଣାରେ ଦୃଢ଼ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଘଟଣାକୁ କିଭଳି ରୋକାଯିବ ସେ ନେଇ ଶକ୍ତି ବିଭାଗ ସହ ଆଲୋଚନା ହେବ ବୋଲି ସେ ସୂଚନା ଦେଇଛନ୍ତି।

### ନାବାଳିକାକୁ ଘରୁ ଉଠାଇ ନେଇ ଦୁଷ୍କର୍ମ
## ୨ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରେ ଗିରଫ କଲା ପୋଲିସ



କାକଟପୁର (ଭାସ୍କର ନ୍ୟୁଜ୍): କାକଟପୁର ଥାନା ପୋଲିସର ସୂଚନା ଅନୁଯାୟୀ ଏହି ଥାନା ଅଧିନସ୍ଥ ମଲାଗୁଆଁ ଗ୍ରାମର ଛଦ୍ମନାମ ମୀରା ବୟସ (୧୪) ଇନଷ୍ଟାଗ୍ରାମ୍‌ରୁ ପ୍ରେମ ଓ ଏହାପରେ ଉକ୍ତ ନାବାଳିକାକୁ ମୁଖ୍ୟ ଅଭିଯୁକ୍ତ ତାଳଚେର ବହ୍ଲାର ଅଞ୍ଚଳର ପ୍ରକାଶ ଚନ୍ଦ୍ର ବଳଙ୍କ ପୁଅ ସ୍ମୃତିରଞ୍ଜନ ବଳ ବୟସ (୨୮) ଏବଂ ତାର ସହଯୋଗୀ ଢେଙ୍କାନାଳ ଜିଲ୍ଲା ସାରଙ୍ଗ ଅଞ୍ଚଳର ହେମନ୍ତ କୁମାର ଖୁଣ୍ଟିଆଙ୍କ ପୁଅ ବିଶ୍ୱଜିତ ଖୁଣ୍ଟିଆ ବୟସ (୨୩) ଉକ୍ତ ନାବାଳିକାକୁ ଘରୁ ଉଠାଇ ନେଇ ଭୁବନେଶ୍ୱରର ଏକ ଭଡାଘରେ ରଖିଥିଲେ। ପରେ ମୁଖ୍ୟ ଅଭିଯୁକ୍ତ ସ୍ମୃତିରଞ୍ଜନ ବଳ ୩ ଦିନ ଧରି ନାବାଳିକା ସହିତ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଅପର ପକ୍ଷରେ ମଲାଗୁଆଁ ଗ୍ରାମର ନାବାଳିକାଙ୍କ ପରିବାରର ଅଭିଯୋଗକୁ ଭିତ୍ତିକରି କାକଟପୁର ଥାନା ପୋଲିସ ସହଯୋଗୀ ବିଶ୍ୱଜିତ ଖୁଣ୍ଟିଆଙ୍କ ମୋବାଇଲ ଫୋନ ଟ୍ରାକ କରିବା ପରେ ସେମାନେ ଭୁବନେଶ୍ୱରରେ ରହୁଥିବା ଜାଣିବାକୁ ପାଇବା ପରେ ସେମାନଙ୍କୁ ଧରିବାକୁ ସକ୍ଷମ ହୋଇଥିଲା। ଆଜି କାକଟପୁର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଥାନା କେଶ ନମ୍ବର ୨୨୯/୨୪ ଦଫା ୧୩୭(୨)/୮୭/୬୪(୨ଗ)/୬୫(୧)/୩(୫) ବିଏନଏସ-୨୦୨୩ ସେକ୍ସନ ୬ ପୋକ୍ସ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ନାବାଳିକାକୁ ଡାକ୍ତରୀ ମାଇନା ପାଇଁ ପୁରୀ ନିଆଯାଇଥିବା ତଦନ୍ତକାରୀ ଅଧିକାରୀ ପ୍ରିୟଦର୍ଶିନୀ ବରାଳ ସୂଚନା ଦେଇଛନ୍ତି।

## ସୈନିକ ସ୍କୁଲ୍ ଡମ୍ପିଂୟାର୍ଡ ସ୍ଥାନାନ୍ତରଣ ଦାବିରେ ବିକ୍ଷୋଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୈନିକ ସ୍କୁଲ୍ ଡମ୍ପିଂୟାର୍ଡ ସ୍ଥାନାନ୍ତରଣ ଦାବିରେ ବୁଧବାର ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସୈନିକ ସ୍କୁଲ୍ ନିକଟସ୍ଥ ଡମ୍ପିଂୟାର୍ଡ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଶ୍ରୀ ପ୍ରଧାନ କହିଥିଲେ ଯେ, ଭୁବନେଶ୍ୱର ମହାନଗର କେନ୍ଦ୍ରସ୍ଥଳରେ ସରକାର ଡମ୍ପିଂୟାର୍ଡ ରଖିବା ଦୁର୍ଭାଗ୍ୟଜନକ। ସେଠାରେ ସୈନିକ ସ୍କୁଲ୍, ବାଲ୍ ସୈନିକ ସ୍କୁଲ୍, ରେଲ୍‌ୱେ ହସ୍ପିଟାଲ ଏବଂ ଡମ୍ପିଂୟାର୍ଡ ଚାରିପଟେ ଜନବସତି ରହିଛି। ଡମ୍ପିଂୟାର୍ଡ ଯୋଗୁଁ ସେଠାକାର ପରିବେଶ ସମ୍ପୂର୍ଣ୍ଣ ଦୂଷିତ ହୋଇଯାଇଛି। ସେଠାରେ ଥିବା ବସ୍ତି ଏବଂ କଲୋନୀ ତଥା ଗାଁର ଅଧିବାସୀମାନେ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ଏପରିକି ଏଥିପାଇଁ ମାରତ୍ମକ କର୍କଟ ରୋଗ ବ୍ୟାପିଥିବା ଅଭିଯୋଗ ହେଉଛି। ବର୍ଷାଦିନେ ଏଠାରୁ ଜଳ ନିଷ୍କାସନ ହୋଇନପାରି ବସ୍ତି ଏବଂ ସେଠାକାର ବିଭିନ୍ନ ସ୍ଥାନରେ ଥିବା ଜଳାଶୟ ତଥା କୂଅ ଆଦିରେ ମିଶିବା ଫଳରେ ଏହି ଜଳ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ବିଶେଷକରି ଏହି ଡମ୍ପିଂୟାର୍ଡ ପରିସରରେ ବହୁ ପୁରାତନ ଶିବ ମନ୍ଦିର ରହିଛି। ସେହି ମନ୍ଦିର ଚାରିପଟେ ସହର ଯାକର ଅଳିଆ ଗଦା ହେଉଛି। ସେଠାକାର ବସ୍ତିର ୯୦ ଭାଗ ଲୋକ ଆଦିବାସୀ ସମ୍ପ୍ରଦାୟର। ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଡମ୍ପିଂୟାର୍ଡ ତୁରନ୍ତ ସ୍ଥାନାନ୍ତରଣ ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯିବା ସହ ସ୍ଥାନାନ୍ତରଣ ନହେଲେ ଛାତ୍ର କଂଗ୍ରେସ ପୁଣି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି କୁହାଯାଇଛି। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଅତିରିକ୍ତ କମିଶନର ଘଟଣାସ୍ଥଳକୁ ଆସି ଛାତ୍ରକଂଗ୍ରେସ ସଭାପତି ଓ ସମ୍ପାଦକଙ୍କ ସହ ଆଲୋଚନା କରିଛନ୍ତି। ଏ ସଂକ୍ରାନ୍ତରେ ବିଏମ୍‌ସି କମିଶନରଙ୍କ ସହ ଆସନ୍ତା ୨୫ ତାରିଖ ଦିନ ସବିଶେଷ ହେବ ବୋଲି ବିଏମ୍‌ସିର ଅତିରିକ୍ତ କମିଶନର ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ୟାସିର ନୱାଜ, ମନୋଜ ବିଶ୍ୱାଳ, ରଣଜିତ ପାତ୍ର, ବୁଲୁ ପତି, ଅଜୟ ସାହୁ, ଗୋପନ ମାର୍ଥା, ମୀର୍ଜା। ଇସଲାମ ବେଗ୍, ଶୁଭମରାଜ, ବିଶ୍ୱରନ ମିଶ୍ର, ପ୍ରଜ୍ଞା ପ୍ରୀତମ ବେହେରା, ଆଦିତ୍ୟ ଅଂଶୁମାନ ପାତ୍ର, ପ୍ରତୀକ ଦାସ, ଭବାନୀ ଶଙ୍କର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ରାଜ୍ୟ ଔଷଧ ନିଗମ ସମ୍ପର୍କରେ ମନ୍ତ୍ରୀଙ୍କ ସମୀକ୍ଷା
## ପିଆରଏମ୍ ମେଡିକାଲ କଲେଜକୁ ସ୍ୱୟଂସମ୍ପୂର୍ଣ୍ଣ କରାଯିବା ଉପରେ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ବୁଧବାର ପୂର୍ବାହ୍ନରେ ଖାରବେଳ ଭବନରେ ଓଡ଼ିଶା ରାଜ୍ୟ ଔଷଧ ନିଗମ ବାବଦରେ ବିସ୍ତୃତ ସମୀକ୍ଷା କରିଛନ୍ତି। ଠିକ୍ ସମୟରେ ଔଷଧ କ୍ରୟ ଓ ବିତରଣକୁ ତ୍ୱରାନ୍ୱିତ କରି ସାଧାରଣ ରୋଗୀଙ୍କ ପାଖରେ ଆବଶ୍ୟକତା ଅନୁସାରେ ଔଷଧ ପହଞ୍ଚାଇବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସରକାରୀ ହସ୍ପିଟାଲଗୁଡ଼ିକରେ ଥିବା 'ନିରାମୟ' କେନ୍ଦ୍ରଗୁଡ଼ିକୁ ୨୪ ଘଣ୍ଟା ଖୋଲା ରଖିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ଆବଶ୍ୟକୀୟ ସଂଖ୍ୟକ କର୍ମଚାରୀ ନିୟୋଜିତ କରି ନିଗମର କାର୍ଯ୍ୟଧାରାକୁ ପୁଷ୍ଟ କରିବା ପାଇଁ ମନ୍ତ୍ରୀ ଡା. ମହାପାତ୍ର ପରାମର୍ଶ ଦେଇଥିଲେ। ଅନୁରୂପ ଭାବରେ ବାରିପଦାରେ ସ୍ଥାପିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ୱୟଂସଂପୂର୍ଣ୍ଣ କରିବା ନିମନ୍ତେ ପଦକ୍ଷେପ ନେବାକୁ ମନ୍ତ୍ରୀ କହିଥିଲେ। ଜିଲ୍ଲା ଚିକିତ୍ସାଳୟଠାରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ରାଜ୍ୟରେ ଥିବା ସମସ୍ତ ସରକାରୀ ମେଡ଼ିକାଲ କଲେଜଗୁଡ଼ିକ ନିମନ୍ତେ ଔଷଧ ସାମଗ୍ରୀ ଏବଂ ଡାକ୍ତରୀ ଯନ୍ତ୍ରପାତି କ୍ରୟ ତଥା ବିତରଣ ବ୍ୟବସ୍ଥା ନେଇ ନିଗମର ପରିଚାଳନା ନିର୍ଦ୍ଦେଶିକା ଡା. ପୁମା ଟୁଡୁ ତଥ୍ୟ ଉପସ୍ଥାପନ କରିଥିଲେ। କୋଭିଡ୍ ତଥା ପରବର୍ତ୍ତୀ ସମୟରେ ସମସ୍ତ ସରକାରୀ ଚିକିତ୍ସାଳୟରେ ରୋଗୀମାନଙ୍କ ପାଇଁ ଔଷଧ ପହଂଚାଇବା କାର୍ଯ୍ୟ ନିଗମ ଜାରି ରଖିଛି। ଏହି ସମୀକ୍ଷା ବୈଠକରେ ସାଧାରଣ ଉଦ୍ୟୋଗ ବିଭାଗର ଶାସନ ସଚିବ ଟି. ଆଓ, ସ୍ୱତନ୍ତ୍ର ଶାସନ ସଚିବ ନିହାର ରଞ୍ଜନ ଦାଶ, ଡିଏମ୍‌ଇଟି ପ୍ରଫେସର ସନ୍ତୋଷ ମିଶ୍ରଙ୍କ ସମେତ ନିଗମ ଓ ସାଧାରଣ ଉଦ୍ୟୋଗ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୦ ମାସର ବ୍ୟବଧାନ ପରେ ହେବ ବେଗୁନିଆପଡ଼ା ସମିତି ବୈଠକ




କୋଦଳା (ଭାସ୍କର ନ୍ୟୁଜ୍): ଦୀର୍ଘ ୧୦ ମାସ ୧୦ ଦିନ ପରେ ବେଗୁନିଆପଡ଼ା ବ୍ଲକରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ୨୪ ସାଧାରଣ ନିର୍ବାଚନ ପରେ ପ୍ରଥମ ଥର ପାଇଁ ବେଗୁନିଆପଡ଼ା ସମିତି ବୈଠକ ହେଉଥିବାରୁ ରାଜନୈତିକ ସ୍ତରରେ ବିଭିନ୍ନ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି। ବର୍ତ୍ତମାନର ପଞ୍ଚାୟତ ସମିତି ଅଧ୍ୟକ୍ଷ ରହିଛନ୍ତି ବିଜୁ ଜନତା ଦଳରୁ। ସେପଟେ ବିଧାୟକ ବିଜେପିରୁ। ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ସମିତି ବୈଠକ ଅତି କମ୍‌ରେ ୨ ମାସକୁ ଥରେ ହବା କଥା। କିନ୍ତୁ ରାଜନୈତିକ ଓ ପ୍ରଶାସନିକ ଅଧିକାରୀଙ୍କ ତାଳମେଳ ଅଭାବରୁ ଦୀର୍ଘ ୧୦ ମାସ ଧରି ସମିତି ବୈଠକ ହୋଇପାରିନଥିବା ଆଲୋଚନା ହେଉଛି। ସମିତି ବୈଠକ ନହେବାରୁ ବିଭିନ୍ନ ପଞ୍ଚାୟତର ଉନ୍ନତିକରଣ କାର୍ଯ୍ୟ ଠପ୍ ହୋଇଯାଇଛି। ୨୩ଟି ପଞ୍ଚାୟତ ବିଶିଷ୍ଟ ବେଗୁନିଆପଡ଼ା ବ୍ଲକରେ ବିଜୁ ଜନତା ଦଳ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କ ସଂଖ୍ୟା ଅଧିକ। ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ବିଜୁ ଜନତା ଦଳର ସମର୍ଥନରେ ନିର୍ବାଚିତ ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ଅର୍ଥାତ ବିଜେପି ସରକାର ଆସିବା ପରେ ୪ ସରପଞ୍ଚ ଓ ୪ ସମିତି ସଭ୍ୟ ବିଜେପିରେ ସାମିଲ ହୋଇଛନ୍ତି। ବିଜୁ ଜନତା ଦଳର ସମର୍ଥିତ ସରପଞ୍ଚ ୧୯ ଓ ସମିତି ସଭ୍ୟ ୧୯ କରିଥିବା ବେଳେ ବିଜେପି ସମର୍ଥିତ ୪ ସରପଞ୍ଚ ଓ ୪ ସମିତି ସଭ୍ୟ ଅଛନ୍ତି। ତେଣୁ ଚଳିତ ସମିତି ବୈଠକ ରୋଚକପୂର୍ଣ୍ଣ ହୋଇପାରେ। ପଞ୍ଚାୟତ ଗୁଡିକରେ ଉନ୍ନତିକରଣ କାର୍ଯ୍ୟ ବନ୍ଦ ହୋଇଯାଇଥିବା, ବିଭିନ୍ନ କାର୍ଯ୍ୟର ବିଲ୍ ଗୃହୀତ ହେଉ ନଥିବା, ସ୍ଥାୟୀ ବିଡିଓ ନଥିବା, ଛତୁଆ ଅନ୍ୟ ବ୍ଲକରୁ ଆସୁଥିବା ଏଭଳି ବିଭିନ୍ନ ପ୍ରସଙ୍ଗରେ ସମିତି ଗୃହରେ ପ୍ରଶ୍ନ ଉଠାଇପାରନ୍ତି ସରପଞ୍ଚ ଓ ସମିତି ସଭ୍ୟ। ସେପଟେ ବୈଠକରେ ବିଧାୟକ ଓ ସାଂସଦ ଯୋଗ ଦେଇପାରନ୍ତି।

### ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ
## ଦୃଢ଼ ମନୋବଳ ହିଁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ: ଜିଲ୍ଲାପାଳ



ତିହିଡି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ବାରୋ ପଞ୍ଚାୟତ ଅଧୀନ ଦହପାଣିଆ ସରକାରୀ ହାଇସ୍କୁଲରେ ଅନୁସୂଚିତ ଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଉଦଯାପିତ ହୋଇଯାଇଛି। ଏହିଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ସନତ କୁମାର ବେହେରାଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଯାପିତ କରି ଏକ ଗଳ୍ପ ମାଧ୍ୟମରେ କହିଥିଲେ ଯେ, ଦୃଢ ମନୋବଳ ହିଁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ। ଅତ୍ୟଧିକ ଆତ୍ମବିଶ୍ୱାସ ବିଫଳତା ଆଡକୁ ଟାଣିନିଏ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ କୁମାର ରାୟ ଯୋଗଦେଇ ଅନୁସୂଚିତ ପିଲାଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଉର୍ମିଳା ଗୋଛାୟତ, ତିହିଡି ବ୍ଲକ ମଙ୍ଗଳ ଅଧିକାରୀ ଦାୟିତ୍ୱରେ ଥିବା ନିହାର ରଞ୍ଜନ ରାଉତ, ସରପଞ୍ଚ ଉଦ୍ଧବ ଚରଣ ନାୟକ, ସିଆରସିସି ଶନିଶ୍ଚର ମହାଳିକ, ଭଣ୍ଡାରୀ ପୋଖରୀ ବ୍ଲକ ମଙ୍ଗଳ ଅଧିକାରୀ ସୁଜୟ କୁମାର ଚାନ୍ଦ ପ୍ରମୁଖ ଯୋଗଦେଇ ପିଲାମାନେ ଜଣେ ଜଣେ ସର୍ଗିଫୁଲ ହେବା ଆବଶ୍ୟକ ବୋଲି କହିଥିଲେ। ଶେଷରେ ଶିକ୍ଷକ ଡ. କାଳିପଦ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ସକାଳେ ଉତ୍ସବକୁ ପ୍ରଧାନଶିକ୍ଷକ ବେହେରା ଉଦ୍‌ଘାଟନ କରିବା ପରେ ଯୋଗ ଦେଇଥିବା ୯ଟି ସ୍କୁଲର ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳ ଶ୍ରୀ ରାଉତରାୟ ପୁରସ୍କାର ବିତରଣ କରିଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ସହିତ ନୃତ୍ୟ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ କ୍ଷୀରାବ୍ଧି ମାଝୀ, ଅଜିତ ପରମାଣିକ, ଶଶୀକାନ୍ତ ପଣ୍ଡା, ଦେବୀଦତ୍ତା ଦାସ, ଶାନ୍ତିଲତା ସାମଲ, ତୃପ୍ତିମୟୀ ବେହେରା, ସର୍ସ୍ମିତା ସାହୁ, ବସନ୍ତ କୁମାର ଗାଗରାଇ, ମନୋରଞ୍ଜନ ମହାରଣା, ଯୁବରାଜ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨ ପଞ୍ଚାୟତର ୨୦୪୬ ମିଶନ ଶକ୍ତି ସଦସ୍ୟା ପାଇନାହାନ୍ତି ୟୁନିଫର୍ମ ରାଶି

ଡେରାବିଶ (ଭାସ୍କର ନ୍ୟୁଜ୍): ପୂର୍ବତନ ଲୋକପ୍ରିୟ ନବୀନ ସରକାର ମହିଳାମାନଙ୍କୁ ସଶକ୍ତି କରଣ କରିବା ପାଇଁ ମିଶନଶକ୍ତି ବିଭାଗ ଜରିଆରେ ମହିଳାମାନଙ୍କ ଉନ୍ନତି କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥିଲେ। ଏହି କ୍ରମରେ ଗତ ୨୦୨୩ ମସିହାରେ ରାଜ୍ୟର ସମସ୍ତ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ୟୁନିଫର୍ମ ନିମନ୍ତେ ୧୦୦୦ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ। ସେତେବେଳେ ଡେରାବିଶ ଅନ୍ତର୍ଗତ ୨୬ଟି ପଞ୍ଚାୟତରେ ରହିଥିବା ମୋଟ ୨୮୨୫ ସ୍ୱୟଂସହାୟିକା ଗୋଷ୍ଠୀ ମଧ୍ୟରୁ ୨୬୩୫ଟି ସ୍ୱୟଂସହାୟିକା ଗୋଷ୍ଠୀ ନିମନ୍ତେ ୟୁନିଫର୍ମ ସହାୟତା ରାଶି ଆସିଥିଲା। ଫଳରେ ଡେରାବିଶ ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ଲକ ୨୪ ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଏହି ସହାୟତା ରଶି ପ୍ରଦାନ କରିଥିଲେ। ଅବଶିଷ୍ଟ ଦୁଇଟି ପଞ୍ଚାୟତ ଯଥା ରଘୁଦେଇପୁର ଓ ବସପୁର ପଞ୍ଚାୟତର ୧୯୦ଟି ସ୍ୱୟଂ ସହାୟିକା ଗୋଷ୍ଠୀର ପାଖାପାଖି ୨୦୪୬ ଜଣ ମହିଳା ସଦସ୍ୟମାନେ ୟୁନିଫର୍ମ ସହାୟତା ରାଶି ପାଇବାରୁ ବଞ୍ଚିତ ରହିଥିଲେ। ତେବେ ଇତିମଧ୍ୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିଲା। ହେଲେ ନିର୍ବାଚନ ସରିଲା ପରେ ବିଜେଡ଼ି ସରକାର ବଦଳି ଏବେ ବିଜେପି ସରକାର ଆସିଲା। କିନ୍ତୁ ଉପରୋକ୍ତ ଦୁଇ ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ଅଦ୍ୟାବଧି ୟୁନିଫର୍ମ ସହାୟତା ରାଶି ମିଳିପାରିଲା ନାହିଁ। ଏ ସମ୍ବନ୍ଧରେ ଉକ୍ତ ଦୁଇ ପଞ୍ଚାୟତର ମହିଳାମାନେ ବ୍ଲକ କାର୍ଯ୍ୟାଳୟ, ଜିଲ୍ଲା କାର୍ଯ୍ୟାଳୟ ଏପରିକି ରାଜ୍ୟସ୍ତରରେ ଅଭିଯୋଗ କଲେ ମଧ ଲାଭ କିଛି ମିଳୁନି। ଶୁଣିବାକୁ ମିଳିଛି ଯେ, ଗତ ଅଗଷ୍ଟ ମାସରେ ବ୍ଲକ୍ ପ୍ରଶାସନକୁ ୟୁନିଫର୍ମ ରାଶିରୁ ବଞ୍ଚିତ ଥିବା ମହିଳାମାନଙ୍କୁ ୟୁନିଫର୍ମ ସହାୟତା ରାଶି ମିଳିବ। ହେଲେ ଅଦ୍ୟାବଧି ଏ ବାବଦରେ ଅର୍ଥ ଆସିନଥିବାରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ତୁରନ୍ତ ସରକାରଙ୍କ ପକ୍ଷରୁ ଉକ୍ତ ଦୁଇ ପଞ୍ଚାୟତ ୨୦୪୬ ଜଣ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସଦସ୍ୟାମାନଙ୍କୁ ୟୁନିଫର୍ମ ସହାୟତା ରାଶି ପ୍ରଦାନ କରିବାକୁ ମହିଳାମାନେ ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି।

## ଡିଭାଇଡରକୁ ଧକ୍କା ଦେଲା ମିଲ୍‌କୀ ମୁଁ ଭ୍ୟାନ୍



କରଞ୍ଜିଆ (ଭାସ୍କର ନ୍ୟୁଜ୍): ଆଜି ଏକ ସଡ଼କ ଦୁର୍ଘଟଣା ଘଟିଛି ଯେଉଁଥିରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଭ୍ୟାନ ଚାଳକ ଏବଂ ହେଲ୍ପର୍। ତେବେ ଏପରି ଘଟଣା ଘଟିଛି କରଞ୍ଜିଆ ମହାବୀର ଛକ ନିକଟରେ। ସୂଚନା ଥାଉକି ଆଜି ପ୍ରାୟ ଭୋର୍ ୪ ଘଟିକା ସମୟରେ ମିଲ୍‌କ୍ ମୁଁ ଭ୍ୟାନ ଯାହାର ନମ୍ବର୍ ଓଡି-୦୨-ଏଟି-୩୫-୪୪ ଯୋଗେ କରଞ୍ଜିଆରୁ ରାଇରଙ୍ଗପୁର ଅଭିମୁଖେ କ୍ଷୀର ନେଇ ଆସୁଥିବା ବେଳେ କରଞ୍ଜିଆ-ଠାକୁରମୁଣ୍ଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମହାବୀର ଛକ ନିକଟରେ କୌଣସି କାରଣବଶତଃ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରରେ ହୋଇଥିଲା ଯେ ଭ୍ୟାନଟି ଡିଭାଇଡରର କିଛି ଭିତରକୁ ପଶିଯାଇଥିଲା ଏବଂ ସାମ୍ନାଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। କରଞ୍ଜିଆ ପୋଲିସ୍ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଁଚି ଭ୍ୟାନ ଜବତ କରି ଅଧିକ ତଦନ୍ତ କରୁଛି। ତେବେ ଉକ୍ତ ମିଲ୍‌କୀ ମୁଁ ଭ୍ୟାନଟି ପ୍ରତ୍ୟେକ ଦିନ କ୍ଷୀର ନେଇ କରଞ୍ଜିଆ ଏବଂ ରାଇରଙ୍ଗପୁରକୁ ଆସୁଥିବା ବେଳେ ଏହି ଡିଭାଇଡର ବିଷୟରେ ବେଶ୍ ଅବଗତ ଥିଲେ ସୁଦ୍ଧା କିପରି ଏତେବଡ଼ ଦୁର୍ଘଟଣା ହେଲା ଭ୍ୟାନ୍‌ଟି ଡ୍ରାଇଭର ଚଳାଉଥିଲା ନା' ହେଲ୍ପର ତାହାକୁ ନେଇ ଏବେ ଉଠିଛି ପ୍ରଶ୍ନ। ତେବେ ଏହା ତଦନ୍ତ ପରେ ଏହାର ସତ୍ୟସତ୍ୟ ଜଣାପଡ଼ିବ ବୋଲି କୁହାଯାଉଛି। ଅନ୍ୟପଟେ ଏହି ସ୍ଥାନରେ କରଞ୍ଜିଆ ଗୋଲେଇ ଏବଂ ମହାବୀର ଛକ ନିକଟରେ ଡିଭାଇଡ଼ର ରହିଛି ହେଲେ କୌଣସି ପ୍ରକାର ସିଗ୍‌ନାଲ୍ ନଥିବାରୁ ଆସୁଥିବା ଲୋକମାନେ ଜାଣିପାରନ୍ତି ନାହିଁ, ଯାହା ଫଳରେ ଏହି ସ୍ଥାନ ମାନଙ୍କରେ ବାରମ୍ବାର ଦୁର୍ଘଟଣା ଘଟି କେତେବେଳେ ମୂଲ୍ୟବାନ ଜୀବନ ଯାଉଛି ତ କେତେବେଳେ ଗୁରୁତର ହୋଉଥିବା ଜଣାପଡିଛି। ତେଣୁ ଯଥାଶୀଘ୍ର ଏହି ସ୍ଥାନ ମାନଙ୍କରେ ସିଗନାଲର ବ୍ୟବସ୍ଥା କରିବାକୁ ସର୍ବସାଧାରଣରେ ଦାବି କରିଛନ୍ତି

## ଗ୍ରାମ୍ୟ ସଂରକ୍ଷିତ ଜମିକୁ ହଡ଼ପ ନେଇ ଅଭିଯୋଗ

ଗୋପ (ଭାସ୍କର ନ୍ୟୁଜ୍): ଗ୍ରାମର ଅନେକ ବର୍ଷରୁ ସମୂହ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ସଂରକ୍ଷିତ ଜାଗାକୁ କୌଶଳକ୍ରମେ କେତେକ ମୁଷ୍ଟିମେୟ ବ୍ୟକ୍ତି ଅସାଧୁ ଉପାୟରେ ହଡ଼ପ କରିବା ନେଇ ଗ୍ରାମବାସୀମାନେ ଗୋପ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏପରି ଅଭିଯୋଗ ଆସିଛି ଗୋପ ତହସିଲ ଅଧିନ ସୁତନ ରାଜସ୍ୱ ମୌଜାରେ। ଅଭିଯୋଗ ମୁତାବକ ଗୋପ ବ୍ଲକ ଅଧିନସ୍ଥ ସୁତନ ଗ୍ରାମପଞ୍ଚାୟତର ସୁତନ ଗ୍ରାମରେ ଏକ ବଡ଼ ପୋଲାଙ୍ଗ ତୋଟା ରହିଛି। ଉକ୍ତ ଜାଗାକୁ ଲାଗି ପ୍ରାୟ ତିନି ଖଣ୍ଡ ଗ୍ରାମର ଭାବାବେଗ, ସାଂସ୍କୃତିକ ଓ ଗ୍ରାମ୍ୟ ଜୀବନ ସହ ଜଡ଼ିତ। ମାତ୍ର ଉକ୍ତ ଜାଗାଟି ସୁତନ ସାମିଲ ଭିଙ୍ଗୁରାଡ଼ିହ ଗ୍ରାମର ଦୁର୍ଗାଚରଣ ସାମନ୍ତରାୟ ଓ ବିପ୍ରଚରଣ ସାମନ୍ତରାୟ ହଡ଼ପ କରିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ତା ସହିତ ଅନେକ ବର୍ଷରୁ ଏକ ସରପାଟ ଗହୀରକୁ ଯାତାୟତ ରାସ୍ତାରେ ପଥର ରଖିବା ଯୋଗୁଁ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ବିପ୍ରଚରଣ ସାମନ୍ତରାୟ ଅଳ୍ପ ଅଳ୍ପ କରି ଜାଗା ଅଧିକୃତ କରୁଛନ୍ତି। ଉକ୍ତ ବିବାଦୀୟ ଜାଗାଟି ଗ୍ରାମବାସୀଙ୍କ ଦ୍ୱାରା ବହୁ ପୂର୍ବରୁ ଗୋ-ଶ୍ମଶାନ, ମୃତ୍ୟବ୍ୟକ୍ତିଙ୍କ ହାଣ୍ଡିଦେବା ସ୍ଥାନ, ଆଖପାଖ ଗାଁର ହରିଜନ ବ୍ୟକ୍ତିବିଶେଷଙ୍କ ବାର୍ଷିକ ଉତ୍ସବ ସ୍ଥାନ ତଥା ନବଜାତ ଶିଶୁଙ୍କର ଏନ୍ତୁଡ଼ିଶାଳର ଅଂଶ ବିଶେଷ ଏଠାରେ ପକାଯାଏ। ଏଥିପାଇଁ କେଉଁ କାଳରୁ ଏକ ବଡ଼ ଜାଗା ଥିଲା। ଉକ୍ତ ଜାଗା ପାଖକୁ ବିପ୍ରଚରଣ ସାମନ୍ତରାୟ ଓ ଦୁର୍ଗାଚରଣ ସାମନ୍ତରାୟ ଘର କରିବାରୁ ଗ୍ରାମବାସୀ ମାନବିକତା ଦୃଷ୍ଟିରୁ ସେଠାରୁ ଗୋ-ଶ୍ମଶାନ ଉଠାଇ ଦେଇଥିଲେ। ତାର ସୁଯୋଗରେ ବିପ୍ରଚରଣ ସାମନ୍ତରାୟ ଓ ଦୁର୍ଗାଚରଣ ସାମନ୍ତରାୟ ଧିରେ ଧିରେ ଜାଗା ଅବରୋଧ କରିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି ଉକ୍ତ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ନାବାଳିକା ଦୁଷ୍କର୍ମର ଶିକାର

ବାରଙ୍ଗ (ଭାସ୍କର ନ୍ୟୁଜ): ବାରଙ୍ଗରେ ଘଟିଛି ଏକ ଲଜ୍ଜାଜନକ ଘଟଣା। ୮ବର୍ଷର ଭାଣେଜୀକୁ ମାମୁ ଦୁଷ୍କର୍ମ କରିଥିବା ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ନାବାଳିକାକୁ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ କଟକ ଶିଶୁ ଭବନରେ ଭର୍ତ୍ତି କରିଥିଲେ। ଅଭିଯୁକ୍ତ ଜଣକ ଝାଡଖଣ୍ଡର ଜଗନ୍ନାଥପୁର ଥାନା ଅନ୍ତର୍ଗତ ସିଆଲ ଯୋଡ଼ା ଗ୍ରାମର କୈଳାଶ ଠଥଟେରା ଓରଫ ହେମ୍ବ୍ରମ (୨୨)। ସେ ବାରଙ୍ଗ ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ଜଣେ ଟ୍ରାକ୍ଟର ମାଲିକଙ୍କର ଗାଡି ଚାଳକ ଭାବରେ କାର୍ଯ୍ୟ କରନ୍ତି। ଅଭିଯୁକ୍ତ ଜଣକ ହିସାବରେ ପୀଡିତାଙ୍କର ମାମୁଁ ହେବେ ବୋଲି ପୁଲିସ ସୂଚନା ଦେଇଛି। ଖବରରୁ ପ୍ରକାଶ ପୀଡିତା ନାବାଳିକାଙ୍କର ଘର ଝାଡଖଣ୍ଡର ଜଗନ୍ନାଥପୁର ଥାନା ଅନ୍ତର୍ଗତ ବରଲା ଗାଁର ରାଜୀବ ପିହୁଙ୍କ ଝିଅ। ବାପା, ମା' ବାରଙ୍ଗ ଥାନା ଅଧିନ ନରଣପୁରସ୍ଥିତ ଏକ ଇଟାଭାଟିରେ ଦିନମଜୁରିଆ ଭାବରେ କାମ କରନ୍ତି। ସେମାନେ ସବୁଦିନ ଭଳି ଝିଅକୁ ଘରେ ଛାଡି ଦେଇ ନିକଟରେ ଥିବା ଇଟା ଭାଟି କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି। ଅଭିଯୁକ୍ତ କୈଳାଶ ସୋନାଲ ମଝିରେ ମଝିରେ ରାଜୀବ ପିହୁଙ୍କ ନିକଟକୁ ବୁଲାବୁଲି କରିବା ପାଇଁ ଆସିଥାନ୍ତି। ବାପା,ମା ଚାଲିଯିବା ପରେ ନାବାଳିକା ଏକାକୀ ରହିଥାଏ। ଏହାର ଫାଇଦା ନେଇ କୈଳାଶ ଗତ ମଙ୍ଗଳବାର ଦିନ ୨ଟାରେ ଇଟାଭାଟିରେ ପ୍ରବେଶ କରିଥିଲା। ଭାଣେଜୀକୁ ଚକଲେଟ ଦେବାର ଲାଳସା ଦେଖାଇ ନିକଟରେ ଥିବା ଏକ ବୁଦା ମୂଳକୁ ନେଇଯାଇଥିଲା। ସେଠାରେ ଦୁଷ୍କର୍ମ କରିବା ପରେ ପୀଡ଼ିତାର ଚିତ୍କାର ଶୁଣି ବାପା ରାଜୀବ ଘଟଣାସ୍ଥଳରେ ପହଞ୍ଚି ଝିଅକୁ ଉଦ୍ଧାର କରିବା ସହ କୈଳାଶ ସୋନାଲକୁ ମାରିବା ପାଇଁ ଗୋଡାଇଥିଲେ। କୈଳାଶ ଏକ ପାଚେରୀ ଡେଇଁ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲା। ନାବାଳିକାଙ୍କୁ ତାଙ୍କ ବାପା ଶିଶୁ ଭବନ ନେଇଯାଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶିଶୁଭବନ ପକ୍ଷରୁ ବାରଙ୍ଗ ଥାନାକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାକୁ ଗୁରୁତ୍ୱର ଭାବେ ନେଇ ପୀଡ଼ିତାଙ୍କ ବାପାଙ୍କୁ ଡକାଇ ଥିଲେ। ପରେ ନାବାଳିକାଙ୍କ ବାପା ବାରଙ୍ଗ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଘଟଣା ସମ୍ପର୍କରେ ବୁଝିବା ପରେ ଥାନା ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ତଦନ୍ତକରି ଅଭିଯୁକ୍ତକୁ ଗିରଫ କରିଥିଲା।



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଅବକାରୀ ବିଭାଗ ତରଫରୁ ମାଥିଲି ଥାନା ଅନ୍ତର୍ଗତ ମାଡକାପଦର ପଞ୍ଚାୟତର ଶୁକ୍ରିପୁଟ ଗ୍ରାମ ପାର୍ଶ୍ୱ ଜଙ୍ଗଲରେ ଚଢ଼ଉ କରାଯାଇଥିଲା। ଉକ୍ତ ଚଢ଼ଉ ବେଳେ ୨୪ ଏକର ଜମିରେ ଚାଷ ହୋଇଥିବା ୩୬୦୦୦ ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି ଯାହାର ଆନୁମାନିକ ୩ କୋଟି ୬୦ ଲକ୍ଷ ଟଙ୍କା। ଏ ନେଇ ମାଥିଲି ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ କରାଯାଇଛି। ଗଞ୍ଜେଇ ଚାଷ ହୋଇଥିବା ଜମିର ଯାଞ୍ଚ କରାଯାଇ ରିପୋର୍ଟ ଦେବାକୁ ରାଜସ୍ୱ ବିଭାଗକୁ ଅନୁରୋଧ କରାଯାଇଛି। ରିପୋର୍ଟ ମିଳିବା ପରେ ଅବକାରୀ ବିଭାଗ ତରଫରୁ ଚାଷୀକୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଚଢ଼ଉ ସମୟରେ ଅବକାରୀ ଉପଅଧିକ୍ଷକ ଟଙ୍କଧର ଭୋଇ, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ବଳ, ସବ୍ ଇନ୍ସପେକ୍ଟର ଅଶେଷ କୁମାର ନାୟକ, ଅମିୟ କୁମାର ଖଞ୍ଜା, ଦୀପକ କୁମାର ସାମଲ, ରମେଶ ଚନ୍ଦ୍ର ସାହୁକାର, ହେମନ୍ତ ବାଘ, ଏଏସ୍ଆଇ ରାମ ଚନ୍ଦ୍ର ହନ୍ତାଳ, ସୁରେନ୍ଦ୍ର ମାଝୀ, ଜେମ୍ସ ମାଲଖମ୍ ସାହୁ ଓ ସମସ୍ତ ଅବକାରୀ ଥାନାର କନେଷ୍ଟବଳମାନେ ଉପସ୍ଥିତ ଥିଲେ।



# ଭୋଟର ସଚେତନତା ରଥ ଉଦ୍‌ଘାଟିତ



ପୁରୀ (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଭୋଟର ସଚେତନତା ରଥର ଉଦ୍‌ଘାଟନ କରାଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହି ସଚେତନତା ରଥକୁ ପତାକା ଦେଖାଇ ଉଦଘାଟନ କରିବା ସହ ନୂତନ ଭୋଟର ମାନଙ୍କୁ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ଭୋଟର ତାଲିକାରେ ସଂଶୋଧନ ଇତ୍ୟାଦି ପାଇଁ ଏହି ରଥ ସମଗ୍ର ଜିଲ୍ଲା ପରିକ୍ରମା କରି ସଚେତନ କରାଇବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଡେପୁଟି କଲେକ୍ଟର ସୁଶାନ୍ତ କୁମାର ପଟ୍ଟନାୟକ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି (ଭାସ୍କର ନ୍ୟୁଜ୍): ସରକାରଙ୍କ ଆତ୍ମସମର୍ପଣ ନୀତି ଏବଂ ନିୟଦ ନେଲ୍ଲା ନାର ଯୋଜନାରେ ପ୍ରଭାବିତ ହୋଇ ଜଣେ ମହିଳା ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ ଛତିଶଗଡର ମାଓ ପ୍ରଭାବିତ ଜିଲ୍ଲାରେ ମାଓ ଦମନ ଅଭିଯାନ ଚାଲିଥିବା ବେଳେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟର ଅନେକ ମାଓବାଦୀ ମୃତ୍ୟୁବରଣ କରୁଛନ୍ତି ଏବଂ ଏନକାଉଣ୍ଟର ଭୟରେ କିଛି ମାଓବାଦୀ ଆତ୍ମସମର୍ପଣ କରିଥିବା ଦେଖିବାକୁ ମିଳିଛି। ସେହିଭଳି ଛତିଶଗଡର ନାରାୟଣପୁର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏସପି ପ୍ରଭାତ କୁମାର ଏବଂ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ମାଓ ସଙ୍ଗଠନର ପରତାପୁର ଏରିଆ କମେଟି ଅନ୍ତର୍ଗତ ମେଡ଼କି ଏଲ.ଓ.ଏସ ପାର୍ଟି ସଦସ୍ୟା କୁମାରୀ ଆୟତେ ନୁରେଟି ମାଓ ସଙ୍ଗଠନର ବଡ଼ ମାଓ ନେତାମାନେ ଦୀର୍ଘଦିନ ଧରି ମହିଳା ମାଓବାଦୀ ଉପରେ ଅତ୍ୟାଚାର ଏବଂ ଶୋଷଣ କରୁଥିବା ସହିନପାରି ବାଧ ହୋଇ ମାଓ ସଙ୍ଗଠନ ଛାଡି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ଗ୍ରାମ-ବିନାଗୁଣ୍ଡା, ଥାନା-ଛୋଟେବେଠିଆ, କାଂକେର ଜିଲ୍ଲାର ହୋଇଥିବା ବେଳେ ଥାନା ସୋନପୁର, କୋୟାଲିବେଡା, ଛୋଟେବେଠିଆ ଅଞ୍ଚଳରେ ମାଓ ସଂଗଠନ ଦ୍ୱାରା ହୋଇଥିବା ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବା ନାରାୟଣପୁର ପୁଲିସ ଠାରୁ ସୂଚନା ମିଳିଛି। ଆତ୍ମସମର୍ପଣ ପରେ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ କୁମାରୀ ଆୟତେ ନୁରେଟିଙ୍କୁ ଆତ୍ମସମର୍ପଣ ନୀତ ଅନ୍ତର୍ଗତ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶିର ଏକ ଚେକ୍ ପ୍ରଦାନ କରାଯାଇ ସରକାରଙ୍କ ଆତ୍ମସମର୍ପଣ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ଆଗାମୀ କିଛିଦିନ ମଧ୍ୟରେ ପ୍ରଦାନ କରାଯିବା ନେଇ ପୁଲିସ ପକ୍ଷରୁ କୁହାଯାଇଛି।

# ଜିଲ୍ଲାସ୍ତରୀୟ ଭାରତୀୟ ସମବାୟ ସପ୍ତାହ ପାଳିତ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): ୭୧ତମ ଜିଲ୍ଲା ସ୍ତରୀୟ ଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ମଙ୍ଗଳବାର ଜିଲ୍ଲା ସଂସ୍କୃତି ଭବନରେ ଏକ ଉତ୍ସବ ସମବାୟ ସମିତି ସମୁହର ଉପନିବନ୍ଧକ ସନ୍ତୋଷ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ବିକାଶ ପାଇଁ ଚିନ୍ତା କରୁଥିବା ବେଳେ ସମବାୟର ବିକାଶ ପାଇଁ ମଧ ଚିନ୍ତା କରିଛନ୍ତି। ଯେଉଁଥି ପାଇଁ କୃଷି ବିଭାଗରୁ ସମବାୟ ବିଭାଗକୁ ଅଲଗା କରି ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରିବା ସହିତ ଅମିତ ସାହଙ୍କ ଭଳି ଜଣେ ଦକ୍ଷ ମନ୍ତ୍ରୀଙ୍କୁ ସମବାୟ ବିଭାଗର ଦାୟିତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ମଧ କୃଷକମାନଙ୍କ ବିକାଶ ପାଇଁ ଚିନ୍ତା କରୁଥିବାରୁ ସରକାରଙ୍କ ପ୍ରଥମ କ୍ୟାବିନେଟ ବୈଠକରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧ଶହ ଟଙ୍କାକୁ ବୃଦ୍ଧି କରି ପ୍ରସ୍ତାବ ଗୃହିତ କଲେ। ଚଳିତବର୍ଷ ପ୍ରତ୍ୟେକ ଧାନ ମଣ୍ଡିରେ ସି.ସି. ଟିଭି ଲଗାଯାଉଛି। ଏହାଦ୍ୱାରା ଦଲାଲମାନଙ୍କ ଦ୍ୱାରା ଚାଷୀମାନେ ଆଉ ଶୋଷଣର ଶିକାର ହେବେନାହିଁ। ଚାଷୀମାନେ ଯେପରି ମଣ୍ଡିରେ ଧାନ ଦେବାରେ କୌଣସି ସମସ୍ୟାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ସମସ୍ତ ସମବାୟ ସମିତିର କର୍ମକର୍ତ୍ତାମାନେ ଦୃଷ୍ଟିଦେବାକୁ ବିଧାୟକ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ। ଉତ୍ସବରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅନନ୍ତ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସମବାୟ ବ୍ୟାଙ୍କ ପକ୍ଷରୁ ଚାଷୀ ତଥା ସମବାୟ ସମିତିର ସଦସ୍ୟମାନଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା ଯୋଗଦେଇ କୃଷି ଓ କୃଷକର ବିକାଶ ପାଇଁ ସମବାୟ ସମିତି ଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସେହିପରି ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ ଯୋଗଦେଇ କହିଲେ ଯେ ଆମ୍ଭେମାନେ ସମବାୟ ସମିତିର ଆତ୍ମା ଭାବରେ କାର୍ଯ୍ୟ କଲେ ସମବାୟ ସଂସ୍ଥା ଗୁଡିକର ଉନ୍ନତି ସମ୍ଭବ ହୋଇପାରିବ। କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟିର ସଭାପତି ପ୍ରମୋଦ ସାହୁ ମଧ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ଓ ରଚନା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟ ସ୍ତରରେ ପ୍ରଥମ ହୋଇଥିବା ଜମଧର ପ୍ରାଥମିକ କୃଷି ସମବାୟ ସମିତି, ଦ୍ୱିତୀୟ ହୋଇଥିବା ଭରତପୁର ପ୍ରାଥମିକ କୃଷି ସମବାୟ ସମିତି, ତୃତୀୟ ହୋଇଥିବା କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତି ସମେତ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ଓ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟିକୁ ମଧ ପୁରସ୍କୃତ କରାଯାଇଥିଲା। ଶେଷରେ ସମବାୟ ସମିତି ସମୁହର ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଭାବଗ୍ରାହୀ କଳା ନିକେତନର କଳାକାରମାନେ ଆବାହନୀ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ସମବାୟ ସମିତି ଗୁଡିକର କର୍ମକର୍ତ୍ତା ଓ ସମ୍ପାଦକମାନେ ଯୋଗଦେଇଥିଲେ।

# ଜିଲ୍ଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ 'ମଣ୍ଡେଇ' ଶୁଭାରମ୍ଭ



ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ଜିଲ୍ଲା ସ୍ତରୀୟ ସାଂସ୍କୃତିକ ଗଣପର୍ବ ତଥା ଲୋକମହୋତ୍ସବ ମଣ୍ଡେଇ-୨୦୨୪ କାର୍ଯ୍ୟକ୍ରମର ଶୁଭାରମ୍ଭ ନନ୍ଦାହାଣ୍ଡି ବ୍ଲକ୍ ଧଣ୍ଡ୍ରା ଗ୍ରାମ ସ୍ଥିତ ଶ୍ରୀ ଝାଡେଶ୍ୱର ଶୈବପୀଠ ଓ ମା' ଡଙ୍ଗରଦେଇ ମନ୍ଦିରରୁ ଶୁଭାରମ୍ଭ ହୋଇଥିଲା। ମନ୍ଦିରରେ ବିଦ୍ଧିବଦ୍ଧ ଭାବରେ ପୂଜାର୍ଚ୍ଚନା ପରେ ପାରମ୍ପରିକ ଲାଠି, କୁର୍ଚି, ବିହନ ଟାଙ୍ଗୁଡି ସହ ନାଚଗୀତ ଓ ମସାଲ ସହିତ ଏକ ଶୋଭାଯାତ୍ରା ବାହାରି ସଭା ସ୍ଥଳରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ୧୮ଟି ସାଂସ୍କୃତିକ ଦଳ ଶୋଭାଯାତ୍ରାରେ ଭାଗ ନେଇଥିଲେ କ୍ଷ ବିଭିନ୍ନ ସ୍ଥାନରୁ ଆସିଥିବା ଗୁଣିଆ, ଶିରା, ପୂଜାରୀ, ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ମଣ୍ଡେଇ-୨୦୨୪ର ଶୁଭାରମ୍ଭ ହୋଇଥିଲା। ପୂର୍ବାହ୍ନ ୧୦ ଘଟିକା ସମୟରୁ ମଣ୍ଡେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ହଜାର ହଜାର ଲୋକଙ୍କ ଉପସ୍ଥିତ ମଣ୍ଡେଇ ଶୁଭାରମ୍ଭର ଏହି କାର୍ଯ୍ୟକ୍ରମଟି ସ୍ଥାନୀୟ ଅଞ୍ଚଳରେ ଉତ୍ସବମୁଖର କରିଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ତଥା ଜିଲ୍ଲା ସାଂସ୍କୃତିକ ପରିଷଦ ଅଧ୍ୟକ୍ଷ ଡଃ ଶୁଭଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ମୂଖ୍ୟ ଅତିଥି ଭାବରେ ରାଜ୍ୟ ସରକାରଙ୍କ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା, ଜାତି-ଜନଜାତି-ସଂଖ୍ୟାଲଘୁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ସମ୍ମାନୀତ ଅତିଥି ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଓ ନବୀନ ଚନ୍ଦ୍ର ନାୟକ, ଉପ-ଜିଲ୍ଲାପାଳ ପ୍ରକାଶ ମିଶ୍ର, ଆରକ୍ଷୀ ଅଧିକ୍ଷକ ନବରଙ୍ଗପୁର ମିହିର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଓ ନବରଙ୍ଗପୁର ବ୍ଲକର ବିଭିନ୍ନ ମହିଳା ମଣ୍ଡଳୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜା ସରିବା ପରେ ମଶାଲକୁ ମନ୍ତ୍ରୀ ବିଧାୟକ ଏବଂ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସ୍ଥାନୀୟ ମଣ୍ଡେଇ ପଡିଆରେ ପହଞ୍ଚିବା ପରେ ପୁଣି ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ତେନ୍ତୁଳୀଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀ, ନନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ସାହୁ, ନବରଙ୍ଗପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡଃ ସୁନୀଲ ଖୁରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ସଭ୍ୟ କୃଷ୍ଣାମଞ୍ଜରୀ ବିଷୋୟୀ,ରତିକାନ୍ତ ପଣ୍ଡା, ଅରୁଣ ମିଶ୍ର, ଦିବ୍ୟଦାନ ସୁନା, ଜୟମଣି ସମରଥ, ବ୍ଲକ୍ ଅଧ୍ୟକ୍ଷା ନିଳନ୍ଦ୍ରୀ ନାୟକ, ରଶ୍ମୀତା ମାଝୀ, ଶରତ ଭତ୍ରା, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ସଦନ ଗୌଡ, ନନ୍ଦିନୀ ସମରଥ, ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ, ନବରଙ୍ଗପୁର, ନନ୍ଦାହାଣ୍ଡି ଏବଂ ତେନ୍ତୁଳୀଖୁଣ୍ଟି ବ୍ଲକ୍‌ର ସରପଞ୍ଚ ସମିତି ସଭ୍ୟ, ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ମୁନା ତ୍ରିପାଠୀ,ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ଇଂ ଚନ୍ଦନା ମଲ୍ଲିକ ପରିଚାଳନା କରିଥିଲେ। ସନ୍ଧ୍ୟା ସମୟରେ ରକ୍‌ଷ୍ଟାର ରୁକୁ ସୁନାଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଷଷ୍ଠ ଜିଲ୍ଲା ପରିଷଦର ପଞ୍ଚମ ସାଧାରଣ ବୈଠକ




କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଷଷ୍ଠ ଜିଲ୍ଲା ପରିଷଦର ପଞ୍ଚମ ସାଧାରଣ ବୈଠକ ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପ୍ରାରମ୍ଭରେ ଗଣାଧମରେ ଜିଲ୍ଲାପାଳଙ୍କ ମନ୍ତବ୍ୟକୁ ପ୍ରତିବାଦ କରି ୨୭ନମ୍ବର ଜିଲ୍ଲା ପରିଷଦ ଜୋନର ସଭ୍ୟା ପ୍ରବୀଣା ଦାସ ପ୍ରଶ୍ନ ଉଠାଇଥିବା ବେଳେ ଅନ୍ୟ ସଦସ୍ୟ/ସଦସ୍ୟା ଓ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ଏହାର ଦୃଢ ପ୍ରତିବାଦ କରିଥିଲେ। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମଧ ଜିଲ୍ଲାପାଳଙ୍କ ଗଣମାଧ୍ୟମରେ ଏଭଳି ମନ୍ତବ୍ୟକୁ ନାପସନ୍ଦ କରିଥିଲେ। ଏହାପରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ତାଙ୍କ ମନ୍ତବ୍ୟକୁ କଦର୍ଥ କରାଯାଇଥିବାର ସ୍ପଷ୍ଟୀକରଣ ଦେଇ ସେଥିନିମନ୍ତେ ଦୁଃଖ ପ୍ରକାଶ କରିଥିଲେ। ଅନ୍ୟଜଣେ ଜିଲ୍ଲା ପରିଷଦ ସଦସ୍ୟ ଆଜି ସଂସ୍କୃତି ଭବନରେ ହେବାକୁ ଥିବା ସମବାୟ ବିଭାଗର ଉତ୍ସବ ପାଇଁ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ଜିଲ୍ଲାର ବିଧାୟକମାନଙ୍କ ନାମ ପ୍ରୋଟୋକଲ ଅନୁଯାୟୀ ରଖାଯାଇ ନଥିବାରୁ ଏବଂ ବିଭିନ୍ନ ଗଣମାଧ୍ୟମରେ ଏସମ୍ପର୍କିତ ଖବର ପ୍ରକାଶ ପାଇଥିବା ନେଇ ପ୍ରଶ୍ନ କରିଥିଲେ। ଆଳି ବିଧାୟକ ପ୍ରତାପକେଶରୀ ଦେବ ମଧ ଏଭଳି ଥରେ ନୁହେଁ ବାରମ୍ବର କରାଯାଉଥିବାରୁ ତା'ର ନିନ୍ଦା କରିଥିଲେ। କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମଧ ଏଭଳି ଘଟଣାର ଦୃଢ ନିନ୍ଦା କରିଥିଲେ। ଏହାକୁ ନେଇ ଗୃହରେ ହୋହାଲ୍ଲା ସୃଷ୍ଟି ହୋଇଥିଲା। ଜିଲ୍ଲାପାଳ ଭବିଷ୍ୟତରେ ଏଭଳି ଆଉ ହେବ ନାହିଁ ବୋଲି କହିବା ପରେ କହିବା ପରେ ଗୃହ ଥମ୍ ପଡିଥିଲା। ଜିଲ୍ଲାପାଳ ଗୃହରେ ଦାନା ବାତ୍ୟାରେ ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସରକାରଙ୍କୁ ପଠାଯାଇଥିବା ରିପୋର୍ଟ ଉପସ୍ଥାପନା କରିବା ସହ ଜିଲ୍ଲାକୁ ମିଳିଥିବା ଘରଭଙ୍ଗା ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ନିଲୁ ମହାପାତ୍ର ସୂଚନା ଦେଇଥିଲେ ଯେ ଆଜି ପଞ୍ଚାୟତିରାଜ ବିଭାଗରୁ ଆସିଥିବା ପତ୍ର ଅନୁଯାୟୀ ବାତ୍ୟାପ୍ରଭାବିତ ଅଞ୍ଚଳର ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ୭କୋଟି ୪ଲକ୍ଷ ଟଙ୍କା, ଅଙ୍ଗନୱାଡିକେନ୍ଦ୍ର ଗୃହ ନିର୍ମାଣ ଓ ମରାମତି ପାଇଁ ୩କୋଟି ୬୬ଲକ୍ଷ ଟଙ୍କା ଏବଂ ରାସ୍ତା ପୁନଃନିର୍ମାଣ ପାଇଁ ୨୦କୋଟି ଟଙ୍କା ଜିଲ୍ଲାକୁ ମଞ୍ଜୁରି ମିଳିଛି। ଏହାପରେ ଯୋଗାଣ ବିଭାଗର ରାସନକାର୍ଡ ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ୮୨ପ୍ରତିଶତ ଅର୍ଥାତ ରାସନକାର୍ଡ ଥିବା ୨ଲକ୍ଷ ୧୨ହଜାର ହିତାଧିକାରୀଙ୍କ ଇ.କେୱାଇସି ସମ୍ପନ୍ନ କରାଯାଇଥିବା ସିଏସଓ ତଥ୍ୟ ପ୍ରଦାନ କରିଥିଲେ। ସମସ୍ତ ରାସନ କାର୍ଡଧାରୀମାନଙ୍କ ଇ.କେୱାଇସି କାର୍ଯ୍ୟ ଶେଷ ହେବା ପରେ ନୂତନ ଆବେଦନ ଗୁଡିକ ସମ୍ପର୍କରେ ବିଚାର କରାଯିବ। ବିଭାଗ ପକ୍ଷରୁ ନୂତନ ଡିଲର ନିଯୁକ୍ତି କରାଗଲେ ସ୍ୱୟଂ ସହାୟିକା ଗୋଷ୍ଠି, ସମବାୟ ସଂସ୍ଥା ଓ ପଞ୍ଚାୟତରାଜ ଅନୁଷ୍ଠାନକୁ ଏଥିପାଇଁ ଲାଇସେନ୍ସ ପ୍ରଦାନ କରାଯାଇପାରିବ ଆଉ ବ୍ୟକ୍ତଗତ ଲୋକଙ୍କୁ ଏଥିନିମନ୍ତେ ଲାଇସେନ୍ସ ଦିଆଯାଇପାରିବ ନାହିଁ ବୋଲି ସିଏସଓ କହିଥିଲେ। ୮ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଶ୍ମୀରଞ୍ଜନ ରାଉତ ୫୩ନମ୍ବର ଜାତୀୟ ରାଜପଥ ୮ଲେନ ବିଶିଷ୍ଟ କରାଯାଉଥିବା ବେଳେ ସେହି ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ନାଳକୁ ପୋତି ଦିଆଯାଉଥିବାରୁ ଜଳ ନିଷ୍କାସନ ହୋଇପାରିବ ନାହିଁ। ଫଳରେ ଉଭୟ ପାର୍ଶ୍ୱରେ ଥିବା ୨ଶହ ଏକର ଜମି ଚଳିତ ବର୍ଷ ଚାଷ କରାନଯାଇ ପଡିଆ ରହିଥିବା କହିବା ସହ ଏଥିନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଥିଲେ। ଏ ସମ୍ପର୍କରେ ସମସ୍ତ ବିଧାୟକ ମତାମତ ପ୍ରଦାନ କରିବା ପରେ ଜିଲ୍ଲାପାଳ ଜାତୀୟ ରାଜପଥର ରାଜ୍ୟ କର୍ତ୍ତୃପକ୍ଷଙ୍କ ସହ ଏନେଇ ଏକ ବୈଠକ ଡକାଇବାକୁ ଡ୍ରେନେଜ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷାଙ୍କୁ ଅବଜ୍ଞା କରି ପକଳ୍ପ ଜିଲ୍ଲାପାଳଙ୍କୁ ପଠାଇଥିବାରୁ ତାହା ଅତ୍ୟନ୍ତ କ୍ଷୋଭର ବିଷୟ ଏବଂ ଏଭଳି କାର୍ଯ୍ୟକୁ ଭବିଷ୍ୟତରେ ଆଉ ବରଦାସ୍ତ କରାଯିବନି ବୋଲି କହିଥିଲେ। ଏ ସମ୍ପର୍କରେ କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା ମୁଖ୍ୟ ଶାସନ ସଚିବ ଏବଂ ପଞ୍ଚାୟତିରାଜ ବିଭାଗ ସଚିବକୁ ଜଣାଇଥିବା କହିଥିଲେ। ଜିଲ୍ଲାପାଳ ସେହି ପ୍ରକଳ୍ପର ପ୍ରସ୍ତାବ ଗୁଡିକୁ ତାଙ୍କୁ ପ୍ରଦାନ କରିବା ପରେ ସେ ସରକାରଙ୍କ ପଞ୍ଚାୟତିରାଜ ବିଭାଗକୁ ସେସବୁ ପ୍ରକଳ୍ପ ଗୁଡିକୁ ପଠାଇଦେବେ ବୋଲି କହିଥିଲେ। ଗୋବରୀ ନଦୀ ସମେତ ଅନ୍ୟାନ୍ୟ ନଦୀ, କେନାଲ ଓ ନାଳ ଗୁଡିକରୁ ଦଳ ସଫା କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସିଡିଓ ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ସାଂସଦଙ୍କ ପ୍ରତିନିଧି ସଞ୍ଜୟ କୁମାର ରଥଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବ୍ଲକ ଗୁଡିକର ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଯନ୍ତ୍ରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ଭବିଷ୍ୟତ ପାଇଁ ଆହ୍ୱାନ' ୟୁନିସେଫ୍‌ର ବାର୍ତ୍ତା




ପୁରୀ (ଭାସ୍କର ନ୍ୟୁଜ୍): ବିଶ୍ୱ ଶିଶୁ ଦିବସ ପାଳନ କରିବା ଅବସରରେ ୟୁନିସେଫ୍ ଓଡ଼ିଶା ଦ୍ୱାରା ବୁଧବାର ଦିନ ପୁରୀରେ ଏକ ବାଲୁକା କଳା ପ୍ରଦର୍ଶନୀ ହୋଇଥିଲା। ଏହି ବର୍ଷର ଥିମ୍ 'ଭବିଷ୍ୟତ ପାଇଁ ଆହ୍ୱାନ୍' ଉପରେ ଥିବା ଚିତ୍ରକଳା, ପିଲାମାନଙ୍କର ହସୁଥିବା ଚେହେରାକୁ ପ୍ରଦର୍ଶନ କରି ଭବିଷ୍ୟତ ଗଠନରେ ସେମାନଙ୍କ ମତର ଗୁରୁତ୍ୱକୁ ଦର୍ଶାଇଲା। ଜଣାଶୁଣା ବାଲୁକା କଳାକାର ମାନସ ସାହୁ ଆଠ ଘଣ୍ଟା ମଧ୍ୟରେ ୧୨ ଟନ୍ ବାଲି ବ୍ୟବହାର କରି ୧୫ ଫୁଟ ଓସାର, ୫ ଫୁଟ ଉଚ୍ଚର ବାଲୁକା ମୂର୍ତ୍ତି ନିର୍ମାଣ କରିଥିଲେ। ୧୯୮୯ ରେ ଶିଶୁ ଅଧିକାର ସମ୍ମିଳନୀରେ ପ୍ରତିବର୍ଷ ନଭେମ୍ବର ୨୦ରେ ବିଶ୍ୱ ଶିଶୁ ଦିବସ ପାଳନ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ପିଲାମାନଙ୍କୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥାଏ ଏବଂ ସେମାନଙ୍କୁ ସେମାନଙ୍କର ଅଧିକାର ପାଇଁ ନିଜର ମତ ରଖିବାକୁ ସାହାସ ଦେଇଥାଏ। ୟୁନିସେଫ୍ ଓଡିଶା ରାଜ୍ୟ ଅଫିସ୍ ମୁଖ୍ୟ ୱିଲିୟମ୍ ହାନଲୋନ୍ (ଜୁନିଅର୍) ଏହି ଅବସରରେ କହିଛନ୍ତି ଯେ, ଆଜି ଜଳବାୟୁ ପରିବର୍ତ୍ତନ, ବହୁଳ ପ୍ରଯୁକ୍ତିବିଦ୍ୟା ଏବଂ ଜନସଂଖ୍ୟା ପରିବର୍ତ୍ତନ ସହିତ ପିଲାମାନେ ଅପ୍ରତ୍ୟାଶିତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅସୁବିଧାଗୁଡ଼ିକ ପାଇଁ ୨୦୫୦ ସୁଦ୍ଧା ଆମେ ତାଙ୍କୁ କେଉଁ ପ୍ରକାରର ବାଲ୍ୟ ସମୟ ପ୍ରଦାନ କରିବାକୁ ଚାହୁଁଛୁ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଏହି ବାଲୁକା କଳା ମାଧ୍ୟମରେ ଆମେ ଏକ ସକରାତ୍ମକ ବାର୍ତ୍ତା ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ ଏବଂ ପ୍ରତ୍ୟେକ ଶିଶୁର ଅଧିକାର ତଥା କଲ୍ୟାଣ ପାଇଁ ଆମର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛୁ। ୟୁନିସେଫ୍‌ର ବିଶ୍ୱ ଶିଶୁ ଦିବସ ୨୦୨୪ ପଦକ୍ଷେପ ପିଲାମାନଙ୍କୁ ସେମାନଙ୍କର ଭବିଷ୍ୟତ ବିଷୟରେ କଳ୍ପନା କରିବାକୁ ଏବଂ ବୟସ୍କମାନଙ୍କ ସହିତ କଥାବାର୍ତ୍ତା କରିବାକୁ ଉତ୍ସାହିତ କରେ। ପିଲାମାନଙ୍କର ଦୃଷ୍ଟିକୋଣ ଗ୍ରହଣ କରିବା ଦ୍ୱାରା ଆମେ ସେମାନଙ୍କ ପାଇଁ ଏକ ଉତ୍ତମ ବିଶ୍ୱ ସୃଷ୍ଟି କରିବା ପାଇଁ ଏକତ୍ର କାର୍ଯ୍ୟ କରିପାରିବା।

## ଭୀମ ଭୋଇ ସାମର୍ଥ୍ୟ ଶିବିର

# ରେକର୍ଡ ସଂଖ୍ୟକ ୮୨୦ ଭିନ୍ନକ୍ଷମ ପଞ୍ଜୀକୃତ

ଭୁବନ (ଭାସ୍କର ନ୍ୟୁଜ୍): ଭୁବନ ବ୍ଲକ ପ୍ରଶାସନ ତରଫରୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମାନସିକ ଅନଗ୍ରସର ୨୦୯ ଜଣ, ଅସ୍ଥିଶଲ୍ୟ ୩୫୭ ଜଣ, ଦୃଷ୍ଟିବାଧକ ୧୧୯ଜଣ, ଶ୍ରବଣ ବାଧକ ୧୧୯ ଜଣ ଓ ଶିଶୁ ବିଭାଗ ରେ ୧୬ ଜଣ ସମୁଦାୟ ୮୨୦ ଜଣଙ୍କୁ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ୮୨୦ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହେବା ସର୍ବକାଳୀନ ରେକର୍ଡ଼ ବୋଲି କୁହାଯାଉଛି। ସେଥି ମଧ୍ୟରୁ ୨୧ ଜଣଙ୍କୁ ବସ୍‌ପାସ, ୩ ଜଣଙ୍କୁ ବାଣୀଶ୍ରୀ ବୃତ୍ତି ଓ ୧୦ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା। ବିଡିଓ ଆୟୁସୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ଡାକ୍ତରମାନେ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରି ଭିନ୍ନକ୍ଷମ ଉପକରଣ, ଔଷଧ, ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଆକାଉଣ୍ଟ ଅଫିସର ପ୍ରଶାନ୍ତ କୁମାର ବିଶ୍ୱାଳ, ସାମାଜିକ ସୁରକ୍ଷା ଅଧିକାରୀ ବିଜନ କୁମାର ମିଶ୍ର ଓ ସମସ୍ତ କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ। ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ଏନ୍‌ଏସଏସ, ଭୁବନ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ଆଣ୍ଡ ଗାଇଡ୍ ଛାତ୍ର ଏବଂ ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



# କେନାଲ ସଫେଇ ନାଁରେ ଲକ୍ଷାଧିକ ଟଙ୍କା ଚଳୁ ମସୁଧା

ଗୋପ (ଭାସ୍କର ନ୍ୟୁଜ୍): କେନାଲ ସଫେଇ ନାଁରେ ଲକ୍ଷାଧିକ ଟଙ୍କା ଚଳୁ ମସୁଧା। ବଡ ବଡ ଗଛଲତାରେ ଭର୍ତ୍ତି ହୋଇଛି କେନାଲ ଶଯ୍ୟା। ତଳମୁଣ୍ଡରେ ପହଞ୍ଚୁନି ପାଣି । ଯାହାକୁ ନେଇ ଚାଷୀମହଲରେ ଅସନ୍ତୋଷ ଦେଖାଦେଇଛି। ଗୋଟିଏ ପଟେ ଏହାକୁ ଦେଖିଲେ ସରକାର ଚାଷୀମାନଙ୍କ ପାଇଁ କରୁଥିବା କୋଟିକୋଟି ଟଙ୍କାର ଯୋଜନା ପଥଭ୍ରଷ୍ଟ ହେଉଥିବା ବେଳେ ଅନ୍ୟପଟେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଥିବା ଏହି ସଫେଇ କାର୍ଯ୍ୟରେ କୋଟିକୋଟି ଟଙ୍କା ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଗୋପ ଜଳସଂପଦ ବିଭାଗରେ । ଏନେଇ ଗୋପ ସହକାରୀ ନିର୍ବାହୀଯନ୍ତ୍ରୀ, ନିମାପଡା ନିର୍ବାହୀଯନ୍ତ୍ରୀ, ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ଦପ୍ତରରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ କୌଣସି ସୁଫଳ ମିଳୁନି। ସୂଚନା ମୁତାବକ ଚାଷୀମାନଙ୍କ ବିଲରେ ପାଣି ପହଞ୍ଚିବା ପାଇଁ କେନାଲର ତଳମୁଣ୍ଡରେ ପାଣି ପହଞ୍ଚିବା ନେଇ କେନାଲ ସଫେଇ ବାବଦରେ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ତାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି ପୁରୀ ଜିଲ୍ଲା ନିମାପଡା ଜଳସମ୍ପଦ ସ୍ୱ-ଡିଭିଜନ ଅର୍ନ୍ତଗତ ଗୋପ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ। ଗୋପ ସେକ୍ସନ ଏବଂ ଗଣେଶ୍ୱରପୁର ସେକ୍ସନ ଅଧିନରେ ଥିବା ଗୋପ ବ୍ରାଞ୍ଚ କେନାଲ ଓ ନିମାପଡା ବ୍ରାଞ୍ଚ କେନାଲ ସମେତ ଏହାର ଅର୍ନ୍ତଗତ ଥିବା ମାଇନର, ସବ-ମାଇନର ଓ ଡିଷ୍ଟ୍ରିବ୍ୟୁଟାରୀ କେନାଲରେ ଏହି ଦୁର୍ନୀତି ଦେଖାଦେଇଛି। ଖରିଫ ଋତୁ ଚାଷ ପାଇଁ କେନାଲର ତଳମୁଣ୍ଡରେ ପାଣି ପହଞ୍ଚିବା ପାଇଁ ସରକାରଙ୍କ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ମାତ୍ର ଗୋପ ଓ ଗଣେଶ୍ୱରପୁର ସେକ୍ସନ ଦାୟିତ୍ୱରେ ଥିବା ସହକାରୀଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ହୋଇଥିବା ସଫେଇ କାର୍ଯ୍ୟରେ ବ୍ୟାପକ ଦୁର୍ନିତି ହୋଇଥିବା ନେଇ ଜିଲ୍ଲାପାଳ, ସହକାରୀ ନିର୍ବାହୀଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀଙ୍କ ସମେତ ବିଭିନ୍ନ ଦପ୍ତରରେ ବାରମ୍ବାର ଅଭିଯୋଗ ହୋଇଥିଲା। ମାତ୍ର ଏଥିପ୍ରତି କେହି ଦୃଷ୍ଟି ଦେଇନଥିଲେ କି କୌଣସି ଅଧିକାରୀ କାର୍ଯ୍ୟ ସମୟରେ ତଦାରଖ କରିବାକୁ ଯାଇନଥିଲେ। ଫଳରେ ଠିକାଦାର ତାର ମନଇଚ୍ଛା କାର୍ଯ୍ୟ କରିଥିଲା। କେନାଲର ଉଭୟ ପାର୍ଶ୍ୱ ବନ୍ଧ ସମେତ କେନାଲ ଶଯ୍ୟାକୁ ଭଲ ଭାବରେ ସଫା କରିବା ସହିତ ଘାଇ, ଘଳିଆ ଓ ଦୁର୍ବଳ ସ୍ଥାନକୁ ମରାମତି କରିବା ପାଇଁ ଚୁକ୍ତି ଥିବା ବେଳେ ଠିକାଦାର ଘାସ ଚଞ୍ଛା ନାମରେ କେନାଲ ଶଯ୍ୟାରେ କେବଳ ଜେସିବି ଚଲାଇ ନେଇ ଯାଇଥିବାର ଦେଖିବାକୁ ମିଳିଥିଲା। ଏପରିକି ଓଡମ୍ବା ମାଇନର, ଇଛାପୁର ମାଇନର, ଏରବଙ୍ଗ ମାଇନର ପରି ଅନେକ କେନାଲ ଲୋକଦେଖାଣିଆ ଭାବେ ସାମାନ୍ୟ କିଛି ଅଂଶ ଚାଞ୍ଛି ଠିକାଦାର ସମ୍ପୃକ୍ତ ଯନ୍ତ୍ରୀଙ୍କୁ ହାତ ବାରସୀ କରି ଛୁ' ମାରିଥିବା ବେଳେ ଅଧିକାଂଶ କେନାଲ ଶଯ୍ୟା ସେମିତି ବେଣାପାଟ ଓ ଘାସ ଲତାରେ ପରିପୂର୍ଣ୍ଣ ହୋଇ ରହିଥିବା ଦେଖିବାକୁ ମିଳିଛି। ଫଳରେ କେନାଲ ତଳମୁଣ୍ଡରେ ପାଣି ନପହଞ୍ଚିବାରୁ ଓଡମ୍ବା ଗ୍ରାମ ସମେତ ବିଭିନ୍ନ ଅଞ୍ଚଳର ଚାଷୀ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସଂଗ୍ରାମ ମହାନ୍ତିଙ୍କ ଉପସ୍ଥିତିରେ ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରାଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ଖୁବ୍‌ଶିଘ୍ର ସଫେଇ କରାଯିବ ବୋଲି ପ୍ରତିଶୃତି ଦେଇଥିବା ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରା ପରମୂହୁର୍ତ୍ତରେ ତାଙ୍କ ପ୍ରତିଶୃତିକୁ ଭୂଲିଯାଇଥିଲେ। ଚାଷୀମାନେ ତାଙ୍କ ନିକଟକୁ ବାରମ୍ବାର ଦୌଡି ନିରାଶ ହେବାପରେ ପାଣି ପମ୍ପ ସାହାଯ୍ୟରେ ଚାଷ ଜମିରେ ପାଣି ମଡାଇଥିବା ଚାଷୀ ପ୍ରଶାନ୍ତ ସ୍ୱାଇଁ, ଅଶୋକ ସ୍ୱାଇଁ, କାଳନ୍ଦୀ ଭୂୟାଁ ପ୍ରମୁଖ କହିଛନ୍ତି। ଗତବର୍ଷ ମଧ ଠିକାଦାର ଏହି କେନାଲରୁ ଘାସ ନଚାଞ୍ଛି ଲକ୍ଷାଧିକ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଥିଲା। ଘାସ ନଚାଞ୍ଛି ଠିକାଦାର ତାର ବିଲ୍ ନେଇ ଛୁ' ମାରିଥିବା ବେଳେ ଚାଷୀଙ୍କୁ କେନାଲ ସଫେଇ କରିବାକୁ କହି ସହକାରୀ ଯନ୍ତ୍ରୀ ଇଂ ବେହେରା ସେମାନଙ୍କୁ ତାଙ୍କ ପ୍ରାପ୍ୟ ଦେଇନଥିବା ମଧ ବାରମ୍ବାର ଚାଷୀମାନେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ମହାନ୍ତିଙ୍କ ନିକଟରେ ଅଭିଯୋଗ କରି ନିରାଶ ହୋଇଥିବା ଅଭିଯୋଗ କରିଛନ୍ତି ଚାଷୀ। ସେହିପରି ଚଳିତବର୍ଷ ମରାମତି ଅଭାବରୁ ଗତ କିଛି ଦିନ ତଳେ ନିମାପଡା ବ୍ରାଞ୍ଚ୍ କେନାଲର ମୁରାରୀପୁର ଠାରେ ଏକ ୨୦ ଫୁଟ୍‌ର ଘାଇ ହୋଇ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଥିଲା। ମାତ୍ର ଅଧିକାରୀଙ୍କୁ ହାତବାରିସୀ କରି ଠିକାଦାରମାନେ ସେମାନଙ୍କ ରନିଂ ବିଲ୍ ନେଇଯାଇଥିବା ବେଳେ ଏବେ ଫାଇନାଲ ବିଲ୍ କରିବା ପାଇଁ ମସୁଧା ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ହେଲେ କଣ ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀ ଚାଷ ଓ ଚାଷୀମାନଙ୍କୁ ଅଣଦେଖା କରି କେନାଲ ସଠିକ୍ ଭାବେ ସଫେଇ କରିନଥିବା ଠିକାଦାରଙ୍କୁ ସେମାନଙ୍କ ଅର୍ଥ ମଞ୍ଜୁର କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ବିଭାଗୀୟ ସଚିବ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବା ସହ ଭିଜିଲାନ୍ସ ତଦନ୍ତ କରାଗଲେ ଲକ୍ଷାଧିକ ଟଙ୍କାର ଦୁର୍ନିତି ଲୋକଲୋଚନକୁ ଆସିବ ବୋଲି ଦୁର୍ନିତି ନିବାରଣ ମଞ୍ଚର ଆବାହକ ଗଙ୍ଗାଧର ପାଇକରାୟଙ୍କ ସମେତ ଚାଷୀମାନେ ଦାବି କରିଛନ୍ତି।





ବଡ଼ଚଣା (ଭାସ୍କର ନ୍ୟୁଜ୍) : ବୁଧବାର ଚଣ୍ଡିଖୋଲ ସ୍ଥିତ ଶାନ୍ତି ମଣ୍ଡପ ଠାରେ ବଡଚଣା ବିଜେଡ଼ି ପକ୍ଷରୁ ଏକ ବନ୍ଧୁ ମିଳନ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେଡ଼ି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇ ମିଛ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିବା ବିଜେପି ସରକାର ଲୋକମାନଙ୍କ କାମ ନକରି ପୂର୍ବ ସରକାରଙ୍କ ଯୋଜନାକୁ ନାମ ବଦଳାଇ କାର୍ଯ୍ୟ କରିବା ସହିତ ନିର୍ବାଚନ ବେଳେ ଲୋକେମାନଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହେବା ସହିତ ରାଜ୍ୟରେ ଦରଦାମ୍ ବୃଦ୍ଧି, ନାରୀ ନିର୍ଯାତନା ବୃଦ୍ଧି, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ୍ ବ୍ୟବସ୍ଥା, ଚୋରୀ ଡ଼କାୟତି ରାହାଜାନୀ ବୃଦ୍ଧି ପାଇଛି। ଏଥିପ୍ରତି ଆଗମୀ ଦିନରେ ବଡଚଣା ବ୍ଲକ୍ ବିଜେଡ଼ି ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବା ସହିତ ଦଳର ସଂଗଠନକୁ ମଜବୁତ୍ କରାଯିବା। ଏହି ବନ୍ଧୁ ମିଳନ ଉତ୍ସବରେ ପୂର୍ବତନ ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନନ୍ଦ, ମନ୍ଦିନୀ ଜେନା, ଧନେଶ୍ୱର୍ ସାମଲ, ରଞ୍ଜନ ଦାସ, ରମେଶ ପୃଷ୍ଟି , ଦିପ୍ତିମୟୀ ବେହେରା, ଜ୍ଞାନ ରଞ୍ଜନ ସାହୁ, ସଞ୍ଜୟ ବେହେରା, ମୋମିନ୍ ଅଲ୍ଲି, ଗଣେଶ୍ୱର ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାର ଅଂଶ ଗ୍ରହଣ କରିଥିଲେ। ଶେଷରେ ପବନେଶ୍ୱର ଜେନା ଧନ୍ୟ ବାଦ ଅର୍ପଣ କରିଥିଲେ।



### ସୂଚନା ଫଳକ ଲାଗିଛି, କିନ୍ତୁ ଦେଖା ନାହିଁ ଗଛ

# ଜିଲ୍ଲା ଡିଏମ୍ଏଫ୍ ଫଣ୍ଡରୁ କୋଟି କୋଟି ଟଙ୍କା ଲୁଟ୍



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଗଛ ଲଗାଇବା ଆଳରେ ସୂଚନା ଫଳକ ଲଗାଇ ଡିଏମଏଫ ଫଣ୍ଡରୁ ଲୁଟି ନେଲେ କୋଟି କୋଟି ଟଙ୍କା। ସରକାରଙ୍କ ଯୋଜନା ଥିଲା ଉଦ୍ୟାନ ସୃଷ୍ଟି କରି ପରିବେଶକୁ ସନ୍ତୁଳିତ କରିବା ଏବଂ ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା।ଆଉ ଏଥି ପାଇଁ ସରକାର ଜିଲ୍ଲା ଖଣିଜ ପାଣ୍ଠିରୁ ଉଦ୍ୟାନ ବିଭାଗ ମାଧ୍ୟମ ରେ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରିଛନ୍ତି। ହେଲେ ନିର୍ଦ୍ଦିଷ୍ଟ ଏକ ସ୍ୱେଚ୍ଛାସେବୀ ସଂଗଠନ କିଛି କାର୍ଯ୍ୟ ନକରି ବିଭାଗ ର କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ସହଯୋଗରେ ଯୋଜନା ଅର୍ଥ ହଡପ କରୁଛନ୍ତି । ଗଛ ଲଗାଇବା ଆଳରେ କେବଳ ସୂଚନା ଫଳକ ଲଗାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି।ପଡ଼ିଆରେ ଗଛ ର ନାଁ ନାହିଁ ହେଲେ କେବଳ ଫଳକ ରେ ସିମିତ ରହିଛି ଗଛ ସଂଖ୍ୟା। ଏଭଳି ଏକ ନଗ୍ନଚିତ୍ର ଦେଖିବାକୁ ମିଳିଛି। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଝାରବେଡା ଗାଁ ରେ। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ବିମଳା ପଞ୍ଚାୟତ ଝାରବେଡା ଗାଁ ରେ ଡିଏମଏଫ ଫଣ୍ଡରୁ ଉଦ୍ୟାନ ବିଭାଗ ତତ୍ୱାବଧାନରେ ସ୍ୱେଚ୍ଛାସେବୀ ସଂଗଠନ ଓସ୍କା ୨୦୨୪ ମସିହାରେ ଏହି କାର୍ଯ୍ୟ ଆରମ୍ଭ କରିଥିଲା।ଝାରବେଡା ଗାଁ ଖମଣଗୋଡା ପ୍ୟାଚ ନମ୍ବର ୧ରେ ଚାରି ହେକ୍ଟର ୧୫ ଡେସିମିଲି ଜାଗାରେ ୧୧୫୪ ବରକୋଳି ଗଛ ଲଗାଇବା ପାଇଁ ୪୭ ଲକ୍ଷ୧୪ ହଜାର ୯ଶହ ଅଣାନବେ ଟଙ୍କା ଡିଏମଏଫ ଫଣ୍ଡ ଓ ଏନଆରଜିଏସ ଫଣ୍ଡରୁ ଟଙ୍କା ମଞ୍ଜୁର କରାଯାଇଥିଲା।ସେଥିରେ ଫଳ ବଗିଚା ରେ ସୁରକ୍ଷା ବାଡ଼ ସହିତ ଗଛକୁ ପାଣି ଦେବାପାଇଁ ବୋରୱେଲ ଖୋଳାଯିବାର ବ୍ୟବସ୍ଥା ରହିଛି। ତେବେ ଓସ୍କା ସଂସ୍ଥା ତାହା ନକରି ଗଛ ଲଗାଇବା ଫଳରେ ଗଛ ସବୁ ପାଣି ନପାଇ ମରିଯାଇଛି। ସେହିପରି ଖମଣଗୋଡା ପ୍ୟାଚ ନମ୍ବର ୨ରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି।ସେହି ପ୍ୟାଚରେ ସାତ ହେକ୍ଟର ଛଅସ୍ତରି ଡେସିମିଲି ଜାଗାରେ ୨୧୫୩ ଗଛ ଲଗାଇବା ପାଇଁ ୮୪ ଲକ୍ଷ ୪୧ ହଜାର ୯ଶହ ପଞ୍ଚଷଠି ଟଙ୍କା ଉଦ୍ୟାନ ବିଭାଗ ଜରିଆରେ ଡଏମଏଫ ଫଣ୍ଡ ଓ ଏନଆରଜିଏସ ଫଣ୍ଡରୁ ମଞ୍ଜୁର କରାଯାଇଥିଲା। ହେଲେ ସେଠି ମଧ୍ୟ ଗଛକୁ ସୁରକ୍ଷା ଦେବାପାଇଁ ବାଡ଼ ନାହିଁ କି ଗଛକୁ ପାଣି ଦେବାପାଇଁ ବୋରୱେଲ ବ୍ୟାବସ୍ଥା ନଥିବା ଦେଖିବାକୁ ମିଳିଛି। ଫଳରେ ଫଳଗଛ ନଥାଇ କେବଳ ଫଳକ ରେ ଗଛ ସଂଖ୍ୟା ସିମିତ ରହିଛି। ସଂପୃକ୍ତ ସଂସ୍ଥା ଆଗରୁ କେତେ କଣ ଲୁଟି ଛନ୍ତି ତାର ହିସାବ ନଥିବା ବେଳେ ଗୋଟିଏ ବର୍ଷର କାର୍ଯ୍ୟ କୁ ଅନୁଧ୍ୟାନ କଲେ ସବୁ ଅନୁମେୟ କରିହେବ। ଆଗରୁ ଜିଲ୍ଲା ପ୍ରଶାସନର ବଡ଼ବାବୁ ମାନଙ୍କର ହାତ ସ୍ୱେଚ୍ଛାସେବୀ ସଂଗଠନ ର ମାଲିକାଣୀ ଙ୍କ ମୁଣ୍ଡ ରେ ଆର୍ଶିବାଦ ଭଳି ରହିଥିବାରୁ ସଂଗଠନ ବିରୋଧ ରେ ମୁହଁ ଖୋଲିବାକୁ କେହି ସାହାସ କରୁନଥିବା ଜଣାପଡିଛି। ଖାଲି ସେତିକି ନୁହେଁ ତେଲକୋଇ ବ୍ଲକ ରେ ରାଇସୁଆଁ ପଞ୍ଚାୟତ ର କୁଳଙ୍ଗ ଗାଁ ରେ ପାଞ୍ଚଟି ଟି ପ୍ୟାଚ,ରାଣିବେଡା ଗାଁ ରେ ଦୁଇଟି ପ୍ୟାଚ ନୂଆ ଗାଁ ରେ ମଧ୍ୟ ଦୁଇଟି ପ୍ୟାଚ ରହିଛି। ବିମଳା ପଞ୍ଚାୟତ ର ବଳଭଦ୍ର ପୁର ଓ ଟାଙ୍ଗିରି ଗାଁ ରେ ଦୁଇଟି ଲେଖାଏଁ ପ୍ୟାଚରେ ବରକୋଳି ଗଛ ଲଗାଇ ଅର୍ଥ ହଡପ କରାଯାଇଥିବା ବେଳେ ଲେମନ ଗ୍ରାସ ଘାସ ଚାଷରେ ମଧ୍ୟ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି। ଭାତହାଣ୍ଡି ରୁ ଗୋଟିଏ ଭାତ ଚିପି ଲେ ଯେମିତି ଭାତ ହୋଇଛି କି ନାହିଁ ଜଣାପଡ଼େ ସେହିଭଳି ବିମଳା ପଞ୍ଚାୟତ ଝାରବେଡା ଗାଁକୁ ଉଦାହରଣ ଭାବେ ନେଲେ ଫଳବଗିଚା ସୃଷ୍ଟି କରିବା ନାଁ ରେ ତେଲକୋଇ ବ୍ଲକ ରେ ଓସ୍କା ସଂସ୍ଥା କୋଟି କୋଟି ଟଙ୍କାର ଘୋଟାଲା କରିଥିବା ଜଣାପଡିଛି।ଏସର୍ମ୍ପକରେ ଆମେ ତେଲକୋଇ ଉଦ୍ୟାନ ବିଭାଗ ର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ ତେଲକୋଇ ବ୍ଲକ ର ରାଇସୁଆଁ ଓ ବିମଳା ପଞ୍ଚାୟତ ର ବିଭିନ୍ନ ଗାଁ ରେ ଫଳ ଉଦ୍ୟାନ ସୃଷ୍ଟି ପାଇଁ ଡିଏମଏଫ ଫଣ୍ଡ ଓ ଏନଆରଜିଏସ ଫଣ୍ଡରୁ ଅର୍ଥ ମଞ୍ଜୁର କରାଯାଇଛି। ସୁରକ୍ଷା ବାଡ଼ ଓ ବୋରୱେଲ ପାଇଁ ମଧ୍ୟ ସେଥିରେ ବ୍ୟବସ୍ଥା ରହିଛି। ତେବେ କାହିଁକି ସଂପୃକ୍ତ ସଂସ୍ଥା ଏସବୁ ବ୍ୟବସ୍ଥା କରିନାହିଁ ତାହା ଭିଜିଲାନ୍ସ ତଦନ୍ତ ହେବା ଆବଶ୍ୟକ। ତେବେ ଫଳକ ଲଗାଇ ଟଙ୍କା ହଡପ ଘଟଣା ର ତଦନ୍ତ କେବେ ହେବ ତାହା ଦେଖିବାକୁ ବାକି ରହିଲା।

## ମହୁମାଛି ଆକ୍ରମଣରେ ୨ଚାଷୀ ଆହତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଗ୍ରାମର ୨ଜଣ ଚାଷୀ ବାଘୁଆ ମାଛି ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ନିମନ୍ତେ ଉତରକୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବାବୁଜଙ୍ଗ ଗ୍ରାମର ଚାଷୀ ପ୍ରଶାନ୍ତ ମହାନ୍ତି(୫୪) ସରୋଜ କୁମାର ଖୁଂଟିଆ(୪୮) ସ୍ଥାନୀୟ ସାହୁକ୍ଷେତ ଅଂଚଳରେ ଥିବା ତାଙ୍କ ଜମିରୁ ଚାଷ କାର୍ଯ୍ୟ ଶେଷକରି ଏକ ବାଇକ୍ ଯୋଗେ ମହାନଦୀ ବନ୍ଧରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କୁ ବହୁ ସଂଖ୍ୟାରେ ବାଘୁଆ ମହୁମାଛି ଅତର୍କିତ ଭାବେ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ। ଏହି ୨ଚାଷୀ ନିଜର ବାଇକ୍ କୁ ଫୋପାଡି ଦେଇ ଜୀବନ ବିକଳରେ ସ୍ଥାନୀୟ ଅଂଚଳରେ ଥିବା କୁକୁଡା ଫାର୍ମରେ ଆଶ୍ରୟ ନେଇଥିଲେ। ଖବର ପାଇ ସ୍ଥାନୀୟ ଯୁବ ସମାଜସେବୀ ଆଶିଷ ବେଉରା ଏହି ୨ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉତରକୂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ତାଲିମ ଶିବିର ଅନୁଷ୍ଠିତ



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ବୁଧବାର ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମିତ କୁମାର ଜେନା, ଡାକ୍ତର ଜାପାନୀ ମହାପାତ୍ର, ଡାକ୍ତର ମିତା ପଟ୍ଟନାୟକ, ସୌମ୍ୟ ରଞ୍ଜନ ପାତ୍ର, କାହ୍ନୁଚରଣ ମଲିକ, ଡାକ୍ତର ସରିତ ସାଗର, ନିଶ୍ଚିନ୍ତକୋଇଲି ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ପାର୍ବତୀ ନନ୍ଦ, ଅନ୍ନପୂର୍ଣ୍ଣା ପଣ୍ଡା, ସ୍ନେହାଶିଷ ପଣ୍ଡା, ବିଜୟ କୁମାର ନନ୍ଦ ପ୍ରମୁଖ ଯୋଗଦାନକରି ଉପସ୍ଥିତ ସିଆରସିସି ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏହି ଯୋଜନା ସର୍ମ୍ପକରେ ଗଭୀର ଭାବେ ଆଲୋକପାତ କରିବା ସହ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ବିଆରପି ଅନିଳା ଷଡଙ୍ଗୀ, ଗାୟତ୍ରୀ ବଳ, ରଣଜିତ ମଲିକ, ପ୍ରକାଶ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କୁକୁଡ଼ା ଚିଆଁ ବଣ୍ଟନ




ଉମରକୋଟ (ଭାସ୍କର ନ୍ୟୁଜ୍) : ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆଜି ଛଅଟି ପଞ୍ଚାୟତରେ ରକ୍ତ ହୀନତା, ଅପପୁଷ୍ଟି ଏବଂ କମ ଓଜନ ମହିଳାଙ୍କ ନିମନ୍ତେ ପ୍ରତି ଜଣକୁ ପାଞ୍ଚଟି ଲେଖାଁଏ କୁକୁଡ଼ା ଚିଆଁ ପ୍ରଦାନ କରାଯାଇଛି। ଝରିଗାଁ ବ୍ଲକର ଚକଲା ପଦର, ବଡ଼ ଟେମେରା, ଚଟା, ଇଚ୍ଛାପୁର, ପାଲିଆ,ଭାଲୁ କନାଡି ଆଦି ଛଅଟି ପଞ୍ଚାୟତରେ ଅପପୁଷ୍ଟି ଦୂର କରିବା ପାଇଁ ଏବଂ ରକ୍ତ ହୀନତା ସ୍ତ୍ରୀ ସହ ସ୍ୱଳ୍ପ ଓଜନ ବିଶିଷ୍ଟ ପିଲାମାନଙ୍କୁ ୫ ଟି ଲେଖାଏଁ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି। ଝରିଗାଁ ପ୍ରାଣୀ ସମ୍ପଦ ବିଭାଗ ଡାକ୍ତର ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ପ୍ରାଣୀ ସମ୍ପଦ କର୍ତୃପକ୍ଷ ସ୍ୱାସ୍ଥ୍ୟ ବିଭାଗ ଏବଂ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଚିହ୍ନଟ ରକ୍ତ ହୀନତା, ଅପପୁଷ୍ଟି ତଥା ସ୍ୱଳ୍ପ ଓଜନ ପିଲାମାନଙ୍କୁ ଦୈନନ୍ଦିନ ଅଣ୍ଡା ଖାଇବାକୁ ଅଣ୍ଡା ଦିଆ କୁକୁଡ଼ା ଚିଆଁ ପ୍ରଦାନ କରାଯାଇଛି। ବ୍ଲକରେ ରହିଥିବା ରକ୍ତ ହୀନତା,ଅପପୁଷ୍ଟି ଓ ସ୍ୱଳ୍ପ ଓଜନ ପିଲାମାନଙ୍କୁ ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀ ମାନଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ୧୦୯୪ ହିତାଧିକାରୀଙ୍କୁ କୁକୁଡ଼ା ଚିଆଁ ପ୍ରଦାନ କରାଯାଇଥିବା ଡାକ୍ତର ନାୟକ ସୂଚନା ପ୍ରଦାନ କରିଛନ୍ତି। କୁକୁଡ଼ାର ଯତ୍ନ,ଲାଳନପାଳନ କିପରି କରାଯିବ ସେ ନେଇ ହିତାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ବ୍ଲକରେ ରହିଥିବା ପ୍ରାୟ ପାଞ୍ଚ ହଜାର ହିତାଧିକାରୀଙ୍କୁ କୁକୁଡ଼ା ପ୍ରଦାନ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଏବଂ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଭିଟାମିନ୍ ଆଇରନ ବଟିକା ଓ ଅନ୍ୟାନ୍ୟ ଔଷଧ ପ୍ରଦାନ କରାଯାଉଥିବା ବେଳେ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଅଣ୍ଡା ଦିଆ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଥିବାରୁ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି କୁକୁଡ଼ା ଚିଆଁ ମିଳିଥିବା ହିତାଧିକାରୀ ପ୍ରକାଶ କରିଛନ୍ତି। ୧୨୦ ଦିନରୁ ୧୫୦ ଦିନ ମଧ୍ୟରେ କୁକୁଡ଼ା ଅଣ୍ଡା ଦେବା ପାଇଁ ଉପଯୁକ୍ତ ହୋଇପାରିବେ ବୋଲି ପ୍ରାଣୀ ସମ୍ପଦ ବିଭାଗ ଡାକ୍ତର ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଶୁଳିଆପଦା (ଭାସ୍କର ନ୍ୟୁଜ୍) : ଶୁଳିଆପଦା ବ୍ଲକ୍ ମହାବିଲା ପଞ୍ଚାୟତ ଅଧିନ ଧରମପୁରା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪ ତଥା ୫୨ ତମ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି।ଏଥିରେ ବ୍ଲକ୍ ଅଧିନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ମାନଙ୍କୁ ମିଶାଇ ମୋଟ ୧୪୦ ଟି ବୈଜ୍ଞାନିକ ପ୍ରକଳ୍ପ ସ୍ଥାନ ପାଇଥିଲା।ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଳତୀ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ପାନମଣୀ ମାର୍ଣ୍ଡି,ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ମହାବିଲା ସରପଞ୍ଚ ଅନୁପ କୁମାର ସିଂ ଉପସ୍ଥିତ ରହିଥିଲେ।ସେହିପରି ଉଦଯାପନି ଉତ୍ସବରେ ବ୍ଲକ୍ ଉପାଧ୍ୟକ୍ଷ ଜୋତିଲାଲ ବାରିକ୍, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକରୀ ଜଗନ୍ନାଥ ନାଏକ୍ ମୁଖ୍ୟ ବକ୍ତା ରହିଥିବା ବେଳେ ଗୋଷ୍ଠୀ ଅତିରିକ୍ତ ଶିକ୍ଷାଧିକରୀ ସରୋଜ କୁମାର ସାହୁ ସଭାପତିତ୍ୱ କରିଥିଲେ।ଉକ୍ତ ବିଜ୍ଞାନ ପ୍ରଦର୍ଶନୀର ସଙ୍ଗଠନ ସମ୍ପାଦକ ଭାବେ ଧରମପୁରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଗିରି ଓ କୋଷ୍ଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଗିରି ଦାୟିତ୍ୱ ନିର୍ବାହ କରିଥିଲେ। କୋଷ୍ଟା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସପନ କୁମାର ଦାଶ୍ ଓ ଢେଙ୍କିଆ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସଞ୍ଜୀବ ପାଣିଗ୍ରାହୀ ସଭାମଞ୍ଚ ପରିଚାଳନା କରିଥିଲେ।ଉଫାଲଗଡିଆ ସିଆରସିସି ଅମୂଲ୍ୟ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।ଓଡିଶା ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ର ଛାତ୍ରୀ କିରନଜ୍ୟୋତୀ ଦାସଙ୍କ ସେଫ୍ଟି ରେଲୱେ ପ୍ଲାଟଫର୍ମ ପ୍ରକଳ୍ପ ସର୍ବୋତ୍ତମ ସ୍ଥାନ ଅଧିକାର କରିଥିବା ସୁଚନା ମିଳିଛି।

## ଇଫ୍କୋ ଲୋକ ସମ୍ପର୍କ ଅଧିକାରୀଙ୍କୁ ଡକ୍ଟୋରେଟ ଉପାଧି



ପାରାଦୀପ (ଭାସ୍କର ନ୍ୟୁଜ୍) : ନେମାଳ ସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ମନ୍ଦିର ନିର୍ମାଣ କମିଟି ର ଉପସଭାପତି ତଥା ବିଶ୍ୱର ସର୍ବ ବୃହତ ସମବାୟ ସଂସ୍ଥା ଇଫକୋ ପାରାଦୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସମ୍ମାନଜନକ ଡକ୍ଟୋରେଟ ଉପାଧି ମିଳିଛି। ଭାରତର ରାଜଧାନୀ ନୂଆଦିଲ୍ଲୀ ସ୍ଥିତ ପ୍ରଧାନମନ୍ତ୍ରୀ ସଂଗ୍ରହଣାଳୟର ନେହେରୁ ଅଡିଟୋରିୟମ ପରିସରରେ ବିଶ୍ୱ ସଂସ୍କୃତି ଓ ପର୍ଯ୍ୟାବରଣ ସଂରକ୍ଷଣ ଆୟୋଗ ଦ୍ୱାରା ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ସମାଜସେବା ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ବେଉରାଙ୍କୁ ଏହି ସମ୍ମାନଜନକ ଉପାଧି ମିଳିଛି। ପ୍ରକାଶଥାଉକି ଶ୍ରୀ ବେଉରା କରୋନା ମହାମାରୀ ସମୟରେ ନିଜ ଜୀବନ ପ୍ରତି ବିପଦକୁ ଭ୍ରୂକ୍ଷେପ ନକରି ଇଫକୋ ତଥା ମହାପୁରୁଷ ଅଚ୍ୟୁତାନନ୍ଦ ଟ୍ରଷ୍ଟ, ପୁରୀର ଚାରଣ ଗୋଷ୍ଠୀ ସହାୟତାରେ ସମଗ୍ର ଓଡ଼ିଶାର ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ସେବା ଓ ସହାୟତା ଯୋଗାଇ ଦେଇଥିଲେ। ଏତଦବ୍ୟତୀତ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଆଦି ଜିଲ୍ଲା ମାନଙ୍କରେ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେବା ସହ ଜଗନ୍ନାଥ ସଂସ୍କୃତି ଓ ପଞ୍ଚସଖା ସଂସ୍କୃତି ର ପ୍ରଚାର ଓ ପ୍ରସାର ପାଇଁ ସର୍ବଦା ପ୍ରୟାସ ଜାରି ରଖିଛନ୍ତି। ଏହି ଉପାଧି ବିତରଣ କାର୍ଯ୍ୟକ୍ରମରେ ତିବତୀୟ ସଂସଦର ଉପବାଚସ୍ପତି ଆଚାର୍ଯ୍ୟ ଫୋଡୋମୋଣ୍ଟ, ଏନ.ଡି.ଏସ.ସିର ସଭ୍ୟା ବିଶାଖା ସାଲିନି, ହଂସରଜ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱର ବିଭିନ୍ନ ଦେଶରୁ ପ୍ରାୟ ୩୫୦ରୁ ଉର୍ଦ୍ଧ ସଦସ୍ୟ ଓ ସଦସ୍ୟା ଯୋଗ ଦେଇଥିଲେ। ସମଗ୍ର ବିଶ୍ୱର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ଦକ୍ଷତା ପାଇଁ ୫୦ ଜଣଙ୍କୁ ଏହି ଡକ୍ଟୋରେଟ ଉପାଧି ପ୍ରଦାନ କରାଯାଇଥିଲା। ତେବେ ଶ୍ରୀ ବେଉରାଙ୍କ ଏହି କୃତିତ୍ୱ ପାଇଁ ସାଧାରଣରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ଦିବ୍ୟାଙ୍ଗଙ୍କୁ ଭିନ୍ନକ୍ଷମ ଉପକରଣ ବଣ୍ଟନ



ଯାଜପୁର (ଭାସ୍କର ନ୍ୟୁଜ୍) : ପୁନର୍ବାସ ସେବା ଓ ଥଇଥାନ କେନ୍ଦ୍ର ଭଦ୍ରକଙ୍କ ସହଯୋଗରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଯାଜପୁର ଠାରେ ଦିବ୍ୟାଙ୍ଗ ମାନଙ୍କୁ ଭିନ୍ନକ୍ଷମ ଉପକରଣ ମାନ ବଂଟନ କରାଯାଇଛି । ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଏହି ଶିବିରକୁ ଉଦଘାଟନ କରିବା ସହିତ ଭିନ୍ନକ୍ଷମ ମାନେ ସକ୍ଷମ ମଣିଷଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି ବୋଲି କହିବା ସହିତ ଆମ ଜିଲ୍ଲା, ରାଜ୍ୟ, ଦେଶ ଓ ବିଦେଶରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ମାନଙ୍କର ଉଦାହରଣ ରଖିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବିନ୍ଦ୍ର ବେହେରାଙ୍କ ପରିଚାଳନା କ୍ରମେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ ବେହୁରିଆ, ଡିପିଆରଓ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ରଖିବା ସହିତ ଭିନ୍ନକ୍ଷମ ମାନଙ୍କୁ ଟ୍ରାଇ ସାଇକେଲ, ହ୍ୱିଲ ଚେୟାର, ସ୍ମାର୍ଟ ଫୋନ, ଶ୍ରବଣ ବାଧିତ ଯନ୍ତ୍ର, ସିପି ୱାକର, ବିଭିନ୍ନ କୃତିମ ଅଙ୍ଗ ଆଶାବାଡି, କାଲିଫର ଜୋତା, ରୋଲେଟର ୱାକିଂ ଷ୍ଟିକ ପ୍ରଭୃତି ୫୬ ଗୋଟି ଉପକରଣ ୪୩ ଜଣ ଭିନ୍ନକ୍ଷମଙ୍କୁ ପ୍ରଦାନ କରାଯାଇଥିଲା । ସହଯୋଗୀ ଅନୁଷ୍ଠାନର ସଂପାଦକ ଡଃ ଭଗବାନ ପରିଡା, କର୍ମଚାରୀ ମୋନାଲିସା ସୁନ୍ଦର ରାୟ, କମଳାକାନ୍ତ ବାରିକ, ରତିକାନ୍ତ ନାୟକ, ଉମେଶ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ବିଭାଗୀୟ କାର୍ଯ୍ୟାଳୟର କର୍ମଚାରୀ ସଂଗ୍ରାମ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୋମନାଥ ମଲ୍ଲିକ, ଅନିଲ ସାହୁ, ସାଇ ସୁରଜ ସିଂ, ସ୍ନେହାଶିଷ ମିଶ୍ର, ଭଗବାନ ଜେନା, ଦୀପକ ଜେନା ପ୍ରମୁଖ ମଧ୍ୟ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## କସ୍ତୁରୀବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଝରିଗାଁ (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ କରମରୀ ସ୍ଥିତ କସ୍ତୁରୀବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ପ୍ରଥମ ପର୍ଯ୍ୟାୟରେ ଅତିଥିମାନଙ୍କ ଦ୍ୱାରା ୪ ଜଣ ମହାପୁରୁଷ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ସହିଦ ଲକ୍ଷ୍ମଣ ନାୟକ ଏବଂ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସହ ନୂତନ ଛାତ୍ରୀ ନିବାସ ଓ ନୂତନ ଅତିରିକ୍ତ ଶ୍ରେଣୀ ଗୃହର ଉନ୍ମୋଚନ ହୋଇଥିଲା। ପରେ ଝରିଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ଧାରୁଆଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଝରିଗାଁ ବିଧାୟକ ନରସିଂହ ଭତ୍ରା,ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ, ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛାତ୍ରପତି ସାହୁ,ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ,ବାଳିକା ଶିକ୍ଷା ସଂଯୋଜିକା ମମତା ପରିଛା,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନସିଂ କେଉଟ ପ୍ରମୁଖ ଯୋଗ ଦେଇଥିଲେ। ଏବିଇଓ ଦଶରଥ ଗଣ୍ଡ ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ।ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ଖେଳ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ନିରୂପମା ସ୍ୱାଇଁ ଏବଂ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

## ବିଶ୍ୱଶୌଚାଳୟ ଦିବସ ପାଳିତ

ଗୋପ (ଭାସ୍କର ନ୍ୟୁଜ୍) : ବୁଧବାର ଗୋପ ବ୍ଲକ ପରିସରରେ ଥିବା ବୈଠକ ଗୃହରେ ବ୍ଲକ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏହି ଅସରରେ ଅତିରିକ୍ତ ବିଡିଓ ଦୀପକ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ବରିଷ୍ଠ କିରାଣୀ କୃଷ୍ଣ ଚନ୍ଦ୍ର ମିଶ୍ର, ବିଆରସି କାଦମ୍ବିନୀ ପରିଡା, ମାଷ୍ଟର ଟ୍ରେନର ଅଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଉପସ୍ଥିତ ଜନପ୍ରତିନିଧି, ବ୍ଲକ କର୍ମଚାରୀମାନଙ୍କୁ ପରିବେଶ ସ୍ୱଚ୍ଛତା, ବାହ୍ୟ ମଳମୁକ୍ତ ଓ ବିଶ୍ୱ ଶୌଚାଳୟ ଦିବସ ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଆରସି କାଦମ୍ବିନୀ ପରିଡା କହିଥିଲେ ସରକାରଙ୍କ ପକ୍ଷରୁ ଗୋପ ବ୍ଲକର ୫୯୭ ଜଣଙ୍କୁ ଶୌଚାଳୟ ନିର୍ମାଣ ନିମନ୍ତେ ଚିହ୍ନଟ କରିବାକୁ ଥିବା ବେଳେ ଆଜି ଶୌଚାଳୟ ନଥିବା ୧୪ ଜଣଙ୍କୁ ଶୌଚାଳୟ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଛି ଏବଂ ଅନଲାଇନ୍‌ରେ ଆବେଦନ କରିଥିବା ୧୮୪ ଜଣଙ୍କୁ ଶୌଚାଳୟ ନିର୍ମାଣ କରିବା ନିମନ୍ତେ ସଂଯୋଗ କରାଯାଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୬ ଜଣଙ୍କୁ ଶୌଚାଳୟ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ୪୭ ଜଣ ନିର୍ମାଣ କରିଥିବା କହିଥିଲେ । ହେଲେ ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଦିବସ ପାଳନ ନିମନ୍ତେ କୌଣସି ଅବଗତ କରାଯାଇନଥିବାରୁ ମାତ୍ର ୨/୪ ଜଣ ଜନପ୍ରତିନିଧି ଏହି ବୈଠକରେ ଯୋଗଦେଇଥିବା ବେଳେ ଅନ୍ୟମାନେ ଆଜି ଏହି ବୈଠକ ସଂପର୍କରେ ଶୁଣି କ୍ଷୋଭ ପ୍ରକାଶ କରିଥିଲେ। ଏହାକୁ ନେଇ ସରପଂଚ ଉପେନ୍ଦ୍ର କାନୁନଗୋ, ଜଗବନ୍ଧୁ ବରାଳ ପ୍ରମୁଖ କହିଛନ୍ତି ସରକାରଙ୍କ ବାହ୍ୟମଳମୁକ୍ତ ଯୋଜନା ଗୋପ ବ୍ଲକରେ ସଂପୂର୍ଣ୍ଣ ଫେଲ ମାରିଛି।

## ବିଧାୟକଙ୍କୁ ଆକ୍ରମଣ ଓ ଗାଡ଼ି ଭଙ୍ଗାରୁଜା




ଯାଜପୁର (ଭାସ୍କର ନ୍ୟୁଜ୍): ଆଜି ସନ୍ଧ୍ୟାରେ ଯାଜପୁର-ବରୁଆଁ ରାସ୍ତାର ବୁଢ଼ା ଘାଟ ନିକଟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ (ଲିକୁ)ଙ୍କ ଉପରେ ଆକ୍ରମଣ ହୋଇଛି। ଏଥିସହିତ ତାଙ୍କର ଗାଡ଼ିକୁ ମଧ୍ୟ ଲାଠି ଓ ଲୁହାଛଡ଼ରେ ପିଟି ଭାଙ୍ଗିଛନ୍ତି ଆକ୍ରମଣକାରୀ। ଘଟଣାରୁ ପ୍ରକାଶ ଯେ ବିରଜା ମନ୍ଦିରର ଉନ୍ନତି କରଣ ପାଇଁ ମୂଳ ବିରଜା ହାଟ (ବିରଜା ମନ୍ଦିର ନିକଟସ୍ଥ)କୁ ଜନସାଧାରଣ ଓ ବ୍ୟବସାୟୀଙ୍କ ସୁବିଧାକୁ ନେଇ ବର୍ଷେ ପୂର୍ବରୁ ଶୁକପୁର ନିକଟକୁ ଉଠାଇ ନିଆଯାଇଛି। ତେବେ ଏହା ବିରୁଦ୍ଧରେ କେତେକ ବ୍ୟବସାୟୀ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇତିମଧ୍ୟରେ ସରକାର ବଦଳିଛି ଓ ହାଟକୁ ପୁଣି ପୁରୁଣା ସ୍ଥାନରେ କରିବା ପାଇଁ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ଏଥିପୂର୍ବରୁ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ମୂଳ ସ୍ଥାନରେ ହାଟ ହେବ ବୋଲି ଘୋଷଣା କରିଯାଇଥିଲେ। ନିୟନ୍ତ୍ରିତ ବଜାର କମିଟି ପୁରୁଣା ହାଟରେ ଜମି ଅଧିଗ୍ରହଣ କରିଥିବା ବେଳେ ଗୁରୁବାର ବିରଜା ମନ୍ଦିର ନିକଟରେ ପୁଣି ହାଟ ଖୋଲିବାକୁ ଯାଉଥିବା ନେଇ ଡ଼ାକବାଜି ଯନ୍ତ୍ରରେ ଆଜି ପ୍ରଚାର ହୋଇଥିଲା। ଏହାକୁ କେତେକ ବିରୋଧ କରି ବୁଧବାର ସନ୍ଧ୍ୟାରେ ବୁଢ଼ା ଘାଟ ସେତୁ ନିକଟରେ ଯାଜପୁର-କୁଆଖିଆ ଭାୟା ବରୁଆଁ ରାସ୍ତାକୁ ଅବରୋଧ କରି ଆନ୍ଦୋଳନ ଚଳାଇଥିଲେ। ଏହି ସମୟରେ ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଯାଜପୁର ଟାଉନସ୍ଥିତ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଏକ ମିଟିଂରେ ଯୋଗ ଦେବାକୁ ଯାଉଥିବା ବେଳେ ଆନ୍ଦୋଳନକାରୀ ମାନଙ୍କ ମଧ୍ୟରୁ କେତେକ ବିଧାୟକଙ୍କ ଆଡ଼କୁ ଝପଟି ଯାଇ ହଠାତ୍ ତାଙ୍କ ଗାଡ଼ିକୁ ଆକ୍ରମଣ କରିବା ସହିତ ବିଧାୟକଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏହି ଘଟଣା ପ୍ରଚାର ହେବା ମାତ୍ରେ ହିମାଂଶୁଙ୍କ ଅନେକ ସମର୍ଥକ ଏବଂ ଭାରତୀୟ ଜନତା ପାର୍ଟିର କର୍ମୀ ସଙ୍ଗଠକମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିରଜା ମନ୍ଦିର ନିକଟରେ ପୁଣି ହାଟ ହେବାକୁ ବିରୋଧ କରି ରାସ୍ତାରୋକ ଆନ୍ଦୋଳନକାରୀ ଏବଂ ଭାରତୀୟ ଜନତା ପାର୍ଟିର ସମର୍ଥକ ଓ ହାଟ ସପକ୍ଷବାଦୀମାନେ ଏକାଠି ହୋଇ ମୁହାଁମୁହିଁ ହୋଇଛନ୍ତି। ଘଟଣାସ୍ଥଳରେ ଏସ୍‌ପିଙ୍କ ସମେତ ବହୁ ପୋଲିସ ଅଧିକାରୀ ଏବଂ ସଶସ୍ତ୍ର ପୋଲିସ ବାହିନୀ ପହଞ୍ଚିଛନ୍ତି। ବିଧାୟକ ହିମାଂଶୁ ବାବୁ ତାଙ୍କ ଉପରେ ଏହି ଆକ୍ରମଣ ପାଇଁ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସମର୍ଥକଙ୍କୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ବିଧାୟକଙ୍କ ଉପରେ ଏହି ଆକ୍ରମଣକୁ ମନ୍ତ୍ରୀ ପ୍ରଦୀପ କୁମାର ବଳ ସାମନ୍ତ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବଡଚଣା ବିଧାୟକ ଅମର ନାୟକ, ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଜେପିର ଜିଲ୍ଲା ସଭାପତି ଗୌତମ ରାୟ ପ୍ରମୁଖ ତୀବ୍ର ନିନ୍ଦା କରିଛନ୍ତି। ଏଥିସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉପରୋକ୍ତ ନେତୃବୃନ୍ଦ ଦାବି କରିଛନ୍ତି।

## ଓଥକା-ରାମକୃଷ୍ଣପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଦୂରବସ୍ଥା, ପଥଚାରୀ ହିନସ୍ତା



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ଗ୍ରାମାଂଚଳରେ ଗମନା ଗମନର ସୁବିଧା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତା ନିର୍ମାଣ ନିମନ୍ତେ ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିନିମନ୍ତେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଛି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ଓଥକା-ରାମକୃଷ୍ଣପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଓଥକା-ରାମକୃଷ୍ଣପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ରକ୍ଷଣା ବେକ୍ଷଣ ଦାୟୀତ୍ୱ ରହିଛି। ଏହି ରାସ୍ତା ଉପରେ ଗମନା ଗମନ କରିବା ନିମନ୍ତେ ଦୈନନ୍ଦିନ ସ୍ଥାନୀୟ ନିଶ୍ଚିନ୍ତକୋଇଲି, ବଡଖିର, ଗୋତରା, ଉମର, ନତକାଇ, ରାମକୃଷ୍ଣପୁର, ଜୟରାମପୁର, ଭଉଁରିଆ ପ୍ରଭୃତି ବହୁ ପଂଚାୟତର ଶହ ଶହ ଲୋକ ଓ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଗମନା ଗମନ ନିମନ୍ତେ ନିର୍ଭର କରିଥାନ୍ତି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗାତ ସୃଷ୍ଟି ହୋଇଛି। ଏପରିକି ରାସ୍ତାଟି ଭାଙ୍ଗି ଛତ୍ରଛାଳ ହୋଇଯାଇଛି। ଏହି ରାସ୍ତାଦେଇ ଦୈନନ୍ଦିନ ଶହ ଶହ ଯାନବାହାନ ଗମନା ଗମନ କରିଥାଏ। ତେବେ ରାସ୍ତାର ଦୂରବସ୍ଥା ହେତୁ ଦୈନନ୍ଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନ ଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି। ଏହିରାସ୍ତାଟି ମନ୍ତ୍ରୀ, ବିଧାୟକ, ଯନ୍ତ୍ରୀ ଓ ଠିକାଦାରଙ୍କ ଲେଉଟିଆ କିଆରିରେ ପରିଣତ ହୋଇଛି। ପ୍ରତିବର୍ଷ ସରକାରୀ କାଗଜ କଲମରେ ରାସ୍ତା ମରାମତି ଓ ନିର୍ମାଣ କରାଯାଇଥିବାର ଦର୍ଶାଯାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କାର ବିଲ ଉଠାଇ ନିଆଯାଉଥିବା ଘଟଣା କାହାରିକୁ ଅଛପା ନାହିଁ। ତେବେ ମନ୍ତ୍ରୀ ବିଧାୟକ ଯନ୍ତ୍ରୀ ଓ ଠିକାଦାରଙ୍କ ଭାଗ୍ୟର ପରିବର୍ତନ ଘଟୁଥିଲା ବେଳେ ଏହି ରାସ୍ତାର ଭାଗ୍ୟ ପରିବର୍ତନ ଘଟୁନଥିବାର ଅଭିଯୋଗ ହୋଇଛି। ଏପରିକି ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା କାରଣରୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବାର ଅଭିଯୋଗ ହୋଇଛି। ଏହିରାସ୍ତାକୁ ମରାମତି ଏବଂ ପୁନଃ ନିର୍ମାଣ ନିମନ୍ତେ ସାଧାରଣରେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି। ପ୍ରଶାସନତରଫରୁ ଏହି ରାସ୍ତାକୁ ଅଣଦେଖା କରାଯାଉଥିବାର ଅଭିଯୋଗ ହୋଇଛି। ତେବେ ଏହି ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତା ଚଂଚକତା ଓ ଦୁର୍ନୀତିର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ଦୁର୍ନୀତିର ପର୍ଦାଫାର୍ସହୋଇ ପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏସମ୍ପର୍କରେ ଆମପ୍ରତିନିଧି ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟୀ ପଲେଇଙ୍କୁ ପଚାରିବାରୁ ଏହି ରାସ୍ତା ନିର୍ମାଣ ନିମନ୍ତେ ପ୍ରସ୍ତାବ ଯାଇଛି। ଅର୍ଥ ଆସିଲେ ରାସ୍ତା ମରାମତି କରାଯିବ ବୋଲି ମତ ପ୍ରକାଶ କରିଥିଲେ।



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ନାଭାଲ ଉଇଙ୍ଗ ଓ ଏହାର ଆଲୁମ୍ନି ଆସୋସିଏସନ ର ମିଳିତ ସହଯୋଗରେ ପାରାଦୀପ ମହାବିଦ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଓ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଅତିଥି ମାନେ ଆୟୋଜକ ମାନଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଏନସିସି କ୍ୟାଡେଟ ମାନଙ୍କୁ ଏହି ମହତ କାର୍ଯ୍ୟ ପାଇଁ ଉତ୍ସାହିତ କରିଥିଲେ। ଏହି ଶିବିରରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ. ସସ୍ମିତା ଶତପଥୀ ଙ୍କ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ଏହି ଶିବିରକୁ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ। କଟକର କେନ୍ଦ୍ରୀୟ ରେଡ଼କ୍ରସ ରକ୍ତ ଭଣ୍ଡାରର ଡାକ୍ତର ଓ ଟେକନିସିଆନଙ୍କ ସହଯୋଗରେ ଏହି ଶିବିରରୁ ସର୍ବମୋଟ ୧୦୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରରେ ପାରାଦୀପ ମହାବିଦ୍ୟାଳୟ ଏନସିସି ଆଲୁମିନି ଆସୋସିଏସନର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ରଙ୍କ ସମେତ ସଦସ୍ୟ ଦେବୀ ପ୍ରସାଦ ମିଶ୍ର, ବିବେକାନନ୍ଦ ମହାପାତ୍ର, ଏନ.ସିମାଞ୍ଚଳମ, ଦେବାଶିଷ ମହାନ୍ତି, ବିକ୍ରମ ସିଂ ମହାରଣା, ଧର୍ମପଦ ବାଡୋଇ, ଜିତେନ୍ଦ୍ର ବାରିକ ପ୍ରମୁଖ ସକ୍ରିୟ ସହଯୋଗ କରି ଶିବିରକୁ ଅଫଳ କରାଇଥିଲେ।

# ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘର କର୍ମକର୍ତ୍ତା



ଅନୁଗୁଳ (ଭାସ୍କର ନ୍ୟୁଜ୍) : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଅନୁଗୁଳ ଗସ୍ତ କରିଥିଲେ। ତାଙ୍କର ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ ଭେଟିଛନ୍ତି। ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ରାଜ୍ୟ ଉପଦେଷ୍ଟା ପର୍ଶୁରାମ ବାରିକ, ରାଜ୍ୟ ସଭାପତି ରଞ୍ଜନ କୁମାର ମଲ୍ଲିକ, ଅନୁଗୁଳ ଜିଲ୍ଲା ସଭାପତି ମାମି ବେହେରା, ଗୁରୁଚରଣ ସାହୁ, ଅଜୟ କୁମାର ବେହେରା, ନିରଞ୍ଜନ ମଟାରି, ଏମଡି. ଅନୁଆର ହୁସେନ, ସଲିମ୍ ଲସ୍କର, ରାଜ୍ୟ ଉପ କୋଷାଧ୍ୟକ୍ଷ ଇ-ନରେଶ ଡୋରା, ରାମଚନ୍ଦ୍ର ସାହୁ ଓ ରମାକାନ୍ତ ବେହେରା ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧନା ଜଣାଇଥିଲେ। ଗୃହରକ୍ଷୀ ମାନଙ୍କର ବିଭିନ୍ନ ସମସ୍ୟା ଉପରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଗୃହରକ୍ଷୀ ମାନଙ୍କର ରାଜ୍ୟ ସମ୍ମିଳନୀ ରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ।

# ଭତ୍ତାରୁ ବଞ୍ଚିତ ଦୃଷ୍ଟିହୀନ ବୃଦ୍ଧ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରୁ ଏକ ବିକଳ ଚିତ୍ର ସାମନା କୁ ଆସିଛି।ଜଣେ ଦୃଷ୍ଟି ହୀନ ବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ ଥିବା ଜଣା ପଡିଛି। ଏହି ଘଟଣା ଚମ୍ପି ପଞ୍ଚାୟତ ଅନ୍ତର୍ଗତ ତଳ ବିଲାଙ୍ଗଶିଳ ଗ୍ରାମରେ ଦେଖିବାକୁ ମିଳିଛି।ଗ୍ରାମର ଜଣେ ଦୃଷ୍ଟି ହୀନ ନିତ୍ୟା କାଡ୍ରାକା ବୟସ ପାଖ ପାଖି ସତୁରି ହେବ। ତାଙ୍କୁ ଭତ୍ତା ଟଙ୍କା ୫ସହ ମିଳୁଥିଲା ହେଲେ ତିନି ବର୍ଷ ହେବ ତାହା ବନ୍ଦ ହୋଇ ଯାଇ ଥିବା ସିଏ କହିଛନ୍ତି।ଏନେଇ ପଞ୍ଚାୟତ କାର୍ଯ୍ୟାଳୟଠୁ ଆରମ୍ଭ କରି ବ୍ୟାଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେଣି। ପଞ୍ଚାୟତ କାର୍ଯ୍ୟାଳୟରେ ପଚାରିଲେ ବ୍ୟାଙ୍କ ଖାତା ଦେଖ ବୋଲି କହୁଥିବା ବେଳେ ବ୍ୟାଙ୍କ ବାଲା କିନ୍ତୁ କିଛି ଟଙ୍କା ଚଢି ନଥିବା କହୁଛନ୍ତି। ଏହାକୁ ନେଇ ବୃଦ୍ଧ ଜଣକ ଏବେ ଚିନ୍ତାରେ ପଡ଼ିଥିବା ବେଳେ ପ୍ରକୃତ ସତ୍ୟା ସତ୍ୟ କଣ ତାହା ବ୍ଲକ ପ୍ରଶାସନ ଉପରେ ଏବେ ନିର୍ଭର କରୁଛି। ଆଗାମୀ ଦିନରେ ବୃଦ୍ଧ ଜଣକ ନିଜର ପ୍ରାପ୍ୟ ପାଇ ପର୍ଯ୍ୟଛନ୍ତି କି ନାହିଁ ତାହା ଏବେ ଦେଖିବାକୁ ବାକି ରହିଲା।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ



ବାରିପଦା(ଭାସ୍କର ନ୍ୟୁଜ୍) :ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସ୍ଥାନୀୟକଲେଜ ପଡିଆ ଠାରେ ବୁଧବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଆଜିର ଏହି ଉଦଯାପନ ସମାରୋହରେ ରାଜ୍ୟସଭା ସାଂସଦ, ମମତା ମହନ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମାନ୍ୟବର ଲୋକସଭା ସାଂସଦ, ନବଚରଣ ମାଝୀ, ମାନ୍ୟବର ବିଧାୟକ ଉଦଳା, ଭାସ୍କର ଚନ୍ଦ୍ର ମଢେଇ, ବିଧାୟକ, ରାଇରଙ୍ଗପୁର, ଜଲେଣ ନାଏକ, ବିଧାୟିକା ସୁଶ୍ରୀ ସଞ୍ଜଳି ମୁର୍ମୁ, ବିଶିଷ୍ଟ ସମାଜସେବୀ, ସୁଖଦା ମୁର୍ମୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡଃ କଳ୍ପତରୁ ସ୍ୱାଇଁ, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ଗୋ-ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଧ୍ୟରେ, ଅତିଥି ମାନଙ୍କ ଦ୍ୱାରା ଗୋ ପୂଜନ ଅନୁଷ୍ଠିତ ହୋଇଥିଲା। ମଂଚାସୀନ ଅତିଥି ମାନେ ଚାଷୀ ଭାଇ ଭଉଣୀମାନଙ୍କୁ ପଶୁପାଳନ କରି ନିଜର ଗୁଜୁରାଣ ମେଣ୍ଟାଇବା ସହିତ ପ୍ରାଣୀଧନରେ ଦେଶର ମନ ବୃଦ୍ଧି କରିବା ପାଇଁ ଉପଦେଶ ଦେଇଥିଲେ ଓ ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତରେ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରିବା ସହିତ ଗୋ ପାଳନ କରିବା ପାଇଁ ଅନୁରୋଧ କରିଥିଲେ।ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକର ଜନସାଧାରଣ ନିକଟରେ କିପରି ପହଞ୍ଚି ପାରିବ ସେଥିନିମନ୍ତେ ଗ୍ରାମ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲା ସ୍ତରୀୟ ପର୍ଯ୍ୟନ୍ତ ହିତାଧିକାରୀମାନଙ୍କୁ ସଚେତନତା କରାଯାଉଅଛି। ଜିଲ୍ଲାର ସମସ୍ତ ଚାଷୀ ମାନଙ୍କୁ ନୂତନ ଜ୍ଞାନକୌଶଳ ମାଧ୍ୟମରେ ମତ୍ସ୍ୟ ଓ ପଶୁପାଳନ କଲେ ଅଧିକ ଲାଭବାନ ହୋଇପାରିବ ବୋଲି ସମସ୍ତ ଅତିଥି ଗଣ କହିଥିଲେ। ଜିଲ୍ଲାରେ ଭଲ କାର୍ଯ୍ୟ କରି ସଫଳତା ହାସଲ କରିଥିବା ମତ୍ସ୍ୟ ଓ ପ୍ରାଣୀ ପାଳକ ହିତାଧିକାରୀ ମାନେ ଯଥା ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଗୋବର୍ଦ୍ଧନଶୋଲ, ମା ଅମ୍ବିକା ସ୍ୱୟଂ ସହାୟକ ଗୋଷ୍ଠୀ, ବେତନଟୀ, ବଜରଂଗୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଜେତାଳର ମେଘରାୟ ସୋରେନଙ୍କୁ ସମ୍ବର୍ଦ୍ଧିତ କରାଯାଇଅଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କଳ୍ପତରୁ ସ୍ୱାଇଁ ,ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ମାନସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଆୟୋଜିତ ହେବା ସାଙ୍ଗକୁ ଜୀବନ୍ତ ପ୍ରାଣୀ ସମ୍ପଦ ବିକାଶ ସମ୍ବନ୍ଧରେ ଆଲୋଚନା କରଯାଇଥିଲା। ପ୍ରାଣୀ ପାଳନ ଓ ମତ୍ସ୍ୟ ଚାଷୀଙ୍କ ସଫଳ କାହାଣୀ ସହିତ ବିଶେଷଜ୍ଞମାନେ ଉପଯୋଗୀ ପରାମର୍ଶ ପ୍ରଦାନ କରିଥିଲେ।ଚାଷୀ ଭାଇ ଭଉଣୀ ମାନଙ୍କୁ ଉତ୍ସିତ କରିବା ପାଇଁ ପାଲ୍ଲା ନାଟକ ମାଧ୍ୟମରେ ହିତାଧିକାରୀଙ୍କୁ ସଚେତନତା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ସମସ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ,ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ବିଭନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ,ଜନ ପ୍ରତିନିଧି ଓ ବିଭାଗୀୟ କର୍ମଚାରୀ ପ୍ରମୁଖ ମେଳାରେ ଉପସ୍ଥିତ ଥିଲେ।

# ଜଳ ପରିମଳ କାର୍ଯ୍ୟାଳୟରୁ ଚୋରି

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ଅରିଷଣ୍ଡ ପଂଚାୟତରେ ପାଉଡ଼ର ଖିଆ ଚୋର ବ୍ୟାପି ଥିବା ବେଳେ ନିଶା ଖାଇବା ପାଇଁ ବିଭିନ୍ନ ସ୍ଥାନରୁ ଚୋରୀ କରିବାରେ ବ୍ୟସ୍ତ ରହିଛନ୍ତି। ଜଳ ପରିମଳ ବିଭାଗ ପଂଚାୟତରୁ ଦାମୀ ବିଦ୍ୟୁତ୍ ବଲ୍‌ବ ଚୋରୀ କରି ନେଉଥିବା ଅଭିଯୋଗ ହୋଇଛି। ଏହି ଚୋରମାନଙ୍କୁ କିପରି ଧରାଯାଇ ପାରିବ ପଂଚାୟତବାସୀ ପ୍ରଶାସନ ନିକଟରେ ଦାବୀ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଡ ଗ୍ରାମ ପଂଚାୟତ ବାମଦେଇପୁର ନିକଟରେ ଜଳ ପରିମଳ ବିଭାଗ ପକ୍ଷରୁ ଏକ ଜଳ ପ୍ରକଳ୍ପ (ବସୁଧା)ରେ ଜଳ ଯୋଗାଣ କରାଯାଉଛି। ଏହି ଜଳ ଡ଼ଗରାସାହି, ଗଡ଼ଗୁଆଡିରା, ବାମଦେଇପୁର ଆଦି ୫ଶହରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଜଳ ଯୋଗାଉଥିବା ବେଳେ ଜଳ ପରିମଳ କାର୍ଯ୍ୟାଳୟରେ ଜଣେ କର୍ମଚାରୀ କାର୍ଯ୍ୟ କରନ୍ତି। ଗତ ମଙ୍ଗଳବାର ବିଳମ୍ବିତ ରାତ୍ରରେ ଚୋରମାନେ ପାଚେରୀ ଡ଼େଇଁ କାର୍ଯ୍ୟାଳୟ ଭିତରେ ପଶି ସେଠାରେ ଜଳୁଥିବା ଉଚ୍ଚ କ୍ଷମତା ସଂପନ୍ନ ବିଦ୍ୟୁତ୍ ବଲ୍‌ବ କୁ ଚୋରାଇ ନେଇଛନ୍ତି। ଏହି କାର୍ଯ୍ୟାଳୟରେ ଥିବା ଲୁହା ଶାବଳ, କୋଦାଳ, କଟୁରୀ ଆଦି ଅନ୍ୟାନ୍ୟ ସାମଗ୍ରୀ ଚୋରୀ କରି ନେଇଥିବା କର୍ମଚାରୀ ନିମାପଡ଼ା ଜଳ ପରିମଳ ବିଭାଗ କାର୍ଯ୍ୟାଳୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ଦିନ ପାଟପୁର ଠାରୁ ଅରିଷଣ୍ଡକୁ ସଂଯୋଗ ହୋଇଥିବା ନାଳବନ୍ଧ ରାସ୍ତାରେ କେତେକ ଅଜଣା ଯୁବକ ବାଇକ ଧରି ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଆସର ଜମାଇବା ସହ ଠା କୁ ଠା ବସି ନିଶା ସେବନ କରୁଛନ୍ତି। ବାମଦେଇପୁର ଗଡ଼ା ନିକଟରେ କେତେଜଣ ବ୍ୟକ୍ତି ନିଶା ବ୍ୟବସାୟ ବେଆଇନ ଭାବେ ଚଳାଇଛନ୍ତି। ଧଳା ଜହର କବଳରେ ଯୁବଗୋଷ୍ଠୀ ପଡ଼ିଥିବା ବେଳେ ଅନେକ ଅଜଣା ଯୁବକ କଟକ ଅଂଚଳରୁ ଧଳା ଜହର ଆଣି ଏଠାରେ ଯୁବକ ମାନଙ୍କୁ ଯୋଗାଇ ପଥ ଭ୍ରଷ୍ଟ କରୁଛନ୍ତି। ପାଟପୁର ଠାରୁ ତରଡ଼ାପଡ଼ା ପର୍ଯ୍ୟନ୍ତ କୁଶଭଦ୍ରା ନଦୀବନ୍ଧରେ ମଧ୍ୟ ଠା କୁ ଠା ନିଶା ବେପାରୀମାନେ ପସରା ମେଲାଇ ବସିଛନ୍ତି। ଏ ଦିଗରେ ଅବକାରୀ ବିଭାଗ ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିଥିବା ବେଳେ ଗୋଟିକ ପରେ ଗୋଟିଏ ଚୋରୀ ରାହାଜାନୀ ଘଟଣା ଘଟୁଅଛି।

# ଶିକ୍ଷକଙ୍କ ଜୟନ୍ତୀ ପାଳିତ

କଣାସ (ଭାସ୍କର ନ୍ୟୁଜ୍) : କଣାସ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟ ପରିସରରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୧୧୯ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ସୁନିଲ୍ କୁମାର ନରେନ୍ଦ୍ରଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ରହ୍ମଚାରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ, ଚନ୍ଦନ, ଘିଅଦୀପ ପ୍ରଜ୍ୱୋଳନ କରାଯାଇ ନିରବ ପ୍ରାର୍ଥନାକ ରାଯାଇଥିଲା। ବରିଷ୍ଠ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ବେହେରା, ସର୍ଗତ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ କାର୍ଯ୍ୟାକଳାପ ସଂପର୍କରେ ଉଲ୍ଲେଖ କରିଥିଲେ। ତାଙ୍କ ଉଦ୍ୟମରେ ଶିକ୍ଷକମାନଙ୍କ ଏକତା ଯୋଗୁଁ ବିଭିନ୍ନ ସମସ୍ୟା ସମାଧାନ ହୋଇପାରିଥିବା ବର୍ଣ୍ଣନା କରିଥିଲେ। ଏହି ବୈଠକରେ ଶିକ୍ଷକ ଅକ୍ଷୟ କୁମାର ରାୟସିଂହ, ଦୟିତାରୀ ବେହେରା, ପ୍ରଶାନ୍ତ କୁମାର ସୁନ୍ଦରାୟ, ବିଜୟ କୁମାର ଛୋଟରାୟ, ଲକ୍ଷ୍ମୀଧର ମହାପାତ୍ର, ରବିନ୍ଦ୍ର କୁମାର ପ୍ରଧାନ, ବିଦ୍ୟାଧର ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ବ୍ରହ୍ମଚାରୀଙ୍କ ଗୁଣଗାନ କରିଥିଲେ। ଏହି ଜୟନ୍ତୀ ଉତ୍ସବରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ, କବି, ସମାଜସେବୀ, ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୮୧ ପ୍ରକଳ୍ପ ପ୍ରଦର୍ଶିତ



ବାରିପଦା (ଭାସ୍କର ନ୍ୟୁଜ୍) : ବହଳଦା ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ସ୍ଥାନୀୟ ବାସୀଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶୁଭଶ୍ରୀ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ମୂଖ୍ୟ ଅତିଥି ଭାବେ ବହଳଦା ଗୋଷ୍ଠୀ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ, ମୂଖ୍ୟ ବକ୍ତା ଭାବେ ଭକ୍ତ ବନ୍ଧୁ ପ୍ରଧାନ, ସମ୍ମାନୀୟ ଅତିଥି ଭାବେ ବାସୀଙ୍ଗ ସରପଞ୍ଚ ମାହି ମୁର୍ମୁ, ପିଏସ ସଦସ୍ୟ ସୁସ୍ମିତା ରାଣୀ ସାହୁ, ଏବିଇଓ ଦେବେନ୍ଦ୍ର କୁମାର ସାହୁ, ବହଳଦା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଗିରି, ଜାରିତଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜ କିଶୋର ମହାନ୍ତ, ଗମ୍ଭାରୀଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେଶ୍ୱର ବେହେରା, ବାସୀଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ଲତା ପାଲ ପ୍ରମୁଖ ଉପସ୍ଥିତ ରହି କୁନି କୁନି ବୈଜ୍ଞାନିକମାନଙ୍କୁ ପରାମର୍ଶ ଦେଇଥିଲ। ସେହିପରି ଉଦଯାପନୀ ଉତ୍ସବରେ ବିଇଓ ଶୁଭଶ୍ରୀ ସିଂଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗଦେଇ ବହଳଦା ବ୍ଲକର ଅସହାୟ ଛାତ୍ର ଛାତ୍ରୀମାନଙ୍କର ପାଠ ପଢା ପାଇଁ ତାଙ୍କ ମାସିକ ଦରମାରୁ ଅର୍ଥ ରାଶି ପ୍ରଦାନ ପାଇଁ ମତବ୍ୟକ୍ତ ରଖିବା ସହିତ ଶିକ୍ଷକ ମାନଙ୍କ ପାଇଁ ଏକ ସମ୍ମିଳନୀ ଗୃହ କରାଇବା ପାଇଁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ ଓ ମୂଖ୍ୟ ବକ୍ତା ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇ ବିଜ୍ଞାନର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ ଓ ସମ୍ମାନୀୟ ଅତିଥି ଭାବେ ଏବିଇଓ ସୁଜାତା କର ମହାପାତ୍ର, ଝରାଡ଼ିହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତି ରଞ୍ଜନ ପାଣି, ଜୁଡ଼ିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟୁକୁଲୁ ବାସ୍କେ, ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ଶିବନନ୍ଦନ ମହାନ୍ତ, ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେଓ ପ୍ରାରମ୍ଭରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରଯାଇଥିଲାଓ ବାସୀଙ୍ଗ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚିନ୍ଦ୍ର ନାଥ ମହାନ୍ତଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ମୁଖ୍ୟ ଅତିଥି ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ ଓବିଚାରକ ଭାବେ ରାଇରଙ୍ଗପୁରର ବିଜ୍ଞାନ ଶିକ୍ଷକ ଯଶୋବନ୍ତ ମହାନ୍ତ, ଓଡିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭଶ୍ରୀ ମାଝୀ ଏହି କାର୍ଯ୍ୟକ୍ରମକୁ ବ୍ଲକ ବିଜ୍ଞାନ ସଂଯୋଜକ ସଂଗ୍ରାମ କେଶରୀ ଗିରି ସଂଯୋଜନା କରିଥିଲା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ଭୁତ ନାଥ ସିଠ ଧନ୍ୟବାଦ ଦେଇଥିଲେଓଶିକ୍ଷକ ହେମନ୍ତ କୁମାର ମହାନ୍ତ ଓ ସୁବ୍ରତ କୁମାର ପଲେଇ ମଞ୍ଚ ପରିଚାଳନା କରିଥିଲେଓଏଥିରେ ଶିକ୍ଷକ ଆଶିଷ କୁମାର ମହାନ୍ତି, ମୀରା ମଲ୍ଲିକ, ପ୍ରଦୀପ୍ତା ଦାସ, ଚିନ୍ମୟୀ କମିଳା, ଅମର ମହାନ୍ତ, ସୁଚିତ୍ରା ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ ଓ ଶେଷରେ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଅଗ୍ନି ବିପନ୍ନଙ୍କୁ ସହାୟତା ଦେଲେ କଂଗ୍ରେସ ନେତା

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଏହି ବ୍ଲକର ତୁରୁମୁ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିରୀ ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର ୩ ଟି ପରିବାର ର ୬ ବଖରା ଘର ପୋଡିଯାଇଛି। ମିଳିଥିବା ସୂଚନା ପ୍ରକାରେ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦଳ ବେହେରା, ବାବୁଲା ଗୌଡ ଓ ନବୀ ଗୌଡଙ୍କ ୨ ବଖରା ଲେଖାଏଁ ଘର ସଂପୂର୍ଣ୍ଣ ଜଳି ଯାଇଛି। ଅପରପକ୍ଷରେ ଏହି ଅଗ୍ନିକାଣ୍ଡ ସଂପର୍କରେ ସୂଚନା ପାଇ ଭଞ୍ଜନଗର କଂଗ୍ରେସ ନେତା ପ୍ରଶାନ୍ତ କୁମାର ବିଷୋୟୀ ବୁଧବାର ସକାଳୁ ପାଣ୍ଡିରୀ ଗ୍ରାମରେ ପହଞ୍ଚି ଅଗ୍ନି ବିପନ୍ନ ଙ୍କୁ ସହାୟତା ର ହାତ ବଢାଇଛନ୍ତି। ସେ ଏହି ଅଗ୍ନି ବିପନ୍ନ ପରିବାର ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଥିବା ୩ ଟି କିଟ୍ ପ୍ରଦାନ କରିଥିଲେ। ପ୍ରଶାନ୍ତ ଙ୍କ ସହ ପ୍ରଶାନ୍ତ ନାୟକ, ମିଟୁ ଗୌଡ଼, ସୁଦର୍ଶନ ଗୌଡ଼, ସଞ୍ଜୟ ଭୂୟାଁ ବାଲ୍ୟ ସେଠୀ ଆଦି କଂଗ୍ରେସ କର୍ମୀ ଅଗ୍ନିକାଣ୍ଡ ସ୍ଥଳକୁ ଯାଇଥିଲେ। ସେହିପରି ଅଗ୍ନିକାଣ୍ଡ ସଂପର୍କରେ ସୂଚନା ପାଇ ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା ଙ୍କ ନିର୍ଦ୍ଦେଶ କ୍ରମେ ବାରୁଡା ରାଜସ୍ୱ ନିରୀକ୍ଷକ ଅସ୍ମିତା ବେହେରା ଓ ଅମିନ ଲଡୁ କିଶୋର ଜେନା ବୁଧବାର ପାଣ୍ଡିରୀ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ତହସିଲଦାରଙ୍କୁ ରିପୋର୍ଟ ଦାଖଲ କରିଥିଲେ।

# ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ: ୬ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ



ଧର୍ମଗଡ଼ (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଜାରିଙ୍ଗଠାରେ ହୋଇଥିବା ବହୁ ଚର୍ଚ୍ଚିତ ଯୁବତୀଙ୍କୁ ଗଣଦୁଷ୍କର୍ମ ଓ ଭିଡିଓ ଭାଇରାଲ ଘଟଣାରେ ରାୟ ପ୍ରକାଶ ପାଇଛି। ୬ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ, ଦଣ୍ଡ ଶୁଣାଇଲେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ। ଅଭିଯୁକ୍ତମାନେ ହେଲେ ଲଳିନ୍ଦ୍ର ଶବର, ଲାବଣ୍ୟ ଛତ୍ରିଆ, ଅନିରୁଦ୍ଧ ଛତ୍ରିଆ, ଲୁକୁ ନାଏକ, ଶାନ୍ତ ନାଏକ ଓ ଅମିତ ନାଏକ। ଅଭିଯୁକ୍ତ ମାନଙ୍କୁ ସମସ୍ତ ସାକ୍ଷୀ ପ୍ରମାଣ ଭିତ୍ତିରେ ଭାରତୀୟ ଦଣ୍ଡବିଧାନ ୩୭୬(ଡି)ରେ ଆଜୀବନ କାରାଦଣ୍ଡ ରାୟ ଶୁଣାଇ ଛନ୍ତି ଅତିରିକ୍ତ ଜିଲ୍ଲା ଦୌରା ଜଜ। ଅନ୍ୟ ୩ଜଣ ଗଣ ଦୁଷ୍କର୍ମର ଭିଡ଼ିଓ ଭାଇରାଲ ପାଇଁ ଗିରଫ ହୋଇଥିଲେ। ଗିରଫ ଅଭିଯୁକ୍ତ ହେଲେ ସୟମବର ବାଗ, ଟିକେମନ ପୋଡ଼ ଓ ବିନୋଦ ନାଏକ। ଏହି ୩ଜଣଙ୍କୁ ନିର୍ଦୋଷରେ ଖଲାସ କରାଯାଇଛି। ଘଟଣାରେ ଅଭିଯୁକ୍ତ ମାନଙ୍କୁ ଗିରଫ ପାଇଁ କଳାହାଣ୍ଡି ଜିଲ୍ଲା ତତ୍କାଳିନ ଏସ.ପି ବି.ଗଙ୍ଗାଧର ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲେ। ଗତ ୨୦୧୯ମସିହା ସେପ୍ଟେମ୍ବର ୧୪ ରିଖ ଅପରାହ୍ନ ୨ଟା ବେଳେ ଜୁନାଗଡ଼ ଥାନା ବକ୍ସିତୁଲସୀପାଲି ( ଜାରିଙ୍ଗ) ଜଙ୍ଗଲ ଠାରେ ଏହି ଘଟଣା ଘଟିଥିଲା। ଏହି ଭିଡିଓ ଭାଇରାଲ ହେବା ପରେ ପୀଡ଼ିତାଙ୍କ ପକ୍ଷରୁ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜୁନାଗଡ଼ ଥାନାରେ କେଶ ନଂ ୨୨୪/୨୦୧୯ ପଞ୍ଜିକୃତ ହୋଇଥିଲା। ଯୁବତୀ ଜଣଙ୍କ ଭବାନୀପାଟଣାରୁ ନିଜ ଗାଁ କୁ ଫେରିବା ପାଇଁ ଅପେକ୍ଷା କରିଥିଲା। ଠିକ ଏତିକି ବେଳକୁ ଯୁବତୀଙ୍କ ପରିଚୟ ଥିବା ଅଭିଯୁକ୍ତ ଲଳିନ୍ଦ୍ର ଶବର ଘରେ ଛାଡ଼ି ଦେବାକୁ କହି ସାଥିରେ ଆଣୁଥିବା ବେଳେ ଜାରିଙ୍ଗ ଜଙ୍ଗଲକୁ ନେଇଥିଲେ। ଜଙ୍ଗଲ ଭିତରେ କିଛି ଯୁବକ ଛୁରୀ ଦେଖାଇ ଗଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସେତେବେଳେ ବହୁ ଚର୍ଚ୍ଚିତ ଥିବା ବେଳେ ଆଜି ରାୟ ପ୍ରକାଶ ପାଇଛି।ପୂର୍ଣ୍ଣଚନ୍ଦ୍ର ନାଗ ସରକାରୀ ଓକିଲ ମାମଲା ପରିଚାଳନା କରିଥିଲେ।

# ଆମ ପୋଲିସ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ

ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ଥାନା ପୋଲିସ ଓ ବୋଲଗଡ଼ ବ୍ଲକ ବରିଷ୍ଠ ନାଗରିକ ସଂଘର ମିଳିତ ଆନୁକୂଲ୍ୟରେ ବୁଧବାର ଦିନ ବୋଲଗଡ଼ ବ୍ଲକ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ପରିଚୟ ପତ୍ର ପ୍ରଦାନ ଓ ଆମ ପୋଲିସ କାର୍ଯ୍ୟକ୍ରମ ବୋଲଗଡ଼ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବୋଲଗଡ଼ ବରିଷ୍ଠ ନାଗରିକ ସଂଘର ସଭାପତି ଗୋପୀନାଥ ଖାଡଙ୍ଗାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବୋଲଗଡ଼ ଥାନା ଅଧିକାରିଣୀ ସିସ୍ମାମୟୀ ବରାଳ, ସଂମ୍ମାନିତ ଅତିଥିଭାବେ, ବୋଲଗଡ଼ ଥାନା ସବ ଇନ୍‌ସ୍ପେକଟର ପ୍ରମୋଦ କୁମାର ନାୟକ, ଅର୍ଚ୍ଚନା ଚମ୍ପତି , ବରିଷ୍ଠ ନାଗରିକ ସଂଘର ସହସମ୍ପାଦକ ଭକ୍ତ ବଲ୍ଲଭ ପଟ୍ଟନାୟକ, ରାଧାଶ୍ୟାମ ରାୟଗୁରୁ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ଫୁଲ, ଚନ୍ଦନ ଓ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ। ସମ୍ପାଦକ ରଘୁନାଥ ଦଳବେହେରା ଅତିଥି ପରିଚୟ ପ୍ରଦାନ କରି ବେଦପାଠ ଗାନ କରିଥିଲେ। ବରିଷ୍ଠ ନାଗରିକ ସଂଘର ନୂତନ ୬୨ଜଣ ସଭ୍ୟ /ସଭ୍ୟାକ୍ଷମାନଙ୍କୁ ପରିଚୟ ପତ୍ରପ୍ରଦାନ କରାଯାଇଥିଲା। ରାଜ୍ୟ ବିଜେପି ସରକାର ବରିଷ୍ଠ ନାଗରିକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା, ଯାନବାହାନ ଯାତାୟାତ ସୁବିଧା ଓ ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ବୋଲଗଡ଼ ବରିଷ୍ଠ ନାଗରିକ ସଙ୍ଘ ଅନୁରୋଧ କରିଅଛନ୍ତି। ଆମ ପୋଲିସ କାର୍ଯ୍ୟକ୍ରମକୁ ବୋଲଗଡ଼ ଥାନାର ସମସ୍ତ ପୋଲିସ କର୍ମଚାରୀମାନେ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ବରିଷ୍ଠ ନାଗରିକ ସଂଘର ଉପସଭାପତି ଦିବାକର ପରମଗୁରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ



ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ୍ ଜଲ୍ଲାରପୁର ପଞ୍ଚାୟତ ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍ ସ୍ତରୀୟ ବିଜ୍ଞାନ ମେଳା ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଦ୍ୟାଳୟ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଜିଲ୍ଲା ପରିଷଦ ଦେବାଶୀଷ ଷଡଙ୍ଗୀ, ଜଲ୍ଲାରପୁର ସରପଞ୍ଚ ମଞ୍ଜୁଲତା ପଣ୍ଡା, ଗୋଷ୍ଠୀ ଉନ୍ନୟ ଅଧିକାରୀ ଜଗଦୀଶ ଷଡଙ୍ଗୀ, ତହସିଲ୍‌ଦାର୍ ଲିଲନ୍ କୁମାର ସାହୁ, ଓଡିଶା ଓଷ୍ଟା କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ପୂର୍ବତନ ହିନ୍ଦୀ ଶିକ୍ଷକ ତ୍ରିନାଥ ପଟ୍ଟନାୟକ, ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ଅକ୍ଷୟ କୁମାର ମଲ୍ଲିକ, ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ରଣା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପୀ ଉତ୍ସବରେ କୃଷ୍ଣ ଚନ୍ଦ୍ର ନାୟକ, ଆର୍ତ୍ତତ୍ରାଣ ମିଶ୍ର, ପ୍ରତିମା ମହାନ୍ତି, ଅଶୋକ କୁମାର ରାଏ, ଏ.ବି.ଓ ଅନନ୍ତ ନାରାୟଣ ସିଂ, ହିରଣ୍ୟମୟୀ ମିଶ୍ର ଓ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ନିଶାଙ୍କ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ମେଳାରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୧୬୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିମଧ୍ୟରୁ ଜୁନିୟର୍ ବିଭାଗରେ ୭ଜଣ, ସବ୍ ଜୁନିୟର୍ ବିଭାଗରେ ୭ଜଣ, ସିନିୟର୍ ବିଭାଗରେ ୭ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ସେଥି ମଧ୍ୟରୁ ୭ଟି ପ୍ରକଳ୍ପ ସିନିୟର୍ ବିଭାଗର ଜିଲ୍ଲା ସ୍ତରକୁ ମନୋନୀତ କରାଯାଇଛି। ନିଆଳି ବ୍ଲକ୍‌ର ରାଜ୍ୟ ସୁରଭି ପ୍ରତିଯୋଗୀତାରେ ଚିତ୍ରାଙ୍କନରେ ଦିବ୍ୟାଙ୍ଗ ପ୍ରିୟଙ୍କା ମଲ୍ଲିକଙ୍କୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସମ୍ମାନୀତ କରାଯାଇଥିଲା। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ପବିତ୍ର କୁମାର ରାଉତ, ମଙ୍ଗଳ ପ୍ରସାଦ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ନିଶାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ତାଳଚେରରେ ସରିଲା କାର୍ତ୍ତିକେଶ୍ୱର ଓ ରାଧାକୃଷ୍ଣଙ୍କ ଭଷାଣି, ଶୋଭାଯାତ୍ରାରେ ୧୬ ମେଢ଼

ତାଳଚେର (ଭାସ୍କର ନ୍ୟୁଜ୍) : ତାଳଚେରରେ ପ୍ରଭୁ ଶ୍ରୀ କାର୍ତ୍ତିକେଶ୍ୱର ଓ ରାଧାକୃଷ୍ଣଙ୍କ ପୂଜା ଗତ ପଞ୍ଚୁକ ଦିନ ଠାରୁ ଆରମ୍ଭ ହୋଇଥିଲା ବେଳେ ଦୀର୍ଘ ୧୧ ଦିନ ପୂଜା ପାଇବା ପରେ ବୁଧୁବାରରେ ପ୍ରଭୁ ଶ୍ରୀ କାର୍ତ୍ତିକେଶ୍ୱର ଓ ରାଧାକୃଷ୍ଣ ବିଦାୟ ନେଇଛନ୍ତି। ଏହି ଅବସରରେ ବିଶେଷ ଆକର୍ଷଣ ଲଡୁ ନିଲାମ ରେ ୭୫କିଲୋ ଓଜନ ର ଲଡୁକୁ ୫୮ହଜାର ୮୦୦ଟଙ୍କାରେ ନିଲାମ ଡାକି କାରିଗର ପଡାର ଅମିତ ସୁମିତ ଲାଇନ ନିଲାମ ନେଇଥିବା ଜଣାପଡିଛି, ନଗର କାର୍ତ୍ତିକ ପୁଜା କମିଟି ପକ୍ଷରୁ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ର ପୂର୍ବତନ ସାଂସଦ ମହେଶ ସାହୁ, ସନମାନିତ ଅତିଥି ଭାବେ ନଗରପାଳ ପବିତ୍ର ଭୁତିଆ ଯୋଗ ଦେଇ ଭାଇଚାରାର ସହର ରେ ଗଣେଶ ପୂଜା ପରି ପ୍ରଭୁ କାର୍ତ୍ତିକେଶ୍ୱର ଓ ରାଧାକୃଷ୍ଣ ଙ୍କ ପୁଜା କରି ତାଳଚେର ର କଳା ସଂସ୍କୃତି କୁ ବଜାୟ ରଖିବା ସହିତ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିବା ସହ ଲଡୁ ବିଜେତା ଅମିତ ସୁମିତ ରୋଡ଼ ଲାଇନ କୁ ଲଡୁ ଓ ଆଞ୍ଚା ମାଳକୁ ଅର୍ପଣ କରିଥିଲେ ଓ ଭଷାଣି ଶୋଭାଯାତ୍ରାର ଆରମ୍ଭ କରିଥିଲେ।ଆଜି ତାଳଚେର ସହରର ରେ ଏହି ଭସାଣି ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ତାଳଚେର ବଡ଼ଦାଣ୍ଡରେ ହୋଇଥିବା ମେଳଣ ପଡ଼ିଆରେ ସକାଳ ୧୧ ଟା ସୁଦ୍ଧା ସମସ୍ତ ମେଢ଼ ପହଞ୍ଚି ସାରିଥିଲା। ଦିବା ୧୨ ଘଟିକା ସମୟେର ତାଳଚେର, ନଗର କାର୍ତ୍ତିକ ପୂଜା କମିଟି ପକ୍ଷରୁ ସଭାପତି ଦେବୀ ମିଶ୍ର ଙ୍କ ସଭାପତିତ୍ୱ ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବେଳେ ସାଧାରଣ ସମ୍ପାଦକ ପ୍ରକାଶ ମହାରଣା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଓ କମିଟି ର କର୍ମକର୍ତା ମାନେ ଯୋଗଦେଇ ଆନୁଷ୍ଠାନିକ ଭାବେ ଭଷାଣି ଶୋଭାଯାତ୍ରାର ଉଦଘାଟନ କରିଥିଲେ ଏବଂ ଶାନ୍ତିଶୃଙ୍ଖଳା ର ସହିତ ଭଷାଣି ପର୍ବ ପାଳନ କରିବା ପାଇଁ ସମସ୍ତ ମେଢ ଗୁଡିକୁ ନିବେଦନ କରିଥିଲେ। ଏହି ମଞ୍ଚରେ ଉପସଭାପତି କେଶବ ଭୁତିଆ ସଂଯୋଜନା କରି ଥିବା ବେଳେ, ଡିଗଲ ମିଶ୍ର, ବଜରଙ୍ଗ ଅଗ୍ରୱାଲା, ଆନନ୍ଦ ମହାରଣା, ସର୍ବେଶ୍ୱର କୁଅଁର, ପ୍ରଫୁଲ ଦାସ ମିଡିଆ ସେଲ ସଂଯୋଜକ ତପନ କୁମାର ମହାରଣା ମଞ୍ଚ ଉପରେ ଉପସ୍ଥିତ ରହି ଭାଷାଣିରେ ସକ୍ରିୟ ସହଯୋଗ କରିଥିଲେ। କମିଟି ପକ୍ଷରୁ ଅତିଥି ମାନଙ୍କୁ ସମ୍ମାନିତ କରାଯାଇଥିଲା। ଠିକ ଅପରାହ୍ନ ୧.୩୦ମିନିଟ ସମୟରେ ମେଢ ଗୁଡିକ ଗୋଟିଏ ପରେ ଗୋଟିଏ ପୂର୍ବରୁ ଲଟେରୀ ମାଧ୍ୟମ ରେ ପାଇଥିବା କ୍ରମ ଅନୁଯାୟୀ, ମେଢ଼ ବଡଦାଣ୍ଡ ସାହି ଠାରୁ ବାହାରି ବଡବଜାର ତାଳଚେର ଥାନା ଚିତ୍ରକୁଟ ବଜାର, ହନୁମାନ ପଡା ବଉଳଛକ ଭୈରବୀ ସାହି ଦେଇ ପୁଣି ବଡବଜାର ଠାରେ ଭାଷାଣି ଶୋଭାଯାତ୍ରାକୁ ସମାପ୍ତି କରିଥିଲେ ତେବେ ବିସର୍ଜନ ସମୟରେ ଦିନବେଳୁ ବଡ଼ଦାଣ୍ଡ ଛକ ଠାରୁ ଆରମ୍ଭ କରି ଫାଷ୍ଟ ଗେଟ୍ ପର୍ଯ୍ୟନ୍ତ ଭଷାଣି ଦେଖିବାକୁ ଭିଡ଼ ରହିଥିଲା। ଆଜି ଏହି ଭସାଣି ଉତ୍ସବରେ ପ୍ରାୟ ସମସ୍ତ ମେଢ଼ ସାମିଲ ହୋଇ ପ୍ରତି ମେଢର ଶୋଭାଯାତ୍ରାରେ ଆକର୍ଷଣୀୟ ବାଜା ଲାଇଟି ଓ ଭଳିକି ଭଳି ନାଚ ଗୀତର କଳାକୃତି ପଦର୍ଶନ କରାଯାଇଥିଲା। ଏହି ଭସାଣି ଉତ୍ସବରେ କେତକ ପୂଜା କମିଟି ପାରମ୍ପରିକ ବାଦ୍ୟ ଓ ନୃତ୍ୟୁ ମଧ୍ୟରେ ଶୋଭାଯାତ୍ରାରେ ଠାକୁରଙ୍କୁ ବିସର୍ଜନ ପାଇଁ ନେଉଥିବା ବେଳେ ଅଧିକ ପୂଜା କମିଟି ଡିଜେ ସାଉଣ୍ଡ ବଦଳ ରେ କେବଳ କିଛି ସାଉଣ୍ଡ ବକ୍ସ ର ଧ୍ୱନୀର ତାଳେ ତାଳେ ଯୁବକ ମାନେ ମତୁଆଲା ନୃତ୍ୟୁ କରୁଥିବା ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ଭସାଣି ଶୋଭାଯାତ୍ରା ବେସ୍ ଆଡ଼ମ୍ବରପୂର୍ଣ୍ଣ ଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାକୁ ଦେଖିବା ପାଇଁ ପୁରା ସହର ଲୋକାରଣ୍ୟ ହୋଇପଡିଥିଲା। ତାଳଚେରକୁ ବିଭିନ୍ନ ଅଂଚଳରୁ ଆସିଥିବା ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।ଏବଂ ସହରରେ ଶ୍ରଦ୍ଧାଳୁ ମାନେ ଭାଷାଣିକୁ ବେଶ ଉପଭୋଗ କରିଥିଲେ।ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ତାଳଚେର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ଏସ୍‌ଡିପିଓ ମାନସ ରଂଜନ ବାରିକଙ୍କ ନେତୃତ୍ୱରେ ତାଳଚେର ସଦର ଆଇଆଇସି ଦିଗ ବିଜୟ ବିଶ୍ୱାଳ ଓ ବିଭିନ୍ନ ଥାନାରୁ ଆସିଥିବା ଅଧିକାରୀ ସମେତ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା। । ଅନ୍ୟ ପକ୍ଷରେ ଶବ୍ଦ ପ୍ରଦୂଷଣକୁ ଗୁରୁତ୍ୱ ଦେଇ ବିଭିନ୍ନ କମିଟିର କର୍ମକର୍ତ୍ତା ଡିଜେ ବ୍ୟବହାର ନିଷେଧ ସହ ଡାକବାଜି ଯନ୍ତ୍ରର ଶବ୍ଦସୀମା ୬୫ ଡେସିବିଲ ମଧ୍ୟରେ ସମିତ ରଖିବା ପାଇଁ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲେ ହେଁ ଏଥିରେ କେତେକ ସ୍ଥାନରେ ବ୍ୟତିକ୍ରମ ମଧ୍ୟ ଦେଖିବାକୁ ମିଳିଥିଲା। ସମସ୍ତ ମେଢ଼ରେ କାନଫଟା ଶବ୍ଦରେ ମାଇକ୍ ବଜାଇ ଯାଉଥିବା ଦେଖିବାକୁ ମିଳିଥିଲା। ତେବେ କେନ୍ଦ୍ରୀୟ କମିଟି ଓ ପ୍ରଶାସନର ମିଳିତ ସହଯୋଗରେ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଭୁ ଶ୍ରୀ ଗଜାନନ ଙ୍କ ଭାଷାଣି ଶୋଭାଯାତ୍ରା ସମ୍ପର୍ଣ୍ଣ ହୋଇଥିବା ଜଣାପଡିଛି। ତେବେ ଏହାକୁ ତାଳଚେରର ଟିଭି ଚାନେଲ ସିଧା ପ୍ରସାରଣ କରାଯାଉଥିବାରୁ ବହୁ ଦର୍ଶକ ଘରେ ରହି ମଧ୍ୟ ଚିତାକର୍ଷକ ଭଷାଣିକୁ ଉପଭୋଗ କରିବାର ସୌଭାଗ୍ୟ ଲାଭ କରିଥିଲେ।

## ମକା ମାଫିଆଙ୍କ କବ୍‌ଜାରେ ସାହାଜଖୋଲ ଜଙ୍ଗଲ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ସାହୁକାରଙ୍କ ସାମାନ୍ୟ ନିର୍ଦ୍ଦେଶରେ ବୁଲୁଛି କୁରାଢ଼ି । ଟଳି ପଡୁଛି ବର୍ଷ ବର୍ଷ ପୁରୁଣା ଦ୍ରୁମ । ଦିନ କେଇଟାରେ ପଦା ହୋଇଯାଉଛି ଏକର ଏକର ସବୁଜିମା । ସବୁ ଆଇନ୍‌କୁ ମାଡ଼ିମକଚି ଜଙ୍ଗଲକୁ ଜବରଦସ୍ତ ଜଙ୍ଗଲ ଦାଖଲ କରି ମକା ଚାଷ କରିଚାଲିଛନ୍ତି ମାଫିଆ । ବନ୍ୟପ୍ରାଣୀଙ୍କୁ ପ୍ରାକୃତିକ ଆବାସକୁ ଉଜାଡ଼ି ଦେଇ ବେଆଇନ ଭାବେ ଫଳାଉଛନ୍ତି ମକା । ଆଦିବାସୀଙ୍କୁ ଢାଲ କରି ବିହାରୀ, ବଙ୍ଗୀୟ ବାହୁବଳୀ କଳାହାଣ୍ଡିର ପ୍ରାକୃତିକ ଜୈବ ବିବିଧତାକୁ ବର୍ଷ ବର୍ଷ ଧରି ଏଭଳି ପ୍ରହାର କରି ଚାଲିଛନ୍ତି । ମକାଚାଷ ପାଇଁ ଅନଧିକାର ପ୍ରବେଶକୁ ନେଇ ତୁମୁଳକାଣ୍ଡ ଘଟୁଛି । ଅଶାନ୍ତ ହେଉଛି ଶାନ୍ତ ଇଲାକା । ହେଲେ ମାଫିଆଙ୍କ ଉପରେ ଅଙ୍କୁଶ ଲଗାଇବା ତ ଦୂରର କଥା; ସବୁ ଜାଣି ଅନ୍ଧପୁତୁଳି ବାନ୍ଧି ବସିଛି ଧର୍ମଗଡ ବନ ବିଭାଗ। ମାସିକିଆ ହାତଗୁଞ୍ଜା ନେଇ ମାଫିଆଙ୍କୁ ନୀରବରେ ସମର୍ଥନ କରୁଛନ୍ତି ବିଭାଗୀୟ କର୍ମଚାରୀ । ସାହୁକାର ରାଜ୍ କାରଣରୁ ଧର୍ମଗଡ଼ ବନାଞ୍ଚଳ ଅନ୍ତର୍ଗତ 'ସାହାଜଖୋଲ' ସଂରକ୍ଷିତ ଜଙ୍ଗଲ ଏବେ ସତ୍ତା ବଞ୍ଚାଇବାକୁ ସଂଘର୍ଷ କରୁଛି । କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବନାଞ୍ଚଳ ଅନ୍ତର୍ଗତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଉପରେ ଏବେ ଆନ୍ତଃରାଜ୍ୟ ମାଫିଆଙ୍କ ଲୋଲୁପ ଦୃଷ୍ଟିପଡ଼ିଛି । ୧୨ ହଜାର ୯୮୯ ହେକ୍ଟର ପରିବ୍ୟାପ୍ତ ଏହି ବିସ୍ତୀର୍ଣ୍ଣ ଇଲାକାକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଏକପ୍ରକାର କବ୍‌ଜା କରି ରଖୁଛନ୍ତି । ମକା ଚାଷ ନାଁରେ ପ୍ରତିବର୍ଷ ହଜାର ହଜାର ମୂଲ୍ୟବାନ ଗଛ କଟାଯାଉଛି । ପଡ଼ୋଶୀ ନବରଙ୍ଗପୁର ଜିଲ୍ଲାର ଉମରକୋଟ, ରାଇଘର, ଚାନ୍ଦାହାଣ୍ଡି, ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର, ଟିକିରି, କାଶୀପୁର ଅଞ୍ଚଳର ଆଦିବାସୀ କଳାହାଣ୍ଡିରେ ଅନୁପ୍ରବେଶ କରି ବେଆଇନ ମକାଚାଷ କରିବାକୁ ବଙ୍ଗାଳୀ ଓ ବିହାରୀ ମାଫିଆମାନେ ଉସୁକାଉଛନ୍ତି । ଅର୍ଥ ଲୋଭ ଦେଖାଉଛନ୍ତି । ମକା ଚାଷରେ ସାର, ବିହନ, କୀଟନାଶକ ବାବଦରେ ବିପୁଳ ଟଙ୍କା ବିନିଯୋଗ କରୁଛନ୍ତି। ଆଉ ଫସଲ ଅମଳ ହେଲେ ଏକଚାଟିଆ ବ୍ୟବସାୟ କରୁଛନ୍ତି । ଆଦିବାସୀଙ୍କୁ ଦେଇଥିବା ବିହନ ଖତ, ସାର ବାବଦ ଟଙ୍କାରେ ମୋଟା ଅଙ୍କର ସୁଧ ଯୋଡୁଛନ୍ତି । ଜିଲ୍ଲା ସୀମା ଡେଇଁ ଜୀବନକୁ ବିପଦରେ ପକାଇ ବେଆଇନ୍ ଚାଷ କରୁଥିବା ଆଦିବାସୀ ଶ୍ରମର ଉଚିତ୍ ମୂଲ୍ୟ ବି ପାଉନାହିଁ । ଅନଧିକାର ପ୍ରବେଶକୁ ନେଇ ଅନେକ ସମୟରେ ମୂଳ ବାସିନ୍ଦାଙ୍କ ସହପଡ଼ୋଶୀ ଜିଲ୍ଲାର ଆଦିବାସୀଙ୍କ ମୁହାଁମୁହିଁ ସ୍ଥିତି ସୃଷ୍ଟି ହେଉଛି । ଅଥଚ କ୍ୱିଣ୍ଟାଲ କ୍ୱିଣ୍ଟାଲ ମକା ବିକି ମାଲାମାଲ୍ ହେଉଛନ୍ତି ମାଫିଆ । ଧର୍ମଗଡ଼ ରେଞ୍ଜ୍ ଅଧୀନରେ ଆମପାଣି ଓ ବେହେରା ଫରେଷ୍ଟ ସେକ୍ସନ୍ ରହିଛି। ବନ ସୁରକ୍ଷାରେ କର୍ମଚାରୀ ନିୟୋଜିତ ହୋଇଛନ୍ତି । ବନ କର୍ମଚାରୀ ରାତିଦିନ ପଇଁତରା ମାରୁଥିବା କହୁଛନ୍ତି । ହେଲେ ଜଙ୍ଗଲ ଜମିରେ ଏଭଳି ବେଆଇନ୍ ମକା ଚାଷରେ ଅଙ୍କୁଶ ଲଗାଇବାରେ ବିଫଳ ହୋଇଛି ବିଭାଗ । ଫଳସ୍ୱରୂପ 'ସାହାଜଖୋଲ' ସଂରକ୍ଷିତ ଜଙ୍ଗଲରେ ଆଗରୁ ଥିବା କଲରାପତରିଆ, ବଜ୍ରକାପ୍ତା ଭଳି ବହୁ ବନ୍ୟପ୍ରାଣୀ ବିଲୁପ୍ତ ଅବସ୍ଥାକୁ ଚାଲିଯାଉଛି । ବେହେରା ଫରେଷ୍ଟ ସେକ୍ସନ୍ ଗୋଟୋମୁଣ୍ଡା ବିଟ୍ ଅଧୀନ ଭଟାପାଣି, ଡୁମେରପାଣି ଅଞ୍ଚଳକୁ ୨୦୨୧ରେ ଧସେଇ ପଶିଥିଲେ ନବରଙ୍ଗପୁର ଜିଲ୍ଲାର ଆଦିବାସୀ। ଉଦ୍ଦେଶ୍ୟ ଥିଲା ଜଙ୍ଗଲ ଜମିରେ ବସତି ସ୍ଥାପନ କରି ମକା ଚାଷ କରିବା । ସେତେବେଳେ ଏଭଳି ଅନଧିକାର ପ୍ରବେଶକୁ ତୀବ୍ର ବିରୋଧ କରିଥିଲା ବନ ବିଭାଗ ଓ ସ୍ଥାନୀୟ ଜଙ୍ଗଲ ସୁରକ୍ଷା କମିଟି । କଥା ମାନବାଧିକାର କମିଶନ ପର୍ଯ୍ୟନ୍ତ ଯାଇଥିଲା । ଦୁଇ ଜିଲ୍ଲା ମଧ୍ୟରେ ସମ୍ପର୍କ ବିଗୁଡୁଥିବାରୁ ନିଜ ଜିଲ୍ଲାର ଆଦିବାସୀଙ୍କୁ ୬ମାସରେ କଳାହାଣ୍ଡିର ଜଙ୍ଗଲ ଜମି ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲା ନବରଙ୍ଗପୁର ଜିଲ୍ଲା ପ୍ରଶାସନ। ଘଟଣାକୁ ୩ ବର୍ଷ ପୂରିଲାଣି । ତଥାପି ଜିଲ୍ଲା ବାହାରର ଆଦିବାସୀ ସଂରକ୍ଷିତ ଜଙ୍ଗଲରେ ଅବାଧରେ ମକାଚାଷ ଜାରି ରଖୁଛନ୍ତି। ଅପରପକ୍ଷେ ମୃତ୍ତିକା ଅବକ୍ଷୟ ଭୂସ୍ଖଳନ ଆଶଙ୍କା ବଢ଼ାଉଛି। ଅଠରନଳା ସମେତ ୨୨ରୁ ଊର୍ଦ୍ଧ୍ୱ ପ୍ରାକୃତିକ ବନଝରଣା ପ୍ରତି ବିପଦ ଘନେଇବାରେ ଲାଗିଛି । ଅବାଧ ମକାଚାଷ ସମ୍ପର୍କରେ ଧର୍ମଗଡ ରେଞ୍ଜର ଭବାନୀ ଶଙ୍କର କାଉର ଙ୍କୁ ଯୋଗାଯୋଗ କରିବାରୁ, ଜଙ୍ଗଲରେ ମକାଚାଷ ରୋକିବା ପାଇଁ ପାଟ୍ରୋଲିଂ ଓ ଧରପଗଡ଼ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଓ ବିଗତ ବର୍ଷଠାରୁ ବେଆଇନ୍ ମକା ଚାଷ ବର୍ତ୍ତମାନ ବହୁମାତ୍ରାରେ କମିଛି ବୋଲି ସେ କହିଛନ୍ତି ।

## ସରିଲା ବାର୍ଷିକ କ୍ରୀଡ଼ା ଉତ୍ସବ 'ସ୍ଥାପନା'

ଭବାନୀପାଟଣା, (ଭାସ୍କର ନ୍ୟୁଜ): ଇତିହାସ ପୃଷ୍ଠାର ବୀରାଙ୍ଗନା ମହିଳା ରାଣୀ ଲକ୍ଷ୍ମୀବାଈଙ୍କୁ ମନେ ପକେଇବା ତଥା ତାଙ୍କ ସାହସ, ତ୍ୟାଗ ଓ ଦେଶଭକ୍ତିରେ ଅନୁପ୍ରାଣିତ ହୋଇ ଆଗକୁ ବଢିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ତାଙ୍କ ଜନ୍ମଦିନ ନଭେମ୍ବର ୧୯ ତାରିଖକୁ ସ୍ଥାନୀୟ ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ଓ ଶାସ୍ତ୍ରୀଜୀ ମହିଳା ବିଦ୍ୟା ନିକେତନ ଏଚ୍‌ଏସ୍‌ଏସ୍‌ର ଛାତ୍ରୀମାନେ ସେମାନଙ୍କ ବାର୍ଷିକ କ୍ରୀଡା ଉତ୍ସବକୁ 'ସ୍ଥାପନା' ନାମରେ ପାଳନ କରନ୍ତି । ଏହି କ୍ରମରେ ଚାରିଦିନ ଧରି ଚାଲିଥିବା ଚଳିତ ବର୍ଷର କ୍ରୀଡା ଉତ୍ସବର ଉଦଯାପନୀ ଦିବସ ୧୯ ତାରିଖ ମଙ୍ଗଳବାର ଦିନ ପାଳିତ ହୋଇଥିଲା। ମହାବିଦ୍ୟାଳୟ ପରିଚାଳନା ସଂସ୍ଥା କଲ୍ୟାଣୀଟ୍ରଷ୍ଟର ନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟରାମ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି 'ସ୍ଥାପନା-୨୪' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରସିଦ୍ଧ ସାନ୍ତାଳୀ ଭାଷାର ଲେଖିକା ତଥା ଗବେଷିକା, ଅଲ୍ ଇଣ୍ଡିଆ ସାନ୍ତାଳୀ ରାଇଟର୍ସ ଆସୋସିଏସନ୍, ଝାଡଗ୍ରାମର ଉପଦେଷ୍ଟା ପଦ୍ମଶ୍ରୀ ଡ.ପ୍ରଫେସର ଦମୟନ୍ତୀ ବେଶ୍ରା ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ଅର୍ଗସ୍ ଟିଭିର ସ୍ୱତନ୍ତ୍ର ପ୍ରତିନିଧି ଶତରୂପା ସାମନ୍ତରାୟ ଓ ସମ୍ମାନିତ ଅତିଥି ଭାବେ ମହା ବିଦ୍ୟାଳୟର ଚେୟାର ପର୍ସନ ନମିତା ସାହୁ ମଞ୍ଚରେ ଉପସ୍ଥିତ ଥିଲେ । ନିଜର ନିଷ୍ଠା, ଏକାଗ୍ରତା, କଠିନ ପରିଶ୍ରମର ମୂଲ୍ୟ ହିଁ ତୁମମାନଙ୍କୁ ବଡ କରିବାରେ ସହାୟକ ହେବ ବୋଲି ଛାତ୍ରୀମାନଙ୍କୁ ଉପଦେଶ ଦେବା ସହ ପଛକୁ ନ ଅନାଇ ସବୁବେଳେ ଭଲକାମ କରିଯିବାକୁ ଉପଦେଶ ଦେଇଥିଲେ । ନିଜକୁ ଜଣେ ଆଦିବାସୀ ସାନ୍ତାଳୀ ମହିଳା ବୋଲି ନ ଭାବି ମୁଁ କେମିତି କିଭଳି ପରିସ୍ଥିତିରେ କଠିନ ପରିଶ୍ରମ କରି ଉପରକୁ ଉଠି ଆଜି ତୁମମାନଙ୍କ ଭଳି ଝିଅ ପିଲାମାନଙ୍କୁ କିଛି କହିବାର ସୁଯୋଗ ପାଇଛି ବୋଲି କହିଲା ବେଳେ ଶ୍ରୀମତୀ ବେଶ୍ରା ଭାବପ୍ରବଣ ହୋଇପଡୁଥିବା ଦେଖାଯାଇଥିଲା । ଉତ୍ସବର ସଭାପତି ଶ୍ରୀ ସାହୁ ମଞ୍ଚରେ ଉପସ୍ଥିତ ଅତିଥି, ଅଭିଭାବକ, ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷା ଦୀପା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସମସ୍ତ ମଞ୍ଚ କାର୍ଯ୍ୟକ୍ରମକୁ ଅଧ୍ୟାପିକା ସସ୍ମିତା ମହାନ୍ତି ପରିଚାଳନା କରିଥିଲେ ଓ ଶେଷରେ ଅଧ୍ୟାପିକା ଜ୍ୟୋତିର୍ମୟୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପରେପରେ ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମହାବିଦ୍ୟାଳୟର ନିର୍ଦ୍ଦେଶକ ପ୍ରତ୍ୟୁଷ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାକୁ ପ୍ରେମରଞ୍ଜନ ତ୍ରିପାଠୀ, ଦ୍ୱିଜେଶ୍ୱର ବେମାଲ ଓ ଦକ୍ଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରୀ ମାନକ ଦ୍ୱାରା ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀ ଓ ଖାଦ୍ୟମେଳାକୁ ଅତିଥିମାନେ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ବରିଷ୍ଠ ଛାତ୍ରୀମାନେ ସହଯୋଗ କରିଥିଲେ ।




## ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ପାଳିତ

ଭାବନୀପାଟଣା, (ଭାସ୍କର ନ୍ୟୁଜ): ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ହଲ୍‌ଠାରେ ଗିରିଶ ଚନ୍ଦ୍ର ବେହେରା, ସଭାପତି, ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କଙ୍କ ପୌରୋହିତ୍ୟରେ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ଧର୍ମଗଡ଼, ସୁଧୀର ରଞ୍ଜନ ପଟ୍ଟଯୋଶୀ, ବିଧାୟକ ଜୁନାଗଡ଼ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଅଧ୍ୟକ୍ଷ ଜିଲ୍ଲା ପରିଷଦ କଳାହାଣ୍ଡି, ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ କଳାହାଣ୍ଡି, ତନ୍ମୟ କୁମାର ଦରୱାନ ଯୋଗଦାନ କରି ସମବାୟ ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ସମବାୟ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଉପନିବନ୍ଧକ ସମବାୟ ସମିତି କଳାହାଣ୍ଡି, ପ୍ରମୋଦ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହକାରୀ ନିବନ୍ଧକ ଭବାନୀପାଟଣା ଓ ଧର୍ମଗଡ ମଧୁସୂଦନ ମେହେର, ଥିଓପିଲ ଶବର ତଥା ଜିଲ୍ଲା ସମବାୟ ସମୀକ୍ଷା ଅଧିକାରୀ ବିଶ୍ୱମୋହନ ରଥ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ବ୍ୟାଙ୍କର ଉପସଭାପତି, ନିର୍ଦ୍ଦେଶକ ବୃନ୍ଦ ତଥା ପେକ୍ସ ଓ ଲ୍ୟାମ୍ପସ୍‌ର ସଭାପତି ଓ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ । ସମବାୟ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ରୂପ କେଶରୀ ଦଳାଇ ମଞ୍ଚ ପରିଚାଳନା କରିଥିବାବେଳେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ର ସମବାୟ ବ୍ୟାଙ୍କ, ଭବାନୀପାଟଣା ବନଲତା ଧଳ ଧନ୍ୟବାଦ ଅର୍ପଣ କରିଥିଲେ।



## ମୋତିଆବିନ୍ଦୁ ଚିକିତ୍ସା ଶିବିର

ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ): ଲାଞ୍ଜିଗଡସ୍ଥିତ ବେଦାନ୍ତ ଲିମିଟେଡ଼ ସିଏସ୍‌ଆର୍ ବିଭାଗ ତଥା ବେଦାନ୍ତ ହସ୍ପିଟାଲର ମିଳିତ ଉଦ୍ୟମରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ମୋତିଆବିନ୍ଦୁ ଚିକିତ୍ସା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ସିଏସ୍‌ଆର୍ ବିଭାଗ ମୁଖ୍ୟ ଶିଶିର ତରଫଦାର, ବେଦାନ୍ତ ଲିମିଟେଡ଼ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବେଦାନ୍ତ ହସ୍ପିଟାଲ ମୁଖ୍ୟ ପରିଚାଳନା ଅଧିକାରୀ ଅମର କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୪୪ ଜଣ ରୋଗୀଙ୍କୁ ଚିହ୍ନଟ କରାଯିବା ସହିତ ଅସ୍ତ୍ରୋପଚାର ପାଇଁ ଭବାନୀପାଟଣାସ୍ଥିତ ଶ୍ରୀଜଗନ୍ନାଥ ନେତ୍ରାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶିବିର ପରିଚାଳନାରେ ଡା. ପ୍ରଶାନ୍ତ ପରମାଣିକଙ୍କ ସମେତ ବେଦାନ୍ତ ଲିମିଟେଡ଼ ସିଏସ୍‌ଆର୍ ବିଭାଗ ଓ ବେଦାନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରମୁଖ ସହଯୋଗ କରିଥିଲେ ।

## ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ୫୨ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୪-୨୫ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଭବାନୀପାଟଣା କେନ୍ଦ୍ରୀୟ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୁବମନର ଅଭିନବ ଚିନ୍ତାଧାରା ଏବଂ ବୈଜ୍ଞାନିକ ପ୍ରବୃତ୍ତି ଦେଖିବାକୁ ମିଳିଥିଲା ବେଳେ ଏହା ଛାତ୍ର, ଶିକ୍ଷକ ଏବଂ ବିଜ୍ଞାନପ୍ରେମୀମାନଙ୍କୁ ବେଶ୍ ଉତ୍ସାହିତ କରିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଭବାନୀପାଟଣାର ପ୍ରିନ୍ସିପାଲ୍ ଭୀମସେନ ପଣ୍ଡା ଯୋଗ ଦେଇଥିଲେ । ଶ୍ରୀ ପଣ୍ଡା ତାଙ୍କ ଅଭିଭାଷଣରେ ଛାତ୍ରମାନଙ୍କ ମଧ୍ୟରେ ବୈଜ୍ଞାନିକ ସ୍ୱଭାବ ଏବଂ ସୃଜନଶୀଳତା ପ୍ରତି ଗୁରୁତ୍ୱାରୋପ କରିଥିଲେ । ସେ ଉତ୍ସର୍ଗୀକୃତ ଅଂଶଗ୍ରହଣକାରୀ ବାଲ୍ ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିଥିଲେ । ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିସ୍ତୃତ ସମ୍ଭାବନା ଅନୁସନ୍ଧାନ ଜାରି ରଖିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ । ବିଶିଷ୍ଟ ବିଚାରପତିମାନଙ୍କର ଏକ ପ୍ୟାନେଲ୍ ପ୍ରକଳ୍ପ ଏବଂ ଉପସ୍ଥାପନାଗୁଡିକର ମୂଲ୍ୟାଙ୍କନ ସୁନିଶ୍ଚିତ କରିଥିଲେ । କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟର ଆସିଷ୍ଟାନ୍ସ ପ୍ରଫେସର ମିହିର ନାଥ, ଆସିଷ୍ଟାନ୍ସ ପ୍ରଫେସର ପ୍ରଭାସ କୁମାର ପାଣିଗ୍ରାହୀ ପ୍ରଫେସର ଡକ୍ଟର ରାଜେନ୍ଦ୍ର ପ୍ରସାଦ ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ ଶେଷରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଏବଂ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରିନ୍ସିପାଲ୍‌ଙ୍କ ଦ୍ୱାରା ଦିଆଯାଇଥିଲା । ପ୍ରାଥମିକ ବିଭାଗୀୟ କୁମାରୀ ଟ୍ୱିଙ୍କେଲ ରୁସ୍ତଗୀ ଧନ୍ୟବାଦ ଜ୍ଞାପନ କରିଥିଲେ ।




## ମଦ୍ୟପାନ କରି ଜଣେ ମୃତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଧାମନପୁର ଗାଁରେ ସୋମବାର ଅପରାହ୍ନରେ ଗାଁର ଶ୍ରୀଧର ମଲ୍ଲିକଙ୍କ ମୃତ୍ୟୁ ହୋଇଥିଲା । ପରିବାର ଲୋକେ ବନ୍ଧୁ କୁଟୁମ୍ବ ସହିତ ଶବ ଦାହ କରିବା ପାଇଁ ଗାଁ ଶ୍ମଶାନ ଘାଟକୁ ନେଇଥିବା ବେଳେ ଗାଁ ଲୋକେ ହତ୍ୟା ଜନିତ ଘଟଣା ବୋଲି ପୋଲିସକୁ ଖବର ଦେବା ପରେ ଦଶପୁର ଫାଣ୍ଡି ଏସ୍‌ଆଇ ସୁଶାନ୍ତ ପଣ୍ଡା ଓ ଗୋଲାମୁଣ୍ଡା ଏସଆଇ ରାଜେଶ ପରିଡା ଶ୍ମଶାନ ଘାଟରୁ ଶବ ଜବତ କରି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ନେଇଥିଲେ । ମଦ ପିଇ ଶ୍ରୀଧର ମଲ୍ଲିକଙ୍କ ମୃତ୍ୟୁ ହୋଇଥିବା ଗୋଲାମୁଣ୍ଡା ଥାନାରେ ଏତଲା ଦେଇଛନ୍ତି ତାଙ୍କ ବଡ଼ ପୁଅ ବିଦୁ ମଲ୍ଲିକ। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

### ବାଇକ୍‌ରେ ଶବ ବୁହା ଘଟଣା

## ଶବବାହକ ଗାଡ଼ି ନଦେଲେ ଆନ୍ଦୋଳନ ଚେତାବନୀ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାଇକ୍‌ରେ ଶବ ବୁହା ହୋଇଯିବା ଘଟଣାକୁ ନେଇ କିଛି ଦିନ ତଳେ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଲାଞ୍ଜିଗଡ଼ ବ୍ଲକରେ ଶବବାହକ ଗାଡ଼ି ପାଇଁ ରାଜ୍ୟସଭା ସାଂସଦ ସୁଜିତ କୁମାର ନିଜ ସାଂସଦ ପାଣ୍ଠିରୁ ନଅ ଲକ୍ଷ ଟଙ୍କା ଦେଇଥିବାବେଳେ ତାହା ବିନିଯୋଗ ହୋଇନଥିବାରୁ ଆହୁରି ଅସନ୍ତୋଷ ବୃଦ୍ଧି ପାଇଥିଲା । ଏହାକୁ ନେଇ ଲାଞ୍ଜିଗଡ ବ୍ଲକର ଅଗ୍ରଣୀ ସାମ୍ବାଦିକ ସଂଗଠନ ଲାଞ୍ଜିଗଡ଼ ପ୍ରେସ କ୍ଲବ, ପିଇଡବ୍ଲ୍ୟୁ ମିଡିଆ ଆସୋସିଏସନ୍ ସମେତ ଲାଞ୍ଜିଗଡ ସାମ୍ବାଦିକ ସମୂହ ଏବଂ ନାଗରିକ କମିଟି ତରଫରୁ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦିଆଯାଇଥିଲା । ଏହାସହିତ ପନ୍ଦର ଦିନ ମଧ୍ୟରେ ଶବବାହକ ଗାଡ଼ି ଯୋଗାଇଦେବାକୁ ପଦକ୍ଷେପ ନନେଲେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଦାବିପତ୍ର ଦିଆଯାଇଥିଲା । ଏଇ ଅଭିଯୋଗକୁ ଗୁରୁତ୍ୱ ଦେବା ସହିତ ଲାଞ୍ଜିଗଡ଼ ବ୍ଲକ ସାମ୍ବାଦିକ ସମୂହର କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା କରିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଚେତା ପାଣି, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ରଞ୍ଜନ ମିତ୍ର, ଡା. ନିହାରେନ୍ଦ୍ର ପଣ୍ଡା, ଡିପିଏମ୍ ଭବାନୀଶଙ୍କର ସାହୁ, ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କା, ବରିଷ୍ଠ କିରାଣୀ ବ୍ରଜମୋହନ ମୁଣ୍ଡ, ବିଷ୍ଣୁ ନାଏକ, ପୂର୍ବତନ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ପ୍ରତିନିଧି ସ୍ୱଦେଶ କୁମାରଙ୍କ ସହିତ ଲାଞ୍ଜିଗଡ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ, ପିଇଡବ୍ଲ୍ୟୁ ମିଡିଆ ଏସୋସିଏସନର ସଭାପତି ନୀଳେଶ କୁମାର ନାଗ, ସାଧାରଣ ସଂପାଦକ ଗୋପାଳଦାସ ମହାନନ୍ଦ ପ୍ରମୁଖ ଆଜିର ଆଲୋଚନାରେ ଭାଗ ନେଇଥିଲେ। ଶବବାହକ ଗାଡ଼ି କିଣିବା, ଏହାର ପରିଚାଳନା ଆଦି ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ତେବେ କିଛି ଦିନ ସମୟ ଦେବା ଓ ଆନ୍ଦୋଳନକୁ ସ୍ଥଗିତ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରିବା ପରେ ଆଉ କିଛି ଦିନ ଧାରଣା କାର୍ଯ୍ୟକ୍ରମ ସ୍ଥଗିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।




### ସାମ୍ବାଦିକ ସମୂହ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଆଲୋଚନା

## ନକଲି ସାମଗ୍ରୀର ହବ୍ ପାଲଟିଛି ଲଡୁଗାଁ

କୋକସରା,(ଭାସ୍କର ନ୍ୟୁଜ): ବିଭିନ୍ନ ସମୟରେ ନକଲି ସମାଗ୍ରୀ କାରବାର ପାଇଁ କୁଖ୍ୟାତି ଅର୍ଜୁନ କରିଛି ଲଡୁଗାଁ, କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଲଡୁଗାଁରେ ପଡିଏସ୍ ଚାଉଳକୁ ରିସାଇକ୍ଲିଂ କରି ନାମିଦାମୀ କମ୍ପାନୀର ପ୍ୟାକେଟରେ ଭର୍ତ୍ତି କରି ବଜାରକୁ ଛାଡୁଥିବା ପରି ଏକ ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଏପରି ଚାଉଳ ପ୍ୟାକେଟ ବର୍ତ୍ତମାନ ଆମପାଣିର ଏକ ନିର୍ଦ୍ଦିଷ୍ଟ ଦୋକାନରେ ବିକ୍ରି ହେଉଛି। ଏହି ପ୍ୟାକେଟ ୮୦୦ରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରୀ ହେଉଥିବାବେଳେ ଏହାର ଓଜନ ୨୫ କେଜି ବୋଲି ପ୍ୟାକେଟ ଉପରେ ରହିଛି । ପ୍ରକୃତରେ ଏହାର ଓଜନ ୧୮ କେଜି ରହୁଥିବାବେଳେ ପ୍ୟାକେଟର କଭରରେ ପ୍ରସ୍ତୁତି ତାରିଖ, ଏକ୍ସପାରୀ ତାରିଖ, ଉତ୍ପାଦନ ୟୁନିଟ୍‌ର ନାଁ ମଧ୍ୟ ରହିନାହିଁ । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଲଡୁଗାଁର ଜଣେ ଅସାଧୁ ବ୍ୟବସାୟୀ ତାଙ୍କ ରାଇସ୍ ମିଲ ଗୋଦାମରେ ପିଡିଏସ୍ ଚାଉଳକୁ ରିସାଇକ୍ଲିଂ କରିବା ପରେ ନାମିଦାମୀ କମ୍ପାନୀ ନାଁ ଥିବା ନକଲି ପ୍ୟାକେଟରେ ଭର୍ତ୍ତି କରି ଏହାକୁ ଚଢ଼ା ଦାମରେ ବଜାରରେ ଛାଡୁଛନ୍ତି । ଗ୍ରାହକମାନେ ଭଲ ବ୍ରାଣ୍ଡର ଚାଉଳ ଭାବି ଏହାକୁ ଅଧିକ ଦାମ୍ ଦେଇ କିଣି ନେଉଛନ୍ତି । ଯେତେବେଳେ ଏହାକୁ ରୋଷେଇ କରୁଛନ୍ତି ସେତିକି ବେଳେ ଏହା ପ୍ରକୃତରେ ପଡିଏସ୍ ଚାଉଳ ବୋଲି ଅନୁଭବ କରିଥିବା ଅନେକ ଗ୍ରାହକ ପ୍ରକାଶ କରିଛନ୍ତି । ଏ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବା ଜରୁରୀ ବୋଲି ଆମପାଣି ଅଞ୍ଚଳର ସଚେତନ ନାଗରିକମାନେ ମତପ୍ରକାଶ କରିଛନ୍ତି । ଏ ବିଷୟରେ କଳାହାଣ୍ଡି ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁଙ୍କୁ ପଚାରିବାରୁ ଚାଉଳର ଫ୍ରି ମୋମେଣ୍ଟ ରହିଛି କୌଣସି ଅସୁବିଧା ନାହିଁ, ବ୍ରାଣ୍ଡେଡ ଯଦି ହେବ ତାହେଲେ ଜିଏସ୍‌ଟି ପରିସରଭୁକ୍ତ ହେବ, ପ୍ଲେନ ପ୍ୟାକେଟ ଦେଇ ବିକ୍ରୀ କରୁଥିବେ, ଯେ କୌଣସି ସ୍ଥାନରୁ ଚାଉଳ ଆଣି ସେମାନେ ବିକ୍ରୀ କରି ପାରିବେ ଏଥିରେ କୌଣସି ଅସୁବିଧା ନାହିଁ, ଆପଣ ଅଧିକ ତଥ୍ୟ ସଂଗ୍ରହ କରି ଦିଅନ୍ତୁ ତା'ପରେ ଦେଖିବା ବୋଲି କହିଛନ୍ତି।



### ◆ ଦାମି ବ୍ରାଣ୍ଡ ନାଁରେ ବିକ୍ରୀ ହେଉଛି ପିଡିଏସ୍ ଚାଉଳ

## ରାଶିଫଳ

ଗୁରୁବାର, ୨୧ ନଭେମ୍ବର ୨୦୨୪



**ମେଷ:** ଚାକିରି କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ପାଇବ । ପାରିବାରିକ ପରିବେଶ ଭଲ ରହିବ ଏବଂ ପରିବାର ଖୁସିରେ ସେମାନଙ୍କ ସହିତ ସମୟ ବିତାଇବେ । ଧର୍ମ ଉପରେ ବିଶ୍ୱାସ ବୃଦ୍ଧି ପାଇବ।



**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ । ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ, ଅନାବଶ୍ୟକ ଖର୍ଚ୍ଚ ବଢ଼ିବା କାରଣରୁ ଚାପରେ ରହିପାରେ । ବିବାହିତ ଜୀବନ ଭଲ ହେବ ।



**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ । ଶ୍ରମିକ ଶ୍ରେଣୀରେ ଉତ୍ସାହ ରହିବ । ଜୀବନସାଥୀ ସହିତ ସମ୍ପର୍କ ଆନ୍ତରିକ ହେବ । କାର୍ଯ୍ୟରେ ଅଳ୍ପ ସମୟ ରହିପାରେ ।



**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ । ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ। ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ ।



**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ । ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ, ଯାହା ଲାଭଦାୟକ ହେବ । ପରିବାର ସହିତ ଏକ ଖୁସିର ଦିନ ବିତାଇବ । ।ଙ୍ଗମାନଙ୍କ ସହିତ ସଂଗଠିତ ହୋଇପାରିବ ।



**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ । ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ । ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ । ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ ।



**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ । ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ କରିବ । ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ । ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ ।



**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ । ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ । ପରିବାର ସହିତ ସମୟ ବିତାଇବେ । ଦାମ୍ପତ୍ୟ ଜୀବନରେ ସୁଖ ଆସିବ । ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ ।



**ଧନୁ :** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ । ବ୍ୟବସାୟରେ ଲାଭଜନକ କାରବାର ହେବ । ନୂତନ ବିନିଯୋଗ ସୁଯୋଗ ମିଳିବ । ପରିବାରର ପରିବେଶ ଖୁସି ହେବ। ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ। ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଇଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ ।



**ମକର:** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ, ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ । ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ । ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ । ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ଦାୟିତ୍ୱ ପୂରଣ କରିବେ । ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ ।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ । କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ । ଅଟକି ରହିଥିବା ଯୋଜନାଗୁଡିକ ସଂପୂର୍ଣ୍ଣ ହୋଇପାରିବ । ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯